ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଅଗଷ୍ଟ ୨୦୨୪ ସଂସ୍କରଣ

କଥା ଓ କାହାଣୀ
ପଦ୍ୟ ଓ କବିତା
ହାସ୍ୟ ଓ ବ୍ୟଙ୍ଗ
ଇତିହାସ ଓ ପ୍ରବଂଧ
ଅନୁବାଦ ସାହିତ୍ୟ
ସମ୍ବଲପୁରୀ ଲେଖା
ଶିଶୁ କଥା
ଏବଂ
ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

 Magazine Downloaded from https://www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୯୦୪ ୦୯୮ ୫୪୬୩ | ଇମେଲ୍ : aahwaan@gmail.com

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସାର୍ବଜନୀନ ସ୍ପଷ୍ଟୀକରଣ

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ । ଲେଖା ପ୍ରକାଶନର ଅଧିକାର ସମ୍ପାଦକଙ୍କ ବିଚାର ଅଧୀନ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ପବିତ୍ର ସ୍ୱାଧୀନତା ଦିବସ ଉପଲକ୍ଷେ ଆହ୍ୱାନ ଓଡ଼ିଆ ପରିବାରର ସମସ୍ତ ସଦସ୍ୟଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା...**

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକୀୟ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୧ |
| **ପୋଡ଼କାଷ୍ଟ ବିଭାଗ** | | **୩୧** |
| ଓଡ଼ିଆ ଭାଷାରେ ଶ୍ରୀମଦ୍ ବାଲ୍ମିକୀ ରାମାୟଣ | | ୩୨ |
| **ଗଳ୍ପ ବିଭାଗ** | | **୪୦** |
| ଅନେକ କଳାଛାଇ - ୧୮ | ଅଶୋକ ବିଶ୍ୱାଳ | ୪୧ |
| ଯେମିତି କର୍ମକୁ ସେମିତି ଫଳ | ଅଭୟ କୁଣ୍ଡ | ୫୧ |
| କିଛି ସତ କିଛି ଗଳ୍ପ | ବିନୟ ମହାପାତ୍ର | ୫୭ |
| ବାଗଭଙ୍ଗ | ସୁଧାଂଶୁ ଶେଖର ଦ୍ୱିବେଦୀ | ୬୮ |
| ଖାଁ ବାବୁ ଓ ମହାପ୍ରଭୁ | ନିତ୍ୟ ରଞ୍ଜନ ନନ୍ଦ | ୭୩ |
| ରଜ ଆସେ ବର୍ଷକୁ ଥରେ | ସୁନନ୍ଦା ମହାନ୍ତି | ୭୬ |
| ଅନ୍ଧ ପ୍ରେମିକ | ସିଦ୍ଧେଶ୍ୱର ତ୍ରିପାଠୀ | ୭୮ |
| ବିଦାୟ ପରେ ପରେ | ନୀଳମଣି ସାହୁ | ୮୧ |
| ତା'ପରେ | ନିବେଦିତା ପଣ୍ଡା | ୮୭ |
| | ତାନଶ୍ରୀ ପାଣିଗ୍ରାହୀ | ୮୯ |
| ଅଲୋଡ଼ା ପ୍ରୀତି | ରୁଦ୍ରକାନ୍ତ ରାଉତରାୟ | ୯୨ |
| ବିଶ୍ୱାସ | ସାଗରିକା ମହାନ୍ତି | ୯୬ |


Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# କବିତା ବିଭାଗ ୧୦୪


| | | |
|---|---|---|
| ଝଡ଼ର ରାତି | ଶିବନାରାୟଣ ଦାସ | ୧୦୫ |
| ମୁକ୍ତି | ସୁଜିତ କୁମାର ମିଶ୍ର | ୧୦୮ |
| କରୁଣା କର ଠାକୁର ! | ଅଜିତ କୁମାର ରାଉତ | ୧୦୯ |
| ଭଣ୍ଡେଇ ଦେଲୁ ମୋ କଣ୍ଢେଇ ରାଣୀ | ହାସ୍ୟମୟୀ ରାଜ | ୧୧୧ |
| ଗୁଣ୍ଡିଚା | ଆକୁଳାନନ୍ଦ ପୃଷ୍ଟି | ୧୧୩ |
| ଭକ୍ତବତ୍ସଳ ଭାବଗ୍ରାହୀ | ସୁହଂସ ଭୋଇ | ୧୧୫ |
| ମୁଁ ତୁମକୁ ଭଲପାଏ | ଅଲେଖ ମେହେର | ୧୧୬ |
| ତୋ କଥା | ସିଦ୍ଧେଶ୍ୱର ତ୍ରିପାଠୀ | ୧୧୮ |
| ମୁଁ ଦଇତା ପତି | ନିତ୍ୟ ରଞ୍ଜନ ନନ୍ଦ | ୧୧୯ |
| ସୂକ୍ଷ୍ମତା | ରାଜକୁମାର ଦେବାଂଶୁ ପାତ୍ର | ୧୨୧ |
| ଭଲ କବିତା | ନୀଳମଣି ଚାନ୍ଦ | ୧୨୨ |
| କେମିତି ଏମିତି ଭାବ ? | ନିରଞ୍ଜନ ସାହୁ | ୧୨୩ |
| ଏହା କି ବିଚାର ତୁମର ! ! ! | ଦେବାର୍ଚ୍ଚନ ମେହେର | ୧୨୪ |
| ତୁ ଓ ମୁଁ | ନନ୍ଦିତା ବଢ଼ାଇ | ୧୨୬ |
| ଏପାଖ ଆଉ ଆର ପାଖ | ତାରା ପ୍ରସାଦ ଜେନା | ୧୨୮ |
| ଶବ୍ଦର ଖେଳ | ଆଶୁତୋଷ ମେହେର | ୧୩୦ |
| ଶିଶୁଟିଏ ମୁଁ | ଚନ୍ଦ୍ରକାନ୍ତ ଜେନା | ୧୩୧ |


Listen to Odia Podcast Original at https://youtube.com/@drjyotiprasad

| | | |
|---|---|---|
| ଆତ୍ମହତ୍ୟା ନୁହେଁ ଶେଷ ବାଟ | ଅନନ୍ତ କୁମାର | ୧୩୨ |
| ବାପାର ଖୁସି | ଶିଶିର କୁମାର ପଣ୍ଡା | ୧୩୪ |
| ଗୋଟେ ରାତିର କଥା | ସରସ୍ୱତୀ ପଣ୍ଡା | ୧୩୫ |
| ମୋ ପ୍ରେମ | ଚିନ୍ମୟୀ ରାଉତ | ୧୩୭ |
| ଗର୍ବରେ କହିବା ଆମେ | ମନୋରଞ୍ଜନ ସୁରୁଜାଲ | ୧୩୮ |
| ରକ୍ଷା ବନ୍ଧନ | ଅମରନାଥ ବାରିକ | ୧୪୧ |
| ଏ ଦରଦାମ କର ଆୟତ | ଶାନ୍ତନୁ କୁମାର ରାଉତ | ୧୪୩ |
| ଜୟବାବା ଲଡୁକେଶ | ନଳିନୀ ଦାଶ | ୧୪୪ |
| କେଉଁ ଜନମରେ ସାଥୀ ଥିଲ ତୁମେ | ଡଃ ନାରାୟଣ ଚନ୍ଦ୍ର ସେନାପତି | ୧୪୫ |
| କେଉଁ ଜନ୍ମର ଥିଲ ସାଥୀ | ଏଲିନା ପାଣିଗ୍ରାହୀ | ୧୪୮ |
| ମୋ ଗାଁ ଦାଣ୍ଡଧୂଳି ସାକ୍ଷାତ ନିର୍ମାଲ୍ୟ | ସ୍ୱାଗତିକା ସାହୁ | ୧୫୦ |
| | ଗୀତାଞ୍ଜଳି ଭୂୟାଁ | ୧୫୩ |
| | ନିବେଦିତା ପଣ୍ଡା | ୧୫୫ |
| | ସଂଯୁକ୍ତା ସାହୁ | ୧୫୭ |
| | ପ୍ରତାପ କିଶୋର ରାଉତ | ୧୫୯ |
| | ବୁଟୁ କର | ୧୬୧ |
| | ନିରୁପମା ପଣ୍ଡା | ୧୬୨ |
| | ସୁନିତା ମହାନ୍ତି | ୧୬୩ |


Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com


| | | |
|---|---|---|
| ମୋ ଗାଁ ଦାଣ୍ଡଧୂଳି ସାକ୍ଷାତ ନିର୍ମାଲ୍ୟ | ରମେଶ ଟାକ୍ରୀ | ୧୬୪ |
| | ସରୋଜ ପଣ୍ଡା | ୧୬୬ |
| | କଳ୍ପନା ରାୟ | ୧୬୭ |
| | ଡଃ ଜ୍ଞାନଶ୍ରୀ ପାଣିଗ୍ରାହୀ | ୧୬୯ |
| | ଭାସ୍କର ରାଉତ | ୧୭୦ |
| | ମନ୍ଦାକିନୀ ପାଢ଼ୀ | ୧୭୧ |
| | ନଳିନୀ ପ୍ରଭା ମିଶ୍ର | ୧୭୩ |
| | ବିନୋଦିନୀ ଦାଶ | ୧୭୪ |
| | ବିଦ୍ୟୁତପ୍ରଭା ମିଶ୍ର | ୧୭୫ |
| | ନୂତନ କୁମାର ବେହେରା | ୧୭୬ |
| | ବୀଣାପାଣି ଦେବୀ | ୧୭୯ |
| | ବନ୍ଦନା ମହାପାତ୍ର | ୧୮୦ |
| | ରଞ୍ଜିତା ଦାଶ | ୧୮୧ |
| | ଭରତ ବନ୍ଧୁ ବିଶ୍ୱାଳ | ୧୮୩ |
| | କୃଷ୍ଣ କୁମାର | ୧୮୪ |
| | ପଙ୍କଜିନୀ ଉପାଧ୍ୟାୟ | ୧୮୫ |
| | ଅନୁପମା ବିଶ୍ୱାଳ | ୧୮୭ |
| | ତୃପ୍ତିରାଣୀ ପାତ୍ର | ୧୮୯ |
| ଇନ୍ଦ୍ରଧନୁ | ଅଭିପ୍ସା ପ୍ରିୟଦର୍ଶିନୀ | ୧୯୦ |
| | ମନୋଜ କୁମାର ଭୋଇ | ୧୯୨ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ବନ୍ଦେ ମାତରଂ | ଏଲିନା ଜେନା | ୧୯୩ |
| ସେ ପରା ଅସରା ସୁଖ | ଜନ୍ମଜୟ ନାୟକ | ୧୯୪ |
| ପ୍ରିୟତମା | ଅଂଶୁମାନ ସ୍ୱାଇଁ | ୧୯୫ |
| ଡାକବାଲା | ବିକାଶ କୁମାର ହୋତା | ୧୯୭ |
| ତିନୋଟି କୁନି କବିତା | ବର୍ଷାରାଣୀ ମହାମଲ୍ଲିକ | ୧୯୮ |
| ସେନେହର ଡୋର | ବାସନ୍ତୀ ମଞ୍ଜରୀ ହନୁମାନ | ୨୦୦ |
| ଓଡ଼ିଆ ଭାଷାର ଉତ୍ପତ୍ତି | ଇତିଶ୍ରୀ ପତି | ୨୦୨ |
| ଆତ୍ମଶକ୍ତି | ରଶ୍ମିତା ନାୟକ | ୨୦୩ |
| ମୌସୁମୀ | ବାସନ୍ତୀ ଲତା ଜେନା | ୨୦୪ |
| ସନ୍ଦେହୀ ପ୍ରିୟା | ସୌଦାମିନୀ ତ୍ରିପାଠୀ | ୨୦୫ |
| ସନ୍ଦେହୀ ପ୍ରିୟତମା | ରଙ୍କନିଧି ସେଠୀ | ୨୦୮ |
| ପ୍ରିୟତମ ସବୁ ସୁଖ | ମଧୁସ୍ମିତା ସାହୁ | ୨୦୯ |
| ସାହିତ୍ୟ ଭବିଷ୍ୟ | ସୁବ୍ରତ କୁମାର ସାହୁ | ୨୧୦ |
| ନୀରବରେ ମନ ଝୁରେ | ଶକୁନ୍ତଳା ଓଝା | ୨୧୨ |
| ପ୍ରଜାପତିର କଥା | ଭାରତୀ ହୋତା | ୨୧୩ |
| କୁନି ଝିଅର ମନ କଥା | ଅଜ୍ଞାତ କବି | ୨୧୫ |
| ଶଠତା | ଡଃ ଅଲେଖ ପ୍ରସାଦ ମହାରଣା | ୨୧୭ |
| ଗୁଣ୍ଡିଚା ନେତ | ସ୍ମୃତି ରଞ୍ଜନ ବାରିକ | ୨୧୯ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ସମୟ ଡୋରି | ଲୋପାମୁଦ୍ରା ସାହୁ | ୨୨୧ |
| ଇଚ୍ଛା ହୁଏ | ନୀଳମଣି ସାହୁ | ୨୨୨ |
| ପେନ୍ଥାଏ ମେଘଫୁଲ | ଦେବାଶିଷ ଚକ୍ରବର୍ତ୍ତୀ | ୨୨୪ |
| ରେ ସମୟ ମୋ ପ୍ରିୟାକୁ ବୁଝେଇ ଦେବୁ | ଅରୁନ୍ଧତୀ ଲେଙ୍କା | ୨୨୫ |
| କପଟ | ପ୍ରଜ୍ଞାଲୀନ ସାହୁ | ୨୨୭ |
| କାହାର ବୃତ୍ତି କଣ ? | ମାଳତୀ ମଣି ଧଳ | ୨୨୮ |
| ପ୍ରିୟତମ | ଶକୁନ୍ତଳା ମହନ୍ତ | ୨୩୦ |
| ଅଭିଶପ୍ତ ବଣି | ଜୟଦେବ ମାଝୀ | ୨୩୧ |
| ମଣିଷର ଆଶା | ଶୁଭଲକ୍ଷ୍ମୀ ସାହୁ | ୨୩୩ |
| ତ୍ରିରଙ୍ଗା ଧ୍ୱଜ | ମୁନା ବେହେରା | ୨୩୪ |
| ବୃଦ୍ଧ ନେତ୍ର | ବି. ମହେନ୍ଦ୍ର | ୨୩୬ |
| ଗୁରୁ ପୂର୍ଣ୍ଣିମା | ଗୋଲାପ କୁମାରୀ ସାହୁ | ୨୩୮ |
| ଜୀବନର ଚଲାପଥ | ପ୍ରିୟଙ୍କା ପୃଷ୍ଟି | ୨୩୯ |
| ଅପେକ୍ଷା... ରେ | ବୈଶାଖୀ ଦୀପ | ୨୪୦ |
| ଆଗୋ ସଖୀ | ତେଜସ୍ୱିନୀ ପଣ୍ଡା | ୨୪୧ |
| ସାହିତ୍ୟ ଦର୍ପଣ | ଗୁପ୍ତେଶ୍ୱର ଚାନ୍ଦ | ୨୪୩ |
| ଡିବିରୀ ବତୀ | ଅଭୟ କୁଣ୍ଡ | ୨୪୪ |
| ସ୍ମୃତି | ଶେଖର ଚନ୍ଦ୍ର ମୋଦୀ | ୨୪୫ |


Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

| | | |
|---|---|---|
| ସ୍ୱାର୍ଥ ନିକିତିରେ ସମ୍ପର୍କ | ଡଃ ମନୋରଞ୍ଜନ ବିଷୋୟୀ | ୨୪୭ |
| ଆଗତ ବିଗତ | ଅମୃତନାରାୟଣ ଶତପଥୀ | ୨୪୮ |
| ଗୁଣ୍ଡୁଚି ଓ ମୁଁ | ବିଶ୍ୱ ରଞ୍ଜନ ମହାନ୍ତି | ୨୪୯ |
| ମାଫିଆ ବାଘ | ଦଣ୍ଡାସି ପ୍ରଧାନ | ୨୫୧ |
| ନ ଆସୁ ଭଅଁର ଫୁଲକୁ କହିଛି | ବିଭୁତିଭୂଷଣ ସେନାପତି | ୨୫୫ |
| ସତୀ | କିରନ୍ ସ୍ୱାଇଁ | ୨୫୬ |
| ରାକ୍ଷୀ ମମତାର ବନ୍ଧନ | ସାଗର ନାୟକ | ୨୫୭ |
| ଜୟ ଲଙ୍କେଶ୍ୱରୀ | କୁମାର ଲାଲ ରଣା | ୨୫୯ |
| ମୁରଦାର୍ | ସୁନୀଲ କୁମାର ଅଗସ୍ତି | ୨୬୨ |
| **ପ୍ରବନ୍ଧ ବିଭାଗ** | | **୨୬୩** |
| ଓଡ଼ିଶାରେ ପ୍ରକୃତି ଶିବିର | ମଧୁସ୍ମିତା ସାହୁ | ୨୬୪ |
| ଝଡ଼ର ଇଗଲ୍ : ନବୀନ ବାବୁ | ସ୍ୱାଗତ ମିଶ୍ର | ୨୭୧ |
| ସମ୍ବଲପୁରୀ ଦିବସ | ଅନନ୍ୟା ପ୍ରଧାନ | ୨୭୫ |
| ଆଦର୍ଶ ଗୁରୁଙ୍କ ଜୀବନରୁ ଶିକ୍ଷା | ଆଶୁତୋଷ ନାୟକ | ୨୭୮ |
| ଗଡ଼ିଗଲେ ବଳଭଦ୍ର, ଆସିଗଲା ଆମ୍ବୁଲାନ୍ସ୍ | ଶଙ୍କର ବିଶ୍ୱାଳ | ୨୮୫ |
| **ବିଶେଷ ସୂଚନା** | | **୨୯୦** |

ଆହ୍ୱାନ ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଇଚ୍ଛୁକ ବନ୍ଧୁମାନେ, ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର କିମ୍ବା ମୋବାଇଲରେ ଟାଇପ୍ କରି ଆମ ଇମେଲ୍ ଠିକଣାରେ ପଠାଇ ପାରିବେ । ଛବି, ହାତଲେଖା କିମ୍ବା ଅତ୍ୟଧିକ ବ୍ୟାକରଣତ୍ରୁଟି ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ । ଅଧିକ ସହାୟତା ପାଇଁ ଆମ ହ୍ୱାଟ୍ସଆପ୍ ନମ୍ବର ୯୦୪୦୯୮୫୪୭୩ରେ ଯୋଗାଯୋଗ କରି ପାରିବେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମ୍ପାଦକୀୟ



ନମସ୍କାର

ଆହ୍ୱାନ ଇ-ପତ୍ରିକାର ଅଗଷ୍ଟ ୨୦୨୪ ସଂସ୍କରଣ ସହ ମୁଁ ଉପସ୍ଥିତ । ଆଉ ଅଳ୍ପଦିନ ପରେ ଆମ ଦେଶର ସ୍ୱାଧୀନତା ଦିବସ ପାଳନ ହେବ । ବର୍ଷର ଉତ୍ସବମୁଖର ସମୟ ଆସ୍ତେ ଆସ୍ତେ ପାଖେଇ ଆସୁଛି । ରକ୍ଷା ବନ୍ଧନ, ଜନ୍ମାଷ୍ଟମୀ, ଗଣେଶ ପୂଜା ଆଦି ପରେ ପରେ ଦଶହରା ପର୍ବ... ଏବଂ ଆହୁରି ଅନେକ ପର୍ବର ଋତୁ ଆସୁଛି । ଭାରତରେ ଚଳିତ ବର୍ଷ ସର୍ବସାଧାରଣ ନିର୍ବାଚନ ପରେ ଅନେକ ରାଜନୈତିକ ଉଚ୍ଚନୀଚ ଦେଖିବାକୁ ମିଳୁଛି । ଏହା ସହ ଭାରତର ପଡ଼ୋଶୀ ରାଷ୍ଟ୍ରମାନଙ୍କରେ ମଧ୍ୟ ସେହିଭଳି କିଛି ବିକୃତ ଦୃଶ୍ୟପଟ ଦେଖିବାକୁ ମିଳିଛି ଯାହା ସମଗ୍ର ମାନବଜାତିକୁ ଲଜ୍ଜିତ କରିବା ପାଇଁ ଯଥେଷ୍ଟ ।

ପ୍ରତ୍ୟେକ ମାସ ଭଳି ଚଳିତ ମାସରେ ମଧ୍ୟ ଅନେକ ଲେଖକ ଲେଖିକାଙ୍କ ବଦାନ୍ୟତା ଏବଂ ସହଯୋଗରେ ଏହି ସଂସ୍କରଣ ସମୃଦ୍ଧ ହୋଇ ପାରିଛି । ଆହ୍ୱାନର ଉନ୍ନତିରେ ଯେତିକି ହାତ ସାହିତ୍ୟିକ ମାନଙ୍କ ଅଛି, ସେତିକି ପାଠକମାନଙ୍କ ମଧ୍ୟ ରହିଛି । ବର୍ଷପରେ ବର୍ଷ ଏହାର ଲୋକପ୍ରିୟତା ଆଦୌ କମ ହେଉନାହିଁ । ଏହା କେବଳ ଆପଣମାନଙ୍କ ପାଇଁ ହିଁ ସମ୍ଭବ ହୋଇ ପାରୁଛି ।

ସମସ୍ତେ ଦେଶଭକ୍ତିରେ ଓତପ୍ରୋତ ଭାବରେ ଜଡ଼ିତ ହୁଅନ୍ତୁ, ଦେଶ ପାଇଁ ଚିନ୍ତା କରନ୍ତୁ । ଦେଶ ବଞ୍ଚିଲେ ଆମେ ବଞ୍ଚିବା । ନହେଲେ ମଧ୍ୟପ୍ରାଚ୍ୟର ଦେଶ ମାନଙ୍କ ଉଦାହରଣ ନେଇ ପାରିବେ । ଯେଉଁ ଦେଶ ଦୁର୍ବଳ ହୋଇଯାଏ, ସେହି ଦେଶମାନଙ୍କର ନାଗରିକମାନେ ଦ୍ୱିତୀୟ ଶ୍ରେଣୀ ନାଗରିକ ଭାବରେ ଅନ୍ୟ ଦେଶରେ ଶରଣ ନେବାକୁ ବାଧ୍ୟ ହୋଇ ଯାଆନ୍ତି ଏବଂ ଅକଥନୀୟ ଯନ୍ତ୍ରଣାରେ ଜୀବନ ନିର୍ବାହଣ କରନ୍ତି । ଭାରତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସରକାରଙ୍କ ଦୃଢ଼ କୁଟନୀତି ହେତୁ ବର୍ତ୍ତମାନ ସୁଦ୍ଧା ଭାରତରେ ଅଭ୍ୟନ୍ତରୀଣ ଅସନ୍ତୋଷ ସୃଷ୍ଟି ହୋଇନାହିଁ, କିନ୍ତୁ ଦେଶକୁ ଦୁର୍ବଳ କରିବାପାଇଁ ଅନେକ ଶକ୍ତି ଲାଗି ପଡିଛନ୍ତି । ବିଦେଶରୁ ଅସରନ୍ତି ଧନ ପାଉଛନ୍ତି ଏବଂ ନିଜ ଦେଶକୁ ହିଁ ଦୁର୍ବଳ କରିବାକୁ ମସୁଧା କରୁଛନ୍ତି । ସେମାନଙ୍କୁ ଚିହ୍ନନ୍ତୁ ଏବଂ ବେଳ ଥାଉ ଥାଉ ପଦକ୍ଷେପ ନିଅନ୍ତୁ, ନହେଲେ ନିକଟ ଅତୀତରେ ବଙ୍ଗଳାଦେଶରେ ହୋଇଥିବା ଅପ୍ରତ୍ୟାଶିତ ଶାସନ ପରିବର୍ତ୍ତନ ଭଳି ପରିସ୍ଥିତି ଭାରତରେ ମଧ୍ୟ ସୃଷ୍ଟି ହେବ ସେଥିରେ ସନ୍ଦେହ ନାହିଁ ।

ବଙ୍ଗଳା ଦେଶରେ କଣ ହେଲା ଏବଂ କାହିଁକି ? ଚାଲନ୍ତୁ ସେ ବିଷୟରେ ଜାଣିବା । ଅଗଷ୍ଟ ମାସ ପାଞ୍ଚ ତାରିଖ ଅପରାହ୍ନରେ ବଙ୍ଗଳାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନା, ସମ୍ଭବତଃ ପୁଣିଥରେ ଫେରିବାର କୌଣସି ଆଶା ନ ରଖି ଦେଶ ତ୍ୟାଗକରି ପଳାୟନ କରିଲେ । ଯେତେବେଳେ ଏହି ଖବର ପ୍ରସାରିତ ହେବାକୁ ଲାଗିଲା ଏହା ସହ ଶେଖ୍ ହସିନା ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି ଏବଂ ହେଲିକପ୍ଟରରେ ବସିବାର ଭିଡ଼ିଓ ମଧ୍ୟ ପ୍ରସାରିତ ହେଲା, ଦେଶରେ ଅନେକ ଦିନରୁ ଜାରୀ ରହିଥିବା ଅଚଳାବସ୍ଥା ସ୍ଥିର ହୋଇଯିବ ବୋଲି ଆଶା କରାଯାଉଥିଲା । ବଙ୍ଗଳାଦେଶର ପ୍ରତିଷ୍ଠାତା ଏବଂ ରାଷ୍ଟ୍ରପିତା ଶେଖ୍ ମୁଜିବୁର୍ ରହମାନଙ୍କ କନ୍ୟା ଏଭଳି ଭାବେ ଅପମାନିତ ହୋଇ ଦେଶ ତ୍ୟାଗ କରିବା କଥା କେହି ସ୍ୱପ୍ନରେ ସୁଦ୍ଧା ଭାବିନଥିବେ ।

ଅନେକ ସପ୍ତାହର ଛାତ୍ର ବିକ୍ଷୋଭ ଭାବରେ ଆରମ୍ଭ ହୋଇଥିବା ଆନ୍ଦୋଳନ କିଭଳି ଗୋଟିଏ ଦେଶର ଶାସନକଳକୁ ଅକାମୀ କରିଦେଇ ପାରେ ତାହା ଆମେ ସମସ୍ତେ ଦେଖିବାକୁ ପାଇଲେ । ସୂଚନାଯୋଗ୍ୟ ଯେ ବଙ୍ଗଳାଦେଶର ପ୍ରଶାସନିକ ସେବା ପାଇଁ ହେଉଥିବା ପରୀକ୍ଷାରେ ଏକତୃତୀୟାଂଶ ପଦବୀ ସଂରକ୍ଷିତ ରହିଛି, ବଙ୍ଗଳାଦେଶ ସ୍ଥାପନ କରିବାରେ ଯେଉଁ ବ୍ୟକ୍ତିମାନେ ସହଯୋଗ କରିଥିଲେ ସେମାନଙ୍କ ପରିବାର ଜନଙ୍କ ପାଇଁ । ଏହାର ବିରୋଧ ଛାତ୍ରମାନେ କରୁଥିଲେ । କୁହାଯାଉଥିଲା ଯେ ଏହି ସଂରକ୍ଷଣ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଳରେ ଶେଖ୍ ହସିନା ନିଜର ଅନୁଗତ ମାନଙ୍କୁ ସରକାରୀ ଚାକିରୀରେ ପଦଭାର ଦେଉଥିଲେ । ଯାହା ବି ହେଉନା କାହିଁକି ଏହାର ବିରୋଧ କରୁଥିବା ଛାତ୍ରମାନେ ହିଂସ୍ରୁକ ହୋଇଗଲେ ଏବଂ ଶେଖ୍ ହସିନା ଦେଶରୁ ବାହାରି ଯିବା ଖବର ପାଇବା ପରେ ଅଗଣିତ ସଂଖ୍ୟାରେ ଶେଖ୍ ହସିନାଙ୍କ ଘରକୁ ପ୍ରବେଶ କରି ତାଙ୍କର ବ୍ୟକ୍ତିଗତ ସାମାନପତ୍ର ଚୋରୀ କରିବା ସହ ତାଙ୍କର ବସ୍ତ୍ର ଏବଂ ବିଶେଷ କରି ଅନ୍ତର୍ବସ୍ତ୍ର ସବୁକୁ ଅତି ଅଲଜ୍ୟା ଭାବରେ ଦେଖାଇ ଦେଖାଇ ରାଜରାସ୍ତାରେ ବୁଲୁଥିବାରେ ଭିଡ଼ିଓ ସମଗ୍ର ମାନବ ଜାତିକୁ ନିନ୍ଦିତ କରିଦେଇଥିଲା । ସେମାନେ ଶେଖ୍ ହସିନାଙ୍କ ଇସ୍ତଫା ଚାହୁଁନଥିଲେ, ସେମାନେ ଚାହୁଁଥିଲେ ତାଙ୍କୁ ଅପମାନିତ କରିବା, ଯାହା ସେ ପଳାୟନ କରିବା ପରେ ପରେ ସମଗ୍ର ବିଶ୍ୱ ଦେଖିଲା ।

ଏହି ବିକ୍ଷୋଭ ହିଂସାକାଣ୍ଡ ଭିଆଇବା ସହ ଦେଶରେ ଏକ ଗୃହଯୁଦ୍ଧ ଭଳି ପରିସ୍ଥିତି ଦେଖିବାକୁ ମିଳିଲା । ହିଂସ୍ରୁକ ଭିଡ଼ ଦ୍ୱାରା ହିନ୍ଦୁ ଧର୍ମାବଲମ୍ବୀଙ୍କୁ ଅକଥନୀୟ ଅତ୍ୟାଚାର ଦିଆଯାଉଥିବା ଭିଡ଼ିଓ ସବୁ ଦେଖିବାକୁ ମିଳିଲା । ହିନ୍ଦୁ ମାନଙ୍କ ଦୋକାନ ବଜାରକୁ ଖୋଲାଖୋଲି ଭାବେ ଲୁଟ୍ କରିବା ପରେ ସେଥିରେ ନିଆଁ ଲଗାଇ ଦିଆଯାଇଥିଲା । ଅନେକ ହିନ୍ଦୁ ମନ୍ଦିରକୁ ଧ୍ୱଂସ କରି ଦିଆଯାଇଛି । ଏହା ସହ ବଙ୍ଗଳାଦେଶର ପ୍ରମୁଖ ସଂଗ୍ରହାଳୟ ଏବଂ ଲାଇବ୍ରେରୀ ଆଦିକୁ ମଧ୍ୟ ଧ୍ୱଂସସ୍ତୁପରେ ପରିଣତ କରି ଦିଆଯାଇଛି । ଏହିଭଳି ଦୃଶ୍ୟ ଅତୀତରେ ଆଫଗାନିସ୍ତାନରେ ତାଲିବାନ ପ୍ରବେଶ ପରେ ହୋଇଥିବା ଧ୍ୱଂସ ସହ ସମାନ ବୋଲି ବୁଦ୍ଧିଜୀବିମାନେ ମତ ଦେଇଛନ୍ତି । ଏହି ଘଟଣାରୁ ଆପଣ ସ୍ୱଷ୍ଟଭାବରେ ଅନୁମାନ କରି ପାରିବେ ଯଦି ଶେଖ୍ ହସିବା ବଙ୍ଗଳାଦେଶରେ ରହିଥାନ୍ତେ ତା ହେଲେ ତାଙ୍କ ସହ ଏବଂ ତାଙ୍କ ପରିବାର ସହ କେଉଁଭଳି ବ୍ୟବହାର ଏହି ଆତଙ୍କବାଦୀମାନେ କରିଥାନ୍ତେ । ପ୍ରଧାନମନ୍ତ୍ରୀଙ୍କୁ ବିତାଡ଼ିତ କରିବା ପରେ ଏହି ବିକ୍ଷୋଭକାରୀମାନେ ବସ୍ତୁତଃ ପ୍ରାକ ଐତିହାସିକ ପଶୁମାନଙ୍କ ଭଳି ଅନେକ ମହିଳାଙ୍କ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସହ ଶାରୀରିକ ପ୍ରତାଡ଼ନା କରିଛନ୍ତି, ଅନେକ ଲୋକଙ୍କୁ ମାରି ସହରମାନଙ୍କ ମୁଖ୍ୟ ସଡ଼କରେ ଝୁଲାଇ ଦେଇଛନ୍ତି । ଏହିଭଳି ଘଟଣା ଛାତ୍ରମାନଙ୍କ ଦ୍ୱାରା ତ ସମ୍ଭବ ମନେ ହେଉନାହିଁ, ନିଶ୍ଚୟ ଏଥିରେ ଅନ୍ତର୍ଘାତୀ କାର୍ଯ୍ୟକଳାପ କାମ କରୁଛି । ଇସ୍ଲାମୀୟ ପନ୍ଥା ଆପଣାଇ ବିଧର୍ମୀମାନଙ୍କୁ ନିର୍ଯାତନା ଦେବା, ବଳାତ୍କାର କରିବା, ହତ୍ୟା କରିବା ଭଳି କାମ କରାଯାଇଛି ।

ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ନିଜ ଦେଶ ତ୍ୟାଗ କରିବାପରେ ବିଶ୍ୱରେ ଅନେକ ମୁସଲିମ୍ ରାଷ୍ଟ୍ର ଥିବା ସତ୍ତ୍ୱେ ଭାରତରେ ଶରଣ ନେବାକୁ ସୁରକ୍ଷିତ ମନେ କରିଛନ୍ତି । ଏଠାରେ ସୂଚେଇ ଦେବାକୁ ମନେ କରୁ ଯେ, ଯେତେବେଳେ ଭାରତରେ ସିଏଏ ଏବଂ ଏନଆରସି ଆଇନ ଲାଗୁ କରାଯିବା ପାଇଁ ଚର୍ଚ୍ଚା ହୋଇଥିଲା, ସେତେବେଳେ ବଙ୍ଗଳାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ଏହାର ବିରୋଧ କରି କହିଥିଲେ ଯେ ଏହା ମୁସଲମାନ୍ ବିରୋଧୀ, କିନ୍ତୁ ଯେତେବେଳେ ନିଜ ଉପରେ ବିପଦ ପଡ଼ିଲା ସେତେବେଳେ ସେ ନିଜେ ହିଁ ଭାରତରେ ଶରଣ ନେବାକୁ ଆଗେଇ ଆସିଲେ । ସେ ଭାରତରେ କେତେଦିନ ରହିବେ ଏବଂ କେଉଁ ଦେଶରେ ଶରଣ ନେବେ ଏହି ବିଷୟ ନେଇ ଚର୍ଚ୍ଚା ହେଉଥିବା ବେଳେ ଭାରତ ସରକାର ଏହାକୁ ସ୍ୱଳ୍ପ ଦିନର ରହଣୀ ବୋଲି କହିଛନ୍ତି । ଶୁଣାଯାଉଛି, ଯେ ଶେଖ୍ ହସିନା ବ୍ରିଟେନ୍ ଓ ଆମେରିକାରେ ଶରଣ ନେବାପାଇଁ ଚାହୁଁଥିଲେ କିନ୍ତୁ ଉଭୟ ଦେଶ ଏହାକୁ ମନା କରି ଦେଇଥିଲେ । ଏହିଭଳି ପରିସ୍ଥିତିରେ ସେ କେଉଁ ଦେଶରେ ଶରଣ ନେବେ ତାହା ଆଗକୁ ଦେଖିବାକୁ ପଡ଼ିବ । ଗଣମାଧ୍ୟମକୁ ସୂଚନା ଦେଇ ଶେଖ୍ ହସିନା କହିଛନ୍ତି ଯେ ଏହି ଦେଶବ୍ୟାପି ଅରାଜକତା ପଛରେ ଆମେରିକାର ପ୍ରଚ୍ଛନ୍ନ ହାତ ରହିଛି । ଯେହେତୁ ସେ ବଙ୍ଗଳାଦେଶ ସ୍ଥିତ ସେଣ୍ଟ୍ ମାର୍ଟିନ୍ ଦ୍ୱୀପକୁ ଆମେରିକାର ଯୁଦ୍ଧ ବନ୍ଦର କରିବା ପାଇଁ ଦେବାକୁ ମନା କରିଦେଲେ, ତେଣୁ ଆମେରିକା ତାଙ୍କୁ ନିଜ ପଦବୀରୁ ବିତାଡ଼ିତ କରିବା ପାଇଁ ଏହି ବିକ୍ଷୋଭ କରାଇଥିଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯଦି ସେ ଇସ୍ତଫା ଦେଇନଥାନ୍ତେ ତାହେଲେ ଦେଶରେ ଆହୁରି ଅଧିକ ଅରାଜକତା ବ୍ୟାପିଥାନ୍ତା ଏବଂ ଅନେକ ବ୍ୟକ୍ତିଙ୍କ ଶବକୁ ଦେଖିବାକୁ ପଡ଼ିଥାନ୍ତା ବୋଲି ସେ କହିଛନ୍ତି ।

ବର୍ତ୍ତମାନ ବଙ୍ଗଳାଦେଶରେ ଏକ ଅନ୍ତରୀଣ ଶାସନକଳର ସ୍ଥାପନ କରାଯାଇଛି । ନୂଆ ପ୍ରଧାନମନ୍ତ୍ରୀ ନିର୍ବାଚିତ ହେବା ପର୍ଯ୍ୟନ୍ତ ଏହି ଦଳ ଦେଶର ଅଭ୍ୟନ୍ତରୀଣ ବ୍ୟାପାର ଦେଖିବ । ଏହାର ଅଧ୍ୟକ୍ଷତା କରୁଛନ୍ତି, ବଙ୍ଗଳାଦେଶର ନୋବେଲ୍ ପଦକ ବିଜେତା ୮୪ ବର୍ଷୀୟ ମହମ୍ମଦ ୟୁନୁସ । ଭାରତ ସରକାର ଏହି ପଦକ୍ଷେପକୁ ସ୍ୱାଗତ କରିବା ସହ ଦେଶରେ ରହୁଥିବା ସଂଖ୍ୟାଲଘୁ ସଂପ୍ରଦାୟଙ୍କ ପ୍ରତି ଅନ୍ୟାୟ ହେଉଥିବା କଥା ଜଣାଇଛନ୍ତି । ହିନ୍ଦୁମାନଙ୍କ ପ୍ରତି ଅନ୍ୟାୟକୁ ବରଦାସ୍ତ କରାଯିବ ନାହିଁ ବୋଲି କୁହାଯାଇଛି ।

ତେଣେ ବଙ୍ଗଳାଦେଶରେ ଅଶାନ୍ତି ପରେ ଅଧିକରୁ ଅଧିକ ବଙ୍ଗଳାଦେଶୀ ଶରଣାର୍ଥୀ ଭାରତରେ ପ୍ରବେଶ କରିବା ଆଶାରେ ବିଭିନ୍ନ ସୀମାବର୍ତ୍ତୀ ସେନା କାର୍ଯ୍ୟାଳୟ ମାନଙ୍କ ନିକଟରେ ଜମା ହୋଇଛନ୍ତି ଏବଂ ଏହା ବ୍ୟତୀରେକ ଅନେକ ଶରଣାର୍ଥୀ ଡଙ୍ଗା ଦ୍ୱାରା ଭାରତରେ ପ୍ରବେଶ କରିବାକୁ ଚେଷ୍ଟା କରୁଥିବା କଥା ଗୋଇନ୍ଦା ବିଭାଗ ଜଣାଇବା ପରେ ଓଡ଼ିଶାର ତଟବର୍ତ୍ତୀ ଅଞ୍ଚଳ ସବୁକୁ ଅଧିକ ସଜାଗ କରି ଦିଆଯାଇଛି ।

ବଙ୍ଗଳାଦେଶରେ ହିନ୍ଦୁମାନଙ୍କ ପ୍ରତି ହେଉଥିବା ଅତ୍ୟାଚାରର ଭିଡ଼ିଓ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେଉଥିବା ବେଳେ କିଛି ବ୍ୟକ୍ତିଗତ ଚ୍ୟାନେଲ୍ ଏ ସବୁ ମିଥ୍ୟା ବୋଲି କହି ପ୍ରଚାର ମଧ୍ୟ କରୁଛନ୍ତି । ମନ୍ଦିର ସବୁ ଧ୍ୱଂସ ହେଉଥିବା ସମୟରେ ମନ୍ଦିର ସମ୍ମୁଖରେ କିଭଳି ସୁରକ୍ଷା ଦିଆଯାଉଛି ତାହାର ଛବି ସବୁ ଦେଖାଉଛନ୍ତି । ଏହାର ପ୍ରଭାବ ଓଡ଼ିଶାରେ ପଡ଼ିବାକୁ ଲାଗିଛି । ବିଗତ ଦିନରେ ପ୍ରସାରିତ ଏକ ଭିଡ଼ିଓରେ ଜଣେ ବଙ୍ଗଳାଦେଶୀ ଫେରିବାଲାଙ୍କୁ ସ୍ଥାନୀୟ ଲୋକମାନେ ବିରୋଧ କରୁଥିବା ଦେଖିବାକୁ ମିଳିଛି, ଏହା ସହ ଯେହେତୁ ବଙ୍ଗଳାଦେଶରେ ହିନ୍ଦୁମାନଙ୍କୁ ଅତ୍ୟାଚାର କରାଯାଉଛି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତେଣୁ ଓଡ଼ିଶାରେ ଗ୍ରାମାଞ୍ଚଳମାନଙ୍କରେ ବଙ୍ଗଳାଦେଶୀମାନଙ୍କ ପ୍ରବେଶ ନିଷେଧ କରାଯାଇଛି । ସ୍ଥାନୀୟ ଅଞ୍ଚଳବାସିନ୍ଦାମାନେ ସଜାଗ ହେଲେଣି । ଅନେକ ସ୍ଥାନରେ ଏହିଭଳି ଘଟଣା ସବୁ ଶୁଣିବାକୁ ମିଳୁଛି । ଦେଶରେ ବେଆଇନ୍ ଭାବରେ ରହୁଥିବା ରୋହିଙ୍ଗ୍ୟା ଏବଂ ବଙ୍ଗଳାଦେଶୀ ମୁସଲମାନ ମାନଙ୍କୁ ଦେଶରୁ ବାହାର କରାଯାଉ ବୋଲି ଦାବୀ ହେବାକୁ ଲାଗିଲାଣି ।

ଶୁଣାଯାଉଛି ଯେ ବିକ୍ଷୋଭକାରୀମାନେ ଏବେ ଦେଶର ଅନେକ ଉଚ୍ଚ ଅନୁଷ୍ଠାନରେ କାମ କରୁଥିବା ଅଧିକାରୀମାନଙ୍କୁ ଧମକାଇ ସେମାନଙ୍କୁ ଅବସର ନେବାକୁ ବାଧ୍ୟ କରୁଛନ୍ତି । ସେମାନେ କହୁଛନ୍ତି ଯେ ଏହି ସବୁ ବ୍ୟକ୍ତିମାନେ ଶେଖ୍ ହସିନାଙ୍କ ଅନୁଗତ ତେଣୁ ସେମାନଙ୍କୁ ନିଜ ପଦବୀରୁ ବାହାର କରିବା ଆବଶ୍ୟକ ।

ଚଳିତ ବର୍ଷ ସ୍ପେନ ଠାରେ ଚତୁର୍ବାର୍ଷିକ ଅଲିମ୍ପିକ ଖେଳ ପ୍ରତିଯୋଗିତା ଆୟୋଜିତ ହେଉଛି ଏବଂ ଏଥିରେ ଭାରତୀୟ ଦଳ ଅଂଶ ଗ୍ରହଣ କରୁଛନ୍ତି । ବର୍ତ୍ତମାନ ସୁଦ୍ଧା ସ୍ୱର୍ଣ୍ଣ ପଦକ ମିଳିନଥିବା ବେଳେ ରୌପ୍ୟ ଓ ବ୍ରୋଞ୍ଜ୍ ପଦକ ମିଳିଛି । ଏହି ଖେଳ ସମୟରେ ଭାରତୀୟ କୁସ୍ତିଯୋଦ୍ଧା ବିନେଶ୍ ଫୋଗଟ୍ ନିଜର ଓଜନ ପାଇଁ ଖେଳରୁ ବହିଷ୍କୃତ ହୋଇଛନ୍ତି । ଚାଲନ୍ତୁ ଜାଣିବା ବିନେଶ୍ ଫୋଗଟ ସଂସ୍କରଣର ସମ୍ପୂର୍ଣ୍ଣ ବିଶ୍ଳେଷଣ ଏବଂ କେଉଁଭଳି ରାଜନୀତି କରାଯାଉଛି ।

ଏହି ବିଶ୍ଳେଷଣ ପୂର୍ବରୁ କିଛି ତଥ୍ୟ ଯାହା ଆମେ ଉପସ୍ଥାପନ କରିବା ଉଚିତ ମନେ କରୁଛୁ, ସେ ସବୁ ହେଲା;

୧. ବିନେଶ୍ ଫୋଗଟ୍ ପ୍ରଥମ ଥର ଅଲିମ୍ପିକ୍ ଖେଳୁନଥିଲେ ।

୨. ଏହା ପୂର୍ବରୁ ବି ଥରେ ସେ ଅଧିକ ଓଜନ ହେତୁ ଖେଳରୁ ବରଖାସ୍ତ ହୋଇଥିଲେ ।

୩. ସେ ନିଜର ନିର୍ଦ୍ଧାରିତ ୫୩ କିଗ୍ରା ବର୍ଗରେ ନ ଖେଳି ୫୦ କିଗ୍ରା ବର୍ଗରେ ଖେଳୁଥିଲେ ।

୪. ସେମିଫାଇନାଲ୍ ମ୍ୟାଚ୍ ପୂର୍ବରୁ ତାଙ୍କର ଓଜନ ପଚାଶ କିଲୋରୁ ଶହେ ଗ୍ରାମ କମ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଥିଲା ।

୫. ଅଲିମ୍ପିକ୍ ପାଇଁ ସେ ନିଜର ପ୍ରଶିକ୍ଷକ ଏବଂ ଡାଏଟିସିଆନ୍ ନିଜେ ଚୟନ କରି ନେଇଥିଲେ, ଯାହା ପାଇଁ ଖର୍ଚ୍ଚ ଦେଶ ବହନ କରୁଥିଲା ।

୬. ଅଲିମ୍ପିକ୍‌ରେ ଖେଳିବା ପାଇଁ ଯେଉଁ ଚୟନ ଶିବିର ଅନୁଷ୍ଠିତ ହୋଇଥିଲା, ସେଥିରେ ସେ ୫୩ କିଗ୍ରା ବର୍ଗରେ ଶୋଚନୀୟ ଭାବରେ ପରାଜୟ ବରଣ କରିବା ପରେ, ନିଜେ ହିଁ ୫୦ କିଗ୍ରା ବର୍ଗରେ ଖେଳିବା ପାଇଁ ଜିଦ୍ କରିଥିଲେ । ଏଥିରେ କୁସ୍ତି ସଂଘ ସହମତ ହୋଇନଥିଲେ, ତେଣୁ ସରକାରୀ ସ୍ତରରେ ତାଙ୍କୁ ସିଧା ୫୦ କିଗ୍ରା ବର୍ଗରେ ଖେଳିବା ପାଇଁ ଅନୁମତି ପ୍ରଦାନ କରାଯାଇଥିଲା ।

୭. ଅଲିମ୍ପିକ୍ ର ଫାଇନାଲ୍ ଖେଳ ପୂର୍ବରୁ ଓଜନ ମାପିବା ନିୟମ ଆଗରୁ ହିଁ ରହି ଆସିଛି । ଏହା ସେ ଭଲ ଭାବରେ ଜାଣିଥିଲେ ।

୮. ଓଜନ ମାପିବା ପୂର୍ବ ଦିନ ତାଙ୍କ ଓଜନ ୫୨ କିଗ୍ରାରୁ ଅଧିକ ଥିଲା ତେଣୁ ସେ ପ୍ରଚେଷ୍ଟା କରିଥିଲେ ନିଜ ଓଜନ କମ କରିବାପାଇଁ ଏବଂ ଏଥିରେ ଅନେକାଂଶରେ ସକ୍ଷମ ମଧ୍ୟ ହୋଇଥିଲେ, କିନ୍ତୁ ମାତ୍ର ଶହେ ଗ୍ରାମ ଓଜନ ପାଇଁ ତାଙ୍କୁ ବରଖାସ୍ତ କରି ଦିଆଗଲା ।

୯. ସେହିଦିନ କେବଳ ବିନେଶ ହିଁ ନୁହନ୍ତି, ଆହୁରି ତିନିଜଣ ଖେଳାଳୀ ଏହି ନିୟମ ଅନ୍ତର୍ଭୂକ୍ତ ଖେଳ ଖେଳିବାରୁ ବରଖାସ୍ତ ହୋଇଥିଲେ ।

ଉପରୋକ୍ତ ସମସ୍ତ ତଥ୍ୟ ପରେ ଏବେ ଆମେ ଚାଲନ୍ତୁ ବିସ୍ତାରରେ ଜାଣିବା ଏହି ଘଟଣା କଣ ଏବଂ ଏହା କାହିଁକି ହେଲା । ଆପଣମାନେ ଜାଣିଥିବେ ଯେ ଚଳିତ ଅଲିମ୍ପିକ୍ ଋତୁରେ ସ୍ପେନରେ ଆୟୋଜିତ ହେଉଥିବା ଖେଳ ସ୍ପର୍ଦ୍ଧାରେ ଅଂଶ ଗ୍ରହଣ କରିବାପାଇଁ ଯାଇଥିବା ଭାରତୀୟ ଦଳରେ କୁସ୍ତିଯୁଦ୍ଧ ଖେଳରେ ବିନେଶ ଫୋଗଟ୍ ୫୦ କିଗ୍ରା ବର୍ଗରେ ଅଂଶ ଗ୍ରହଣ କରୁଥିଲେ । ସେମିଫାଇନାଲ୍ ମ୍ୟାଚରେ ସେ ବିଶ୍ୱର ଅନନ୍ୟ ବିଜେତା ୟୁଇ ସୁସାକିଙ୍କୁ ହରାଇ ନୂଆ କୀର୍ତ୍ତିମାନ ସ୍ଥାପନ କରିଥିଲେ । କିନ୍ତୁ ଫାଇନାଲ୍ ମ୍ୟାଚ୍ ଖେଳିବା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପୂର୍ବରୁ ହିଁ ତାଙ୍କ ଓଜନ ପାଇଁ ଖେଳରୁ ବରଖାସ୍ତ କରି ଦିଆଗଲା । ଏହାପରେ ସେ ନିଜେ ହିଁ ଖେଳରୁ ସନ୍ୟାସ ନେବା କଥା ଘୋଷଣା କରିଦେଲେ ।

ପ୍ରତ୍ୟେକ କୁସ୍ତିଯୋଦ୍ଧାଙ୍କୁ ନିଜର ନିର୍ଦ୍ଧାରିତ ଓଜନ ନିୟମ ବିଷୟରେ ଜଣା ରହିବା ଉଚିତ । ଯୋଗେଶ୍ୱର ଦତ୍ତ ପହଲଵାନ୍ ।

ବିନେଶଙ୍କ ଓଜନ ସାମାନ୍ୟତଃ ୫୭ରୁ ୫୮ କିଲୋ ରହେ ଏବଂ ସେ ୫୩ କିଲୋ ବର୍ଗରେ କୁସ୍ତି କରି ଆସୁଥିଲେ । କିନ୍ତୁ ବିଶ୍ୱ ସ୍ତରରେ ବିଭିନ୍ନ ସ୍ପର୍ଦ୍ଧାରେ ଓଜନ ସମ୍ବନ୍ଧିତ ନିୟମକୁ କଡ଼ାକଡ଼ି ଭାବରେ ପାଳନ କରାଯିବା ପାଇଁ ଦାବୀ ଉଠିବା ପରେ ସିଧା ଅଲିମ୍ପିକରେ ଖେଳିବା ପାଇଁ କୌଣସି ଖେଳାଳୀ ଦାବୀ କରିବା ଅନୁଚିତ ହେବ ବୋଲି ଭାରତୀୟ ଅଲିମ୍ପିକ୍ ସଂଘ ମନ୍ତବ୍ୟ ଦେଇଥିଲେ ଏବଂ ଏଥିପାଇଁ ପ୍ରାକ୍ ଅଲିମ୍ପିକ୍ ଚୟନ ଶିବିର ସବୁ ଆୟୋଜନ କରାଯାଇଥିଲା । ହେଲେ ଏହି ସମୟରେ କିଛି ପୁରୁଖା ଖେଳାଳୀ ଜିଦ୍ କରି ବସିଲେ ଯେ ସେମାନେ ବିନା ଶିବିରରେ ମଧ୍ୟ ସିଧା ସିଧା ଅଲିମ୍ପିକ୍ ଖେଳିବାକୁ ଯିବେ । ଯାହାକୁ ତତ୍କାଳୀନ କୁସ୍ତି ମହାସଂଘ ବିରୋଧ କରିବାପରେ ଦିଲ୍ଲୀରେ ଏହାକୁ ନେଇ ଯେଉଁ ରାଜନୈତିକ ଘଟଣାଚକ୍ର ଘଟିଲା ତାହା କାହାକୁ ବି ଅଛପା ରହି ନାହିଁ । କୁସ୍ତି ସଂଘର ବିରୋଧ କରୁ କରୁ ସଂଘର ସଭାପତିଙ୍କ ବିରୋଧରେ ଶାରୀରିକ ଶୋଷଣ ଅଭିଯୋଗ ଉପସ୍ଥାପନ ହେଲା, ତାଙ୍କୁ ନିଜ ପଦବୀରୁ ବରଖାସ୍ତ କରାଗଲା । ହେଲେ ଅଲିମ୍ପିକ୍ ସଂଘର ନିଷ୍ପତ୍ତି ଅନୁସାରେ ସମସ୍ତ ଖେଳାଳୀଙ୍କୁ ଶିବିରରେ ଯୋଗ ଦେଇ ନିଜର ଅଲିମ୍ପିକ୍ ଯିବା ଦାବୀକୁ ପ୍ରମାଣିତ କରିବାକୁ କୁହାଗଲା ।

ଏହି ସମୟରେ ବିନେଶ୍ ଫୋଗଟ୍ ୫୩ କିଲୋ ବର୍ଗରେ ନିଜର ଜଣେ କନିଷ୍ଠ ଖେଳାଳୀଙ୍କ ଠାରୁ ୧-୧୦ରେ ଖେଳ ହାରିଯାଇ ଅଲିମ୍ପିକ୍ ଯିବା ସ୍ୱପ୍ନକୁ ହରେଇଲେ । ହେଲେ ଏହି ଚୟନ ଶିବିରରେ ସେ ଜିଦ୍ କରି ବସିଲେ ଯେ ସେ ଯେହେତୁ ୫୩ କିଲୋ ବର୍ଗରେ ଯାଇ ପାରିବେ ନାହିଁ, ତେଣୁ ତାଙ୍କୁ ୫୦ କିଲୋ ବର୍ଗରେ ଖେଳିବାକୁ ସୁଯୋଗ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦିଆଯାଉ । ଏଥିରେ କୁସ୍ତି ସଂଘ ଓ ଅଲିମ୍ପିକ୍ ସଂଘ ସହମତ ନଥିଲେ । କାରଣ ବିନେଶଙ୍କ ଓଜନ ଅଧିକ ଥିଲା । ତଥାପି ଯେହେତୁ ସେ ଅତୀତରେ ଦେଶପାଇଁ ଅନେକ ଗୌରବ ଆଣିଥିଲେ ତେଣୁ ତାଙ୍କୁ ନିମ୍ନ ବର୍ଗରେ ଖେଳିବାକୁ ଦିଆଗଲା ଏବଂ ସେ ସଫଳ ମଧ୍ୟ ହେଲେ ।

ଆଗରୁ ୫୭ କିଲୋ ଓଜନ ଥାଇ ସୁଦ୍ଧା ୫୩ କିଲୋ ବର୍ଗରେ ଖେଳୁଥିବା ବିନେଶଙ୍କ ପାଇଁ ବର୍ତ୍ତମାନ ଅଲିମ୍ପିକ୍ ଯିବା ସିନା ନିଶ୍ଚିତ ହୋଇଗଲା ହେଲେ ଓଜନ ସମ୍ବନ୍ଧିତ ନିୟମ କଡ଼ା ଥିବା କଥା ସେ ଜାଣିଥିଲେ । ଏଥିପାଇଁ ତାଙ୍କୁ ଆଗରୁ ମଧ୍ୟ ଥରେ ଅଲିମ୍ପିକରେ ଖେଳିବାକୁ ମନା କରିଦିଆଯାଇଥିଲା ।

ପ୍ରତ୍ୟେକ ବ୍ୟକ୍ତିଙ୍କ ବୟସାନୁସାରେ ଓଜନ ବୃଦ୍ଧି ହୋଇଥାଏ । ଜଣେ ଚାହିଁଲେ ଏହି ଓଜନ ବୃଦ୍ଧି କରିପାରେ କିମ୍ବା କମ ମଧ୍ୟ କରିପାରେ । ଓଜନ ବଢ଼ାଇବା ସହଜସାଧ୍ୟ କିନ୍ତୁ କମ କରିବା ଭାରି କଷ୍ଟକର । ଆପଣ ହୁଏତ କହି ପାରନ୍ତି ଯେ ଅଦନାନ୍ ସାମୀ ଭଳି ଗାୟକ ଏକାଥରେ ଚାଳିଶି କିଲୋ ଓଜନ କମ କରି ପାରିଥିଲେ, ତାହେଲେ ଏଠାରେ ସାତ କିଲୋ ଓଜନ କମ କରିବା ଅସମ୍ଭବ ନୁହେଁ । ଠିକ୍ କଥା, ଅଦନାନ୍ ସାମୀ ଅତ୍ୟଧିକ ଚର୍ବି ହେତୁ ଓଜନ ବୃଦ୍ଧି ପାଇଥିଲା ଏବଂ ସେ ବ୍ୟାୟାମ କରି ଚର୍ବି କମ କରି ଓଜନ କମ କରିଦେଲେ । କିନ୍ତୁ ବିନେଶ ଜଣେ ଖେଳାଳୀ, ତାଙ୍କ ଶରୀରରେ ଚର୍ବିର ମାତ୍ରା ବହୁତ କମ । ଆଉ ଯଦି ସେ ନିଜ ଓଜନଠାରୁ ଅଧିକ ହୋଇଥାନ୍ତେ ତା ହେଲେ କମ କରିବା ସମ୍ଭବ ହୋଇଥାନ୍ତା । ହେଲେ ସବୁବେଳେ ୫୭ରୁ ୫୮ କିଲୋ ଓଜନ ରହୁଥିବା ବ୍ୟକ୍ତିଙ୍କ ଓଜନ କମ କରିବା ଅସମ୍ଭବ ବୋଲି ଆମେ କହି ପାରିବା ।

ତଥାପି ସେ ଏତେ ବଡ଼ ଖେଳ ଆୟୋଜନରେ ଅଂଶଗ୍ରହଣ କରିବାର ସାହାସ କରିଲେ ଏବଂ ବାସ୍ତବରେ କହିଲେ ରିସ୍କ ନେଲେ । ଏଥିପାଇଁ ଆପଣଙ୍କ ପ୍ରଶିକ୍ଷକ ଓ ଡାଏଟିସିଆନ୍ ଉଭୟ ଆପଣଙ୍କୁ ସମର୍ଥନ ଦେଲେ । ଉଲ୍ଲେଖଯୋଗ୍ୟ ଉଭୟ ବିନେଶଙ୍କ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବ୍ୟକ୍ତିଗତ କର୍ମଚାରୀ ଥିଲେ, ସେମାନଙ୍କୁ ସରକାର ନିଯୁକ୍ତି ଦେଇନଥିଲେ । ତେଣୁ ବିନେଶଙ୍କ ଓଜନ କମ କରିବା ଦାୟିତ୍ୱ ସମ୍ପୂର୍ଣ୍ଣତଃ ତାଙ୍କ ନିଜ ଉପରେ ହିଁ ଥିଲା ।

ଯେଉଁଦିନ ଓଜନ ମପା ହେବାର ଥିଲା, ତା ପୂର୍ବଦିନ ଆପଣ ଭୋକରେ ରହିଲେ, ପାଣି ମଧ୍ୟ ପିଇଲେ ନାହିଁ, ରାତିରେ ବ୍ୟାୟାମ କରିଲେ, ଦେହରୁ ଝାଳ ବୁହାଇ ଓଜନ କମ କରିବାକୁ ଚେଷ୍ଟା କରିଲେ, ଯେତେବେଳେ ସବୁକିଛି ବିଫଳ ହେଲା, ସେତେବେଳେ ନିଜ ମୁଣ୍ଡରୁ ଚୁଳ ମଧ୍ୟ କାଟିଲେ ଏବଂ ଦେହରୁ ରକ୍ତ ବାହାର କରିବା ପର୍ଯ୍ୟନ୍ତ ମଧ୍ୟ ପ୍ରଚେଷ୍ଟା କରିଲେ ତଥାପି ସକାଳ ସୁଦ୍ଧା ଆପଣଙ୍କ ଓଜନ ପଚାଶ କିଲୋରୁ ଅଧିକ ହିଁ ରହିଲା । ଆମେ ଜାଣିଛୁ ଆପଣ ଏହି ଖେଳ ସ୍ପର୍ଦ୍ଧାରେ ରହିବା ପାଇଁ ଏହି ସବୁ କାର୍ଯ୍ୟ କରିଲେ, କିନ୍ତୁ ଆପଣ ଏହି ବିଷୟ ସେହି ଦିନ ହିଁ ଜାଣିନଥିଲେ, ଅଲିମ୍ପିକ୍ ଯିବାର ଅନେକ ଦିନ ପୂର୍ବରୁ ଜାଣିଥିଲେ, ସେତେବେଳ ଠାରୁ ହିଁ ଓଜନ କମ କରିବାକୁ ଚେଷ୍ଟା କରିଲେ ନାହିଁ କାହିଁକି ?

ବାଳ କାଟିବା, ଶିରାରୁ ରକ୍ତ ବାହାର କରିବା ଭଳି କଠିନ ପଦକ୍ଷେପ ନିଆଯିବାର ଅର୍ଥ ହେଉଛି ଆପଣ ଭଲଭାବରେ ଜାଣିଥିଲେ ଯେ ଆପଣ ଉପବାସ କରି କିମ୍ବା ବ୍ୟାୟାମ ଦ୍ୱାରା ନିଜର ଓଜନ କମ କରି ପାରିବେ ନାହିଁ । କାରଣ ଆପଣ ଆଗରୁ ହିଁ ବହୁତ କମ ଖାଦ୍ୟ ଖାଉଥିଲେ । ଆପଣଙ୍କ ଶରୀରରେ ଓଜନ କମ କରିବା ପାଇଁ ଚର୍ବି ବା ଜଳୀୟାଂଶ ନଥିଲା । ଏହା ଆପଣ ଭଲ ଭାବରେ ଜାଣିଥିଲେ ।

ଆପଣ ସ୍ୱାଭାବିକ ଭାବରେ ୫୦ କିଲୋ ବର୍ଗରେ ଆଦୌ ନଥିଲେ, କେବଳ ନିଜ ଶରୀରକୁ କଷ୍ଟ ଦେଇ ଆପଣ ଯେନତେନ ପ୍ରକାରେଣ ଏହି ବର୍ଗରେ ଖେଳିବାର ଚେଷ୍ଟା କରିଥିଲେ । ହେଲେ ଶରୀର ମଧ୍ୟ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ ଆପଣଙ୍କ ସହଯୋଗ କରିପାରେ, ଏହାଠାରୁ କମ ହୋଇ ପାରିବ ନାହିଁ । ଆପଣ ଚାହିଁଲେ ବି ନିଜ ଅସ୍ଥିମାନଙ୍କ ଓଜନ କମ କରି ପାରିବେ ନାହିଁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହଠାତ୍ ଅତ୍ୟଧିକ ମାତ୍ରାରେ ଓଜନ କମ କରିବା ଦ୍ୱାରା ଶାରୀରିକ ପ୍ରକ୍ରିୟା ସବୁରେ ବ୍ୟତିକ୍ରମ ଦେଖାଦେଇଥାଏ, ଜଣେ ସ୍ୱାସ୍ଥ୍ୟକର୍ମୀ ହିସାବରେ ମୁଁ ଏତିକି କହିପାରେ ଏହିଭଳି ପ୍ରଚେଷ୍ଟା ଘାତକ ହୋଇପାରେ ଏବଂ ସେହି ରାତିରେ ଓଜନ କମ କରିବା ପ୍ରଚେଷ୍ଟାରେ ଯଦି ଆପଣଙ୍କୁ କିଛି ହୋଇ ଯାଇଥାନ୍ତା । ତା'ହେଲେ ବର୍ତ୍ତମାନ ଯେତେ ନିନ୍ଦା ଭାରତକୁ ହେଉଛି ତାଠାରୁ ଢେର୍ ଅଧିକ ନିନ୍ଦିତ ହେବାକୁ ପଡ଼ିଥାନ୍ତା ।

ହଁ, ଯଦି ଆପଣ ସଫଳ ହୋଇପାରିଥାନ୍ତେ, ତ ଏହି ବିଷୟ କେହି କହନ୍ତେ ନାହିଁ । ହୁଏତ ଏଥିପାଇଁ ଆପଣ ଚିରସ୍ମରଣୀୟ ବି ହୋଇ ପାରନ୍ତେ, କିନ୍ତୁ ଯେଉଁଭଳି ଘଟଣାଚକ୍ର ଘଟିଲା ଏହାପରେ ଆପଣଙ୍କ ଅଲିମ୍ପିକ୍ ଅନୁଭୂତି ସମଗ୍ର ଦେଶର କୁସ୍ତିଯୋଦ୍ଧାମାନଙ୍କ ମନ ମସ୍ତିଷ୍କରେ ଯୁଗ ଯୁଗଧରି ଛାପି ହୋଇ ରହିବ ।

ହୁଏତ ଯଦି ଆପଣ ଅଲିମ୍ପିକ୍ ଯିବାର ଅନେକ ମାସ ପୂର୍ବରୁ ହିଁ ନିଜର ଓଜନକୁ ନିୟନ୍ତ୍ରିତ କରିବାର କୌଣସି ଉପାୟ କରି ପାରିଥାନ୍ତେ ତା ହେଲେ ଆଜି ଆମେ ସମସ୍ତେ ଗୌରବାନ୍ୱିତ ହୋଇ ପାରିଥାନ୍ତ । ସମଗ୍ର ଦେଶ ଆପଣଙ୍କ ପାଇଁ ଋଣୀ ହୋଇ ଥାନ୍ତା । କିନ୍ତୁ ସେଭଳି ହୋଇପାରିଲା ନାହିଁ, ଆଉ ଏହାର କାରଣ ଆପଣ ସ୍ୱୟଂ ନିଜେ ହିଁ, ଏଥିରେ ଦ୍ୱିମତ ନାହିଁ ।

ଦେଶପାଇଁ ଆପଣ ଜଣେ ପ୍ରତିଷ୍ଠିତ ଖେଳାଳୀ ଥିଲେ, ଆପଣଙ୍କ ଉପରେ ସମଗ୍ର ଦେଶର ଆସ୍ଥା ଓ ବିଶ୍ୱାସ ଥିଲା । ଯଦି ଆପଣ ଖେଳିଥାନ୍ତେ ଓ ହାରି ଯାଇଥାନ୍ତେ ତା ହେଲେ ହୁଏତ ଏ ଦେଶ ଆପଣଙ୍କୁ ପ୍ରଶଂସାରେ ପୋତି ଦେଇଥାନ୍ତା, ହେଲେ ଖେଳିବା ପୂର୍ବରୁ ହିଁ ନିଜର ଭୁଲ ପାଇଁ ଆପଣ ଦଣ୍ଡିତ ହୋଇ ସମଗ୍ର ଦେଶକୁ ନିରାଶା ଆଣିଦେଲେ ।

ଏହିଭଳି ସ୍ଥଳରେ ଯଦି ବି ଆପଣଙ୍କୁ ଅନେକେ ପ୍ରଶଂସା କରୁଥାଇ ପାରନ୍ତି, ମୁଁ କିନ୍ତୁ ଏହିଭଳି ଜଣେ ଖେଳାଳୀଙ୍କୁ ଆଦୌ ସମ୍ମାନ ଦେଇ ପାରିବି ନାହିଁ, ଯେ ନିଜ ମୂର୍ଖତା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯୋଗୁଁ ସମଗ୍ର ଦେଶକୁ ନିରୁତ୍ସାହିତ କରି ଦେଇପାରେ । ମୋ ପାଇଁ ଆପଣ ଜଣେ ଖେଳାଳୀ ମାତ୍ର, ଆପଣ ଅତୀତରେ ଅନେକ ଗୌରବ ଆଣିଥିବେ ସତ, ହେଲେ ବିଶ୍ୱସ୍ତରୀୟ ସର୍ବଶ୍ରେଷ୍ଠ ଅଲିମ୍ପିକ ଭଳି ଖେଳ ସ୍ପର୍ଦ୍ଧାରେ ଆପଣଙ୍କ ଆଚରଣ ଆଦୌ ଗ୍ରହଣୀୟ ନଥିଲା, ଆପଣ ସମସ୍ତ ଦେଶକୁ ହରାଇବାର ଦୋଷୀ । ଆପଣ ଏହି ଦେଶକୁ କାହିଁକି ବିଫଳ କରାଇଲେ ସେଥିପାଇଁ ଉତ୍ତରଦାୟୀ ।

ଚଳିତ ସପ୍ତାହର ନଅ ତାରିଖ ରାତିରେ ପଶ୍ଚିମବଙ୍ଗର ଏକ ସରକାରୀ ଡାକ୍ତରଖାନା ଆରଜି କର ମେଡ଼ିକାଲ୍ କଲେଜରେ କର୍ତ୍ତବ୍ୟରତ ଜନୈକା ମହିଳା ଡାକ୍ତରଙ୍କୁ ଅସଦାଚରଣ କରି ହତ୍ୟା କରାଯାଇଥିବା ଖବର ସମଗ୍ର ଦେଶକୁ ସ୍ତବ୍ଧ କରିଦେଇଥିଲା । ମେଡ଼ିକାଲର ଆଶୁଚିକିତ୍ସା ବିଭାଗର ତୃତୀୟ ମହଲାରେ ଥିବା ସେମିନାର୍ ହଲରେ ଏହି ଘଟଣାରେ ଦ୍ୱିତୀୟ ବର୍ଷ ସ୍ନାତକ ଛାତ୍ରୀଙ୍କ୍ ମୃତଦେହ ଅସ୍ୱାଭାବିକ ପରିସ୍ଥିତିରେ ଦେଖିବାକୁ ମିଳିଥିଲା ।

ଏହି ଘଟଣାର ଦ୍ୱିତୀୟ ଦିନ ଶବବ୍ୟବଚ୍ଛେଦ ପରେ ଜଣା ପଡିଥିଲା ଯେ ସେହି ଛାତ୍ରୀଙ୍କ ସହ ବଳାତ୍କାର କରାଯାଇ ହତ୍ୟା କରାଯାଇଛି । ତାଙ୍କର ଶରୀରର ଅନେକ ସ୍ଥାନରେ ଆଘାତ ଲାଗିଥିବା ବେଳେ ଗୁପ୍ତାଙ୍ଗରୁ ରକ୍ତସ୍ରାବ ହୋଇଥିବା ଏହି ରିପୋର୍ଟରେ ଉଲ୍ଲେଖ ହୋଇଥିଲା । ଏହାପରେ ସ୍ଥାନୀୟ ପୋଲିସ ଷ୍ଟେସନରେ ମାମଲା ରୁଜୁ କରାଯାଇଥିଲା ।

ଘଟଣା ପରଦିନ ହିଁ ଏହି ମାମଲାରେ ଅଭିଯୁକ୍ତ ସଞ୍ଜୟ ରାୟଙ୍କୁ ପୋଲିସ ଗିରଫ କରିବାକୁ ସକ୍ଷମ ହୋଇଛନ୍ତି । ସେ ଡାକ୍ତରଖାନା କର୍ମଚାରୀ ନ ହୋଇଥିବା ସତ୍ତ୍ୱେ ଡାକ୍ତରଖାନାକୁ ତାଙ୍କର ଅବାଧ ପ୍ରବେଶ ରହିଥିଲା । ତାଙ୍କୁ ଚଉଦ ଦିନିଆ ପୋଲିସ ରିମାଣ୍ଡରେ ପଠାଇ ଦିଆଯାଇଛି । ସେ ନିଜ ଅଭିଯୋଗକୁ ସ୍ୱୀକାର କରିଥିବା କଥା କୁହାଯାଉଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଭିଯୁକ୍ତଙ୍କ ମୋବାଇଲକୁ ଜବତ କରିବା ପରେ ସେଥିରେ ଅନେକ ଅଶ୍ଳୀଳ ଭିଡ଼ିଓ ଥିବାର ଦେଖିବାକୁ ମିଳିଛି । ସେ ଜଣେ ସ୍ୱେଚ୍ଛାସେବୀ ଥିଲେ, ଯାହା ପୋଲିସକୁ ସହାୟତା କରିବାପାଇଁ ପଶ୍ଚିମ ବଙ୍ଗ ସରକାରଙ୍କ ଦ୍ୱାରା କରାଯାଇଥିଲା । ତେଣୁ ସେ ସହଜରେ ଡାକ୍ତରଖାନା ଭିତରକୁ ଯାଇ ଆସି ପାରୁଥିଲେ ।

ଘଟଣା ଦିନର ସିସିଟିଭି ଫୁଟେଜ୍ ଦେଖିବା ସମୟରେ ଅଭିଯୁକ୍ତ ଡାକ୍ତରଖାନାକୁ ପାହାନ୍ତିଆ ଚାରିଟା ବେଳେ ପ୍ରବେଶ କରିବା ଦେଖାଯାଇଥିଲା ଏବଂ ସେ କାନରେ ଇୟରଫୋନ୍ ପିନ୍ଧିଥିଲେ । କିନ୍ତୁ ଫେରିବା ବେଳେ କାନରେ ଇୟରଫୋନ୍ ନଥିଲା, ଯାହାକୁ ଘଟଣାସ୍ଥଳରେ ଜବତ କରାଯାଇଥିଲା ଏବଂ ସେହି ଇୟରଫୋନ୍ ଆଧାରରେ ଅଭିଯୁକ୍ତଙ୍କୁ ସନ୍ଦେହ କରି ଗିରଫ କରାଯାଇଥିଲା । ଭାରତୀୟ ଦଣ୍ଡ ସଂହିତାର ଧାରା ୬୪ ଏବଂ ୧୦୩ ଆଧାରରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ।

ଏହି ମାମଲାରେ ହସ୍ତକ୍ଷେପ କରି ପଶ୍ଚିମ ବଙ୍ଗ ସରକାର ତଥା ମୁଖ୍ୟମନ୍ତ୍ରୀ ସୁଶ୍ରୀ ମମତା ବାନାର୍ଜୀ କହିଛନ୍ତି ଯେ ଏହିଭଳି ଘୃଣ୍ୟ କାର୍ଯ୍ୟ କରିଥିବା ଅଭିଯୁକ୍ତଙ୍କ ପାଇଁ ସେ ମୃତ୍ୟୁଦଣ୍ଡର ଦାବୀ କରିଲେ ।

ଏହି ଘଟଣାପରେ ଭାରତୀୟ ଚିକିତ୍ସକ ସଂଘ ତରଫରୁ ବିବୃତ୍ତି ଦିଆଯାଇ କୁହାଯାଇଛି ଯେ ଯଦି ଦୁଇ ଦିନ ଭିତରେ କୌଣସି ପଦକ୍ଷେପ ନ ନିଆଯାଏ ତା ହେଲେ ଏଥିପାଇଁ ସମଗ୍ର ଦେଶରେ ଚିକିତ୍ସକମାନେ ସାଙ୍କେତିକ ବିକ୍ଷୋଭ ପ୍ରଦର୍ଶନ କରିବାକୁ ବାଧ୍ୟ ହେବେ ।

ଏହି ସପ୍ତାହର ନଅ ତାରିଖରେ ସଂସଦରେ ରାଜ୍ୟସଭାରେ ଏକ ଅପ୍ରତ୍ୟାଶିତ ଘଟଣାକ୍ରମରେ ସମାଜବାଦୀ ପାର୍ଟି ସମର୍ଥିତ ବରିଷ୍ଠ ସଦସ୍ୟା ଶ୍ରୀମତି ଜୟା ଅମିତାଭ ବଚ୍ଚନ ଏବଂ ରାଜ୍ୟସଭା ସଭାପତି ଜଗଦୀପ ଧନକରଙ୍କ ମଧ୍ୟରେ ବାକବିତଣ୍ଡା ହୋଇଗଲା । ଶ୍ରୀମତି ବଚ୍ଚନ ଅଭିଯୋଗ କରି କହିଲେ ଯେ ତାଙ୍କ ନାମକୁ ନେଇ ତାଙ୍କୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅପମାନିତ କରିବା ଭଳି କୁହାଯାଉଛି ଏବଂ ତାହା ସେ ଆଦୌ ସ୍ୱୀକାର କରିବେ ନାହିଁ ।

ଉଲ୍ଲେଖଯୋଗ୍ୟ ଯେ ସଂସଦପାଇଁ ନିର୍ବାଚନ ପୂର୍ବରୁ ଉପସ୍ଥାପିତ ଘୋଷଣା ପତ୍ରରେ ଶ୍ରୀମତି ବଚ୍ଚନ ନିଜ ନାଁ ଜୟା ଅମିତାଭ ବଚ୍ଚନ ବୋଲି ଲେଖିଥିଲେ । ତେଣୁ ତାଙ୍କୁ ସମ୍ବୋଧନ କରିବା ସମୟରେ ସେହି ନାମରେ ସମ୍ବୋଧନ କରାଗଲା ପରେ ସେ ଉତ୍ୟକ୍ତ ହୋଇ କହିଲେ, ମୋତେ କେବଳ ଜୟା ବଚ୍ଚନ ବୋଲି ସମ୍ବୋଧନ କରିଲେ ବି ଚଳିବ । ସେତେବେଳେ ସଭାପତି ମନ୍ତବ୍ୟ ଦେଇଥିଲେ ଯେ ଯଦି ଆପଣଙ୍କ ନାଁକୁ ନେଇ ଆପଣଙ୍କୁ ଆପତ୍ତି ଅଛି ତା ହେଲେ ଆପଣ ବ୍ୟକ୍ତିଗତ ମୁଚାଲିକା ଦେଇ ଅଦାଲତରୁ ନିଜ ନାମ ପରିବର୍ତ୍ତନ ପାଇଁ ଆବେଦନ କରି ପାରିବେ । ଏଥିରେ ସେ ଉତ୍ୟକ୍ତ ହୋଇଯାଇଥିଲେ । କହିଲେ ଆପଣ ଯେଉଁଭଳି କଣ୍ଠରେ ଏହି କଥ କହୁଛନ୍ତି ତାହା ସ୍ୱୀକାର୍ଯ୍ୟ ନୁହେଁ । ଆପଣ ଏଠାରେ ସଭାପତି ହୋଇ ପାରନ୍ତି କିନ୍ତୁ ମୁଁ ମଧ୍ୟ ଏହି ଗୃହର ଜଣେ ସଦସ୍ୟା ତେଣୁ ଆପଣ ମୋତେ ଏହିଭଳି ବ୍ୟବହାର କରି ପାରିବେ ନାହିଁ ।

ସଭାପତି ଧନକର ଏହାପରେ ମନ୍ତବ୍ୟ ଦେଇଥିଲେ ଯେ ସେ ସଭା ଗୃହର ନିୟମ ବିଷୟରେ ସଚେତନ ହେବା ଉଚିତ । ସେ ଜଣେ କଳାକାର କିମ୍ବା ପ୍ରତିଷ୍ଠିତ ବ୍ୟକ୍ତି ହୋଇ ପାରନ୍ତି, କିନ୍ତୁ ଏହି ଗୃହରେ ସେ ଜଣେ ସଦସ୍ୟା ଏବଂ ଗୃହର ସବୁ ନିୟମ ସେ ମାନିବାକୁ ବାଧ୍ୟ । ଏହାପରେ ବିପକ୍ଷ ଦଳ ସଦସ୍ୟମାନେ ଗୃହରେ ଉଚ୍ଚସ୍ୱରରେ ବିରୋଧ କରିବାପରେ ସଭାପତି କ୍ରୋଧିତ ହୋଇଯାଇଥିଲେ । ଏବଂ କହିଥିଲେ ଯେ ଆପଣ ଜଣେ କଳାକାର ଏବଂ କଳାକାରଙ୍କୁ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶରେ କାମ କରିବାକୁ ହୁଏ । ଆପଣଙ୍କୁ ଥରେ କହିବା ସତ୍ତ୍ୱେ ଆପଣ ନିର୍ଦ୍ଦେଶକଙ୍କ କଥାକୁ ଅବମାନନା କରୁଛନ୍ତି । ଏହାପରେ ଶ୍ରୀମତି ବଚ୍ଚନଙ୍କ ସମେତ ବିପକ୍ଷ ଦଳର ସଦସ୍ୟମାନେ ଗୃହତ୍ୟାଗ କରି ଚାଲିଯାଇଥିଲେ ।

ବଙ୍ଗଳାଦେଶରେ ଏକ ନୂତନ ଘଟଣାକ୍ରମରେ ଦେଶବ୍ୟାପୀ ହିନ୍ଦୁମାନଙ୍କ ଆନ୍ଦୋଳନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆରମ୍ଭ ହୋଇଛି । ଅନେକ ସ୍ଥାନରେ ହିନ୍ଦୁମାନେ ଏକତ୍ରିତ ହୋଇ ନିଜ ଶକ୍ତି ପ୍ରଦର୍ଶନ କରିଛନ୍ତି । ସେମାନେ ନବଗଠିତ ସଂସଦରେ ଦଶ ପ୍ରତିଶତ ପ୍ରତିନିଧିତ୍ୱପାଇଁ ଦାବୀ କରିବା ସହ ସୁରକ୍ଷା ଗ୍ୟାରେଣ୍ଟି ପାଇଁ ମଧ୍ୟ ଦାବୀ କରୁଛନ୍ତି । ଏହି ଆନ୍ଦୋଳନରେ ଲକ୍ଷାଧିକ ହିନ୍ଦୁ ଏକତ୍ରିତ ହୋଇ ଜୟ ମା କାଳୀ, ଜୟ ଶ୍ରୀ ରାମ ଓ ହରେ କୃଷ୍ଣ ଭଜନ ସହ ପ୍ରତିବାଦ କରିଛନ୍ତି ।

ବିଗତ ମାସରେ ଜିଓ ଏବଂ ଏୟାରଟେଲ୍ ଦ୍ୱାରା ସେବା ଶୁଳ୍କ ବୃଦ୍ଧିପରେ ରାଷ୍ଟ୍ରାୟତ୍ତ ଭାରତ ସଞ୍ଚାର ନିଗମ ଲିମିଟେଡ୍ ବା ବିଏସଏନଏଲର ଚାହିଦା କାହିଁରେ କଣ ବୃଦ୍ଧି ପାଇବାକୁ ଲାଗିଛି । ଅନେକ ଲୋକ ଏବ ନିଜ ମୋବାଇଲ୍ ନମ୍ବର ବିଏସଏନଏଲକୁ ପୋର୍ଟ୍ କରାଉଛନ୍ତି । ଏହି ସମୟରେ ବିଏସଏନଏଲ ତରଫରୁ ଦେଶବ୍ୟାପୀ ୪ଜି ଏବଂ ୫ଜି ସେବା ଆରମ୍ଭ କରାଯିବା କଥା ଶୁଣିବାକୁ ମିଳୁଛି ।

ଖୁବ ଶୀଘ୍ର ନୂଆ ସେବା ସହ ନୂଆ ସିମ୍ ଏବଂ ଅନ୍ୟାନ୍ୟ ସୁବିଧା ସବୁକୁ ଉପଲବ୍ଧ କରାଇ ଦିଆଯିବ ବୋଲି କୁହାଯାଉଛି । ଶୁଣାଯାଉଛି ଯେ ଅଗଷ୍ଟ ପନ୍ଦର ତାରିଖରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏହି ସେବାର ଘୋଷଣା କରି ପାରନ୍ତି ।

ଦେଶବ୍ୟାପୀ ବିଭିନ୍ନ ରାଜ୍ୟର ଲୋକମାନେ ଭିନ୍ନ ଭିନ୍ନ ସମସ୍ୟାକୁ ନେଇ ଜୁଝୁଥିବା ବେଳେ ଓଡ଼ିଶାବାସୀ ଏବେ ପନିପରିବାର ଦରକୁ ନେଇ ଅଯଥା ହଇରାଣ ହେଉଛନ୍ତି । ବିଶେଷ କରି ଆଳୁ । ଆଳୁ ଏକ ନିତିଦିନିଆ ପରିବା ଯାହାର ବିନା ସାଧାରଣ ପରିବାରର ଗୁଜୁରାଣ ମେଣ୍ଟେଇବା ଅସମ୍ଭବ । ପ୍ରାୟତଃ ଦଶରୁ କୋଡ଼ିଏ ଟଙ୍କାରେ ମିଳୁଥିବା ଆଳୁ ଏବେ ଷାଠିଏ ଟଙ୍କାରେ ବିକ୍ରୀ ହେଉଛି । ଏହା ସାଧାରଣ ଖାଉଟିର ପକେଟ ଉପରେ ଜବରଦସ୍ତ ଆଘାତ କରୁଛି । ପୁଣି ସବୁ ସ୍ଥାନରେ ଆଳୁ ମିଳୁନାହିଁ ।

ଓଡ଼ିଶାରେ ଭାଜପା ସରକାର ସ୍ଥାପନ ହେବାପରେ ପଶ୍ଚିମବଙ୍ଗ ସରକାର ଜାଣିଶୁଣି ଆଳୁ ପଠାଇବାକୁ ବନ୍ଦ କରି ଦେଇଛନ୍ତି । ଖବର ମିଳୁଛି ଯେ ପଶ୍ଚିମବଙ୍ଗରୁ ପ୍ରତିଦିନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆସୁଥିବା ଆଳୁ ଟ୍ରକ ସବୁକୁ ଅନ୍ୟ ଦିଗରେ ମୁହାଇଁ ଦିଆଯାଉଛି । ଏପରିକି ଓଡ଼ିଶା ପଶ୍ଚିମବଙ୍ଗ ସୀମାରେ ପହଞ୍ଚିଥିବା ଆଳୁ ଟ୍ରକ ଆଦିକୁ ମଧ୍ୟ ପଶ୍ଚିମ ବଙ୍ଗ ସରକାର ଜୋରଜବରଦସ୍ତି ଫେରାଇ ନେଇଛନ୍ତି । ଏହାପରେ ଓଡ଼ିଶା ବଜାରରେ କୃତ୍ରିମ ଅଭାବ ଦେଖା ଦେଇଛି । ଯେଉଁ ବ୍ୟବସାୟୀମାନେ ଆଳୁ ଗଚ୍ଛିତ କରି ରଖିଥାନ୍ତି ସେମାନେ ଏବେ ଚଢ଼ା ଦରରେ ଆଳୁ ବିକ୍ରୀ କରୁଛନ୍ତି ।

ହେଲେ ଆଳୁ ସିନା ଅନ୍ୟ ରାଜ୍ୟରୁ ଆସୁଛି ବୋଲି ଆମେ ନିର୍ଭରଶୀଳ ହୋଇ ପଡୁଛେ, କିନ୍ତୁ ଅନ୍ୟ ସମସ୍ତ ସବୁଜ ପରିବା ଦର ଆକାଶ ଛୁଆଁ ହୋଇ ଯାଇଛି । କାକୁଡ଼ି, ତୋରଡ଼ା, ଜହ୍ନି, ଦେଶୀ ପୋଟଳ, କଟକି ପୋଟଳ ଆଦି ପରିବା ଷାଠିଏରୁ ଅଶୀ ଟଙ୍କା ପ୍ରତି କିଲୋ ମିଳୁଥିବା ବେଳେ ଫୁଲ କୋବି ନବେ ଟଙ୍କା, କାଙ୍କଡ଼ ଦୁଇଶହ, ବିନ୍ସ୍ ଦୁଇଶହ, ସଜନା ଛୁଇଁ ଦେଢ଼ ଶହରେ ବିକ୍ରୀ ହେଉଛି । ନୂଆ ସରକାର କାର୍ଯ୍ୟଭାର ଗ୍ରହଣ କରିବା ପରେ ପରିସ୍ଥିତିରେ କିଛି ସୁଧାର ଆସିବ ବୋଲି ଯେଉଁ ଆଶା କରାଯାଉଥିଲା, ଏହିଭଳି ବଜାର ଦର ଦେଖିବାପରେ ଅନେକେ ହତୋତ୍ସାହିତ ହୋଇ ଯାଉଛନ୍ତି । ନୂଆ ସରକାର ଦରଦାମ ନିୟନ୍ତ୍ରିତ କରିବାକୁ ଅକ୍ଷମ ବୋଲି ସୋସିଆଲ୍ ମିଡ଼ିଆରେ ପୋଷ୍ଟ ସବୁ ଦେଖାଗଲାଣି ।

ସରକାର ଅନ୍ୟ ରାଜ୍ୟମାନଙ୍କରୁ ଆଳୁ ଆଣିବା ପାଇଁ କଥାବାର୍ତ୍ତା କରିବା ପରେ ଉତ୍ତରପ୍ରଦେଶ, ପଞ୍ଜାବ ଓ ହରିୟାନା ଆଦି ରାଜ୍ୟରୁ ଆଳୁ ଆସିବ ବୋଲି ଶୁଣାଯାଉଛି, କିନ୍ତୁ ଏତେ ଦୂରରୁ ଆସୁଥିବା ପରିବା ଉପରେ ପରିବହନ ଖର୍ଚ୍ଚ ପଡ଼ିଲେ ଦର କମ ହେବା ଭଳି କୌଣସି ସଙ୍କେତ ମିଳୁନାହିଁ । ଏଣେ ଶ୍ରାବଣ ମାସ ବୋଲି ଅନେକ ପରିବାର ସାଧା ନିରାମିଷ ଭୋଜନ ଉପରେ ନିର୍ଭର କରୁଥିବା ବେଳେ ପନିପରିବାର ଆକାଶ ଛୁଆଁ ଦରବୃଦ୍ଧି ସେମାନଙ୍କୁ ନିରାଶ କରୁଛି ।

ଓଡ଼ିଶାରେ ଶୀତଳ ଭଣ୍ଡାରର ଅଭାବ, ପନିପରିବା ଚାଷ ପ୍ରତି ଚାଷୀମାନଙ୍କ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦୃଷ୍ଟିକୋଣକୁ ଦେଖିଲେ ଏହିଭଳି ପରିସ୍ଥିତି ପାଇଁ ସରକାରୀ ଉଦାସୀନତା ହିଁ ଦାୟୀ ବୋଲି କହି ହେବ । ଆମକୁ ଭବିଷ୍ୟତରେ ଏହିଭଳି ପରିସ୍ଥିତିର ସମ୍ମୁଖୀନ ନ ହେବାପାଇଁ ସୁଦୃଢ଼ ପଦକ୍ଷେପ ନେବାକୁ ହେବ ।

ବର୍ତ୍ତମାନ ସମଗ୍ର ଦେଶରେ କାଉଡ଼ିଆ ମାନଙ୍କ ପ୍ରାବଲ୍ୟତା ଦେଖିବାକୁ ମିଳୁଛି । ବର୍ଷପରେ ବର୍ଷ ଲୋକମାନଙ୍କ ଆସ୍ଥା ବୃଦ୍ଧି ପାଇବାକୁ ଲାଗିଛି । ଅସଂଖ୍ୟ ଯୁବକ ଯୁବତୀ ସମେତ ବୟସ୍କ ଲୋକମାନେ ମଧ୍ୟ ବୋଲ ବମରେ ଅଂଶ ଗ୍ରହଣ କରୁଥିବା ଦେଖିବାକୁ ମିଳୁଛି । ରାଜ୍ୟର ଅଧିକାଂଶ ଜଳାଶୟ ଓ ନଦୀ ପଠାରେ ରବିବାର ଦିନ ଅସଂଖ୍ୟ କାଉଡ଼ିଆ ଏକତ୍ରିତ ହୋଇ ଜଳ ଉଠାଉଥିବା ଦୃଶ୍ୟ ଦେଖିଲେ, ଲୋକଙ୍କ ମନରେ ଥିବା ଭକ୍ତିଭାବନାର ନିଦର୍ଶନ ମିଳୁଛି । କୋଭିଡ଼ ପରବର୍ତ୍ତୀ ସମୟରେ ଲୋକମାନେ ଅଧିକ ଭଗବତ୍ ଆସ୍ଥା ଆଡ଼କୁ ଢଳୁଥିବା ଦେଖିବାକୁ ମିଳୁଛି । ଏକଦା ଓଡ଼ିଶାରେ କାଉଡ଼ିଆ ଦେଖା ଯାଉନଥିବା ବେଳେ ଏବେ ଏହାକୁ ନେଇ ଏକ ବିଶାଳ ବ୍ୟବସାୟୀ ଗୋଷ୍ଠୀ ମୁଣ୍ଡ ଟେକିଛନ୍ତି । ବିଭିନ୍ନ ପ୍ରକାରର ବେଶ ପୋଷାକ, କାଉଡ଼ି ବାଡ଼ି, ଢାଲ୍ ଆଦି ପଦାର୍ଥ ବଜାରରେ ଦେଖିବାକୁ ମିଳୁଛି । ଛୋଟ ଛୋଟ ପିଲାମାନେ ମଧ୍ୟ ଏଥିରେ ଅଂଶ ଗ୍ରହଣ କରୁଥିବା ଦେଖିବାକୁ ମିଳୁଛି ।

ବିଗତ ମାସର ଆଉ ଏକ ଚର୍ଚ୍ଚିତ ଖବର ଥିଲା, ଦିଲ୍ଲୀରେ ଅତ୍ୟଧିକ ବର୍ଷା ହେତୁ ହୋଇଥିବା ବନ୍ୟାରେ ଅଧିକାଂଶ ତଳୁଆ ଅଂଚଳ ବୁଡ଼ି ଯାଇଥିବା ବେଳେ ଦିଲ୍ଲୀର ପ୍ରମୁଖ ରାଜେନ୍ଦ୍ର ନଗର ଅଞ୍ଚଳରେ ଏହି ଜଳ ତଳୁଆ ଥିବା ଘର ଭିତରେ ପଶିବା ଫଳରେ ପ୍ରତିଯୋଗୀତା ପରିକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ତିନିଜଣ ଛାତ୍ରଛାତ୍ରୀ ପ୍ରାଣ ହରାଇଥିଲେ । ସୂଚନାଯୋଗ୍ୟ ଯେ ଅତ୍ୟଧିକ ବର୍ଷା ହେତୁ ରାସ୍ତାଘାଟରେ ପାଣି ଜମା ହୋଇ ଯାଇଥିଲା । ଏହାପରେ ସେହି ରାସ୍ତାରେ ଯାଉଥିବା ଗୋଟିଏ ଚାରି ଚକିଆ ଯାନ ସେହି ପାଣିରେ ଫଶିଯିବା ପରେ ରାସ୍ତା ଉପରର ଜଳ, ତଳୁଆ ଥିବା କିଛି କୋଠାରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରବେଶ କରିଥିଲା । ରାଜେନ୍ଦ୍ର ନଗର ହେଉଛି ଦିଲ୍ଲୀର ଏକ ପ୍ରମୁଖ ଅଂଚଳ ଯେଉଁଠାରେ ଅନେକ ପ୍ରତିଯୋଗୀତା ପାଇଁ ଉଦ୍ଦିଷ୍ଟ ଶିକ୍ଷାକେନ୍ଦ୍ର ରହିଛି । ଭାରତର ପ୍ରାୟ ଅଧିକାଂଶ ବଡ଼ ବଡ଼ ଏକାଡେମୀର ଅଫିସ ଏହି ଅଞ୍ଚଳରେ ରହିଛି । ଭାରତର କୋଣ ଅନୁକୋଣରୁ ଛାତ୍ରଛାତ୍ରୀମାନେ ଏଠାରେ ରହି ପ୍ରଶାସନିକ ସେବା ସମେତ ଅନେକ ପ୍ରକାରର ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି । ଏହିଭଳି ସ୍ଥଳରେ ତଳୁଆ ଥିବା ଘରମାନଙ୍କରେ ଗୋଦାମ କରିବା ନିମିତ୍ତ ଅନୁମତି ମିଳିଥିବା ସତ୍ତ୍ୱେ ଏହି ଅନୁଷ୍ଠାନ ମାନେ ସେଠାରେ ଲାଇବ୍ରେରୀ ସ୍ଥାପନ କରି ଛାତ୍ରଛାତ୍ରୀଙ୍କୁ ସେବା ଯୋଗାଇ ଦେଇ ଆସୁଛନ୍ତି । ଘଟଣା ଦିନ ମଧ୍ୟ ସେହିଭଳି ଗୋଟିଏ ଲାଇବ୍ରେରୀରେ ଏକତ୍ରିତ୍ ହୋଇଥିବା ଛାତ୍ରଛାତ୍ରୀ ମାନେ ଅପ୍ରତ୍ୟାଶିତ ଭାବରେ ପଶି ଆସିଥିବା ପାଣିରେ ବାହାରକୁ ବାହାରିବାକୁ ଅକ୍ଷମ ହୋଇଥିଲେ ଏବଂ ଏଥିରେ ତିନିଜଣ ଛାତ୍ରଛାତ୍ରୀଙ୍କ ମୃତ୍ୟୁ ହୋଇଥିଲା । ଏହାପରେ, ଯେମିତି ଆମ ଦେଶରେ ପ୍ରାୟତଃ ହୁଏ, ଏହି ଘଟଣାକୁ ନେଇ ପରସ୍ପରକୁ ନିନ୍ଦା ଆରୋପ କରିବାର ପ୍ରକ୍ରିୟା ଆରମ୍ଭ ହୋଇଗଲା । ଦିଲ୍ଲୀରେ ଶାସନ କରୁଥିବା ଆମ୍ ଆଦମୀ ପାର୍ଟି ଏହି ଘଟଣାର ନୈତିକ ଦାୟିତ୍ୱ ନେବା ପରିବର୍ତ୍ତେ ଏହାକୁ ଭାଜପାର ଭୁଲ ବୋଲି ଦେଖାଇବାକୁ ଯାଇ ରାସ୍ତାଘାଟରୁ ଆରମ୍ଭ କରି ସଂସଦ ପର୍ଯ୍ୟନ୍ତ ହୋହଲ୍ଲା କରିଥିଲେ । ଅବଶ୍ୟ ଏହି ଅଞ୍ଚଳର ବିଧାୟକ ଏବଂ କର୍ପୋରେଟର୍ ଉଭୟ ଆମ୍ ଆଦମୀ ପାର୍ଟିର ହୋଇଥିବ ସତ୍ତ୍ୱେ, ଯେହେତୁ ଏହି ସବୁ କୋଠା ଭାଜପା ଶାସନ କରୁଥିବା ସମୟରେ ନିର୍ମାଣ ହୋଇଥିଲା, ତେଣୁ ଏହି ଘଟଣାରେ ଭାଜପା ଦାୟୀ ବୋଲି ଦାବୀ କରିଥିଲେ । କିଛି ମାସ ପୂର୍ବରୁ ହିଁ ଏକ ପ୍ରମୁଖ ଗଣମାଧ୍ୟମକୁ ସାକ୍ଷାତକାର ଦେଇ ସ୍ଥାନୀୟ ବିଧାୟକ ଏବଂ କର୍ପୋରେଟର୍ ଜଣାଇଥିଲେ ଯେ ଆମ୍ ଆଦମୀ ପାର୍ଟି ଅଧୀନରେ ଏହି ଅଞ୍ଚଳରେ କେତେ ଉନ୍ନତି ହୋଇଛି, କିଭଳି ସବୁ ନାଳକୁ ସଫା କରାଯାଇଛି ଇତ୍ୟାଦି । ପରେ ଏହି ଘଟଣା ଘଟିଥିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏହି ଅଞ୍ଚଳରେ ବ୍ୟବସାୟ କରୁଥିବା ଅନେକ ପ୍ରମୁଖ ଶିକ୍ଷାନୁଷ୍ଠାନ ଏହି ମାମଲାରେ ନିରବତା ଅବଲମ୍ବନ କରୁଥିବା ଦେଖି ସୋସିଆଲ୍ ମେଡ଼ିଆରେ ବହୁତ ସମାଲୋଚନା ହୋଇଥିଲା । ଏହାପରେ ସେହି ଅନୁଷ୍ଠାନ ମାନଙ୍କ ତରଫରୁ ମୃତକ ମାନଙ୍କ ପରିବାରକୁ ଆର୍ଥିକ ସହାୟତା ଦିଆଯିବା କଥା କୁହାଯାଇଛି । ତଥାପି ବିପଦସଂକୁଳ ଅବସ୍ଥାରେ ଛାତ୍ରଛାତ୍ରୀମାନଙ୍କୁ ରଖାଇ ସେମାନଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ବିଷୟରେ ଚିନ୍ତା ନ କରି ଯେଉଁଭଳି ବ୍ୟାପାରିକ ପରିବେଶ ସୃଷ୍ଟି କରାଯାଇଛି, ତାହା ବାସ୍ତବରେ ଅତ୍ୟନ୍ତ ଦୟନୀୟ ସ୍ଥିତିକୁ ଦର୍ଶାଉଛି ।

ସଦ୍ୟପ୍ରାପ୍ତ ଖବର ଅନୁସାରେ ଦିଲ୍ଲୀ ମଦ ବ୍ୟାପାର ମାମଲାରେ ଜେଲରେ ଗତ ସତର ମାସରୁ ଥିବା ତଦନ୍ତାଧୀନ ମନିଷ ଶିଶୋଦିଆଙ୍କୁ ସୁପ୍ରିମ୍ କୋର୍ଟ୍ ଜାମିନ ଦେଇଛନ୍ତି । ଏତେ ଦିନ ଜେଲରେ ରହିବା ସତ୍ତ୍ୱେ ଏହି ମାମଲାରେ କୌଣସି ଅଗ୍ରସର ନ ହେବାର ଦେଖି ସୁପ୍ରିମ୍ କୋର୍ଟ୍ ଏହି ନିର୍ଦ୍ଦେଶ ଦେଇଛନ୍ତି । ବର୍ତ୍ତମାନ ଦିଲ୍ଲୀ ମଦ ମାମଲାରେ କେବଳ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିବାଲ୍ ହିଁ ଜେଲରେ ଅଛନ୍ତି ।

ଚଳିତ ବର୍ଷ ନିର୍ବାଚନ ପରେ ଭାଜପା ତୃତୀୟ ଥର ଶାସନରେ ଆସିବା ପରେ ଉପସ୍ଥାପନ ହୋଇଥିବା ସର୍ବସାଧାରଣ ବଜେଟ୍ ଅନେକ ଲୋକଙ୍କୁ ନିରାଶ କରିଛି । ବିଶେଷକରି ଏଥିରେ ଆୟକରକୁ ନେଇ ଯେଉଁ ସବୁ ପ୍ରାବଧାନ କରାଯାଇଛି, ତାହାକୁ ଦେଖି ଭାରତର ଚାକିରୀ ପେଷା ମଧ୍ୟମ୍ ବର୍ଗ ଅତ୍ୟନ୍ତ ନିରାଶ ହୋଇଛନ୍ତି । ଯେତେବେଳେ କି ସମସ୍ତେ ଆଶା କରୁଥିଲେ ଆୟକରରେ କିଛି ରିହାତି ମିଳିବ, ସେହି ସମୟରେ କିନ୍ତୁ କୌଣସି ରିହାତି ମିଳିନାହିଁ । ତେଣେ ବଙ୍ଗଳାଦେଶରେ ହିନ୍ଦୁ ମାନଙ୍କ ଉପରେ ହେଉଥିବା ଅତ୍ୟାଚାରର ଭିଡ଼ିଓ ସୋସିଆଲ୍ ମିଡ଼ିଆରେ ପ୍ରସାରିତ ହେଉଥିବା ବେଳେ ଭାରତରେ ଶାସନ କରୁଥିବା ଭାଜପା ସରକାର ଏହାକୁ ବନ୍ଦ କରିବା ପାଇଁ କୌଣସି ପଦକ୍ଷେପ ନ ନେବା ଅନେକଙ୍କୁ ନିରାଶ କରିଛି । ସ୍ୱାସ୍ଥ୍ୟ ବୀମା ଭଳି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅତ୍ୟାବଶ୍ୟକ ସେବାରେ ମଧ୍ୟ ଅତ୍ୟଧିକ ଜିଏସଟି କର ଲାଗୁ କରିଥିବା ହେତୁ ସରକାରଙ୍କୁ ନିନ୍ଦା କରାଯାଉଛି ।

ଆଶା କରୁଛି ଚଳିତ ମାସର ଆହ୍ୱାନର ଏହି ସଂସ୍କରଣ ଆପଣମାନଙ୍କୁ ଭଲ ଲାଗିବ । ସବୁବେଳ ପରି ନିଜର ସହଯୋଗ ଜାରୀ ରଖିବେ । ନିଜେ ପଢ଼ିବେ ଏବଂ ନିଜ ବନ୍ଧୁମାନଙ୍କୁ ପଢ଼ିବା ପାଇଁ ପ୍ରେରିତ କରିବେ । ଧନ୍ୟବାଦ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା - ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ପୋଡ଼କାଷ୍ଟ

ଆହ୍ୱାନ ଓଡ଼ିଆ ଇ-ପତ୍ରିକା ଆନୁକୂଲ୍ୟରେ ପ୍ରକାଶିତ ହେଉଛି Odia Podcast Original, ପୋଡ଼କାଷ୍ଟ ଚାନେଲ୍ । ଏଥିରେ ଓଡ଼ିଆ ଭାଷାରେ, ଗଳ୍ପ, କବିତା, ପ୍ରବନ୍ଧ ସମେତ ଅନେକ ବିଷୟରେ କାର୍ଯ୍ୟକ୍ରମମାନ ଉପସ୍ଥାପନ କରାଯାଇଛି । ଆମ ପୋଡ଼କାଷ୍ଟ ପ୍ରସାରଣ ଆମାଜନ୍, ଆପଲ୍, ସ୍ପଟିଫାଇ ଇତ୍ୟାଦି ସମସ୍ତ ପୋଡ଼କାଷ୍ଟ ଡାରେକ୍ଟରୀ ମାନଙ୍କରେ ଦେଖିବାକୁ ମିଳେ ।

ଏହା ଆପଣ ଆମର ୟୁଟ୍ୟୁବ୍ ଚାନେଲରେ ମଧ୍ୟ ଶୁଣିପାରିବେ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com




ଆପଣ ଶୁଣୁଛନ୍ତି, ଶ୍ରୀମଦ୍ ବାଲ୍ମିକୀ ରାମାୟଣର ଓଡ଼ିଆ ଭାଷାରେ ଅନୁବାଦ ।

ଶ୍ରୀମଦ୍ ବାଲ୍ମିକୀ ରାମାୟଣରେ ସମୁଦାୟ ସାତଟି ବିଶାଳ ଖଣ୍ଡ ବା କାଣ୍ଡ ରହିଛି, ସେ ସବୁ ହେଉଛି ବାଳକାଣ୍ଡ, ଅଯୋଧ୍ୟାକାଣ୍ଡ, ଅରଣ୍ୟକାଣ୍ଡ, କିଷ୍କିନ୍ଧ୍ୟା କାଣ୍ଡ, ସୁନ୍ଦରକାଣ୍ଡ, ଯୁଦ୍ଧ କାଣ୍ଡ ଏବଂ ଉତ୍ତରାକାଣ୍ଡ । ପ୍ରତ୍ୟେକ ଖଣ୍ଡରେ ରହିଛି ଅନେକ ସର୍ଗ ବା ଅଧ୍ୟାୟ ଏବଂ ପ୍ରତ୍ୟେକ ଅଧ୍ୟାୟରେ ରହିଛି ଅଗଣିତ ଶ୍ଳୋକ ।

ସହଜରେ ବୁଝିବା ପାଇଁ ଆମେ ପ୍ରତ୍ୟେକ ଶ୍ଳୋକକୁ ଗୋଟିଏ ଗୋଟିଏ କରି ବୁଝିବାକୁ ଚେଷ୍ଟା କରିବା । ଯଦିଓ ଶ୍ଳୋକ ସବୁ ଦୁଇ ଧାଡ଼ିର ହୋଇଥାଏ, କିନ୍ତୁ ସ୍ଥଳ ବିଶେଷରେ ଏହା ଦୁଇରୁ ଅଧିକ ମଧ୍ୟ ହୋଇପାରେ । ତେଣୁ ପ୍ରତ୍ୟେକ ଧାଡ଼ିକୁ ଆମେ ସରଳତା ଦୃଷ୍ଟିରୁ ନାମକରଣ କରିବା ଯଥା କ, ଖ, ଗ ଇତ୍ୟାଦି ।

ଆମେ ଯେତେବେଳେ ବି କୌଣସି ଶ୍ଳୋକକୁ ବୁଝିବାକୁ ଚେଷ୍ଟା କରିବା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେତେବେଳେ ଆମେ ଶ୍ଳୋକ ସଂଖ୍ୟା ସହିତ ଯଦି ଏଥିରେ ପୂର୍ବବର୍ତ୍ତୀ କିମ୍ବା ପରବର୍ତ୍ତୀ ଶ୍ଳୋକର ଅଂଶ ରହିଥାଏ ତାହେଲେ ସେହିଭଳି ସ୍ଥାନରେ ଶ୍ଳୋକର ଧାଡ଼ିକୁ ମଧ୍ୟ ଜଣାଇବା । ଯଥା ଶ୍ଳୋକ ସଂଖ୍ୟା ଛଅ କହିଲେ, ଛଅ ସଂଖ୍ୟକ ଶ୍ଳୋକର ଦୁଇଧାଡ଼ିକୁ ବୁଝାଯିବ । କିନ୍ତୁ ବେଳେ ବେଳେ ଆମେ ଶ୍ଳୋକ ସଂଖ୍ୟା ପାଞ୍ଚ ଖ ଏବଂ ଛଅ କ ବୋଲି ମଧ୍ୟ କହିବା, ସେହିଭଳି ସ୍ଥାନରେ ଆପଣ ବୁଝିବେ ଯେ ପଞ୍ଚମ ଶ୍ଳୋକର ଦ୍ୱିତୀୟ ଧାଡ଼ି ଏବଂ ଷଷ୍ଠ ଶ୍ଳୋକର ପ୍ରଥମ ଧାଡ଼ିକୁ ନେଇ ଆମେ ବ୍ୟାଖ୍ୟା କରୁଛୁ ।

ସମ୍ପୂର୍ଣ୍ଣ ବାଲ୍ମିକୀ ରାମାୟଣରେ ଚବିଶି ହଜାରରୁ ଅଧିକ ଶ୍ଳୋକ ରହିଛି । ଆମେ ପ୍ରଥମେ ବାଲ୍ମିକୀ ରାମାୟଣର ବାଳକାଣ୍ଡକୁ ସହଜରେ ବୁଝିବାକୁ ଚେଷ୍ଟା କରିବା । ଆପଣ ବାଲ୍ମିକୀ ରାମାୟଣର ପୁସ୍ତକ, ବହି ଦୋକାନରୁ କ୍ରୟ କରି ଆମର ଏହି ପୋଡ଼କାଷ୍ଟ ସହ ଅଧ୍ୟୟନ କରି ପାରିବେ । ଗୀତା ପ୍ରେସ୍ ଅନୁଷ୍ଠାନ ଦ୍ୱାରା ମଧ୍ୟ ବାଲ୍ମିକୀ ରାମାୟଣର ପୁସ୍ତକ ସଂସ୍କରଣ ଉପଲବ୍ଧ ରହିଛି ଯାହା ଆପଣ ନିକଟସ୍ଥ ପୁସ୍ତକ ଭଣ୍ଡାରରୁ ପାଇ ପାରିବେ । ଯଦି ଅନଲାଇନ୍ ସଂସ୍କରଣ ଚାହୁଁଛନ୍ତି ତାହେଲେ ବାଲ୍ମିକୀରାମାୟଣ ଡଟ୍ ନେଟ୍ ୱେବ୍‌ସାଇଟ୍‌ରେ ମଧ୍ୟ ଏହି ସମସ୍ତ ତଥ୍ୟ ପାଇ ପାରିବେ । ଅବଶ୍ୟ ସେଠାରେ ବାଲ୍ମିକୀ ରାମାୟଣର ଇଂରାଜୀ ଅନୁବାଦ ଆପଣଙ୍କୁ ମିଳିବ, ଯାହା ଆପଣ ଚାହିଁଲେ ନିଃଶୁଳ୍କ ପଢ଼ି ପାରିବେ ।

ଶ୍ରୀମଦ୍ ବାଲ୍ମିକୀ ରାମାୟଣ ଶ୍ରବଣ ଓ ଅଧ୍ୟୟନ ଜୀବନରେ ଅନେକ ସକାରାତ୍ମକ ପରିବର୍ତ୍ତନ ଆଣିଦେବ ଏଥିରେ ସନ୍ଦେହ ନାହିଁ । ଯଦି ଆପଣ ଏହି ପୋଡ଼କାଷ୍ଟକୁ ଶୁଣି ପାରୁଛନ୍ତି ତା ହେଲେ ଆପଣଙ୍କୁ ଅନୁରୋଧ ନିଜର ଧର୍ମପ୍ରାଣ ବନ୍ଧୁମାନଙ୍କୁ ତଥା ବନ୍ଧୁ ପରିଜନଙ୍କୁ ଏହା ଶୁଣିବା ପାଇଁ ପ୍ରେରିତ କରନ୍ତୁ । ସନାତନ ହିନ୍ଦୁ ଧର୍ମର ସର୍ବପ୍ରଥମ ଓ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସର୍ବଶ୍ରେଷ୍ଠ ମହାଗ୍ରନ୍ଥର ଏହି ପୋଡ଼କାଷ୍ଟ ସମସ୍ତଙ୍କ ପାଇଁ ବିଭିନ୍ନ ପୋଡ଼କାଷ୍ଟ ସେବା ସମେତ ୟୁଟ୍ୟୁବରେ ମଧ୍ୟ ଉପଲବ୍ଧ ରହିଛି ।

ଯଦି ଆପଣଙ୍କୁ ଏହି ପୋଡ଼କାଷ୍ଟ ଭଲ ଲାଗୁଥାଏ ଏବଂ ଉପାଦେୟ ମନେ ହୁଏ, ତାହେଲେ ଏହାକୁ ନିଜ ବନ୍ଧୁ ପରିଜନଙ୍କ ସହ ଶେୟାର୍ କରନ୍ତୁ । ରାମାୟଣର ପ୍ରତ୍ୟେକ ଶ୍ଳୋକକୁ ଯେତେ ସମ୍ଭବ ସରଳ ଭାଷାରେ ଉପସ୍ଥାପନ କରିବାକୁ ଆମର ଏହି ଚେଷ୍ଟା ସତ୍ତ୍ୱେ ଯଦି କୌଣସି ଶ୍ଳୋକର ଅର୍ଥ ଆପଣଙ୍କୁ ସହଜରେ ବୁଝାପଡ଼େ ନାହିଁ, ତା ହେଲେ ଆପଣ ଆମର ଇମେଲ୍ ଠିକଣାରେ କିମ୍ବା ହ୍ୱାଟସ୍ଆପ୍ ନମ୍ବରରେ ଯୋଗାଯୋଗ କରି ପାରିବେ ।

ଚାଲନ୍ତୁ ଶୁଣିବା ଶ୍ରୀମଦ୍ ବାଲ୍ମିକୀ ରାମାୟଣର ଓଡ଼ିଆ ଭାଷାରେ ଅନୁବାଦ ।

ସ୍ନେହ, ଶ୍ରଦ୍ଧା ଓ ସମ୍ମାନର ସହ କୁହନ୍ତୁ, ଜୟ ଶ୍ରୀ ରାମ ।

ପୂଣ୍ୟଭୂମି ଭାରତର ସର୍ବପ୍ରଥମ ଓ ସର୍ବଶ୍ରେଷ୍ଠ ମହାକାବ୍ୟ ବା ମହାଗ୍ରନ୍ଥ ଅଟେ, ଶ୍ରୀମଦ ବାଲ୍ମିକୀ ରାମାୟଣ, ଯାହା ଅନୀତିକୁ ନଷ୍ଟ କରି ସତ୍ୟ ଓ ସଦାଚାରର ଯାତ୍ରାକୁ ବର୍ଣ୍ଣନା କରେ । ଏହି ମହାକାବ୍ୟର ମହାନାୟକ ହେଉଛନ୍ତି ପ୍ରଭୂ ଶ୍ରୀରାମ । ତାଙ୍କର ଜୀବନର ଯାତ୍ରା ବା ଅୟାନକୁ ଏହି ଗ୍ରନ୍ଥରେ ବର୍ଣ୍ଣନା କରାଯାଇଛି, ତେଣୁ ଗ୍ରନ୍ଥର ନାମ ହେଉଛି ରାମାୟଣ ।

ମୂଳ ସଂସ୍କୃତ ଭାଷାରେ ଲିଖିତ ଏହି ମହାକାବ୍ୟ ବାଲ୍ମିକୀ ରାମାୟଣର ପ୍ରତ୍ୟେକ ଶ୍ଳୋକର ଶବ୍ଦାର୍ଥ ଓ ସରଳାର୍ଥକୁ ଆମର ଏହି ପୋଡ଼କାଷ୍ଟରେ କ୍ରମାନ୍ୱୟ ଭାବରେ ଅତି ସରଳ ଭାଷାରେ ଉପସ୍ଥାପନ କରିବାର ପ୍ରଚେଷ୍ଟା କରାଯିବ ।

ରାମାୟଣ ଭାରତର ପ୍ରତ୍ୟେକ ପରିବାରରେ ପଢ଼ାଯାଏ ଏବଂ ଶୁଣାଯାଏ । ଏହାର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୂଳ ସଂସ୍କୃତ ସଂସ୍କରଣର ଓଡ଼ିଆ ଭାଷାରେ ଅନୁବାଦ ଓ ଉପସ୍ଥାପନ କରିବି ମୁଁ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ ।

ଯଦି ଆପଣ ଓଡ଼ିଆ ଭାଷାରେ ବାଲ୍ମିକୀ ରାମାୟଣର ପ୍ରତ୍ୟେକ ଶ୍ଳୋକର ଅର୍ଥ ଓ ସରଳାର୍ଥ ସହ ବୁଝିବାକୁ ଏବଂ ଶୁଣିବାକୁ ଚାହୁଁଥାନ୍ତି, ତାହେଲେ ଆମ ଚ୍ୟାନେଲକୁ ସବସ୍କ୍ରାଇବ କରନ୍ତୁ ଏବଂ ଏହାକୁ ନିଜ ଧର୍ମପ୍ରାଣ ବନ୍ଧୁମାନଙ୍କ ସହ ଶେୟାର୍ ବି କରନ୍ତୁ ।

ଖୁବ୍ ଶୀଘ୍ର ଆପଣ ଶୁଣିବାକୁ ପାଇବେ, ମହର୍ଷି ବାଲ୍ମିକୀ କୃତ ରାମାୟଣର ଓଡ଼ିଆ ଭାଷାରେ ପୋଡ଼କାଷ୍ଟର ପ୍ରଥମ ଏପିସୋଡ୍ ।

ଶେଷରେ ଭକ୍ତି, ଶ୍ରଦ୍ଧା ଓ ଗର୍ବର ସହ କୁହନ୍ତୁ, "ଜୟ ଶ୍ରୀ ରାମ" ।

ଶ୍ରୀମଦ ବାଲ୍ମିକୀ ରାମାୟଣ ଭାରତର ଏକ ମହାକାବ୍ୟ ଅଟେ, ଯାହା ଅନୀତିକୁ ନଷ୍ଟ କରି ସତ୍ୟ ଓ ସଦାଚାରର ଯାତ୍ରାକୁ ବର୍ଣ୍ଣନା କରେ । ଏହି ମହାକାବ୍ୟରେ ଶ୍ରୀ ରାମ ନାୟକ ଅଟନ୍ତି ଏବଂ ଅୟାନ ଅର୍ଥ ତାଙ୍କର ଯାତ୍ରାକୁ ବୁଝାଯାଏ । ରାମଙ୍କ ଅୟାନ୍ ଅର୍ଥାତ ରାମଙ୍କ ଯାତ୍ରା । ଆମେ ଭାରତରେ ମାନିଥାଉ ଯେ ଶ୍ରୀ ରାମ ଖ୍ରୀଷ୍ଟପୂର୍ବ ଦଶହଜାର ବର୍ଷରୁ ଊର୍ଦ୍ଧ୍ୱ ତ୍ରେତୟା ଯୁଗରେ ବାସ କରୁଥିଲେ । ବର୍ତ୍ତମାନ ଆମେ ଏଥିପାଇଁ ଅଧିକ ଚିନ୍ତାଶୀଳ ହେବା ଜରୂରୀ ଯେ ଏହି ମହାକାବ୍ୟ ଆମକୁ କଣ ଶିକ୍ଷା ଦିଏ, ଏହା କେବେ ଘଟିତ ହୋଇଥିଲା ସେ ବିଷୟରେ ଚିନ୍ତା କରିବା ଆମପାଇଁ ଧ୍ୟେୟ ନୁହେଁ ।

ଏହି ମହାକାବ୍ୟ ରାମାୟଣ ଏକ ସ୍ମୃତି ଅଟେ ଯାହାର ଅନୁବାଦ "ସ୍ମୃତି" ରୂପରେ କରାଯାଇଛି । ଶ୍ରୀମଦ ବାଲ୍ମିକୀ ରାମାୟଣର ପ୍ରାଚୀନତାକୁ ଦେଖିକରି ଏଥିରେ କିଛି ପ୍ରକ୍ଷେପିତ ଶ୍ଳୋକ ମଧ୍ୟ ରହିଛି । ବେଳେ ବେଳେ ଏହି ଶ୍ଳୋକ ବିରୋଧାଭାସୀ ବି ହୋଇପାରେ । ଯଦ୍ୟପି ବିଦ୍ୱାନ, ବ୍ୟାକରଣବିଦ, ଇତିହାସକାରମାନେ ଭାରତର ବିଭିନ୍ନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଞ୍ଚଳରେ ଉପଲବ୍ଧ ବିଭିନ୍ନ ପାଣ୍ଡୁଲିପିର ଉପସ୍ଥାପନ କରି, ମୂଳ ପାଠକୁ ମାନକୀକୃତ କରିବା ପାଇଁ ବହୁତ ପ୍ରଚେଷ୍ଟା କରିଛନ୍ତି । ଏହିଭଳି ପାଠକୁ ସ୍ଥିର କରିବା ଏବଂ ଆଗକୁ ଏଥିରେ ଥିବା ବିରୋଧାଭାସରୁ ରକ୍ଷା କରିବା ପାଇଁ ପ୍ରଚେଷ୍ଟା କରାଯାଇଛି । ଏହି ପ୍ରଚେଷ୍ଟାର ଏକ ଉଦାହରଣ ହେଉଛି ଶ୍ରୀମଦବାଲ୍ମିକୀ ରାମାୟଣର ଆଲୋଚନାତ୍ମକ ସଂସ୍କରଣ । ଏହି ପାଠର ଉଦ୍ଦେଶ୍ୟ ଶ୍ରୀମଦବାଲ୍ମିକୀ ରାମାୟଣର ବିଭିନ୍ନ ସଂସ୍କରଣ ମାନଙ୍କୁ ଅଧ୍ୟୟନ କରିବା ଏବଂ ରାମାୟଣକୁ ଏକ ଏମିତି ସଂସ୍କରଣରେ ପହଞ୍ଚାଇବା ଯାହା ଆଧୁନିକ ସମୟ ପାଇଁ ସବୁଠାରୁ ଅଧିକ ପ୍ରାସଙ୍ଗିକ ହୋଇପାରିବ ।

ଶ୍ରୀମଦବାଲ୍ମିକୀ ରାମାୟଣ ସଂସ୍କୃତ ଭାଷାରେ ଶ୍ଳୋକ ନାମକ ଛନ୍ଦରେ ଲେଖାଯାଇଛି, ଯାହା ଭାରତର ଏକ ପ୍ରାଚୀନ ଭାଷା ଅଟେ ଏବଂ ଜଟିଳ ଛନ୍ଦକୁ ଅନୁଷ୍ଟୁପ କୁହାଯାଏ । ଏହି ଛନ୍ଦମାନଙ୍କରେ ସର୍ଗ ନାମକ ଅଲଗା ଅଲଗା ଅଧ୍ୟାୟରେ ସମୁହୀକୃତ କରାଯାଇଛି, ଯେଉଁଥିରେ କୌଣସି ବିଶେଷ ଘଟଣା ବିଷୟରେ କୁହାଯାଇଛି । ଏହି ଅଧ୍ୟାୟ ବା ସର୍ଗ ମାନଙ୍କୁ କାଣ୍ଡ ନାମକ ପୁସ୍ତକରେ ସମୁହୀକୃତ କରାଯାଇଛି, ଯେଉଁଠି କାଣ୍ଡର ଅର୍ଥ ଆଖୁ ଦଣ୍ଡାରେ ଥିବା ଅନ୍ତରକାଣ୍ଡ । ଯେଉଁଭଳି ଆଖୁରେ ମଝିରେ ମଝିରେ ଗଣ୍ଠି ଦେଖାଯାଏ, କିନ୍ତୁ ସମ୍ପୂର୍ଣ୍ଣ ଆଖୁଟି ଗୋଟିଏ ଦଣ୍ଡ ଭଳି ରହେ, ଠିକ୍ ସେହିଭଳି କାଣ୍ଡ ଏହି କାହାଣୀର ଏକ ବିଶେଷ ପାଦ ବା କାହାଣୀ କହିବା ସମୟରେ ଏକ ଘଟଣାକୁ ଦର୍ଶାଏ ।

ଏହି ପ୍ରକାରରେ ଶ୍ରୀମଦବାଲ୍ମିକୀ ରାମାୟଣର ସଂରଚନା ଛଅ କାଣ୍ଡ ବା ପୁସ୍ତକରେ ବ୍ୟବସ୍ଥିତ ହୋଇ ରହିଛି ଏବଂ ସେ ସବୁ ହେଉଛନ୍ତି;

୧. ବାଳ ବା ବାଲ୍ୟ କାଣ୍ଡ ବା ଯୁବକ ମାନଙ୍କ ପୁସ୍ତକ, ଏଥିରେ ୭୭ ଅଧ୍ୟାୟ ରହିଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

୨. ଅଯୋଧ୍ୟା କାଣ୍ଡ ବା ଅଯୋଧ୍ୟା ପୁସ୍ତକ, ଏଥିରେ ୧୧୯ ଅଧ୍ୟାୟ ରହିଛି ।
୩. ଅରଣ୍ୟ କାଣ୍ଡ ବା ବନ ପୁସ୍ତକ, ଏଥିରେ ୭୫ ଅଧ୍ୟାୟ ରହିଛି ।
୪. କିଷ୍କିନ୍ଧ୍ୟା କାଣ୍ଡ ବା ପବିତ୍ର ବାନରଙ୍କ ସାମ୍ରାଜ୍ୟ, ଏଥିରେ ୬୭ ଅଧ୍ୟାୟ ରହିଛି ।
୫. ସୁନ୍ଦର କାଣ୍ଡ ବା ସୌନ୍ଦର୍ଯ୍ୟ ପୁସ୍ତକ, ଏଥିରେ ୬୮ ଅଧ୍ୟାୟ ରହିଛି ।
୬. ଯୁଦ୍ଧ କାଣ୍ଡ ବା ଯୁଦ୍ଧ ପୁସ୍ତକ, ଏଥିରେ ୧୨୮ ଅଧ୍ୟାୟ ରହିଛି ।

ରାମାୟଣର ମୂଳ ପାଠକୁ ସ୍ଥିର କରୁଥିବା ସମୟରେ ଇତିହାସକାର ମାନେ ଅନୁମାନ କରୁଥିଲେ ଯେ ଏହା ଦୁଇଟି ପୁସ୍ତକର ଅଂଶ ଅର୍ଥାତ ପୁସ୍ତକ ଏକ ବା ବାଳ କାଣ୍ଡ ଏବଂ ପୁସ୍ତକ ସାତ ବା ଉତ୍ତର ରାମାୟଣ, ଯାହା ଉପରୋକ୍ତ ସୂଚୀରେ ନାହିଁ, ଏବଂ ତାହା ପରେ ରାମାୟଣରେ ଯୋଡ଼ା ଯାଇଛି । ରାମାୟଣର ପ୍ରଥମ ଏବଂ ଶେଷ ପୁସ୍ତକ ପରେ ଯୋଡା ଯାଇଛି । ପୁସ୍ତକ ଦୁଇରୁ ଛଅ ପର୍ଯ୍ୟନ୍ତ ସବୁଠାରେ ରାମଙ୍କୁ ଏକ ଆଦର୍ଶ ନାୟକ ଭାବରେ ଦର୍ଶାଯାଇଛି । ପୁସ୍ତକ ଏକ ଏବଂ ସାତରେ ରାମଙ୍କୁ ଜଣେ ଅବତାର ପୁରୁଷ ବା ଭଗବାନ ବିଷ୍ଣୁଙ୍କ ଅବତାର ଭାବରେ ଦର୍ଶା ଯାଇଛି । ଏହି ମହାକାବ୍ୟକୁ ଏକ ବୈଷ୍ଣବ ପାଠରେ ପରିଣତ କରିବାର ଚେଷ୍ଟା କରାଯାଇଛି । ଅନ୍ୟ ଭାଷାରେ ଅନୁବାଦିତ ରାମାୟଣ ଯେଉଁଥିରେ ଏହି ନୂତନତ୍ୱ ଦେଖିବାକୁ ମିଳେ ସେ ସବୁ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀ ପୂର୍ବରୁ ଲିଖିତ ନୁହେଁ ବୋଲି ଜଣାପଡ଼େ ।

ଯଦିଓ ପୁସ୍ତକ ଏକ, ବାଳକାଣ୍ଡକୁ କିଛି ଅନ୍ତଃସ୍ଥାପିତ କାହାଣୀକୁ ଛାଡ଼ିଦେଲେ ଗୋଟିଏ ମୂଳ ସଂସ୍କରଣ ବୋଲି ଧରିନିଆଯାଏ । କାହାଣୀ କିନ୍ତୁ ପୁସ୍ତକର ପଞ୍ଚମ ଅଧ୍ୟାୟ ପରେ ହିଁ ଆରମ୍ଭ ହୁଏ ଏବଂ ପରମ୍ପରାଗତ ଭାବେ ଏହାକୁ ଅନ୍ୟପୁସ୍ତକ ସହିତ ପଢ଼ିବା ଆବଶ୍ୟକ କରେ । ଏହି ଶର୍ତ ଉତ୍ତର କାଣ୍ଡ, ଯାହା ପରେ ଯୋଡା ଯାଇଛି, ସେଥିପାଇଁ ଅନିବାର୍ଯ୍ୟ ନୁହେଁ । ଉତ୍ତର କାଣ୍ଡରେ ସୀତାଙ୍କୁ ବନରେ ନିର୍ବାସିତ କରିବା କଥା ବର୍ଣ୍ଣନା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରାଯାଇଛି । ଧର୍ମଶାସ୍ତ୍ରୀମାନେ ଶ୍ରୀରାମଙ୍କୁ ଭଗବାନଙ୍କ ଅବତାର ଭାବରେ ପୂଜା କରନ୍ତି, ଦାର୍ଶନିକ ମାନେ ତାଙ୍କୁ ଦାର୍ଶନିକ ନିରପେକ୍ଷ ବୋଲି କୁହନ୍ତି, ଯେତେବେଳେ କି ଭୌତିକବାଦୀମାନେ ଉପରୋକ୍ତ ସମସ୍ତ ଧାରଣାକୁ ନିନ୍ଦା କରି, ରାମାୟଣର ଗୀତାତ୍ମକ ମୂଲ୍ୟକୁ ହିଁ ପ୍ରଶଂସା କରନ୍ତି । କିନ୍ତୁ ଯେମିତି ଜଣେ ମହାନ ଭକ୍ତ ଓ ଗାୟକ କହିଥିଲେ, "ଯାହାର ଭାବନା ଯେମିତି, ପ୍ରଭୁ ମୂର୍ତ୍ତି ସେମିତି ।"

ରାମାୟଣରେ ୨୪୦୦୦ ଛନ୍ଦ ବା ଶ୍ଲୋକ ରହିଛି ଯାହା ଅନେକ ଅଧ୍ୟାୟରେ ବ୍ୟବସ୍ଥିତ କରାଯାଇଛି । ଏହା ଛଅ ଗୋଟି ପୁସ୍ତକ ବା କାଣ୍ଡରେ ରହିବା କଥା ଆଗରୁ ବି କୁହାଯାଇଛି । ପ୍ରତ୍ୟେକ ଅଧ୍ୟାୟ ବା ସର୍ଗ ବିଷୟରେ ସଂକ୍ଷେପରେ ଜଣାଇବା ପରେ, ଛନ୍ଦ ଗୁଡ଼ିକୁ ଓଡ଼ିଆ ଭାଷାରେ ଅନୁବାଦିତ କରାଯାଇ ଉପସ୍ଥାପନ କରାଯିବ । ପ୍ରତ୍ୟେକ ଶ୍ଲୋକର ବ୍ୟବହୃତ ଶବ୍ଦମାନଙ୍କ ଅର୍ଥ ଏବଂ ତାହାର ସାରମର୍ମ ବା ଶ୍ଲୋକର ଅର୍ଥକୁ ସାଂପ୍ରତିକ ସମୟରେ ଆସ୍ତିକବାଦ, ସଂସ୍କୃତି, ସାହିତ୍ୟ ଯୋଗ୍ୟ ବା ଉପଯୁକ୍ତ ବୋଲି ଗ୍ରାହ୍ୟ ହେଉଥିବା ଭଳି ହିଁ ବ୍ୟାଖ୍ୟା କରାଯିବ ।

ସଂସ୍କୃତରେ ଏହି ବାଲ୍ମିକୀ ରାମାୟଣର ଅନୁବାଦ ଶ୍ରୀ ଦେଶିରାଜୁ ହନୁମନ୍ତ ରାଓ (ବାଳ କାଣ୍ଡ, ଅରଣ୍ୟ କାଣ୍ଡ ଓ କିଷ୍କିନ୍ଦ୍ୟା କାଣ୍ଡ) ଏବଂ ଶ୍ରୀ କେ ଏମ କେ ମୂର୍ତ୍ତି (ଅଯୋଧ୍ୟା ଓ ସୁନ୍ଦର କାଣ୍ଡ) ଙ୍କ ଦ୍ୱାରା କରାଯାଇଛି । ଏମାନଙ୍କ ସହ ଦୁର୍ଗା ନାଗା ଦେବୀ ଏବଂ ବାସୁଦେବ କିଶୋରଙ୍କ ସହାୟତା ବି ନିଆଯାଇଛି । ଏହି ଓଡ଼ିଆ ଅନୁବାଦ ବାଲ୍ମିକୀ ରାମାୟଣ ଡଟ୍ ନେଟ୍ ୱେବସାଇଟରୁ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା କରାଯାଇଛି । ଏହାର ଅଡ଼ିଓ ସଂସ୍କରଣ ମଧ୍ୟ କରାଯାଇ ପୋଡ଼କାଷ୍ଟ ମାଧ୍ୟମରେ ପ୍ରସାରଣ କରାଯାଉଛି । ଯଦି ଆପଣ ଏହି ତଥ୍ୟ ଆମ ପୋଡ଼କାଷ୍ଟରେ ଶୁଣୁଛନ୍ତି ବା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ୟୁଟ୍ୟୁବରେ ଦେଖୁଛନ୍ତି ତାହେଲେ ଏହି ତଥ୍ୟ ଆପଣ ଆମର ୱେବସାଇଟ୍‌ରେ ପଢ଼ିବାକୁ ଓ ଶୁଣିବାକୁ ପାଇ ପାରିବେ ।

ଯେ କୌଣସି ଶୁଭ କାର୍ଯ୍ୟର ଆରମ୍ଭରେ ନିମ୍ନରେ ଦିଆଯାଇଥିବା ଶ୍ଳୋକ ପଢ଼ାଯାଏ । ଏହା ସର୍ବବ୍ୟାପୀ ଈଶ୍ୱରଙ୍କୁ  ଆହ୍ୱାନ କରେ ।

ଶୁକ୍ଳାମ୍ବରଧରଂ ବିଷ୍ଣୁଂ ଶଶିବର୍ଣ୍ଣଂ ଚତୁର୍ଭୂଜମ୍ ।

ପ୍ରସନ୍ନ ବଦନଂ ଧାୟେତ୍ ସର୍ବବିଘୋପଶାନ୍ତୟେ ।

"ଅର୍ଥାତ, ଯିଏ ଶ୍ୱେତବସ୍ତ୍ରରେ ସୁଶୋଭିତ ଅଟନ୍ତି, ଯେ ସର୍ବବ୍ୟାପୀ ଅଟନ୍ତି, ଯେ ପୂର୍ଣ୍ଣିମାର ଚନ୍ଦ୍ର ସଦୃଶ ଉଜ୍ଜ୍ୱଳ ଅଟନ୍ତି, ଯାହାଙ୍କର ଚାରିଟି ଭୂଜ ବା ବାହୁ ରହିଛି, ଏବଂ ଯାହାଙ୍କ ସ୍ମିତହାସ୍ୟ ବଦନ ଦେଖିଲେ ଆତ୍ମସନ୍ତୋଷ ମିଳେ, ସେହି ବିଷ୍ଣୁଙ୍କ ଧ୍ୟାନ ସମସ୍ତ ବାଧାଙ୍କୁ ଦୂର କରିବା ପାଇଁ କରାଯାଇ ପାରେ ।"

ଆପଦାଂ ଅପହର୍ତାରଂ ଦାତାରଂ ସର୍ବସଂପଦମ୍ ହ ।

ଲୋକାହିରାମଂ ଶ୍ରୀରାମଂ ଭୁୟୋ ଭୁୟୋ ନମାମ୍ୟହମ୍ ହ ।

"ମୁଁ  ଶ୍ରୀରାମଙ୍କୁ ବାରମ୍ବାର ପ୍ରଣାମ କରୁଛି, ଯିଏ ସମସ୍ତ ବାଧାକୁ ଦୂର କରନ୍ତି, ସମସ୍ତ ପ୍ରକାର ଧନ ଦିଅନ୍ତି ଏବଂ ସମସ୍ତଙ୍କୁ ପ୍ରସନ୍ନ କରନ୍ତି ।"

ଏହା ପରମ୍ପରା ଅନୁସାରେ କୌଣସି ବି ଧର୍ମଗ୍ରନ୍ଥକୁ ପଢିବା ସମୟରେ ଆରମ୍ଭରେ କରାଯାଉଥିବା ନମସ୍କାର ଅଟେ । ଏହି ପ୍ରାର୍ଥନା ଆଗାମୀ ସମସ୍ତ ବାଧା ମାନଙ୍କୁ ଦୂର କରିବାପାଇଁ ଅଟେ । ରାମଙ୍କ ସହ ଶ୍ରୀ ଯୋଡ଼ିବା ଦ୍ୱାରା ଏହି ସଂକେତ ମିଳେ ଯେ ରାମଙ୍କ ସହ ସବୁବେଳେ ଶ୍ରୀ ଅର୍ଥାତ ଶ୍ରୀ ଦେବୀ ବା ମହାଲକ୍ଷ୍ମୀଙ୍କ ରୂପରେ ତାଙ୍କ ସ୍ତ୍ରୀ ସୀତା ରହନ୍ତି ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଗାଳ୍ପ ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଅନେକ କଳାଛାଇ - ୧୮

ଅଶୋକ ବିଶ୍ୱାଳ



## ଆବର୍ଦ୍ଦୀନ ଯୁଦ୍ଧର ବିଶ୍ୱାସଘାତକ-୪

ବୋଧହୁଏ ନା ।

କରିବା ସହଜ ନୁହେଁ, ପ୍ରାୟ ଅସମ୍ଭବ । ଲଙ୍ଗଳା ହୋଇ, ଗଛର ବଣୁଆଫୁଲର ମାଳପକାଇ ଏ ଜଙ୍ଗଲରେ ଚାଲି, ସବୁବେଳେ ଛନ୍ଦି ହୋଇ ପଡୁଥିବ ଆଉ ନାଳରେ ତୁମ ପାଖରେ କୁମ୍ଭୀର ପହଁରୁଥିବ । କେମିତି ଲାଗିବ ଏ ଜୀବନ ?

ସହଜ ନିଶ୍ଚିତ ନୁହେଁ ।

ସବୁବେଳେ କଞ୍ଚାମଞ୍ଚା ଖାଇ ପାଣିକାଦୁଅରେ ପଡିରହିବା ସହଜ ନୁହେଁ ଅବିନାଶ । ପୋକ ଜୋକ ଦେହରୁ ରକ୍ତ ପିଇ ଚାଲୁଥିବେ । ସାପର ଆଖି ଦେଖିଛ ?

ତୁମେ ଆଉ ଜଙ୍ଗଲର ବିପଦ କଥା କହିଚାଲନି । ସମସ୍ତେ ଜାଣିଛନ୍ତି ଜଙ୍ଗଲରେ ବଞ୍ଚିବା ସହଜ ନୁହେଁ । ପୁଣି ବିଷୁବମଣ୍ଡଳୀୟ ଜଙ୍ଗଲରେ ବଞ୍ଚିବା ତ ମୋଟେ ସହଜ ନୁହେଁ ।

ତା'ପରେ ତୁମେ ବୋଧେ କହିଥାନ୍ତ ଏ ଜଙ୍ଗଲରେ ଲୋକ ହଜାର ହଜାର ବର୍ଷ ହେଲା ବଞ୍ଚୁଛନ୍ତି । ତେଣୁ ଆଉ ଜଣେ କାହିଁକି ବଞ୍ଚିପାରିବନି । ଏକ ଯୁବକ ପାଇଁ ଏ ଜୀବନ ସହଜ ହେଲାନି ।

ଅବିନାଶ ପାଣିକୁ ଅନାଇଲା । କିଛି କାଠ କୂଳରେ ପଡିଛି, ସେଥିରୁ ଚୋପା ଛାଡିଗଲାଣି । ମଞ୍ଜକାଠ ଦେଖାଯାଉଛି । ମଣିଷ ପାଣି କାଦୁଅରେ ପଡିଲେ ତା' ଭିତରୁ କ'ଣ ଏମିତି ମଞ୍ଜକାଠ ଭଳି କିଛି ବାହାରି ଆସିବ ? ମଞ୍ଜକାଠ ଭଳି ପ୍ରକୃତ ବ୍ୟକ୍ତିତ୍ୱ ।

ଅବିନାଶ ସେମିତି କିଛି ତୁମେ ଭାବିପାର । କିନ୍ତୁ ସେ ଜୀବନରେ ସଢିପଚିଯାଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏକ ଅସ୍ଥି ଭଳି ବଞ୍ଚିବା ଅପେକ୍ଷା ମୁଁ ଭାବିଲି ଆଉ ଏକବାର ନୂଆ ଜୀବନ ଆରମ୍ଭ କରିବି । ଏ ବାଲି ଉପରେ ତୁମେ ଯେଉଁ ସୁନ୍ଦର ପ୍ରସ୍ଫୁଟିତ ଫୁଲ ଦେଖୁଛ, ସେମିତି ଜୀବନ ଆଉଥରେ ଖୋଲିଯିବ । କିଛି ଦିନପରେ ଆଉଥରେ ମୁକ୍ତି । ଏଠୁ ତ ଏମିତି ମୁକ୍ତି ମିଳୁନି । ଜୀବନରେ କେବଳ ଖାଦ୍ୟର ଅନ୍ୱେଷଣ, ଆଉ ସେଥିପାଇଁ ନିରନ୍ତର ସଂଗ୍ରାମ ସେମିତି ଆକର୍ଷଣୀୟ ନଥିଲା । ତୁଳନା ଅବିନାଶ ।

ଅବିନାଶକୁ କିଛି କହିବାକୁ ନଥିଲା । ସେ ଫୁଲଟିକୁ ଭଲଭାବରେ ଅନାଇଲା । ଧଳା ଦୁଧକୁ ନୀଳ ରଙ୍ଗରେ ମିଶାଇ ଦେଇଥିବା ଉଜ୍ଜ୍ୱଳ ରଙ୍ଗ । ପାଖୁଡା ସବୁ ମିଶିଯାଇଛି । ଅନ୍ୟଫୁଲରେ ପାଖୁଡାମାନ ଥାଇପାରେ, ଏଥିରେ ପାଖୁଡାମାନ ମିଶିଯାଇଛି । ସତରେ ଜୀବନରେ ପ୍ରତି କଳ୍ପନା ପାଇଁ ଏକ ଏକ ପାଖୁଡାର ଦରକାର ନାହିଁକି ? ସବୁଗୁଡା ମିଶିଗଲେ, ଏକ ଫନେଲ । କେବଳ ସମୁଦ୍ରକୂଳରେ ଏକୁଟିଆ ଚଡାରେ କୁମ୍ଭୀରର ମନୋରଞ୍ଜନ କରୁଥିବା ଫୁଲଟିଏ ମାତ୍ର । କୁମ୍ଭୀର ତା' ଖୋସାରେ ଲଗାଇପାରେ । ସେ ଫନେଲରୁ କେବଳ ଏକ ଶବ୍ଦ ବାହାରିପାରେ- ହୃଦୟର ସ୍ୱର । ଏଠି ଦୁଧନାଥର ସ୍ୱର ହେଲା ମୁକ୍ତି ।

ଅବିନାଶ, ଏଠାର ନୀଳ ଜଳ ଦେଖୁଛ । କେମିତି ପାଣି ଝିଲମିଲ କରୁଛି । ସେମିତି ମନ ସମୁଦ୍ରରେ ଆଶାମାନ ଝିଲମିଲ କରୁଥାଏ । ଆଗରେ କେଉଁ ଦୂରରେ ସବୁଜ କଳା ଦ୍ୱୀପଟିଏ । ମନ ଚାଲିଯାଉ ସେଇ ଦ୍ୱୀପକୁ, ତା'ପରେ ଆଉ ବଡ, ଆହୁରି ବଡ଼ ଭୂମିକୁ । ଅବିନାଶ ଆକାଶରେ ଧଳା ପେଟଥିବା ସମୁଦ୍ର ଇଗଲକୁ ଦେଖିଲେ ତୁମକୁ ଉଡିଯିବାକୁ ଇଚ୍ଛା ହେବ । ଆକାଶରେ ସବୁଠାରୁ ଉଚ୍ଚରେ ଉଡେ । ତା' ପରେ ଗଛର ପଛରେ କୁଆଡେ ଲୁଚିଯାଏ । ତା' ଡେଣା ଖୋଲିଯାଇଥାଏ ଆଉ ସେ ଆକାଶରେ ଯେମିତି ଭାସିଯାଏ । ଆକାଶରେ କେମିତି ଓଜନିଆ ପକ୍ଷୀଟିଏ ଭାସେ ଅବିନାଶ, ବଡ଼ ଆଶ୍ଚର୍ଯ୍ୟ ଲାଗେ । କିନ୍ତୁ ସେ ଭାସୁଥାଏ । ଏ ଜାଲର ଜଙ୍ଗଲ ଭିତରୁ ମୁଁ ସେ ପକ୍ଷୀକୁ ଅନାଏ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କେଉଁଠୁ ଦୂରରୁ ମଧୁର ସ୍ୱରରେ ପକ୍ଷୀମାନେ ଡାକୁଥାନ୍ତି । ମୋତେ ଲାଗେ ଯେମିତି କୋଇଲୀ ଡାକୁଛି । ଆମ ଆମ୍ବ ବଗିଚାର କୋଇଲୀ । ମୋତେ ଡାକୁଛି । ଆକାଶର ପକ୍ଷୀମାନେ ମୋତେ ଉଡିବାକୁ କହୁଛନ୍ତି ।

ଅବିନାଶ ଦୁଧନାଥର ଆବେଗଭରା ଯୁକ୍ତି ଭିତରକୁ ଆଉ ବେଶି ଗଲାନି । କିନ୍ତୁ ଘଟିଯାଇଥିବା ଆବର୍ଦ୍ଧୀନ ଯୁଦ୍ଧ ଅବିନାଶ ମନରେ ଗଭୀର ରେଖାପାତ କରିଥିଲା । ସେ ଭାବିଲା ଆଣ୍ଡାମାନର ଆଦିମ ଅଧିବାସୀମାନେ କେତେ ମନରେ ସ୍ଥିର ଥିଲେ, ନିଜ ବିଶ୍ୱାସରେ କେତେ ଦୃଢ ଥିଲେ । ପଥର ପରି ସେମାନେ ହଲି ନାହାନ୍ତି, ଆଉ ପରେ ପ୍ରାୟ ଲୋପ ପାଇଗଲେ । ସତରେ ଏମିତି କ'ଣ ଆଉ ଜାତି କେଉଁଠି ଅଛନ୍ତି ? ନିଜ ଅସ୍ତିତ୍ୱ ପାଇଁ ଲଢେଇ କରିକରି ଶେଷ ହୋଇଗଲେ । ନିଜର ପରିଚୟ ପାଇଁ ଲଢେଇ କରିଚାଲିଲେ । ଆଜି ଦିନରେ ଗ୍ରେଟ ଆଣ୍ଡାମାନିଜମାନେ ଆଣ୍ଡାମାନର ସମୁଦ୍ର କୂଳରେ ଆଗଭଳି ବ୍ୟାପ୍ତ ନାହାନ୍ତି, କିନ୍ତୁ ରହିଯାଇଛନ୍ତି ସେମାନଙ୍କର ଶତ୍ରୁ ଜାତି ଜାରୱାମାନେ । ସେମାନଙ୍କ ଭିତରେ ନିଜ ନିଜ ଅସ୍ତିତ୍ୱ ପାଇଁ କେତେ ଲଢେଇ ଚାଲିଛି ।

ଅବିନାଶର ମନ ଭିତରେ ବହୁତ ଦ୍ୱନ୍ଦ ଚାଲୁଥିଲା । ନିଜ ଅସ୍ତିତ୍ୱ ପାଇଁ ମଣିଷ କାହିଁକି ଲଢେଇ କରେ ? ଆଉ କେଉଁଥିପାଇଁ ମଣିଷ ଲଢେଇ କରେନି ? ଆଣ୍ଡାମାନର ଏକ ଉପକୂଳରେ ଦୁଇ ଶତ୍ରୁଜାତି କେମିତି ପାଖାପାଖି ରହିପାରିଲେ, କ'ଣ ଗ୍ରେଟ ଆଣ୍ଡାମାନିଜମାନେ ବେଶି ତଥାକଥିତ ଟିକେ ସଭ୍ୟ ଆଉ ସେଇଥିପାଇଁ ସମୟ ଚକ୍ରରେ ସେମାନେ ଅଧିକ ସଭ୍ୟ ବ୍ରିଟିଶମାନଙ୍କ ଆଗରେ ଲୋପ ପାଇଗଲେ ? ଜାରୱାମାନେ ଯେହେତୁ ଅଧିକ ଗଭୀର ଜଙ୍ଗଲ ଭିତରେ ଥିଲେ, ସେଇଥିପାଇଁ କ'ଣ ସେମାନେ ବଞ୍ଚିଗଲେ ? ଜଙ୍ଗଲର ଗଭୀରତା ନା ସେମାନଙ୍କ ବିଶ୍ୱାସ ସେମାନଙ୍କୁ ଏପର୍ଯ୍ୟନ୍ତ ବଞ୍ଚାଇ ରଖିଛି ?

ଆଉ ତୁମର ଆଗକଥା ?- ଅବିନାଶ ନିଜକୁ ବହୁ ବୁଝାଇ ବର୍ତ୍ତମାନର ସମ୍ବିତକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଫେରାଇଆଣୁଥିଲା ।

୫ ତାରିଖ ଅକ୍ଟୋବର-୧୮୬୦ ମସିହା । ବ୍ରିଟିଶ ଶାସନ ତରଫରୁ ମୋତେ କ୍ଷମା ମିଳିଲା । ମୁକ୍ତି ମିଳିବ । ପରେ ମୋତେ ନିଜ ଘର ଉତ୍ତରପ୍ରଦେଶ ରାଜ୍ୟକୁ ପଠାଇ ଦିଆଗଲା । - ଦୁଧନାଥ ସ୍ୱରରେ ଏକ ଆଶ୍ୱସ୍ତି ଥିଲା ।

ଆଉ ଆଣ୍ଡାମାନ ଆସିନ ?- ଅବିନାଶ ପଚାରିଲା । କିନ୍ତୁ ତା' ଅନ୍ତର ଭିତରେ ଏକ ବିଶ୍ୱାସଘାତକ ପ୍ରତି କେମିତି ଘୃଣା ଭରିରହିଥିଲା । ତା'କୁ ପଚାରିବାକୁ ଇଚ୍ଛା ହେଉଥିଲା- ନିଜ ବିଶ୍ୱାସଘାତକତାର ଫଳ ଦେଖିବାକୁ ଇଚ୍ଛା ହୋଇନି । ହୃଦୟର ଚରମ ବିଶ୍ୱାସଘାତକ ।

ଆସିଛି । ଡିସେମ୍ବର ୧୮୬୬ ମସିହାରେ ମେଜର ରଫଟନଙ୍କ ଆରାକାନ ଜାହାଜ କଲିକତାରୁ ରେଙ୍ଗୁନ ଯିବା ସମୟରେ ଆଣ୍ଡାମାନ ଆସିଲା, ଆଉ ସେଥିରେ ମୁଁ ଥିଲି । ସେଟଲମେଣ୍ଟର ସୁପରିଟେନଡେଣ୍ଟ ହମଫ୍ରେ ଆଣ୍ଡାମାନ ହୋମ ନେଇଗଲେ । କିଛି ଗ୍ରେଟ ଆଣ୍ଡାମାନିଜ ମୋତେ ଚିହ୍ନିନେଲେ, ସେମାନଙ୍କ ମୁହଁରେ ଖୁସି ଭାବ ଥିଲା ।

ଆଉ ତୁମ ସ୍ତ୍ରୀ ? ଅନ୍ୟ ନାରୀମାନେ ?- ଅବିନାଶ ପଚାରିଲା ।

ଲିପା ଆଣ୍ଡାମାନ ହୋମରେ ନଥିଲା । କିନ୍ତୁ ଅନ୍ୟନାରୀମାନେ ମୋତେ ନବୁଝିପାରି ଗାଳି ଦେଉଥିଲେ । ନିଜ ଗର୍ଭବତୀ ସ୍ତ୍ରୀକୁ ଛାଡି ଚାଲିଯାଇଥିବାରୁ ନାରୀମାନେ ମୋ ପ୍ରତି ଅତି ଅସନ୍ତୁଷ୍ଟ ଥିଲେ । ସେମାନେ ନିନ୍ଦାକଲେ । ମୋ ସ୍ତ୍ରୀକୁ 'ମୋଡୋ' କୁହାଯାଉଥିଲା ଯାହା ଅର୍ଥ ଆଣ୍ଡାମାନିଜ ଭାଷାରେ ସ୍ୱାମୀ ପରିତ୍ୟକ୍ତା ସ୍ତ୍ରୀ ।- ଦୁଧନାଥ ସାଧାରଣ ଭାବେ କହିଲା । ଅବିନାଶକୁ ଲାଗୁଥିଲା ଲୋକଟା ଅତି ବେହିଆ । ଏକ ବେହିଆ ଛଡା ନିଜର ମୂର୍ଖାମୀ ଆଉ ନପାରିଲାପଣିଆ କେହି କୁହନ୍ତାନି ।

ଲିପା ଏକ ଅଭିଜ୍ଞତା ?- ଅବିନାଶର ଦୁଧନାଥକୁ ପଚାରିବାକୁ ଇଚ୍ଛା ହେଉଥିଲା । ମନେମନେ ଅବିନାଶ ସାମାନ୍ୟ ହସିଲା । ଲିପା ଏକ ଅଭିଜ୍ଞତା । କିନ୍ତୁ କି ଅଭିଜ୍ଞତା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେଇଟା, ପ୍ରେମର ନା ପ୍ରତାରଣାର ନା କାମନାର ।

କେମିତି କେବଳ ଏକ ଅଭିଜ୍ଞତା କହୁଛ ?- ତା'କୁ ଲାଗିଲା ଯେମିତି ଦୁଧନାଥ କହୁଛି ।

ଆଉ କ'ଣ ? ସମୟ ସହ ଯାହା ନିଜ ଉପରେ ଘଟିଯାଏ ଆଉ ଛାପ ଛାଡିଦିଏ, ତାହାତ ଅଭିଜ୍ଞତା । ଲିପାର ଆଲିଙ୍ଗନ ଆଉ ଚୁମ୍ବନ ଏକ ମଧୁର ଶିହରଣ ଦେଇଛି । ସେଇଟା ଦେହରେ ଲାଗିଛି । ତେଣୁ ଲିପା ଏକ ଅଭିଜ୍ଞତା । ଏକ ଅସହାୟ ଯୁବକର ଅଭିଜ୍ଞତା ଅବିନାଶ ।

କି ସାଙ୍ଘା କରୁଛ ତୁମେ ଦୁଧନାଥ । ଆଉ ତା' ସହ ବିତିଥିବା ସମୟ, ତା' ଦେହରେ ତୁମେ ଛାଡିଦେଇଥିବା ସନ୍ତକ । ତା'କୁ କ'ଣ କହିବ ?

ଧୂଳି ଆଉ ସମୁଦ୍ରର ଶାମୁକା । ଧୂଳିକୁ ଦେହରୁ ଝାଡିଦେଇହେବ । ସମୁଦ୍ର ଶାମୁକା ସମୁଦ୍ରକୂଳରେ ରହିବ । ଖାଡିର ଜଳରେ ରହିବ ଆଉ ସେଇଠି ବଡ଼ ହେବ । ଧୂଳି ଆଉ ଶାମୁକାକୁ ତ ଛାଡିବାକୁ ପଡ଼ିବ । ନହେଲେ ଏକ ମଳିଆ ଲୋକ ହୋଇ ବଞ୍ଚିବାକୁ ପଡ଼ିବ ।

ଚମତ୍କାର ବାଖ୍ୟା ତୁମର ଦୁଧନାଥ ।

ତା' ପ୍ରେମ ତୁମେ କେବେ ଅନୁଭବ କରିଛ ? ତା' ଦେହର ଶିହରଣକୁ ତୁମେ କେବେ ନିଜ ରୋମମୂଳରେ ଧରିଛ ?

ଅବିନାଶ ତା' ସହ ମୁଁ ତ ଏକ ବର୍ଷ ଥିଲି । ପ୍ରେମକୁ ଅନୁଭବ କରିଛି ନିଶ୍ଚୟ । ତା' ହୃଦୟର ସ୍ପନ୍ଦନକୁ ଅନୁଭବ ତ କରିଛି ?

ତା' ଆଶ୍ଲେଷକୁ ଅନୁଭବ କରିଛ କିନ୍ତୁ ତା' ଅନ୍ତରର ଆହ୍ୱାନକୁ ଅନୁଭବ କରିଛ ତୁମେ ଦୁଧନାଥ ?

ମୋ ପାଇଁ ତା' ପ୍ରାଣ ଆକୁଳିତ ହେଉଥିଲା । ମୋର ସାମାନ୍ୟ ଟିକିଏ କ୍ଷତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୋଇଗଲେ ସେ ଦୌଡିଯାଉ ଗୁଳ୍ମ ନେଇଆଣି ମୋ କ୍ଷତରେ ବାନ୍ଧି ଦେଉଥିଲା । କ୍ଷଣକରେ ରକ୍ତକ୍ଷରଣ ବନ୍ଦ ହୋଇଯାଉଥିଲା । ଅନୁଭବ କରିଛି ଅବିନାଶ ।

ଆଉ ତୁମେ ତା'କୁ ଛାଡି ଚାଲିଆସିଲ ?

ଦରକାର ଥିଲା । ଏକ ବହୁତ ବଡ଼ ଉଦ୍ଦେଶ୍ୟର ସାଧନ ପାଇଁ ତା'କୁ ଛାଡି ଆସିବାକୁ ପଡିଲା ।

ଆଉ ସେ ମହତ ଉଦ୍ଦେଶ୍ୟଟା କ'ଣ ଦୁଧନାଥ ?

ମୋର ପୁରୁଣା କଇଦୀ ସାଥିମାନଙ୍କ ଜୀବନ ରକ୍ଷା । ମୁଁ ଇଂରେଜଙ୍କୁ ଆଗରୁ ନଜଣାଇଦେଇଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ ହତାହତ ହୋଇଥାନ୍ତେ । ମୁଁ ମୋ ପୂର୍ବ ସାଥିଙ୍କ ସହ ବିଶ୍ୱାସଘାତ କରିପାରିନଥାନ୍ତି । ମୋଜାଣତରେ ସେମାନଙ୍କ ଜୀବନ ଯିବା ଦେଖିପାରିନଥାନ୍ତି । ତେଣୁ ଖବର ଦେବା ଆବଶ୍ୟକ ଥିଲା ।- ଦୁଧନାଥ ଅବିନାଶ ଜାଣିଥିବା କଥାଟାକୁ ଆଉଥରେ ବାଗେଇ କରି କହୁଥିଲା ।

ତୁମର କି ତୀବ୍ର ବୁଦ୍ଧି । ସହଜରେ ତୁମେ ତୁମ ସାଥିମାନଙ୍କ ଜୀବନ ରକ୍ଷା କରିଦେଲ । କିଛି ଲୋକ ସାମାନ୍ୟ ଆହାତ ହେଲେ । ଏମିତି ନକରିଥିଲେ ହୁଏତ ତୁମର କଇଦୀ ସାଥୀ ଓ ଇଂରେଜମାନେ ଅନେକ ମୃତାହତ ହୋଇଥାନ୍ତେ । ଆଉ ତୁମର ଆଣ୍ଡାମାନିଜ ସାଥିମାନେ ? ସେମାନଙ୍କ କଥା କ'ଣ ?

ସେମାନେ କେତେବେଳେ ମୋ ସାଥି ଥିଲେ ? ଏକ ଆବଶ୍ୟକତା କାରଣରୁ ମୋତେ ସେମାନଙ୍କ ସାଥିରେ ରହିବାକୁ ପଡିଲା । ସେମାନେ ମୋ ଠାରୁ ସଂମ୍ପୂର୍ଣ ଭିନ୍ନ ।

ଆଉ ତୁମ ସିପାହୀ ବିଦ୍ରୋହର ସାଥିମାନେ ତୁମଠୁ କ'ଣ ଭିନ୍ନ ନଥିଲେ କି ? ସେମାନେ ଭାରତର ଭିନ୍ନ ଭିନ୍ନ ପ୍ରାନ୍ତରୁ ଆସିଥିଲେ । ସେମାନେ ଅଲଗା ଭାଷା କହୁଥିଲେ । ଅନେକ ଧର୍ମରେ ଅଲଗା । ସେମାନଙ୍କୁ ତୁମେ ସାଥି କହୁଛ ଆଉ ଆଣ୍ଡାମାନିଜମାନଙ୍କୁ ସାଥି କହୁନ ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କେମିତି କହିବି କୁହ ? ମୋର ସେଦିନର କଇଦୀ ସାଥିମାନଙ୍କୁ ଆଣ୍ଡାମାନିଜମାନେ ନିର୍ଦ୍ଦୟ ହୋଇ ତୀରମାରି ହତ୍ୟା କରିଥିଲେ । ସେଇଟା ମୋ ମନ ଭିତରେ ଏବେବି ଉଙ୍କି ମାରୁଛି । ମୁଁ ସେମାନଙ୍କ ଆର୍ତ୍ତ ଚିତ୍କାର ଶୁଣୁଛି । ଆଉ ମୋ ପାଖରେ ସୁଯୋଗ ଥିଲା, ତେଣୁ ମୁଁ ଆଣ୍ଡାମାନିଜଙ୍କ ପାଖରୁ ଖସି ପଳାଇ ଆସିଲି । ଇଂରେଜମାନଙ୍କ ପାଖରେ ରହିଲେ ମୁଁ ସେମାନଙ୍କୁ ବଞ୍ଚେଇ ପାରିବି ।

ତୁମ ଭିତରେ ବହୁ ଅକାଟ୍ୟ ଯୁକ୍ତି ରହିଛି । କିନ୍ତୁ ତା' ପରେ ମଧ୍ୟ ଯୁକ୍ତି ଅଛି । ଅଚ୍ଛା କହିପାରିବ ତୁମେ ସିପାହୀ ବିଦ୍ରୋହ କରିଥିଲ କ'ଣପାଇଁ ? ଆଉ ଶେଷରେ ଧରାପଡି କଳାପାଣି ଆସିଲ କ'ଣପାଇଁ ?

ଇଂରେଜମାନଙ୍କୁ ତଡିବା ପାଇଁ ?

ସଫଳ ତ ହେଲନି । କିନ୍ତୁ ଆଣ୍ଡାମାନିଜଙ୍କୁ ଧ୍ୱଂସ କରିବାରେ ସଫଳ ହୋଇଗଲ ।

ସେଇଟା ତୁମର ଉପସ୍ଥାପନା । ଜୀବନରେ ମନେରଖ ସବୁବେଳେ ଏକ ମହତ ଉଦ୍ଦେଶ୍ୟ ଅଛି । ସେ ମହତ ଉଦ୍ଦେଶ୍ୟ ରକ୍ଷାପାଇଁ ତୁମକୁ ମାତୃବଧ ମଧ୍ୟ କରିବାକୁ ପଡିପାରେ । ତେଣୁ ତୁମେ କେଉଁ ଘଟଣାକୁ ପ୍ରତାରଣା କହିପାରିବ ନାହିଁ । ସବୁ ଘଟଣାର ଇତିହାସରେ ଆବଶ୍ୟକତା ଅଛି । ନହେଲେ ଇତିହାସ ଲେଖାହେବ କେମିତି ? ଏକ କଳା ନାରୀର ପ୍ରେମକୁ ନେଇ ଏକ ହଳଦିଆ ଯୁବକ କେବେ ଇତିହାସ ଲେଖିପାରିବ ନାହିଁ । ଲେଖିବାପାଇଁ ଯୁଦ୍ଧର ଆବଶ୍ୟକତା ଅଛି । ଆଉ ସେ ଯୁଦ୍ଧରେ ତୁମେ ଏକ ବିଜେତାକୁ ସମୃଦ୍ଧି ଆଣିବାର ଦେଖିବ । ଏହି ସମୃଦ୍ଧି ମୋ ମନରେ ଖେଳିବୁଲୁଥିଲା । ଦ୍ୱୀପର ସମୃଦ୍ଧି ହେଉ । ମୋ ପୂର୍ବ ସାଥିମାନେ ସେ ଉନ୍ନତିରେ ଭାଗିଦାର ହୋଇ ରୁହନ୍ତୁ । ମୋ ଉଦ୍ଦେଶ୍ୟ ମହତ ଥିଲା ଅବିନାଶ ।

ଅବିନାଶ ଆଉ କିଛି କହିଲାନି । ତା' ମୁହଁ ଏମିତି ଯୁକ୍ତି ସହ ମଳିନ ହୋଇଗଲା, ସତେ ଯେମିତି କେହିଜଣେ ୧୦୦ ୱାଟ ବଲବ ଜାଗାରେ ୧୦ ୱାଟ ବଲବ ଲଗାଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେଇଛି । ଆଉ ଦ୍ୟୁତି ନାହିଁ । ଏକ ଭୀରୁର ମନର ଯୁଦ୍ଧ । ବାକି କର୍ମ ସବୁ କେବଳ ଯୁକ୍ତର ଯୁଦ୍ଧ । ସେ ଯୁଦ୍ଧରେ କିଛି ଅନ୍ତ ନାହିଁ । ପ୍ରକୃତରେ ଏକ ଜାତି ଧ୍ୱଂସ ହୋଇଗଲା । ସେ କଥା ଦୁଧନାଥ ତିୱାରୀ କେବେ ବୁଝିପାରିବନି ।

ଅବିନାଶ ପରର କାହଣୀ ଜାଣିବ । ଇଂରେଜମାନେ ଆଣ୍ଡାମାନ ହୋମ ତିଆରି କରିଛନ୍ତି । ଆଦିମ ଅଧିବାସୀଙ୍କୁ ଆଧୁନିକତାର ରାସ୍ତା ଦେଖାଉଛନ୍ତି । ଅନ୍ୟଥା ଏମାନେ ଜଙ୍ଗଲରେ କେବଳ ରହିଯାଇଥାନ୍ତେ ।

ଅବିନାଶ କିଛି କହିଲାନି । ଆଣ୍ଡାମାନ ହୋମ ତିଆରି ପରେ ଗ୍ରେଟ ଆଣ୍ଡାମାନିଜମାନେ କେମିତି ଧ୍ୱଂସ ପାଗଲେ ହୁଏତ ତାହା ଦୁଧନାଥ ଜାଣିନଥିବ । ଯଦି ଜାଣିଥାନ୍ତା, ତେବେ ଦୁଧନାଥର ବ୍ୟବହାର କେମିତି ହୋଇଥାନ୍ତା ? ଭାବି ଲାଭ ନାହିଁ । ଦୁଧନାଥ ଯେମିତି ଧୂଆଁରେ ମିଳାଇଗଲା । ସବୁବେଳ ଭଳିଆ ଅବିନାଶ ପାଟିରୁ ବାହରି ଆସିଲା ସି-ଇ-ଇ-ଇ- ସି, ଏକ ଭୀରୁର ବୀରତ୍ୱ । ଏମାନେ ଦିନେ ସିପାହୀ ଥିଲେ ସିପାହୀ ବିଦ୍ରୋହର । ସେ ଆଣ୍ଡାମାନିଜମାନଙ୍କୁ ବୀରତ୍ୱର ଶିକ୍ଷା ସିନା ଦେଇପାରିଥାନ୍ତା । କିନ୍ତୁ କଲା କ'ଣ ? ସି-ଇ-ଇ-ଇ । ଅବିନାଶ କିଛି ଅଧିକ ଉଚ୍ଚାରଣ କରିପାରିଲାନି ।

ଏକ ଜାତିର ଶେଷ ପରିଣତି । କିନ୍ତୁ ତା'ର ମୂଲ୍ୟ କ'ଣ ଅଛି ? ତୁମେ ନିର୍ଦ୍ଦୟ, ହୃଦୟହୀନ ହୋଇ ଭବିଷ୍ୟତକୁ ଛାଡି ଚାଲିଆସିଲ ? - ଅବିନାଶ କହିଲା । କେହି ଶୁଣିବାପାଇଁ ନଥିଲେ । କେହି ଆଉ କିଛି କହିବା ପାଇଁ ନଥିଲେ । ଅବିନାଶ ଆଗରେ ଏକ ଜଙ୍ଗଲିଆ ରାସ୍ତା ଦେଖାଯାଉଥିଲା । ଜଙ୍ଗଲକୁ ଚିରି କୁଆଡେ ଚାଲିଯାଇଛି । ସେ ରାସ୍ତାରେ କେତେ କଣ୍ଟା, ମୋଟା ମୋଟା ଚେର, ଓଦା ଖସଡିଆ ଜମି । ପାଦେ ପାଦେ ତଳେ ପଡିଯିବାର ଭୟ । ଅବିନାଶ ହଜିଯାଇଥିବା ଦୁଧନାଥ କଥାରେ ତା'ର ନୀରବ ଅସହାୟତା ବୁଝିପାରୁଥିଲା । ମନର ଅସହାୟତା କ'ଣ ଆଶା ନେଇଆସେ, ନା ହତାଶାର ପାହାଡ, ଧ୍ୱଂସର ପାହାଡ ଗଢିଥାଏ ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅବିନାଶ ବୁଲି ଅନାଇଲା । ନିଜ ଆଗରେ ଉପସାଗରର ସେହି ଜଳରାଶି । ପ୍ରାୟ ସ୍ଥିର । ଭସା ବଉଦର ପ୍ରତିଫଳନ ସ୍ୱଷ୍ଟ ପଡିଛି । ପାଣି କିଛି ଧଳା, କିଛି ନୀଳ, କିଛି କଳା, କିଛି ସବୁଜ ଦେଖାଯାଉଛି ପ୍ରତିଫଳନ ହିସାବରେ । ତା'ପରେ ଏକ ଧଳା ବାଲିଚଡା, ଛୋଟ ଚଡାଟିଏ । ମନ ହିସାବରେ କାର୍ଯ୍ୟ କ'ଣ ନୂଆ ନୂଆ ରଙ୍ଗ ନେଇନିଏ କି ? ସେଇଠି କୂଳରେ ଫୁଲର ଲଟା ମାଡିଛି ଆଉ ପାଖରେ ଚାଳିଆ ଘରଟିଏ । କେହି କୁଆଡେ ଦିଶୁନାହାନ୍ତି । ତା'ପରେ ପଛକୁ ଗାଢ ସବୁଜ ଅରଣ୍ୟ ଢେଉଢେଉ ହୋଇ ଏକ ପାଣିର ଧାର ଯେମିତି ଆଉ ଥରେ ତିଆରୁଛି ଆକାଶରେ, ଯଦି ସବୁଜିମା ଏକ ଭୂମି ହୁଏ । ସେ ଘରର ଅତି ହାଲୁକା ପ୍ରତିଫଳନ ପଡିଛି ପାଣିରେ, ସାମାନ୍ୟ ଚହଲିଯାଉଛି । ପାଖରେ ପାଣି ଭିତରେ କିଛି ଲୁଣା ଗଛ ଠିଆହୋଇଛି । ସେ ଭିତରୁ କିଛି ଶୁଖି ଚୋପା ଛାଡିଯାଇଛି । କିଛି ବେଶ ସବୁଜ ଲାଗୁଛି । କିଛି ବଡ, କିଛି ଛୋଟ । ଅବିନାଶ ଭାବିଲା ଦୁଧନାଥକୁ ଏ ଗଛମାନଙ୍କ ଛାଇ ସହ ସହ ତୁଳନା କରାଗଲେ କେଉଁଥିରେ ଠିକ ମିଶିବ । ସେ ବହୁତ ସମୟ ଅନାଇଲା । ଗଛର ଛାଇ ପାଣିରେ ପଡିଥିଲା ଆଉ ଚହଲି ଯାଉଥିଲା, କିଛି ବି ଛାଇ ସ୍ୱଷ୍ଟ ଦିଶୁନଥିଲା ।

ତା'ପରେ ଆଉଦିନେ ଅବିନାଶ ଆଜିର ଆବର୍ଦ୍ଧୀନ ବଜାରରେ ଅନିର୍ଦ୍ଦିଷ୍ଟ ଭାବେ ବୁଲିଲା । ଦୋକାନମାନଙ୍କରେ ବେଶ ଚାକଚମକ ଆସିଯାଇଛି । ଦେଶ ବିଦେଶର ସୌଖୀନ ସାମଗ୍ରୀମାନ ବୋଝାଇ ହୋଇରହିଛି । ରାସ୍ତା ଅଛି, ଚାଲିବାପାଇଁ ଫୁଟପାଥ ଅଛି । ଆଲୋକମାନ ଜଳୁଛି, ଟୁରିଷ୍ଟମାନେ ହସୁଛନ୍ତି, ରାସ୍ତା ବେଶ ଶକ୍ତ ଆଉ କଳା ହୋଇଯାଇଛି । ଦ୍ୱୀପର ଆର୍ଥିକ ଉନ୍ନତି ଘଟିଛି । ଲୋକଙ୍କ ମୁହଁରେ ଆକାଶର ଖୁସି ଫୁଟିଉଠୁଛି । ଚାଲୁଚାଲୁ ସେ ଦୋକାନରେ ତାରା ଭଳି ଝଲସୁଥିବା ବଲବ୍‌ସବୁକୁ ଅନାଇଲା, ରାସ୍ତାରେ ପଡିଥିବା ଛୋଟ ପଥରଖଣ୍ଡକୁ ଦେଖିଲା, ରାସ୍ତା କେତେ କଳା ହୋଇଯାଇଛି ତା'କୁ ଅନୁମାନ କରୁଥିଲା । ଶେଷ ଆଡକୁ ଏକ ଘଣ୍ଟାଘର ଥିଲା । ଘଣ୍ଟା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କଣ୍ଟା ଚାଲୁଥିଲା । ସେ ଘଣ୍ଟାର ଢଂ ଢଂ ଶବ୍ଦ ଶୁଣିବାକୁ ଚାହୁଁଥିଲା ।

ଦୁଧନାଥ ତିୱାରୀ ଏକ ଅଜଣା ବ୍ୟକ୍ତି ।- ଏ ଘୋଷଣା ଘଣ୍ଟାରୁ ବାହାରିଆସୁ ବୋଲି ଅବିନାଶର ମନ କହୁଥିଲା ।

ଅବିନାଶର ଖୋଜା ସରି ଯିବ । ଆଣ୍ଡାମାନରେ କ'ଣ ବେଶି ଅଛି ବୁଲିବାକୁ ? କେତେଟା ଛୋଟ ଛୋଟ ଦ୍ୱୀପର ସମାହାର ମାତ୍ର । କିନ୍ତୁ ଘଣ୍ଟାରୁ ପିଟା ଶବ୍ଦ ଆସିଲାନି । ସେ କିଛି ସମୟ ଘଣ୍ଟାର ବୁଲୁଥିବା କଣ୍ଟାକୁ ଅନାଇଲା । କଣ୍ଟାଟା ଅଟକି ଯାଇ ସେଥିରୁ ପକ୍ଷୀର ସ୍ୱର ବାହାରି ଆସିବା କଥା । କାହିଁ ମୋତେ ଘୋଷଣା ହେଉନି । ତା' ଖୋଜା ରାସ୍ତା ତାହେଲେ ଆଗକୁ ଯାଉଛି । ସେ ଚିକ୍କଣ କଳା ରାସ୍ତାରେ ଚାଲିବାକୁ ଲାଗିଲା ।

କ୍ରମଶଃ. . .

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଯେମିତି କର୍ମକୁ ସେମିତି ଫଳ

ଅଭୟ କୁଣ୍ଡ



ଛୋଟ ରାଜ୍ୟଟିଏ । ନିସନ୍ତାନ ରାଜା ବିକ୍ରମଦେବ ସବୁ ବେଳେ ରାଜ କାର୍ଯ୍ୟରେ ବ୍ୟସ୍ତ ଥିବାର ଛଳନା କିନ୍ତୁ ସେ କେବେ ବି ରାଜ କାର୍ଯ୍ୟରେ ହସ୍ତକ୍ଷେପ କରନ୍ତି ନାହିଁ କେବଳ ମଉଜ ମଜଲିସ୍ ରେ ବ୍ୟସ୍ତ ରୁହନ୍ତି । ରାଜାଙ୍କ ଦରବାରରେ ଜଣେ ମୁଖ୍ୟମନ୍ତ୍ରୀ, ଚାରିଜଣ ପାଟମନ୍ତ୍ରୀ, ଅନ୍ୟ କେତେଜଣ ବିଭାଗୀୟ ମନ୍ତ୍ରୀ, ପୁରୋହିତ, ରାଜଗୁରୁ ଓ ଅନ୍ୟାନ୍ୟ ରାଜକର୍ମଚାରୀ ଥାଆନ୍ତି । ରାଜା ନାରୀ ସଶକ୍ତିକରଣ ନିମନ୍ତେ ନିଜ ଦରବାରରେ ଚାରି ଜଣ ପାଟ ମନ୍ତ୍ରୀଙ୍କ ମଧ୍ୟରୁ ଦୁଇ ଜଣ ମହିଳାଙ୍କୁ ସ୍ଥାନ ଦେଇଥିଲେ ।

ଚାରିଜଣ ପାଟମନ୍ତ୍ରୀ ସମସ୍ତେ ଉଚ୍ଚ ଶିକ୍ଷିତ ଓ ଶିକ୍ଷିତା । ଶୁକଦେବ ଓ ଶକ୍ତିଦେବ ରାଜ୍ୟ ବାହାରର ସମସ୍ତ କାର୍ଯ୍ୟ ପରିଚାଳନା କରୁଥିବାବେଳେ ସୁନାମଣି ଓ ଶଶିମଣି ରାଜ୍ୟ ଭିତର ତଥା ଦରବାରର ସମସ୍ତ କାର୍ଯ୍ୟ ତଦାରଖ କରନ୍ତି ।କିନ୍ତୁ ସୁନାମଣି ଓ ଶୁକଦେବ ରାଜାଙ୍କର ନିକଟତର ହେବା ନିମନ୍ତେ ଅନ୍ୟ ମନ୍ତ୍ରୀ ତଥା କର୍ମଚାରୀମାନଙ୍କ ବିରୁଦ୍ଧରେ କୁମନ୍ତ୍ରଣା ପ୍ରଦାନ କରନ୍ତି । ସେ ଦୁହିଁଙ୍କର ଭଲ ଜମେ । କାହାକୁ କେତେବେଳେ ଖାଲରେ ପକେଇବେ ସେ ବିଷୟରେ ସର୍ବଦା ତାଙ୍କର ଆଲୋଚନା ହେଉଥାଏ । ରାଜା କେବେ ତ ଦରବାରକୁ ଆସିବାର ନଜିର୍ ନ ଥାଏ ।ଯଦି ବା ଆସନ୍ତି ନିଜର ବଳକା ସମୟକୁ ଉପଭୋଗ କରିବା ନିମନ୍ତେ ଆସନ୍ତି ।ଏହି ସୁଯୋଗର ପୂର୍ଣ୍ଣ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଫାଇଦା ନିଅନ୍ତି ଏହି ଦୁଇଜଣ ।

ମୁଖ୍ୟମନ୍ତ୍ରୀ ଜଗତଦେବ ଭଦ୍ର ଓ ସରଳ । ତାଙ୍କ ବ୍ୟବହାର ଅତ୍ୟନ୍ତ ଆଦୃତ । କହିବାକୁ ଗଲେ ରାଜ୍ୟ ତାଙ୍କରି ବୁଦ୍ଧିରେ ଚାଲେ । ରାଜ୍ୟର ଟିକିନିଖି ଖବର ସେ ବୁଝନ୍ତି । ବୟସର ଅପରାହ୍ନରେ ସେ ଜୀବିତ । କେବଳ ଉତ୍ତମ ବୁଦ୍ଧି ପାଇଁ ତାଙ୍କୁ ଦରବାରେ ଲୋଡା । ତଥାପି ରାଜାଙ୍କର ଖାମଖିଆଲପଣରେ ସେ କ୍ଷୁବ୍ଧ,ପ୍ରଜାମାନେ ମଧ୍ୟ ରାଜାଙ୍କ ଶାସନରେ ଅତିଷ୍ଠ ଏ କଥା ମୁଖ୍ୟମନ୍ତ୍ରୀ ମହୋଦୟ ଜାଣନ୍ତି କିନ୍ତୁ କିଛି କହିପାରନ୍ତି ନାହିଁ କାହିଁକି ନା "ସେ ରାଜା ଏଇ ରାଜ୍ୟ ତାଙ୍କର ।"

ଏମିତି କିଛି ଦିନ ଗଲା । ଜଗତଦେବଙ୍କ ହଠାତ୍ ମୃତ୍ୟୁ ଘଟିଲା । ମୁଖ୍ୟମନ୍ତ୍ରୀ ଆସନ ଖାଲି ପଡିଲା ।ପଦବୀର ଲୋଭର ଶୀର୍ଷରେ ଥାଆନ୍ତି ଶୁକଦେବ ଓ ସୁନାମଣି । ସୁନାମଣି ଚାହେଁ ଶୁକଦେବ ମୁଖ୍ୟମନ୍ତ୍ରୀ ହୁଅନ୍ତୁ ।

କିନ୍ତୁ ସମୟର ଜବାବ୍ ଅଲଗା । ସେ ଦୁଇ କୁମନ୍ତ୍ରଣାଦାତାଙ୍କ କଥା ପ୍ରତେକଟି ପ୍ରଜା ଜାଣନ୍ତି । ଶୁକଦେବ ମୁଖ୍ୟମନ୍ତ୍ରୀ ହୁଅନ୍ତୁ ସେମାନେ ଚାହାନ୍ତି ନାହିଁ ।ସେମାନେ ଶକ୍ତିଦେବଙ୍କୁ ସେମାନଙ୍କର ମୁଖ୍ୟମନ୍ତ୍ରୀ ବୋଲି ଭାବି ବସିଲେଣି ।ଏପରିକି ରାଜଦରବାରରେ ପ୍ରତେକଙ୍କ ମୁଖରେ ସେହି ଗୋଟିଏ ନାମ ଶକ୍ତିଦେଵ ।

ଏପଟେ ଶକ୍ତିଦେବଙ୍କ ପ୍ରତି ସମର୍ଥନକୁ ସହ୍ୟ କରିପାରନ୍ତି ନାହିଁ ଶୁକଦେବ ଓ ସୁନାମଣି । ରାଜାଙ୍କ ନିକଟରେ ଫେରାଦି ଦିଅନ୍ତି । ରାଜା ତ ପର କଥାରେ ହଜିଯାନ୍ତି । ତେଣୁ ସେ ଶକ୍ତିଦେବଙ୍କ ପ୍ରତି କ୍ଷୁବ୍ଧ ହୁଅନ୍ତି ।ତଥାପି ପ୍ରଜାମାନଙ୍କର ବିଦ୍ରୋହ ଡରରେ ଶକ୍ତିଦେବଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ଅଧିଷ୍ଠିତ କରନ୍ତି । ଏ ଘଟଣା କି ଅବା ଯାଏ ଶୁକଦେବ ଓ ସୁନାମଣିଙ୍କ ଦେହରେ ।ଶକ୍ତିଦେବଙ୍କୁ ଫସେଇବା ପାଇଁ ଚକ୍ରବିହ୍ୱ ରଚନ୍ତି ଏ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦୁହେଁ ।

ଜଗତଦେବଙ୍କ ଆସନରେ ଶକ୍ତିଦେବଙ୍କୁ ଦେଖି ପ୍ରଜାମାନଙ୍କର ଖୁସି କହିଲେ ନ ସରେ । କିନ୍ତୁ ଶୁକଦେବ ଓ ସୁନାମଣି ସୁଯୋଗର ଅପେକ୍ଷାରେ ଥାଆନ୍ତି ବିଧାଟିଏ ମାରିବାପାଇଁ । ଏମିତି କିଛି ଦିନ ଗଲା । ଦିନକର ଘଟଣା ରାଜା ଦରବାରରେ ଥାଆନ୍ତି । ହଠାତ୍ ଜଣେ ଦୂତ ଆସି ବ୍ୟସ୍ତ ବିବ୍ରତ ହୋଇ କହିଲେ ," ମଣିମା , ଉତ୍ତରରୁ ରାଜା ହରିପ୍ରସାଦ ଆମ ରାଜ୍ୟ ଆଡ଼କୁ ଅଗ୍ରସର ହେଉଛନ୍ତି ।  ଅନେକ ସନ୍ୟସାମନ୍ତ ଧରି ପାଖାପାଖି ପହଞ୍ଚି ଗଲେଣି । ଆମକୁ ପ୍ରସ୍ତୁତ ହେବାକୁ ପଡିବ ।"

ଦୂତଟିର କଥା ଶୁଣି ରାଜା ଚକିତ ହେଇଗଲେ । ସେନାପତିଙ୍କୁ ଯୁଦ୍ଧପାଇଁ ପ୍ରସ୍ତୁତ ହେବା ନିମନ୍ତେ ଆଦେଶ ଦେଲେ । ରାଜାଙ୍କର ଅସ୍ତ୍ରଶସ୍ତ୍ର ପ୍ରତି ନିଘା ନ ଥାଏ ।  ଯୁଦ୍ଧ କ୍ଷେତ୍ରରେ ଅବତୀର୍ଣ୍ଣ ହେଲେ ସମସ୍ତ ଯୋଦ୍ଧା । ଘମାଘୋଟ ଯୁଦ୍ଧ ଚାଲିଲା ।  ମୁଖ୍ୟମନ୍ତ୍ରୀଙ୍କ ସମସ୍ତ ବୁଦ୍ଧି ଓ କୌଶଳ ଯୁଦ୍ଧ ଜିତିବା ନିମନ୍ତେ ସହଯୋଗ କରୁଥିଲା ।

ଠିକ୍ ଏତିକିବେଳେ ରାଜା ହରିପ୍ରସାଦ ଓ ତାଙ୍କ ସେନାପତି ଏକ ଉପାୟ ପାଞ୍ଚିଲେ । ଶୁକଦେବ ଓ ସୁନାମଣିଙ୍କୁ କରାୟତ୍ତ କଲେ ଏବଂ ସେମାନଙ୍କ ସହ ଏକ ସନ୍ଧି କଲେ ।

ଘର ଢ଼ିଙ୍କି କୁମ୍ଭୀର ସାଜିଲେ କିଏ ବା କ'ଣ କରିପାରିବ । ଜିତିବାକୁ ଥିବା ଯୁଦ୍ଧର ମୋଡ଼ ହଠାତ୍ ପରିବର୍ତ୍ତନ ଘଟିଲା ।  ରାଜା ବିକ୍ରମଦେବ ଶରାଘାତ ହୋଇ ମୃତ୍ୟୁବରଣ କଲେ ।  ଏ ମୃତ୍ୟୁ ପଛରେ ଏକ ବିରାଟ ଷଡ଼ଯନ୍ତ୍ର ଥିଲା ।  ଏକଥା କେବଳ ଶୁକଦେବ ଓ ସୁନମଣି ଜାଣନ୍ତି । ତଥାପି ସେନାପତି ଓ ମୁଖ୍ୟମନ୍ତ୍ରୀ ଯୁଦ୍ଧ କରିଚାଲିଲେ । ଶେଷରେ ବିଜୟ ହେଲେ । ସେନାପତିଙ୍କର ବୁଦ୍ଧି ଆଗରେ ଶତ୍ରୁ ଭୟଭୀତ ହୋଇ ଚାଲିଗଲେ ।

ଶୁକଦେବ ଓ ସୁନାମଣିଙ୍କର ଦୁଃଖର ସୀମା ରହିଲା ନାହିଁ ।  ସନ୍ଧିରେ ସଫଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେଇଥିଲେ ରାଜ୍ୟର ରାଜା ହୋଇଥାନ୍ତେ । ଏମାନେ ଏ ବିରାଟ କାଣ୍ଡ ଘଟାଇଛନ୍ତି ବୋଲି କେହି ବି ଜାଣିନାହାନ୍ତି ।

କଥାରେ ଅଛି ପୁଅ ପଛେ ଯାହା ହେଉ କିନ୍ତୁ ମୋ ପାଖେ ଥାଉ । ସେହିପରି ଶ୍ରୀହୀନ ହେଇଯାଇଛି ବିକ୍ରମଦେବଙ୍କ ରାଜ୍ୟ । ରାଜା ବିନା ପ୍ରଜାମାନେ କିପରି ରହିବେ । ସେ ରାଜା ପଛେ ପ୍ରଜାବତ୍ସଳ ହୁଅନ୍ତୁ ଅବା ନ ହୁଅନ୍ତୁ । ଜଣେ ରାଜା ତ ଆବଶ୍ୟକ । ରାଜାର ପଦବୀ ପାଇଁ କାହାକୁ ଯେ ଯୋଗ୍ୟ ବିବେଚିତ କରାଯିବ ସେ କଥା କେହି ବି ସ୍ଥିର କରିପାରିଲେ ନାହିଁ । ଏପଟେ ଶୁକଦେବ ଓ ସୁନାମଣି ରାଜ୍ୟକୁ ନିଜ ହାତକୁ ନେବାପାଇଁ ଉପାୟ ପାଞ୍ଚିଲେ । ଦିନେ ଦରବାରରେ ସମସ୍ତ ସଦସ୍ୟଙ୍କୁ ନେଇ ଏକ ବୈଠକ ବସିଲା । ରାଜାଙ୍କୁ କିପରି ଚୟନ କରାଯିବ ତାହା ଥିଲା ବୈଠକର ମୁଖ୍ୟ ପ୍ରସଙ୍ଗ । ରାଜା ଦରବାରର ହାତୀ ସୁନା କଳସୀରେ ସୁବାସିତ ଜଳ ନେଇ ଘୁରି ବୁଲିଲା ରାଜାଙ୍କ ସନ୍ଧାନରେ । ହାତୀଟି ଖୋଜୁଥିଲା ଏକ ଉତ୍ତମ ପ୍ରଜବତ୍ସଳ ପରଉପକାରୀ ମଣିଷଟିଏ । ଜୀବଟିଏ ହେଲେ ମଧ୍ୟ ତା'ର ବିବେକ ତ ଅଛି । ଏ ପ୍ରାନ୍ତରୁ ସେ ପ୍ରାନ୍ତର ଘୁରି ବୁଲିଲା । କିନ୍ତୁ କୋଉଠି ବି ପାଇଲା ନାହିଁ ରାଜାଙ୍କୁ । ଯେତେବେଳେ ପଶ୍ଚିମରୁ ଅନ୍ୱେଷଣ ସାରି ଜଙ୍ଗଲ ଦେଇ ଫେରୁଥାଏ ଦେଖିଲା ଜଣେ ୩୨ ବର୍ଷୀୟ ଯୁବକ ଯିଏ ଜଙ୍ଗଲ ମଧ୍ୟରେ ଖଡ୍ଗ ଚାଳନା ଅଭ୍ୟାସ କରୁଥିଲେ ।

କିଛି ସମୟ ପାଇଁ ହାତୀଟି ସେଠାରେ ରହି ସେହି ଯୁବକଙ୍କର କାର୍ଯ୍ୟକୁ ଲକ୍ଷ୍ୟ କରୁଥାଏ । ସତେ ଯେପରି ହାତୀଟି ସେହି ଯୁବକର ଗୁପ୍ତ ଚରିତ୍ର ପଞ୍ଜିକା ଲେଖୁଥାଏ । ସବୁ କିଛି ପରେ ହାତୀଟି କଣ ଭାବି ସେହି ଯୁବକଙ୍କ ମଥାରେ ସୁବାସିତ ଜଳକୁ ଢାଳିଦେଲା ଓ ଲୋକଟିକୁ ପିଠିରେ ବସାଇ ରାଜଉଆସକୁ ନେଇ ଆସିଲା । ସମସ୍ତେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନୂଆ ରାଜାକୁ ଦେଖି ଖୁସି ଅନୁଭବ କଲେ । ସେ ସମୟରେ ଶୁକଦେବ ଓ ସୁନାମଣି ରାଜାଙ୍କୁ ଦେଖି ଆଶ୍ଚର୍ଯ୍ୟ ହେଲେ କାରଣ ସେ ଯୁବକ ଥିଲେ ମୁଖ୍ୟମନ୍ତ୍ରୀ ଶକ୍ତିଦେବଙ୍କ ପୁତ୍ର ।

ନୂଆ ରାଜାଙ୍କର ଅଭିଷେକ କାଯ୍ୟକ୍ରମ ସେହି ରାଜ୍ୟର ରାଜଧାନୀରେ ଆୟୋଜନ କରାଯାଇଥିଲା । ଅଭିଷେକ କାର୍ଯ୍ୟ ସମାପନ କରି ରାଜା ଦରବାରକୁ ପ୍ରବେଶ କଲେ । ପଛେ ପଛେ ଅନ୍ୟ ସମସ୍ତ କର୍ମଚାରୀ ଯାଉଥାନ୍ତି । ପର ଦିନ ରାଜା ପୋଷାକ ପରିଧାନ କରିବା ନିମନ୍ତେ ଅନ୍ୟ ଏକ ଗୃହକୁ ପ୍ରବେଶ କରୁଥାନ୍ତି । ତାଙ୍କ ସହ ଥାଆନ୍ତି ତାଙ୍କର ବ୍ୟକ୍ତିଗତ ତତ୍ୱାବଧାରକ । ରାଜାଙ୍କୁ ନୂତନ ପୋଷାକ ପିନ୍ଧେଇବା ସମୟରେ ତାଙ୍କ ଅଷ୍ଟାଙ୍ଗ ଶରୀର ଥରୁଥାଏ । ରାଜା ଏହାର କାରଣ ପଚାରିଲେ ଲୋକ ଜଣକ କିଛି ବି କହିପାରୁ ନ ଥାଏ । ଶେଷରେ ରାଜା ନ ଡରି କହିବାକୁ ପ୍ରତିଶ୍ରୁତି ଦେବାରୁ ସେ ସମସ୍ତ କଥା ବଖାଣିଲେ । ଯୁଦ୍ଧ ଦିନ ସନ୍ଧ୍ୟା ସମୟରେ ଶୁକଦେବ ଓ ସୁନାମଣି ହରିପ୍ରସାଦଙ୍କ ସହ କରିଥିବା ସନ୍ଧିର ନିଜେ ଜଣେ ସାକ୍ଷୀ ବୋଲି ଜଣାଇଲେ । ରାଜାଙ୍କର ମୃତ୍ୟୁ ପଛରେ ସେହି ଦୁଇ ଜଣ ପାଟମନ୍ତ୍ରୀ ଦୋଷୀ ବୋଲି କହିଲେ ।

ସେଦିନ ପ୍ରଥମ ଦିନ ଦରବାରରେ ପ୍ରବେଶ କରିଥାନ୍ତି ରାଜା । ତଥାପି ଏଇ ଘଟଣାର ବିଚାର ନିମନ୍ତେ ସେହି ଦୁଇ ଜଣ ପାଟମନ୍ତ୍ରୀଙ୍କୁ ଡକାଗଲା । ଲୋକ ଜଣକ ସନ୍ଧି ସମ୍ବନ୍ଧୀୟ କଥା ସମସ୍ତଙ୍କ ସମ୍ମୁଖରେ ନିର୍ଭୟରେ କହିଲେ । ଏହାର ବିଚାର ପାଇଁ ରାଜା ଆଦେଶ ଦେଲେ । ଶୁକଦେବ ଓ ସୁନାମଣି ଭୟରେ ରାଜାଙ୍କ ନିକଟରେ ନତମସ୍ତକ କରି ପାଦତଳେ ଲମ୍ବ ହୋଇ ପଡିଗଲେ । ନିଜ ଭୁଲର କ୍ଷମା ପ୍ରାର୍ଥନା କଲେ । କିନ୍ତୁ ରାଜା ଏହାର ବିଚାର ପରଦିନ ପ୍ରଜାମାନେ କରିବେ ବୋଲି ଦରବାରରେ ଜଣାଇଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେଇ ଦିନ ଦୂତ ଡେଙ୍ଗୁରା ପିଟି ପ୍ରଜାମାନଙ୍କୁ ରାଜଉଆସ ନିକଟରେ ଥିବା ପ୍ରାଙ୍ଗଣରେ ଉପସ୍ଥିତ ହେବା ପାଇଁ କାରଣ ଜଣେଇ ଦେଲା । ପରଦିନ ସମସ୍ତେ ଅପେକ୍ଷା କରିଥାନ୍ତି ବିଚାରକୁ । ରାଜା ପ୍ରବେଶ କଲେ ପ୍ରାଙ୍ଗଣ ମଧ୍ୟକୁ । ଜନ ସମାଗମ ରେ ସେ ଥିଲେ ଅତ୍ୟନ୍ତ ଖୁସି ଓ ଆନନ୍ଦିତ । ସବୁ କଥା ପ୍ରଜା ମାନଙ୍କ ଆଗରେ ଦୋହରେଇବା ପରେ ପ୍ରଜାମାନଙ୍କ ବିଚାରକୁ ଅପେକ୍ଷା କଲେ ରାଜନ୍ । ସେ ଦୁଇ ଜଣ ଦୋଷୀଙ୍କୁ ଫାଶୀ ଦଣ୍ଡାଦେଶ ହେଉ ବୋଲି ରାଜାଙ୍କୁ ଜଣାଇଲେ । କିନ୍ତୁ ରାଜା ଥିଲେ ଅତ୍ୟନ୍ତ ଦୟାଳୁ ଓ ପରୋପକାରୀ । ତେଣୁ ସେ ଶୁକଦେବ ଓ ସୁନାମଣିଙ୍କୁ ପାଟମନ୍ତ୍ରୀ ପଦରୁ ହଟାଇ ତାଙ୍କୁ ତିନି ବର୍ଷ ପାଇଁ କାରାଗାରକୁ ନିକ୍ଷେପ କରିବା ନିମନ୍ତେ ଆଦେଶ ଦେଲେ ।ରାଜାଙ୍କ ବିଚାରରେ ସମସ୍ତ ପ୍ରଜାଙ୍କର ଖୁସି ଦ୍ୱିଗୁଣିତ ହେଇଗଲା । ତାପରଠାରୁ ସମସ୍ତେ ରାଜାଙ୍କ ଶାସନରେ ଖୁବ୍ ଖୁସିରେ କାଳାତିପାତ କଲେ । ତେଣୁ କଥାରେ ଅଛି ଯେମିତି କର୍ମକୁ ସେମିତି ଫଳ । ତୁମେ ଯଦି ଅନ୍ୟକୁ ଟେକାଟିଏ ଫିଙ୍ଗିଥିବ ତୁମପାଇଁ ପଥରଟିଏ ପ୍ରସ୍ତୁତ ଅଛି ।

ସହକାରୀ ଶିକ୍ଷକ

ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# କିଛି ସତ କିଛି ଗଳ୍ପ

ବିନୟ ମହାପାତ୍ର



ଅଫିସରୁ ଫେରି ରମାକାନ୍ତ ବାବୁ ଗୁମ୍ ମାରି ସୋଫାଟା ଉପରେ ବସି ପଡିଲେ । ସତେ ଯେପରି କିଛି ଗୋଟାଏ ବଡ ମାନସିକ ବୋଝ ତଳେ ଚାପି ହୋଇ ପଡିଛନ୍ତି, ବଡ କ୍ଲାନ୍ତ ଅନୁଭବ କରୁଥିଲେ ସେଦିନ । ସବୁ ଦିନ କିନ୍ତୁ ଏମିତି ହୁଏନି । ଅଫିସରୁ ଫେରିଲା ପରେ ସୁରମା ଦେବୀ କବାଟ ଖୋଲିଦେଇ ସିଧା ରୋଷେଇ ଘରକୁ ଚାଲି ଯାଆନ୍ତି ଆଉ ରମାକାନ୍ତ ବେଡରୁମକୁ । ଡ୍ରେସ ବଦଳେଇ ଖୋର୍ଦ୍ଧା ନାଲିଆ ଗାମୁଛା ଖଣ୍ଡେ ପିନ୍ଧି ରମାକାନ୍ତ ବାଥରୁମରେ ପଶି ଯାଆନ୍ତି, ଅଧ ଘଣ୍ଟାକ ପାଇଁ । ଫ୍ରେସ ହୋଇ ବାହାରନ୍ତି, ଦେଶୀ ଖୋର୍ଦ୍ଧାବ୍ରାଣ୍ଡ ନେଳିଆ ଲୁଙ୍ଗିଟିଏ ପିନ୍ଧି ଲିଭିଙ୍ଗ ରୁମରେ ଆସି ସୋଫାରେ ବସି ଯାଆନ୍ତି । ରିମୋଟ ଖୋଜୁ ଖୋଜୁ ପାଞ୍ଚ ସାତ ଥର ସୁରମାଙ୍କୁ ଡାକ ପକାନ୍ତି, ରିମୋଟଟା କୋଉଠି ରଖିଲ ? ସେ ସମୟରେ ସୁରମା ଦି'କପ୍ ଗରମା ଗରମ୍ ଚାହା ଏବଂ ପାଣିପାଗ ହିସାବରେ କେବେ ସଦ୍ୟ କଡେଇରୁ ବାହାରିଥିବା ଗରମ ପକୁଡି, କେବେ ଦୁଇ, ଚାରୋଟି ବ୍ରିଟାନିଆ ମେରୀ ବିସ୍କୁଟ ନହେଲେ ମୁଢି ସହିତ କଟକି ବାରମଜା ଦି ଚାମଚ ।

ଚା ପିଉ ପିଉ ଟିଭିରେ ନିଉଜ୍ ଦେଖିବା ସହିତ ସାରା ଦିନର ଖବର ଆଦାନ ପ୍ରଦାନ ହୋଇଯାଏ ଦୁଇଜଣଙ୍କ ଭିତରେ । ବଡ ଝିଅ ସୁଧାର ବାହାଘର କରି ଦେଇଛନ୍ତି ଗଲାବର୍ଷ ଫେବୃଆରୀ ମାସର, ସରସ୍ୱତୀ ପୂଜା ଦିନ, ଭଲ ତିଥି ଥିଲା ବୋଲି ପଣ୍ଡିତେ ସେଇ ଦିନଟି ବାହାଘର ପାଇଁ ଠିକ୍ କରିଥିଲେ । ଗୋଟିଏ ବୋଲି ପୁଅ ସୁବୋଧ, ସେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏବେ ଭୁବନେଶ୍ୱରରେ ହଷ୍ଟେଲରେ ରହି ଗୋଟିଏ ପ୍ରାଇଭେଟ୍ ଇନଷ୍ଟିଟ୍ୟୁଟରେ ମେନଜମେଣ୍ଟ ପଢୁଛି, ଏଇଟା ତାର ଏମ.ବି.ଏ. ର ସେକେଣ୍ଡ ଇୟ଼ର ।

ରମାକାନ୍ତ ଅଫିସ ଚାଲିଗଲା ପରେ ସୁରମା ଦି'ପହରରେ ଘଣ୍ଟାଏ ଶୋଇବା ବ୍ୟତୀତ ବାକି ସମୟ ଟିଭିରେ ସିରିଆଲ ଦେଖି ଦେଖି କଟେଇ ଦିଅନ୍ତି । କେବେ କେବେ ପଡୋଶୀ ମହାନ୍ତି ବାବୁ, ପଣ୍ଡା ବାବୁ କି ସାମଲ ବାବୁଙ୍କ ମିସେସ୍ ଆସି ଯାଆନ୍ତି । ଛୋଟ ମୋଟର କିଟି ପାର୍ଟିଟିଏ ହୋଇ ଯାଏ ଲିଭିଂ ରୁମରେ । ଚାହା ବିସ୍କୁଟ ଖାଉ ଖାଉ ସାରା କଲୋନୀର ଖବର ମିଳିଯାଏ ସେଇ ପାର୍ଟିରେ । କାହା ଘରେ କଣ ନୁଆ କିଣାହୋଇ ଆସିଲା, କାହାର ପୁଅ ଫେଲ୍ କି ପାଶ୍ କଲା, କାହା ଝିଅର ବୟ଼ ଫ୍ରେଣ୍ଡ ସାଙ୍ଗେ ବ୍ରେକଅପ ହୋଇଗଲା ଠାରୁ ଆରମ୍ଭ କରି ଦେଶ ଦୁନିଆର ଖବର ବିଷୟରେ ବି ଟିକିଏ ଆଲୋଚନା ହୋଇଯାଏ । ଘରର ଚାରିକାନ୍ଥ ଭିତରେ ବନ୍ଦ ଏହି ପ୍ରତିଭାଶାଳୀ ମହିଳାମାନଙ୍କ ପାଖକୁ ଏତେ ସବୁ ଖବରେ ସବୁ କେମିତି ପହଞ୍ଚେ ତାହା ଅବଶ୍ୟ ଗବେଷଣାର ବିଷୟ । ତଥାପି ଏତିକି କହିହେବ, କୁଟନୀତି ଏବଂ ଗୋଇନ୍ଦାଗିରିରେ ମହିଳାମାନେ ଯେ ଅତି ଧୁରନ୍ଧର ଏକଥା ତ ମାନିବାକୁ ପଡିବ । ଏତିକି କହିହେବ ଯେ ଘରେ ଘରେ କାମବାଲୀ ମହିଳାମାନଙ୍କ ଜରିଆରେ ଏସବୁ ଖବରର ଆଦାନ ପ୍ରଦାନ ହୋଇଥାଏ । ସେମାନଙ୍କ ଠାରୁ ଏସବୁ ଖବର ସଂଗ୍ରହ କରିବା ମଧ୍ୟ କିଛି ସହଜ କଥା ନୁହେଁ, ବଡ କୁଟନୀତି ପ୍ରୟୋଗ କରିବାକୁ ପଡିଥାଏ, କେବେ କେବେ ବଡ ସାବଧାନତାର ସହିତ ପରୋକ୍ଷ ଲାଞ୍ଚର ପ୍ରଲୋଭନ ଦେବାକୁ ହୁଏ, ଯେଉଁ କଳାରେ ମହିଳାମାନେ ପ୍ରାୟ଼ ନିପୁଣ, ଏକଥା ସ୍ୱୀକାର କରିବାକୁ ପଡିବ ।

ସଂଧ୍ୟା ହେଲେ ରମାକାନ୍ତ ଅଫିସରୁ ଫେରନ୍ତି, କଲିଂ ବେଲ ବଜାନ୍ତି ଏବଂ ସୁରମା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କବାଟ ଖୋଲିଦିଅନ୍ତି । ଆଜି ବି ସେମିତି ହେଲା, ରମାକାନ୍ତ ଅଫିସରୁ ଫେରି କଲିଂବେଲ ବଜେଇ ଥିଲେ, ସୁରମା କବାଟ ଖୋଲିଦେଇ ରମାକାନ୍ତଙ୍କ ମୁହଁକୁ ଥରେ ଦେଖିନେଇ ସିଧା ଚାହା ପାଇଁ ପାଣି ବସେଇବାକୁ ରୋଷେଇ ଘରକୁ ଚାଲିଗଲେ । ଚାହା ତିଆରି ସରିଲାଣି, କପରେ ଚାହା ଢାଳୁ ଢାଳୁ ସୁରମା ଭାବୁଥିଲେ ରମାକାନ୍ତ କଣ ପୁଣି ବାହାରକୁ ଚାଲି ଗଲେନା କଣ ? ଏବେ ଯାଏ ବାଥରୁମର କବାଟ ଖୋଲା ହେବା ଅବା ବନ୍ଦ ହେବାର ଶବ୍ଦ ଶୁଭିନି କି ଟଏଲେଟ ଫ୍ଲସର ଶବ୍ଦ ମଧ୍ୟ ଶୁଣା ଯାଇନି । ଏତିକି ବେଳକୁ ସେ ଫ୍ରେସ ହୋଇ ଲିଭିଙ୍ଗ ରୁମରେ ରିମୋଟ ଖୋଜି, ଚାରି, ପାଞ୍ଚ ଥର ଡାକ ପକାଇ ସାରନ୍ତେଣି । ଆଜି, କଣ ହେଲା କିଛି ସୋର ଶବ୍ଦ ଶୁଭୁନି ।

ସୁରମାଙ୍କ ମନରେ ଛନକା ପଶିଲା । ବ୍ୟସ୍ତ ହୋଇ ଲିଭିଙ୍ଗ ରୁମକୁ ଆସି ଦେଖନ୍ତି ତ ରମାକାନ୍ତ ଗୋଡ ଲମ୍ବାଇ ସୋଫାଟା ଉପରେ ଅଧା ଶୋଇବା ପୋଜିସନରେ ଷ୍ଟାଚ୍ୟୁଟିଏ ପରି ବସିଛନ୍ତି । ଏତେ ଗରମରେ, ଏ.ସି କି ଫ୍ୟାନ ବି ଅନ କରିନାହାନ୍ତି । ସୁରମାଙ୍କର ଚିନ୍ତା ବଢିଗଲା, ପଚାରିଲେ, କଣ ହେଲା ଆଜି ? ଏମିତି ହାଲିଆ ହୋଇ ବସିଛ ଯେ ? ଦେହ ଠିକ୍ ଅଛିତ କହି ପାଖକୁ ଆସି ରମାକାନ୍ତଙ୍କ ପାଖରେ ବସି ପଡିଲେ, ଦେହରେ ହାତ ମାରି ଦେଖିଲେ, ପଚାରିଲେ ଦେହ କିଛି ଖରାପ ଲାଗୁଛି କି ? ତଥାପି ରମାକାନ୍ତ ଚୁପ ବସି ଥାଆନ୍ତି, ସୁରମାଙ୍କର ଚିନ୍ତା ଆହୁରି ବଢିଗଲା, ବ୍ୟସ୍ଥ ହୋଇ ପଚାରିଲେ, କଣ ହେଲା, କିଛି କହୁନ ଯେ ? ଅଫିସରେ କଣ କିଛି ବେଶି ଟେନସନ ବଢିଯାଇଛି କି ? ଏମିତି କଣ ଏତେ ଚିନ୍ତା କରୁଛ, କଣ ହେଲା ? ଦେଖ ଖରାପ ଲାଗୁଛି ଯଦି ଡାକ୍ତରକୁ ଫୋନ କରି ଆପଏଣ୍ଟମେଣ୍ଟ ନେଇ ଯାଉଛି ! ଚାହା ପିଇ ସାଙ୍ଗେ ସାଙ୍ଗେ ବାହିରି ଯିବା । ଏଇ ସିଜନ ଚେଞ୍ଜ ସମୟରେ ସବୁ ବେଳେ ତୁମର ଦେହ ଖରାପ ହୋଇଯାଏ । ଆଉ କଣ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେ ବୟସ ଅଛି ? ଏବେ ଟିକେ ଦେହ ପ୍ରତି ଧ୍ୟାନ ଦିଅ, ସନ୍ଧ୍ୟାବେଳେ ଅଫିସରୁ ଫେରି ଟିଭି ଦେଖା ଛାଡ, କିଛି ଯୋଗ, ପ୍ରାଣାୟମ କର । ସକାଳେ ଟିକେ ଜଲଦି ଉଠି ପାର୍କରେ ମର୍ଣିଂୱାକ୍ ବି ଟିକିଏ କର, ଦେହ ଠିକ୍ ରହିବ ।

ସୁରମାଙ୍କର ବ୍ୟସ୍ତତା ଦେଖି ରମାକାନ୍ତ ସିଧାହୋଇ ବସିପଡିଲେ । ହାତ ପାପୁଲିରେ ମୁହଁ ପୋଛୁ ପୋଛୁ କହିଲେ ଆରେ ନାହିଁ, ସେମିତି କିଛି ହୋଇନି, ମୁଁ ଠିକ୍ ଅଛି । ଆଜି ଚାରିଟା ବେଳେ ସୁବୋଧ ଫୋନ କରିଥିଲା । ତାର ଫୋନ ପରେ ଟିକେ ଚିନ୍ତା ଲାଗୁଛି ତା'ପାଇଁ । ପିଲାଟା ସେଠି ଏକୁଟିଆ ହଷ୍ଟଲରେ ରହି ପଢୁଛି । ପିଲାଏ ପାଖରେ, ନିଜ ଆଖି ସମ୍ମାରେ ଥିଲେ କଥା ଅଲଗା, ଦୂରରେ ରହିଲେ ମାଆ ବାପାଙ୍କ ଚିନ୍ତା କେତେ ଯେ ବଢିଯାଏ, ପିଲାମାନେ କଣ ସେ କଥା ଭାବନ୍ତି ନା ବୁଝନ୍ତି । ସେମାନେ ସବୁ ମନେ ମନେ ବଡପିଲା, ସମଝଦାର ହୋଇ ଯାଆନ୍ତି ।

ସୁରମା ସଙ୍ଗେ କଥା କାଟି ପଚାରିଲେ, ତାର ଦେହ'ପା ଠିକ୍ ଅଛିଟି ? ତୁମ ଚିନ୍ତା ଦେଖି ମୋ ମନ ଛାନିଆ ହେଲାଣି, କଣ ହୋଇଛି ତା'ର ?

ରମାକାନ୍ତ ଶୁଖିଲା ହସଟାଏ ହସି କହିଲେ, ଆରେ କିଛି ହୋଇନି ତାର, ସିଏ ସେଠି ମଜାରେ ଅଛି । ଆଜି ଫୋନ କରି କହୁଥିଲା, ତାର କଣ ଅରଜେଣ୍ଟ ଦରକାର, ଆଉ ପନ୍ଦର ହଜାର ଟଙ୍କା ପଠାଇ ଦେବାକୁ କହୁଥିଲା ।

ସୁରମା ସଙ୍ଗେ ସଙ୍ଗେ କହିଲେ, ଏ ମାସରେ ଆହୁରି ପନ୍ଦର ହଜାର ଟଙ୍କା ? କଲେଜ ଫି, ହଷ୍ଟଲ ଫି ସବୁ କିଛି ତ ବର୍ଷକ ପାଇଁ ଆଗୁଆ ଜମା ସରିଛି । ହାତଖର୍ଚ୍ଚ ପାଇଁ ପ୍ରତି ମାସରେ ଦଶ ହଜାର ତୁମେ ପଠାଉଛ, ଏ ମାସ ପାଇଁ ବି ଦଶହଜାର ତୁମେ ଦୁଇ ତାରିଖ ଦିନ ତା ଆକାଉଣ୍ଟକୁ ଟ୍ରନ୍ସଫର କରି ଦେଇଥିଲ । ସେ ପଇସା କଣ ତାକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏଯାଏ ମିଳିନି କି ? ତୁମେ ଟିକେ ବ୍ୟାଙ୍କରୁ ବୁଝି ନେଉନ । ଆଜି କାଲି ଅନଲାଇନ ଟ୍ରାନ୍ସଫରରେ ବି ବହୁତ ଗଡବଡ ହୋଇ ଯାଉଛି ।

ରମାକାନ୍ତ ଟିକେ ହସିଦେଇ କହିଲେ, କେମିତି କଥା କହୁଛ ତୁମେ ? ଏଇଟା କଣ ପୋଷ୍ଟାଲ ମନି ଅର୍ଡର ହେଇଛି ଯେ ମାସକ ପରେ ଯାଇ ମିଳିବ, ନହେଲେ ବାଟ ମାରଣା ହୋଇଯିବ ? ତାକୁ ଦୁଇ ତାରିଖରେ ସେ ପଇସା ମିଳିଯାଇଛି ।

ସୁରମା ଆଶ୍ଚର୍ଯ୍ୟ ହୋଇ ପଚାରିଲେ ତାହେଲେ ପୁଣି କଣ ହେଲା । ଆଜି କେତେ ତାରିଖ ହେଲା କି, ସତର ନା ଅଠର ?

ରମାକାନ୍ତ ଟିକେ ନର୍ମାଲହୋଇ କହିଲେ ଆଜି ଅଠର ତାରିଖ ।

ସୁରମା ବ୍ୟସ୍ତ ହୋଇ କହିଲେ, କଲେଜରେ ଦୁଇ ସପ୍ତାହରେ ଦଶ ହଜାର ଖର୍ଚ୍ଚ ହୋଇଗଲା ତାର ? ତାକୁ ପଚାରିଲନି ଏତେ ପଇସା ପୁଣି କାହିଁକି ଦରକାର ପଡୁଛି ?

ରମାକାନ୍ତ କହିଲେ, ହଁ ପଚାରି ଥିଲି । ଜାଣିଛ, ତୁମ ଗେହ୍ଲାପୁଅ କଣ କହିଲା ? କହିଲା ପୁଲିସ ପରି ଏମିତି ଜେରା କରନି, ମୁଁ କୋଉ ଲକ୍ଷେ ଟଙ୍କା ମାଗୁଛି ଯେ ତୁମ ମୁଣ୍ଡ ବୁଲେଇ ଯାଉଛି ? ମୋର ଦରକାର ଅଛି ବୋଲି ତ ମାଗୁଛି, କଣ ପାଇଁ ମାଗୁଛି ସେ କଥା ଜାଣିବା ତୁମ ପାଇଁ କଣ ନିହାତି ଦରକାର ? ପଠେଇବ ଯଦି ପଠାଅ, ନହେଲେ ମୁଁ ଏଠି ଆରେଞ୍ଜ କରିନେବି । ମୋତେ ଏତେ କଥା ପଚାରି ବ୍ୟସ୍ତ କରନି, କହି ଫୋନ କାଟିଦେଲା । କୋଉଠୁ ଆରେଞ୍ଜ କରିବ ସିଏ ? ଟଙ୍କା କଣ ଗଛରେ ଫଳୁଛି ସେଠି ? ପିଲାଟି ଦିନରୁ ତୁମେ ଗେହ୍ଲା କରି ଦେଇଛ, ସେଇଥି ପାଇଁ ସବୁବେଳେ ଏମିତି ଧମକଉଛି ।

ଜାଣିଛ ? ୧୯୭୫ମସିହାରେ ମୁଁ ଯେତେବେଳ ଅନୁଗୁଳ କଲେଜରେ ଇଣ୍ଟରମିଡିଏଟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପଢୁଥିଲି ସେତେବେଳେ ହଷ୍ଟେଲରେ ସିଟ୍ ମିଳିଲାନି ବୋଲି ଗୋଟିଏ ବର୍ଷ ମେସରେ ରହୁଥିଲି । ଜାଣିଛ, ସେତେବେଳେ ଆମକୁ ମାସକ ଖର୍ଚ୍ଚ ପାଇଁ କେତେ ଟଙ୍କା ମିଳୁଥିଲା ? ସମୁଦାୟ ଏକଶତ ମୁଦ୍ରା, ତା'ରି ଭିତରେ କଲେଜ ଫି, ମେସରେ ରହିବା ଭଡା, ଖାଇବା ଖର୍ଚ୍ଚ, ସାବୁନ୍ ତେଲ ସବୁକିଛି ମ୍ୟାନେଜ ହୋଇ ଯାଉଥିଲା । ତା ଛଡା ସେଇ ଶହେ ଟଙ୍କାରୁ କିଛି ଟଙ୍କା ବଳେଇ ଆମେ ମାସରେ ଚାରି ଛଅଟା ସିନେମା ବି ହଲରେ ଯାଇ ଦେଖୁଥିଲୁ । ଫାଷ୍ଟ କ୍ଲାସ ଟିକଟ ଦେଢ ଟଙ୍କା ଥିଲା ସେତେବେଳ । ଭାତ ଡାଲି ତରକାରୀର ମିଲ୍ ଦୁଇ ଟଙ୍କାରେ ମିଳି ଯାଉଥିଲା । ଦୁଇଟା ଅଣ୍ଡାର ଝୋଳ ଟଙ୍କାଏ, ହାପ ପ୍ଲେଟ ଆଠଣା ।

ଗୋଟେ ମଜା କଥା ଶୁଣିବ ? ମଝିରେ ଥରେ ଆମ ମେସର ରୋଷେୟା ଦୁଇଦିନ ପାଇଁ କହି ଛୁଟିରେ ଚାଲିଗଲା ଯେ ପୁରା ମାସେ ଯାଏ ତାର ଦେଖା ଦର୍ଶନ ନାହିଁ । ସେଇ ମାସ ଗୋଟାକ ଯାକ ଆମେ ଆମ କଲେଜ ପାଖରେ ଥିବା ଗୋଟିଏ ହୋଟେଲରେ ଖାଇଲୁ । ହୋଟେଲର ଗୋଟିଏ ପିଲା, ଯିଏ ମିଲ୍ ପରଶେ, ସେ ଆମକୁ ଗୋଟାଏ ପ୍ରସ୍ତାବ ଦେଲା । କହିଲା ବାବୁମାନେ, ତୁମେ ଯଦି ହାପ୍ ପ୍ଲେଟ ଅଣ୍ଡା କିମ୍ବା ମଟନ ଅର୍ଡର କରିବ ତେବେ ମୁଁ ତୁମକୁ ପୁରା ପ୍ଲେଟ ଦେଇଦେବ, କେହି କିଛି ଜାଣି ପାରିବେନି, ବିଲ ଡାକିଲା ବେଳେ ମୁଁ ହାପ ପ୍ଲେଟର ହିସାବ ଲଗେଇ କହିଦେବି, ତୁମକୁ କମ୍ ପେମେଣ୍ଟ କରିବାକୁ ପଡିବ । ମାସ ଶେଷରେ ଆମେ ଦଶ ଜଣ ମିଶି ତାକୁ ଶହେ ଟଙ୍କା ତା ହାତ ଖର୍ଚ୍ଚ ଦେବୁ । ପ୍ରସ୍ଥାବଟା ମନ୍ଦ ନଥିଲା । ମାତ୍ର ଦଶ ଟଙ୍କା ଅଧିକ ଦେଇ ମାସ ସାରା ଅଧା ଦାମ୍ ରେ ଫୁଲ ପ୍ଲେଟ ମଟନ, ଚିକେନ କି ଅଣ୍ଡା କରି ଖାଇବା କିଏ ଚାହିଁବନି ? ଆମେ ଖୁସିରେ ହଁ କରିଦେଲୁ । ତା ପରଦିନ ଠାରୁ ପ୍ରତି ମିଲ୍ ରେ ଆମେ ଆଇଁଷ ଖାଇବା ଆରମ୍ଭ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରିଦେଲୁ । ମାସ ଶେଷରେ ତାକୁ ଶହେ ଟଙ୍କା ମଧ୍ୟ ଦେଇ ଦେଲୁ ସେ ଖୁସି ଥିଲା ଆଉ ଆମେ ବି ।

ତା'ପରେ ଆମେ ଯେତେବେଳେ ହିସାବ କରି ବସିଲୁ, ମାସ ସାରା ପ୍ରତି ଦିନ ଆଇଁଷ ଖାଇବାରେ କେତେ ଖର୍ଚ୍ଚ ହେଲା ବୋଲି, ସେ ହିସାବ ଦେଖି ଆମେ ମାସ ସାରା ଖାଇଥିବା ସବୁ ଯାକ ମଟନ, ଚିକେନରୁ ଯେତିକି ରକ୍ତ ତିଆରି ହୋଇ ଆମ ଦେହରେ ମିଶି ନଥିଲା, ତାଠାରୁ ଅଧିକ ରକ୍ତ ସୁଖିଗଲା । ସମସ୍ତଙ୍କ ମୁହଁ ଶେତା ପଡିଗଲା, ହୋଟେଲ ଖାଇବା ଖର୍ଚ୍ଚ ଜଣକା ତିନି ଶହ ଟଙ୍କାରୁ ଅଧିକ । ଯାହା ଆମର ମାସିକ ଖର୍ଚ୍ଚର ତିନି ଗୁଣାରୁ ଅଧିକ କେବଳ ଆମର ଖାଇବା ଖର୍ଚ୍ଚ । କଣ କହି ଘରୁ ଏତେ ଟଙ୍କା ମଗାଇବୁ ସମସ୍ତଙ୍କ ପାଇଁ ବଡ ଚନ୍ତାର ବିଷୟ ହୋଇ ଯାଇଥିଲା । ମୁଁ ଘରକୁ ଯାଇ ବଡ କଷ୍ଟରେ ମାଆକୁ ସବୁ କଥା ବୁଝେଇ କହିଲି, ମାଆ ଟିକିଏ ହସିଲା, କହିଲା ତୋର ଏ ଆଇଁଷ ଟକଳା ପ୍ରକୃତି ଏବେ କେତେ ଭାରି ପଡିଲା ବୁଝିଲୁ ତ ।

ମାଆ ଓକିଲାତି କରି ବାପାଙ୍କୁ କହି ଟଙ୍କା ଆଣିଥିଲା ମୋ ପାଇଁ । କଲେଜ ଫେରିଲା ଦିନ ବାପା ମାଆକୁ କହିଲେ ପୁଅକୁ ଟିକିଏ ବୁଝେଇ ଦିଅ, 'ଏମିତି ଶସ୍ତାରେ, ସୁବିଧାରେ ମିଳୁଥିବା ଜିନିଷ ପ୍ରତି ସାବଧାନ ରହିବ । ଯାହା କିଛି ବି କରିବ ନିଜ ପଇସାର ଆଉ ନିଜ କ୍ଷମତା ଭିତରେ ରହି, ନିଜର ସାମର୍ଥ୍ୟ ଅନୁସାରେ କରିବ । ଯେତେ ଯାହା ମାଗଣାରେ ମିଳେ, ଆଉ ଆମେ ଖୁସି ହୋଇ ନିଜ ନିଜ ମୁଣାରେ ଭରି ନେଉ, ପ୍ରକୃତରେ ସେ ସବୁ ମାଗଣା ମିଳେନା, ପରବର୍ତ୍ତି ସମୟରେ ମଣିଷକୁ ତା ପାଇଁ ବହୁତ ବଡ ମୂଲ୍ୟ ଦେବାକୁ ପଡିଥାଏ ।

ସେବେ ଠାରୁ କାନ ଧରି ନିୟମ କରିଥିଲି, ମାଗଣା ଲାଭ ଚକ୍କରରେ କେବେ ବି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପଡିବିନି । ତା'ପର ମାସ ଠାରୁ ଦିନରେ ଦୁଇ ଟଙ୍କାର ସାଧା ମିଲ ଆଉ ରାତିରେ ଖାଇବା ପାଇଁ, ହଷ୍ଟେଲ ସାମ୍ନାରେ ଗୋଟିଏ ପଞ୍ଜାବୀ ଚା ଦୋକାନ ଥିଲା । ସେ ରାତିରେ ରୁଟି ଏବଂ ହରଡ ଡାଲି କରେ, ଜାଣିଛ ସେ ଡାଲି କେମିତି ଲାଗେ ? ଗାଆଁରେ ତ ଆମେ ସବୁ ବେଳେ ଦେଶୀ ଭଜା ହରଡ କି ମୁଗଡାଲି ଖାଉ, କିନ୍ତୁ ସେ ପଞ୍ଜାବୀ ବୁଢା କାନପୁରୀ ହରଡ ଡାଲି ତିଆରି କରେ । ଡାଲି କଣ ତାକୁ ହଳଦିଆ ଡାଲି ପାଣି କହିଲେ ଭୁଲ ହେବନି । ଆଠ ଦଶଟା ଡାଲି ଗିନା ତଳେ ଜୁଳୁ ଜୁଳୁ କରି ଚାହିଁ ରହିଥିବେ, ଆଉ ସେଇ ଡାଲି ପାଣିରେ ପହଁରୁ ଥିବେ ଦୁଇ ତିନି ଖଣ୍ଡ ଲମ୍ବା କଟା ଆଳୁ । କିନ୍ତୁ ସେଇ ଡାଲି ପାଣି ବି ଭୋକ ସମୟରେ ବଡ ସୁଆଦ ଲାଗୁଥିଲା । ଗୋଟିଏ ଟଙ୍କାରେ ଚାରିଟା ରୁଟି, ଗିନାଏ ଡାଲି ପାଣି ଖଣ୍ଡେ କଟା ପିଆଜ, ଆଉ ଗୋଟେ ବଡ କଞ୍ଚା ଲଙ୍କା ।

ସେମିତି ସମୟ ଥିଲା ଆମର ପାଠପଢା ବେଳ, ଗାଆଁର ପିଲା ଆମେ ସହରକୁ ପଢିବାକୁ ଯାଉଥିଲୁ । କିନ୍ତୁ ଆଜି ଆମ ପିଲାଏ ଛୋଟ ସହରରୁ ବଡ ସହରକୁ ପଢିବାକୁ ଯାଉଛନ୍ତି । ଆମେ ସାତ ଭାଇ ଭଉଣୀ ସ୍କୁଲ କଲେଜରେ ପଢୁଥିଲୁ ସେତେବେଳେ, ବାପାଙ୍କ ଉପରେ ବୋଝ ପଡିବ ବୋଲି ସମସ୍ତେ ଖୁବ୍ ସାବଧାନ ରହୁଥିଲୁ । ବାପାଙ୍କର ସୀମିତ ରୋଜଗାରରେ ସେ କତେ କଷ୍ଟରେ ସବୁ କିଛି ମ୍ୟାନେଜ କରୁଥିଲେ ଆମକୁ ଜଣାଥିଲା । ଆମେ ଟଙ୍କାଏ ମଧ୍ୟ ବାଜେ ଖର୍ଚ୍ଚ କରିବାକୁ ଦଶ ଥର ଭାବୁଥିଲୁ । କିନ୍ତୁ ଆଜି ଛୋଟ ପରିବାର, ପିଲାଙ୍କୁ ଲାଗୁଛି ବାପା ଏତେ ଦରମା ପାଉଛନ୍ତି କଣ କରିବେ ଏତେ ଟଙ୍କା ? ବିଚରା ବାପା ସତେ ଯେମିତି ଟଙ୍କାର ଗଛଟାଏ, ଯେତେ ଥର ହଲେଇବ ସେତେଥର ଟଙ୍କା ଗଳି ପଡିବ । ସେମାନଙ୍କର ବଡଲୋକି ଦେଖେଇ ହେବା ବାପାମାଆଙ୍କୁ କେତେ ମହଙ୍ଗା ପଡୁଛି ସେ କଥା କଣ ପିଲାଏ ବୁଝୁଛନ୍ତି ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୁରମା କଥାକାଟି କହିଲେ, ହଁ ଗଲାଣି ସେକାଳ, ସେ ପଖାଳ, ଆଜି ସବୁ ଜିନିଷ କେତେ ମହଙ୍ଗା ହୋଇ ଗଲାଣି । ଆଜି ପ୍ଲେ ସ୍କୁଲରେ ପିଲାଙ୍କୁ ଆଡମିଶନ କରେଇବାକୁ ପଚାଶ ହଜାର ଲାଗୁଛି, ତା ଉପରେ ମାସକୁ ଦୁଇ, ଚାରି ହଜାର ଟଙ୍କା ଫିସ ସବୁ ମାସରେ । ଲୋକଙ୍କର ରୋଜଗାର, ତମର ଦରମା ବି ତ ବଢୁଛି । କିନ୍ତୁ ମୁଁ ସୁବୋଧ କଥା ଭାବୁଛି, ତା ଫୋନ କଥା ଶୁଣି ମୋତେ ମଧ୍ୟ ଚିନ୍ତା ହୋଇ ଗଲାଣି । ଭୁବନେଶ୍ୱର ପରି ସହର, ସେଠାରେ କେତେ ଆଡର କେତେ ପ୍ରକାରର ପିଲା ସବୁ ଆସି ପାଠ ପଢୁଛନ୍ତି । ପୁଅ ଖରାପ ପିଲାଙ୍କ ସାଙ୍ଗରେ ମିଶୁନି ତ ? ସିଗାରେଟ କି ମଦ ପିଉନି ତ ? ପୁଣି କଣ ଟିକିଏ ଭାବି ସୁରମା କହିଲେ, ମୋତେ ସେମିତି ଲାଗୁନି, ଗଲାଥର ଯେତେବେଳେ ସେ ଘରକୁ ଆସିଥିଲା ଏପରି କିଛି ଘଟଣା ତ ମୁଁ ନୋଟିସ କରିନି ।

ରମାକାନ୍ତ ଟିକେ ବ୍ୟସ୍ତ ହୋଇ କହିଲେ, ଆଜି କାଲି କେତେ ପ୍ରକାରର ନିଶା, ଡ୍ରଗସ୍ ସବୁ ଚୋରାରେ ମିଳୁଛି, ପୁଅ ଯଦି କୁସଙ୍ଗରେ ମିଶି କିଛି ଡ୍ରଗ ନେଉଥିବ ତାହେଲେ ତ ସତ୍ୟାନାଶ ।

ସୁରମା ସାଙ୍ଗେ ସାଙ୍ଗେ କହି ଉଠିଲେ, ନା, ନା ମୋ ପୁଅ ଏମିତି ସେମିତି କିଛି କରୁ ନଥିବ, ମୋତେ ଯାହା ଲାଗୁଛି ବୋଧହୁଏ ପୁଅ ଆମର କାହା ପ୍ରେମରେ ପଡି ଗଲାଣି, କିଛି ଗାର୍ଲଫ୍ରେଣ୍ଡ ଚକ୍କର ପରି ଲାଗୁଛି । ସେଦିନ ପଣ୍ଡା ବାବୁଙ୍କ ମିସେସ୍ କହୁଥିଲେ, ମିଶ୍ର ବାବୁଙ୍କ ପୁଅ, ତୁମେ ମିଶ୍ର ବାବୁଙ୍କୁ ଜାଣିଛ ନା', ଆରେ, ସେ ଏବିସି ବ୍ୟାଙ୍କରେ ଜେନେରାଲ ମ୍ୟାନେଜର ଅଛନ୍ତି । ପାଖ ବିଲଡିଙ୍ଗର ସେକେଣ୍ଡ ଫ୍ଲୋରରେ ରହନ୍ତି । ତାଙ୍କରି ପୁଅ ରଞ୍ଜନ ବାଙ୍ଗାଲୋରରେ ଇଞ୍ଜିନିୟରିଂ କରୁଥିଲା । କଲେଜରେ କୋଉ ଗୋଟେ ଝିଅର ପ୍ରେମରେ ପଡି ଯାଇଥିଲା, ମାସକୁ ଏମିତି ପଚିଶ, ତିରିଶ ହଜାର ଟଙ୍କା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତା ପଛରେ ଉଡେଇଲା । ଚାରି ଛ ମାସ ଏମିତି ସେମାନଙ୍କର ପ୍ରେମ ରହିଲା, ତାପରେ ଶେଷକୁ ସେ ଝିଅକୁ ମେଡିକାଲ କଲେଜର ଆଉ ଗୋଟେ ପୁଅ ସାଙ୍ଗରେ ପ୍ରେମ ହୋଇଗଲା । ମିଶ୍ର ବାବୁଙ୍କ ପୁଅ ସାଙ୍ଗରେ କଟି କରିଦେଲା ସେ ଝିଅ ।

ସୁରମାଙ୍କ କଥା ଶୁଣି ରମାକାନ୍ତ ଥଟ୍ଟାରେ ଟିକେ ହସିଦେଇ କହିଲେ ଆରେ କଟି ନୁହେଁ, ତାକୁ ବ୍ରେକଅପ୍ କହନ୍ତି, ଅଚ୍ଛା ତାପରେ କଣ ହେଲା ?

ସୁରମା ଟିକେ ରାଗିଯାଇ କହିଲେ, ସବୁବେଳେ କଥା ମଝିରେ କିଛି ନା କିଛି କହିବା ତମର ଗୋଟେ ଖରାପ ଅଭ୍ୟାସ । ମୁଁ ଯେମିତି ଜାଣିନି ସେଇଟାକୁ ବ୍ରେକପ୍ କହନ୍ତି ବୋଲି-ହୁଁ, କହି ଚୁପ୍ ହୋଇଗଲେ ।

ରମାକାନ୍ତ ଟିକିଏ ହସିଦେଇ କହିଲେ, ହଉ ବାବା ହେଲା, ମୋର ଭୁଲ ହୋଇ ଗଲା, ଏବେ କୁହ ତା ପରେ କଣ ହେଲା ।

ସୁରମା କହିଲେ, ଆଉ ହେବ କଣ, ପୁଅ ହଷ୍ଟେଲ ଛାଡି ଘରକୁ ଚାଲି ଆସିଲା, ଖିଆ ନାହିଁ, ପିଆ ନାହିଁ କାହା ସାଙ୍ଗରେ କଥା ବାର୍ତ୍ତା ନାହିଁ, ଦାଢି ବଢେଇ ପାଗଳାଙ୍କ ପରି ନିଜ ରୁମରେ କବାଟ ବନ୍ଦକରି ପଡି ରହିଲା । ଦି'ଦିନ ଗଲା ଚାରିଦିନ ଗଲା, ବାପା ମାଆ ଉଭୟେ ପୁଅକୁ ଏମିତି ଅବସ୍ଥାରେ ଦେଖି ବଡ ବ୍ୟସ୍ତ, ଯାହା ପଚାରିଲେ, ପୁଅ କିଛି କହିଲାନି । ଆଉ କିଛି ଅନ୍ୟ ବାଟ ନଦେଖି ଶେଷରେ ମିଶ୍ର ବାବୁ ତାଙ୍କ ବଡଝିଅ ରଶ୍ମୀକୁ ଦିଲ୍ଲୀରୁ ଡକେଇ ପଠେଇଲେ ।

ଝିଅ ଜୋଇଁ ମିଶ୍ର ବାବୁଙ୍କ ଠାରୁ ସବୁକଥା ଶୁଣି, ସେଇ ଦିନ ସଂଧ୍ୟା ଫ୍ଲାଇଟରେ ଆସି ଘରେ ହାଜର । ଭାଇ ଭଉଣୀ ଦୁଇ ଜଣ ବସି କଥା ହେଲେ, ଭଉଣୀ ଯେତେ ବେଳେ ପଚାରିଲା କଣ ହେଇଛି କହ, କିଛି କହିଲେ ସିନା ଯାହା କିଛି କରିବା, ଏମିତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚୁପ ଚାପ୍ ରହିଲେ କଣ ସବୁ ଠିକ୍ ଠାକ୍ ହେଇଯିବ ? ରଶ୍ମୀର କଥା ଶୁଣି, ରଞ୍ଜନ ଆଉ ନିଜର ଭଙ୍ଗା ହୃଦୟକୁ ସମ୍ଭାଳି ପାରିଲାନି । ଭଉଣୀ କାନ୍ଧରେ ମୁଣ୍ଡ ରଖି ଭୋ ଭୋ ହୋଇ କାନ୍ଦି ଉଠିଲା । ସବୁ କଥା ମୂଳରୁ ଶେଷ ଯାଏ ଗୋଟି ଗୋଟି କରି ରଶ୍ମି ଆଗରେ କହିଗଲା । ଭଉଣୀ ଭେଣେଇ ତାକୁ ବହୁତ ବୁଝେଇ ସୁଝେଇ ସାଙ୍ଗରେ ଦିଲ୍ଲୀ ନେଇଗଲେ । ଏବେ ବାଙ୍ଗାଲୋରରୁ ନାଆଁ କଟେଇ ସେ ଦିଲ୍ଲୀରେ ପଢୁଛି । ବୁଝିଲ, ସେଇଥିପାଇଁ ମତେ ଡର ଲାଗୁଛି । ଆଜି କାଲିକା ପୁଅ ଝିଅଙ୍କର କିଛି ଭରସା ନାହିଁ । ପ୍ରେମ ଏମାନଙ୍କ ପାଇଁ ସତେ ଯେମିତି ଗୋଟେ ଟାଇମ ପାଶ୍ ଖେଳ ।

ରମାକାନ୍ତ ଟିକେ ସିରିୟସ ହୋଇ କହିଲେ, ନାହିଁ କଥାଟା ସେମିତି ନୁହେଁ, ଆଜି କାଲିକା ପିଲା ଟିକେ ବେଶି ଆଡଭାନ୍ସ । ଏଇ ବୟସରେ ସବୁ ପୁଅ ଝିଅ ପ୍ରେମ କରନ୍ତି, ପୁଅକୁ ଯଦି କାହା ସାଙ୍ଗରେ ପ୍ରେମ ହୋଇ ଯାଇଛି, ସେଇଟା କିଛି ଖରାପ କଥା ନୁହେଁ । କିନ୍ତୁ, କେବଳ ଏତିକି ଡର, ସୁବୋଧ ପ୍ରେମ କରୁ କରୁ ଦେବଦାସ ହୋଇ ନଯାଉ ।

କାଲି ତୁମେ ତା ସାଙ୍ଗରେ କଥା ହୁଅ, ସେ ମୋତେ ସିନା କିଛି କହିବନି, କିନ୍ତୁ ତୁମ ସହିତ ସେ ବହୁତ ଫ୍ରି ଫିଲ୍ କରେ । ମୋତେ ଲାଗୁଛି ତୁମକୁ ସବୁ ସତ କହିଦେବ । ନହେଲେ ତାକୁ ଘରକୁ ଡକାଅ, ଆମେ ଏକାଠି ବସି ସବୁ କଥା କ୍ଲିୟର କରିନେବା । ଆମେ ବାପା ମାଆ ପିଲାଙ୍କୁ ଜନ୍ମ ଦେଇଛେ, ଆମେ କଣ ତାଙ୍କର ଖରାପ ଚାହିଁବା ? ଆମେ ତ ଚାହୁଁଛେ, ସେ ଖୁସିରେ ରହୁ କେବେ ବି କିଛି ଅସୁବିଧାର ନପଡୁ । ହେଲେ ପିଲାଏ କଣ ସେ କଥା ଭାବୁଛନ୍ତି ? ସେମାଙ୍କୁ ତ ଲାଗୁଛି ସେମାନେ ସବୁ ବଡ ହୋଇ ଗଲେଣି, ନିଜ ପ୍ରୋବ୍ଲେମ ସେମାନେ ନିଜେ ସମାଧାନ କରି ପାରିବେ । କିନ୍ତୁ କିଏ ବୁଝେଇବ ଯେ "ମାଆ ବାପାଙ୍କ ପାଇଁ ତାଙ୍କ ପିଲାଏ କେବେ ବି ବଡ ହୁଅନ୍ତି ନାହିଁ ।"

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବାଗଭଟ୍ଟ

ସୁଧାଂଶୁ ଶେଖର ଦ୍ୱିବେଦୀ



ମହାଭାରତ ଯୁଦ୍ଧ ସରିଥାଏ । ଦେଶରେ ପାଣ୍ଡବଙ୍କ ରାଜ୍ୟ ପୁନଃ ସ୍ଥାପିତ ହୋଇ ସାରିଥାଏ । ଦିନେ ମହାରାଜ ଯୁଧିଷ୍ଠିର ବଡ଼ ବଡ଼ ବିଦ୍ୱାନ ଏବଂ ବରିଷ୍ଠ ପରାମର୍ଶଦାତାଙ୍କୁ ନିଜ ରାଜଭବନକୁ ଭୋଜନ ନିମନ୍ତେ ଆମନ୍ତ୍ରିତ କଲେ । ଭୋଜନ ଶେଷରେ ମହାରାଜା ଯୁଧିଷ୍ଠିର ସେମାନଙ୍କୁ ସମ୍ବୋଧିତ କରି କହିଲେ- ମହାଭାରତ ଯୁଦ୍ଧରେ ଆମକୁ ବିଜୟ ପ୍ରାପ୍ତ ହୋଇଛି ସତ କିନ୍ତୁ ମୋ ମନମଧ୍ୟରେ ସବୁବେଳେ ଦ୍ୱନ୍ଦ୍ୱ ଘାରି ହେଉଛି, ମୋ ହୃଦୟରେ ତୁଷାରପାତ ହେଲା ଭଳି ଅନୁଭବ କରୁଛି । ଆପଣଙ୍କ ମଧ୍ୟରୁ କେହି ମୋର ଏଭଳି ସ୍ଥିତିର କାରଣ ବିଷୟରେ କହିପାରିବେ ?

କିଛିକ୍ଷଣ ପରେ ଜଣେ ବୟୋବୃଦ୍ଧ ମହାନୁଭବ କହିଲେ, "ମହାରାଜ ! କୁରୁ ପାଣ୍ଡବ ଯୁଦ୍ଧରେ ଅସଂଖ୍ୟ ଲୋକଙ୍କର ରକ୍ତ ବହିଛି । ଲକ୍ଷ ଲକ୍ଷ ଘର ଉଜୁଡି ଯାଇଛି । କେତେ କେତେ ମାତାଙ୍କ ପୁଅ ମୃତ୍ୟୁ ଶଯ୍ୟାରେ ଶୋଇ ଯାଇଛନ୍ତି । ନବବଧୂର ହଳଦୀମଖା ହାତ ଫିକା ପଡିଯାଇଛି ।

ହସ୍ତିନାପୁରର ଗଳିଠୁ ସହରଯାଏ ଶୋଣିତର ନଦୀ ବହିଯାଇଛି । ଏଠାକାର କୋଣ ଅନୁକୋଣ ରକ୍ତରଞ୍ଜିତ ହୋଇଛି । ସେଥିପାଇଁ ଆପଣଙ୍କ ମନ ଅଶାନ୍ତ, ଉଦାସ ହୋଇପଡୁଛି । ଏହି ପାତକରୁ ଉଦ୍ଧାର ପାଇବା ଲାଗି ଆପଣଙ୍କୁ ପ୍ରାୟଶ୍ଚିତ ସ୍ୱରୂପ ଅଶ୍ୱମେଧ ଯଜ୍ଞ କରିବାକୁ ହେବ ।"

ଅନ୍ୟ ବୟୋବୃଦ୍ଧ ଏବଂ ବିଜ୍ଞଜନଙ୍କ ପ୍ରେରଣା ପାଇ ମହାରାଜା ଯୁଧିଷ୍ଠିର ଅଶ୍ୱମେଧ ଯଜ୍ଞ କରିବାକୁ ଏକମତ ହେଲେ । ଏ ବିଷୟରେ ଭଗବାନ ଶ୍ରୀକୃଷ୍ଣଙ୍କୁ ମଧ୍ୟ ଅବଗତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରାଗଲା । ପ୍ରଶ୍ନ ଉଠିଲା ଅଶ୍ୱମେଧ ଯଜ୍ଞରେ ବେଦପାଠ କରିବ କିଏ ? ତଥା ଯଜ୍ଞରେ ପ୍ରମୁଖ ପଣ୍ଡିତର ସ୍ଥାନ କାହାକୁ ଦିଆଯିବ ? ଏହି କାର୍ଯ୍ୟ ପାଇଁ ସର୍ବୋଚ୍ଚ ବିଦ୍ୱାନ ଏବଂ ମହାନ ସାଧକଙ୍କୁ ନିର୍ବାଚିତ କରାଯାଏ । ଶେଷରେ ନିର୍ଣ୍ଣୟ ନିଆଗଲା ଶ୍ରୀକୃଷ୍ଣ ଏହି ପଦଭାରକୁ ସମ୍ଭାଳି ନେବେ । ତାଙ୍କୁ ସୂଚିତ କରିବାଲାଗି ପାଣ୍ଡବଙ୍କ ମଝିଆ ଭାଇ ଭୀମଙ୍କୁ ପଠାଗଲା । ଶ୍ରୀକୃଷ୍ଣ ଆସି ଅଶ୍ୱମେଧ ଯଜ୍ଞର ଶ୍ରୀଗଣେଶ କରନ୍ତୁ ।

ଭୀମ ତୁରନ୍ତ ଦ୍ୱାରିକାରେ ପହଞ୍ଚି ଶ୍ରୀକୃଷ୍ଣଙ୍କୁ ଯୁଧିଷ୍ଠିରଙ୍କ ସୂଚନା ଶୁଣେଇଲେ । ଶ୍ରୀକୃଷ୍ଣ କହିଲେ, "ମୋଠାରୁ ଉତ୍ତମ ଏବଂ ଶ୍ରେଷ୍ଠ ବିଦ୍ୱାନ କାଶ୍ମୀରରେ ଅଛନ୍ତି । ତାଙ୍କ ନାମ ବାଗଭଟ୍ଟ । ତାଙ୍କରି କର କମଳରେ ଯଜ୍ଞର ଶ୍ରୀଗଣେଶ କରିବା ଉଚିତ ହେବ ।" ଶ୍ରୀକୃଷ୍ଣଙ୍କର ସୂଚନା ପାଇ ଭୀମ ହସ୍ତିନାପୁର ଫେରି ବଡ଼ଭାଇ ଯୁଧିଷ୍ଠିରଙ୍କୁ ଅବଗତ କରାଇଲେ । ପାଣ୍ଡବ ପାଞ୍ଚ ଭାଇ, ସମସ୍ତ ପଣ୍ଡିତ ଏବଂ ବିଦ୍ୱାନମାନେ ଶ୍ରୀକୃଷ୍ଣଙ୍କର ସୂଚନା ପାଇ ଚିନ୍ତାରେ ପଡିଲେ । ସମସ୍ତଙ୍କ ମନରେ ପ୍ରଶ୍ନ ହସ୍ତିନାପୁର ବିଦ୍ୱାନଙ୍କଠାରୁ ଆହୁରି ଉଚ୍ଚ କୋଟିର ବିଦ୍ୱାନ କଣ ଦେଶରେ ବିଦ୍ୟମାନ ଅଛନ୍ତି ? ଶ୍ରୀକୃଷ୍ଣଙ୍କର ଆଦେଶ ଥାଏ । ଅତଃ ସମସ୍ତେ ନିରୁତ୍ତର ।

ପୁଣିଥରେ ଶୁଭ ତିଥି, ବାର ଦେଖି ଭୀମଙ୍କୁ କାଶ୍ମୀର ପଠାଗଲା । ଦୀର୍ଘ କେତେ ମାସ ଚାଲିବା ପରେ ସେ କାଶ୍ମୀରରେ ପହଞ୍ଚିଲେ । ସେଠାରେ କେତେକ ଲୋକଙ୍କୁ ବାଗଭଟ୍ଟଙ୍କ ବିଷୟରେ ପଚାରି ପଚାରି ଏକ ଗାଁରେ ପହଞ୍ଚିଲେ । ଏକ ଝୁମ୍ପୁଡି ଘରେ ଜଣେ ବୟସ୍କା ମହିଳା ଚକି ଚଳାଉଥାନ୍ତି । ଭୀମ ପଚାରିଲେ, "ମାତା ! ଶ୍ରୀମାନ ବାଗଭଟ୍ଟ କୋଉଠି ଅଛନ୍ତି ?"

ବତ୍ସ ! ସେ ପରା କ୍ଷେତରେ ହଳ କରୁଛନ୍ତି । ଭୀମ କ୍ଷେତ ନିକଟକୁ ଚାଲିଲେ । ସେଠି ଜଣେ କଳା କଦାକାର ଲୋକ କୌପୀନ ପରିଧାନ କରି ହଳ ଚଳାଉଥାନ୍ତି । ତାଙ୍କୁ ଦେଖିବା ମାତ୍ରେ ଭୀମଙ୍କ ମନ ମଧ୍ୟରେ ଘୃଣାର ଭାବ ଉଦ୍ରେକ ହେଲା । ମନେ ମନେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାବିଲେ କାହିଁ ହସ୍ତିନାପୁର ବିଦ୍ୱାନ ଆଉ ଏ କଳା କଦାକାର ଦରିଦ୍ର !" ଭୀମଙ୍କୁ ଅନୁମାନ ହେଲା ଶ୍ରୀକୃଷ୍ଣ ବୋଧହୁଏ ଭୁଲ ବଶତଃ ମୋତେ ଏଠିକୁ ପଠାଇଛନ୍ତି । ଯଦି ଏହି ବ୍ୟକ୍ତି ଯଜ୍ଞ ସମ୍ମିଳନୀରେ ଯୋଗ ଦେବେ ସବୁକିଛି ନଷ୍ଟଭ୍ରଷ୍ଟ ହୋଇଯିବ । ଭୀମଙ୍କ ମନରେ ଚିନ୍ତା ବଢୁଥାଏ ଏତିକି ବେଳେ ବାଗଭଟ୍ଟଙ୍କ ପତ୍ନୀ ଭୋଜନ ହସ୍ତେ କ୍ଷେତରେ ପହଞ୍ଚି ପଚାରିଲେ, "ବତ୍ସ ! ବାଗଭଟ୍ଟଙ୍କ ସହିତ ଦେଖାହେଲା ? ଅଳ୍ପ କ୍ଷଣ ଅପେକ୍ଷା କର ! ସେ ଏହି ବୃକ୍ଷ ନିକଟକୁ ଭୋଜନ ନିମନ୍ତେ ଆସିବେ ।"

ତାଙ୍କ ପତ୍ନୀଙ୍କ କଥା ଅନୁସାରେ ବାଗଭଟ୍ଟ ଭୋଜନ ନିମନ୍ତେ ବୃକ୍ଷ ନିକଟକୁ ଆସିଲେ । ସମ୍ମୁଖରେ ଜଣେ ଅପରିଚିତଙ୍କୁ ଦେଖି ସେ ପଚାରିଲେ, "କୁହ ବତ୍ସ ! ତୁମେ ମୋ ନିକଟକୁ କେଉଁ ଉଦ୍ଦେଶ୍ୟରେ ଆସିଛ ?"

କଣ କହିବେ ନ କହିବେ ଭୀମ ବଡ଼ ଦ୍ୱନ୍ଦ୍ୱରେ ପଡ଼ିଥାନ୍ତି । ଶ୍ରୀକୃଷ୍ଣଙ୍କ ଆଜ୍ଞା ମନେ ପଡିବା କ୍ଷଣି କହିଲେ, "ହେ ଦ୍ୱିଜଶ୍ରେଷ୍ଠ ! ମହାରାଜା ଯୁଧିଷ୍ଠିରଙ୍କର ଅଶ୍ୱମେଧ ଯଜ୍ଞ କରାହେବ । ଉକ୍ତ ଯଜ୍ଞରେ ସମ୍ମିଳିତ ହୋଇ ପ୍ରମୁଖ ପଣ୍ଡିତର ପଦଭାର ସ୍ୱୀକାର କରିବାକୁ ଶ୍ରୀକୃଷ୍ଣ ଆପଣଙ୍କୁ ନିମନ୍ତ୍ରଣ କରିବାକୁ ମୋତେ ପଠାଇଛନ୍ତି ।" ବାଗଭଟ୍ଟ ଭୀମଙ୍କଠାରୁ ସୂଚନା ପାଇ ହସି ହସି କହିଲେ, "କେଜାଣି କୋଉଠିକୁ ଯିବାର ଥିଲା କୋଉଠିକୁ ଆସିଛ । ପ୍ରଭୁ ହିଁ ଜାଣନ୍ତି ତୁମେ କାହାକୁ ନିମନ୍ତ୍ରଣ ଦେବାକୁ ଆସିଥିଲ କାହା ପାଖରେ ପହଞ୍ଚିଛ ? କାହିଁ ବାଗୁର କାହିଁ ଅଶ୍ୱମେଧ ଯଜ୍ଞ ! ମୁଁ ସେଠାରେ ସମ୍ମିଳିତ ହେଲେ ସବୁକିଛି ବିଗିଡିଯିବ । ମୋ ପାଖରେ ପେଟଭରି ଭୋଜନ ଏବଂ ଶରୀର ଢାଙ୍କିବାକୁ ଲୁଗାଟିଏ ନାହିଁ । ମୁଁ ଅଶ୍ୱମେଧ ଯଜ୍ଞ ବୋଲି ଜାଣିବି କଣ ?"

ଏହା କହୁ କହୁ ସେ ମଇଳା ହାତରେ ଖାଇବାକୁ ଲାଗିଲେ । ଭୀମ ତାଙ୍କ ମଳିନତା ଦେଖି ଘୃଣାରେ ମୁହଁ ବୁଲାଇନେଇ ଭାବିଲେ, "ଇଏ ଠିକ୍ କହୁଛନ୍ତି । ସେ ବ୍ୟକ୍ତି ଇଏ ହୋଇ ନ ପାରନ୍ତି ଯାହାଙ୍କୁ ଶ୍ରୀକୃଷ୍ଣ ଏତେବଡ଼ ଉପାଧି ଦେଇଛନ୍ତି । ହଠାତ୍ ତାଙ୍କ ଦୃଷ୍ଟି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବଳଦଙ୍କ ଉପରେ ପଡିଲା । ଗୋଟେ କୁଆ ଲଙ୍ଗଳ କଣ୍ଟି ଉପରେ ବସିଛି ତଥା ଦୁଇଟି ବଳଦ ନିଶ୍ଚିତ ମାର୍ଗରେ ସ୍ୱତଃ ହଳ କରୁଥାନ୍ତି । ଭୀମ ଜଣେ ଦୃଷ୍ଟିବାନ ପୁରୁଷ । ସେ ତୁରନ୍ତ ସେହି ସଂକେତକୁ ବୁଝିଗଲେ ।

ବାଗଭଚ୍ଚ ପୁନଃ ଉଠି ହଳ ଚଳେଇବାରେ ଲାଗିପଡିଲେ । ଯଜ୍ଞରେ ସମ୍ମିଳିତ ହେବା ଲାଗି ଭୀମ ତାଙ୍କୁ ବହୁତ ଅନୁନୟ ବିନୟ କଲେ ।

ବହୁ ସମୟ ପରେ ଯଜ୍ଞରେ ସମ୍ମିଳିତ ହେବାକୁ ସେ ସମ୍ମତି ଜଣାଇଲେ । ତା' ସହିତ ସର୍ତ୍ତ ରଖି କହିଲେ, "ମୁଁ ସେ ଧରିତ୍ରୀରେ ଅନ୍ନ କି ପାଣି ଗ୍ରହଣ କରିବି ନାହିଁ । ମୋ ପାଇଁ ଏଭଳି ଚୁଲିରେ ଅନ୍ନ ରାନ୍ଧିବ ଯାହାର ସ୍ପର୍ଶ ହସ୍ତିନାପୁର ମାଟି ହୋଇନଥିବ ।" ଭୀମ ତାଙ୍କ ସର୍ତ୍ତକୁ ସ୍ୱୀକାର କରି ହସ୍ତିନାପୁରକୁ ଫେରିବାଲାଗି ପ୍ରସ୍ତୁତ ହେଲେ ।

ଦୀର୍ଘ ତିନି ମାସ ପରେ ଦୁହେଁ ହସ୍ତିନାପୁରରେ ପହଞ୍ଚିଲେ । ଶ୍ରୀକୃଷ୍ଣ ବାଗଭଚ୍ଚଙ୍କ ଆଗମନ ଶୁଣି ସ୍ୱାଗତ ନିମନ୍ତେ ପହଞ୍ଚିଗଲେ । ସ୍ୱୟଂ ନିଜ ହାତରେ ତାଙ୍କ ପାଦ ପ୍ରକ୍ଷାଳନ କଲେ । ଅତ୍ୟନ୍ତ ଶ୍ରଦ୍ଧା ପୂର୍ବକ ପାଣ୍ଡବ ଦରବାରକୁ ପାଛୋଟି ନେଲେ । ଉପସ୍ଥିତ ବ୍ରାହ୍ମଣ ଓ ପଣ୍ଡିତ ମାନେ କଳା କଦାକାର ବାଗଭଚ୍ଚଙ୍କୁ ଦେଖି ତାଚ୍ଛଲ୍ୟରେ ହସୁଥାନ୍ତି ।

ଅଶ୍ୱମେଧ ଯଜ୍ଞର ଶୁଭାରମ୍ଭ ହେଲା । ଶ୍ରୀକୃଷ୍ଣ ବାଗଭଚ୍ଚଙ୍କୁ ଉଚ୍ଚ ଆସନରେ ଆସିନ କରାଇ ସ୍ୱୟଂ ତାଙ୍କ ଚରଣ ନିକଟରେ ବସି ରହିଲେ । ଯଜ୍ଞାରମ୍ଭରେ ଅଗ୍ନି ପ୍ରଜ୍ୱଳିତ କରିବାର ମୁହୂର୍ତ୍ତ ଆସିବା କ୍ଷଣି ଜଣେ ବୟସ୍କ ବ୍ରାହ୍ମଣ କହିଲେ, "ଦ୍ୱିଜବର ! ଅଗ୍ନି ପ୍ରଜ୍ୱଳିତ କରନ୍ତୁ ।" ବାଗଭଚ୍ଚ କହିଲେ, "ଅଙ୍ଗାର ଆଣନ୍ତୁ। ଅଗ୍ନି ପ୍ରଜ୍ୱଳିତ ହେବ ।"

ବ୍ରାହ୍ମଣ ପୁଣିଥରେ ତାଚ୍ଛଲ୍ୟଭରା ସ୍ୱରରେ କହିଲେ, "ଆପଣ ନିଆଁରୁ ନିଆଁ ଜଳାଇବେ ଏଥିରେ ଆପଣଙ୍କର କି ବିଶିଷ୍ଟତା ଅଛି ? ଆମକୁ ବିଶ୍ୱାସ ଥିଲା ଆପଣ ମନ୍ତ୍ର ଉଚ୍ଚାରଣ ଦ୍ୱାରା ଅଗ୍ନି ପ୍ରଜ୍ୱଳିତ କରିବେ ।"

"ଆଜିଯାଏ କେହି ଜଣେ ହେଲେ ମନ୍ତ୍ର ଉଚ୍ଚାରଣ ଦ୍ୱାରା ଅଗ୍ନି ପ୍ରଜ୍ୱଳିତ କରିଛନ୍ତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କି ?” ବାଗଭଟ୍ଟ ବ୍ରାହ୍ମଣଙ୍କୁ ସମ୍ବୋଧିତ କରି ପଚାରିଲେ ।

“ବିପ୍ରବର ! ଦୀପକ ରାଗ ଦ୍ୱାରା ଦୀପ କଣ ଜଳେନାହିଁ ?” ବ୍ରାହ୍ମଣଙ୍କର ଉକ୍ତିରେ ବାଗଭଟ୍ଟ ମୌନ ରହିଲେ । ପରେ ପରେ ବ୍ରହ୍ମଣମାନେ ତାଙ୍କୁ ଇଙ୍ଗିତ କରି ଜୋର ଜୋର ହସି ଉଠିଲେ । ଶ୍ରୀକୃଷ୍ଣ ବସିଥିବା ସ୍ଥାନରୁ ଉଠି କରବଦ୍ଧ ଅବସ୍ଥାରେ ବାଗଭଟ୍ଟଙ୍କୁ କହିଲେ, “ମହାଭାଗ ! ଏମାନେ ସମସ୍ତେ ଆପଣଙ୍କ ବିଷୟରେ ଅନଭିଜ୍ଞ । ସେମାନଙ୍କୁ କ୍ଷମା କରି ଦିଅନ୍ତୁ । ଏହା କହିବା ସହିତ ତାଙ୍କ ଚକ୍ଷୁରୁ ଅଶ୍ରୁ ଧାରା ବହିବାକୁ ଲାଗିଲା ।”

ଶ୍ରୀକୃଷ୍ଣଙ୍କ ଚକ୍ଷୁରେ ଅଶ୍ରୁଧାରା ଦେଖି ବାଗଭଟ୍ଟ ବିଚଳିତ ଅବସ୍ଥାରେ ଚିତ୍କାର କରି କହିଲେ, “ଭଗବାନ ! ବାସ, ଆଉ ନୁହେଁ । ମୁଁ ଆପଣଙ୍କ ଆଜ୍ଞା ପାଳନ କରୁଛି ।” ଏହା କହି ସେ ଯଜ୍ଞ କୁଣ୍ଡକୁ ଆଙ୍ଗୁଳି ସଙ୍କେତ କଲେ । ହଠାତ୍ ଯଜ୍ଞ କୁଣ୍ଡରେ ଅଗ୍ନି ଧୂଉ ଧୂଉ ହୋଇ ପ୍ରଜ୍ୱଳିତ ହେଲା । ଚାରିପଟେ ଅବସ୍ଥିତ ଦ୍ୱାରକୁ ମଧ୍ୟ ଆଙ୍ଗୁଳି ଦ୍ୱାରା ଇଙ୍ଗିତ କଲେ ସେଠାରୁ ବେଦପାଠର ଧ୍ୱନି ଏଭଳି ଉତ୍ପନ୍ନ ହେଲା ଯେମିତି ହଜାର ହଜାର ବ୍ରହ୍ମଣ ସମବେତ ସ୍ୱରରେ ବେଦ ପାଠ କରୁଛନ୍ତି । ଉପସ୍ଥିତ ସମସ୍ତ ବ୍ରାହ୍ମଣ, ପଣ୍ଡିତ, ବିଜ୍ଞଜନ ଚକିତ, ସ୍ତବ୍ଧ । ସହସା ଯୁଧିଷ୍ଠିର ସମେତ ଅନ୍ୟ ୪ ପାଣ୍ଡବ ନିଜ ନିଜ ଆସନରୁ ଉଠି ବାଗଭଟ୍ଟଙ୍କ ଚରଣ ତଳେ ନତମସ୍ତକ ହୋଇଗଲେ ।

(ଏହି କାହାଣୀ ଏକ ଲୋକକଥାରୁ ସଂଗୃହୀତ । ପ୍ରକୃତରେ ବାଗଭଟ୍ଟଙ୍କ ନାମରେ ୪ ଜଣ ମହାନ ପୁରୁଷ ଅଛନ୍ତି । ବୋଧହୁଏ ସେମାନଙ୍କ ମଧ୍ୟରୁ ଉକ୍ତ କାହାଣୀର ବାଗଭଟ୍ଟ ଅନ୍ୟତମ ଅଟନ୍ତି ।)

ମୋ-୯୬୮୧୩୭୩୫୧୨

email- dwibedysudhansu@gmail.com

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଖାଁ ବାବୁ ଓ ମହାପ୍ରଭୁ

ନିତ୍ୟ ରଞ୍ଜନ ନନ୍ଦ



ଶ୍ରୀଗୁଣ୍ଡିଚାଦିନ ପ୍ରାର୍ଥନା ଚାନେଲ୍‌ରେ ଧାରା ବିବରଣୀ ଦେଇ ଷ୍ଟୁଡିଓରୁ ବାହାରୁଥାଏ । ଫେରିଲାଲାଗି କାର୍ଯ୍ୟକ୍ରମ ନିଷ୍ପାଦକ ଶପଥ ଭାଇ ଗାଡି ବ୍ୟବସ୍ଥା କରିଥାନ୍ତି । ଦୁଆର ମୁହଁରେ ପହଁଚିଲା ବେଳକୁ ଜଣେ ବ୍ୟକ୍ତି ମତେ ନମସ୍କାର କରି ପଚାରିଲେ, "ଆଜ୍ଞା ! ଆଇଗିଣିଆ ଯିବେ ତ ?" ମୁଁ ମୁଣ୍ଡଟୁଙ୍ଗାରି ହଁ ଭରିବାରୁ ସେ ତାଙ୍କ ଗାଡ଼ିଟି ମତେ ଦେଖାଇଦେଲେ । ଗାଡି ଷ୍ଟାର୍ଟ ହେଲା । ଗାଡ଼ିରେ ଆମେ କେବଳ ଦୁଇଜଣ; ଡ୍ରାଇଭର ଆସନରେ ସେ ଆଉ ତାଙ୍କ ପାଖରେ ମୁଁ । ଗାଡିରୁ ସାଲବେଗ ଭଜନର ମଧୁର ପଦ, ମନକୁ ଆହୁରି ଭାବସିକ୍ତ କରୁଥାଏ । ଆଖିରେ ଛାଇନିଦ ଆସିଗଲା; ସାରାଦିନର କ୍ଳାନ୍ତି ।

ହଠାତ ମୋବାଇଲ ଫୋନର ରିଂରେ ନିଦ ଭାଙ୍ଗିଗଲା । ସାନଭଉଣୀ ସହିତ ଦି'ପଦ କଥା ହୋଇକି ଫୋନ ରଖିଲା ବେଳକୁ ଡ୍ରାଇଭର ମହୋଦୟ ମତେ ପଚାରିଲେ, "ଆପଣ ଆମ ମହାପ୍ରୁଙ୍କ କଥା କହନ୍ତି ନା ? ଆଜି କଣ ରଥଟଣା ହେଇପାରିଲା ? ଜଗନ୍ନାଥେ କେଉଁଠି ଅଟକିଲେ ?" ଏକାବେଳେ ଏତେଗୁଡିଏ ପ୍ରଶ୍ନ ଶୁଣି ତାଙ୍କୁ ଜଳଜଳ ହେଇକି ଚାହିଁରହିଲି । ତାଙ୍କର ନିଶ ନ ଥିବା ଦାଢ଼ି, ବେକରେ କଳାଫିତା, ଦେହରୁ ଅତର ବାସ୍ନା, ଗାଡ଼ି କାଚରେ ଲେଖାଥିବା ୭୮୬ ଆଉ ଗାଡିର ମିରରରେ ଟଙ୍ଗା ହେଇଥିବା ମକାମଦିନାର ଫୋଟୋ ଦେଖି ମୁଁ ଜାଣିସାରିଥିଲି ଯେ ସେ ମୁସଲମାନ; ହେଲେ ତାଙ୍କଠୁ ଏମିତି ପ୍ରଶ୍ନ ଶୁଣି ମୁଁ ଅବାକ୍ ହେଇଗଲି ।

ସେ ବୋଧେ ମୋ ମନର ଅକୁହା ଶବ୍ଦ ସବୁ ପଢ଼ିପାରି କହିଲେ, "ଆଜ୍ଞା ! ଆମେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭିନ୍ନ ସମ୍ପ୍ରଦାୟର ହେଲେ କଣ ହେବ ? ମହାପୁରୁ ମୋ ଇଷ୍ଟ, ତାଙ୍କୁ ଭାରି ମାନେ; ମାନିବିନି କେମିତି ଯେ ? ଜୀବନ୍ତ ସେ । କଥାକୁହା, ଡାକିଲେ ଓ' କରନ୍ତି ।" ଏତିକି କହିଲା ବେଳକୁ ସେ ଖୁବ୍ ଭାବୁକ ହୋଇପଡିଲେ ।

ମୁଁ ସେତେବେଳକୁ ଆଶ୍ଚର୍ଯ୍ୟରେ ତାଙ୍କ କଥା ଶୁଣୁଥାଏ; ସତେ ଅବା କେହି ଜଣେ ଭକ୍ତ ତା ପ୍ରଭୁ ବିଷୟରେ ବଖାଣୁଛନ୍ତି !

ତାଙ୍କୁ ପଚାରିଲି, "ଆପଣ କେମିତି ଅନୁଭବ କରିଲେ ଯେ ମହାପୁରୁ ଜୀବନ୍ତ ବୋଲି ?"

"ହଁ ଆଜ୍ଞା । ଏଇ ଦି'ମାସ ତଳେ ଭଡାରେ ପୁରୀ ଯାଇଥିଲି । ଗାଡି ଭୁବନେଶ୍ୱର ଛାଡିଲା ବେଳକୁ କେମିତି ଗୋଟେ ଶବ୍ଦ ଗାଡିରୁ ହେଲା, ଗ୍ୟାରେଜରେ ଦେଖେଇଲି; ସେ ତଥାପି ଜାଣିପାରିଲାନି ଆଉ କହିଲା ତମେ ପୁରୀରୁ ଫେର ଦେଖିବା । ଗାଡ଼ିରେ ଲୋକ ଥିବାରୁ ମୁଁ ଆଉ କିଛି ନଭାବି ଗାଡି ଚଲେଇବା ଆରମ୍ଭ କଲି ତ ସେ ଶବ୍ଦ ଆହୁରି ବଢ଼ିଲା; ଲାଗିଲା ଯେମିତି ଗାଡିଟି ବନ୍ଦ ହେଇଯିବ । ଆକ୍ସିଲେଟର ଯେତେ ଦବେଇଲେ ବି ଲାଗିଲା ଗାଡି ଆଉ ଚାଲିବନି । ବସିଥିବା ଯାତ୍ରୀମାନେ ବି ବ୍ୟସ୍ତ, ମୁଁ ବି ନିରୁପାୟ । କଣ ମନକୁ ଆସିଲା କେଜାଣି ମହାପୁରୁଙ୍କୁ ବଡ଼ ବିକଳ ହୋଇକି ଡାକିଲି । ମୁଁ କଣ ଅଲଗା ସମ୍ପ୍ରଦାୟର ବୋଲି ମୋ କଥା ଶୁଣିବେନି ? ଆପଣଙ୍କ ଦରବାରକୁ ଯାଉଛୁ; ଭଲରେ ପହଞ୍ଚେଇ ଦିଅନ୍ତୁ ଆପଣ । ମୋ ସମ୍ପ୍ରଦାୟର ସାଲବେଗ କଥା ଶୁଣିଥିଲେ ପରା ! ମୋ ମାନ ରଖନ୍ତୁ, ପୁରୀରେ ପହଞ୍ଚିଲେ ଆପଣଙ୍କୁ ଭୋଗ ଲଗେଇବି । ବାବୁ ! ବିଶ୍ୱାସ କରିବେନି ମନରେ ଏତିକି ଭାବନା ଆସିଛି ତତକ୍ଷଣାତ୍ ଗାଡିର ସେ ଶବ୍ଦ ବନ୍ଦହେଇଗଲା ଆଉ ଗାଡିର ବେଗ ବଢ଼ିଲା । ମତେ ଲାଗିଲା ମହାପୁରୁ ମୋ କଥା ନିଶ୍ଚେ ଶୁଣିଛନ୍ତି; ନ ହେଲେ ଏ ଚମତ୍କାର କେମିତି ? ଗାଡି ଜଗନ୍ନାଥ ବଲ୍ଲଭ ପାର୍କିଂରେ ରଖି ଯାତ୍ରୀଙ୍କ ସହିତ ଦେଉଳକୁ ବାହାରିଲି । ସେମାନେ ବି ଆଶ୍ଚର୍ଯ୍ୟ ।"

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୁଁ କହିଲି, "ତା ପରେ ?"

"ସିଂହଦ୍ୱାର ଆଗରେ ଠିଆ ହୋଇ ଜଣେ ନନାଙ୍କୁ ଡାକି ପଚାଶେ ଟଙ୍କା ଦେଇ କହିଲି ଭୋଗ ଲଗେଇଦେବେ । ସେ ମୋ ରୂପଭେକ ଦେଖିକି ନାଁ ଗୋତ୍ର ପଚାରିଲାରୁ କହିଲି ମହାପୁରୁଙ୍କୁ ଜଣା । ଆଉ ସେ ବି ଭୋଗ ଲଗେଇ ମତେ ତୁଳସୀ, ଖଜା ଦେଲେ । କି ଆନନ୍ଦ ବାବୁ ! ! ! ସେବେଠୁ ଆଜି ଯାଏଁ ଗାଡ଼ିରେ ଖୁଡଖାଡ଼ ନାହିଁ କି ଗ୍ୟାରେଜ ଦୁଆର ମାଡିନି । କହିଲେ, ୟା'ଠୁ ବଳି ଜୀବନ୍ତ କଥାକୁହା ପ୍ରମାଣ କଣ ଥାଇପାରେ ? ସେତିକି ନୁହଁ ବାବୁ ଆମ ହାଉସିଂବୋର୍ଡ଼ରେ ପ୍ରଚାର ଯେ ମୋ ସହିତ ପୁରୀ ଗଲେ ମହାପୁରୁଙ୍କ ଦର୍ଶନ ସୁରୁଖୁରୁରେ ହେଇଯାଉଛି; ସେ ଲାଗି ମୋ ଗାଡିର ବହୁତ ଡିମାଣ୍ଡ । ମାସକୁ ଦଶଥର ପୁରୀମୁହାଁ । ସତରେ କେତେ ଦୟା ଏ ମୁସଲମାନ ପ୍ରତି !! ଜଗତରନାଥ ପରା ।"

ଏତିକି କହିଲା ବେଳକୁ ତାଙ୍କ ଆଖି ଲୁହ ଛଳଛଳ; ମୋର ବି ସମାନ ଅବସ୍ଥା । ଗାଡି ଆଇଗିଣିଆ ଲକ୍ଷ୍ମୀନାରାୟଣ ମନ୍ଦିର ପହଁଚିଲା ବେଳକୁ ମୁଁ କହିଲି, "ଆଜ୍ଞା ଏଇଠି ।" ଗାଡିରୁ ଓହ୍ଲେଇକି ସେ ମତେ କହିଲେ, "ମୋ କଥା ଟିକେ ମହାପୁରୁଙ୍କୁ ଜଣାଇବେ ଯେମିତି ସେ ମତେ ପୁରୀକୁ ଡାକିନେଉଥିବେ; ବଡ଼ଦାଣ୍ଡରେ ତ ପାଦ ପଡ଼ିଯିବ, ନୀଳଚକ୍ର ଦିଶିଯିବ ଆଉ କଣ ଲୋଡ଼ା ଯେ ?" ମୁଁ କହିଲି, "ଆଜ୍ଞା ! ମୁଁ ଆପଣଙ୍କ କଥା କଣ ଜଣେଇବି ? ଆପଣ ମୋ କଥା ତାଙ୍କୁ ଜଣେଇଦେବେ ।" ମନେମନେ ଭାବିଲି ଆଜି ରଥରେ ବାଣୀସେବାର ମୂଲ୍ୟ ମତେ ଦେଇଦେଲ ହେ ମହାପ୍ରଭୁ । ଗଲାବେଳକୁ ତାଙ୍କ ପରିଚୟ ପଚାରିବାରୁ ସେ ଟିକେ ହସିକି କହିଲେ ଖାଁ ବାବୁ ...

ଡ଼ି ଏଲ ଏ -୧୨, ବୀର ସୁରେନ୍ଦ୍ର ସାଏ ନଗର
ଭୁବନେଶ୍ୱର -୭୫୧୦୧୦
ମୋ - ୯୪୩୭୨୧୭୮୪୨୪

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ରଜ ଆସେ ବର୍ଷକୁ ଥରେ

ସୁନନ୍ଦା ମହାନ୍ତି



ରଜରେ ବାପାଙ୍କଠୁ ଖବର ପାଇ ସୁବୋଧ ଗାଁକୁ ଆସିଥାଆନ୍ତି । କୌଣସି ନା କୌଣସି ଆଳରେ ସୁବୋଧ, ଅନୁକୁ ଟିକେ ଦେଖିବାକୁ ଚାଁହୁଥାନ୍ତି । ସେ ଆଗକୁ ପଢିଲା କି ନାହିଁ ? କଣ ତାର ଭବିଷ୍ୟତ ଲକ୍ଷ୍ୟ ଇତ୍ୟାଦି ପଚାରିବା ସହିତ ଥରେ ଅନ୍ତରଙ୍ଗ ହୋଇ ପଚାରିବାକୁ, "ମୁଁ ମନେ ପଡ଼େନି ତୋର କେବେ ?" ପଚାରି ଦେବାକୁ ଥରେ ସୁବିଧା ସୁଯୋଗ ପାଉନଥିବା ବେଳେ ସେଦିନ ଝୁମୁରି ସଙ୍ଗେ ଦେଖା ହୋଇଗଲା ଗାଁ ନଈ ତୁଠରେ । ସୁବୋଧକୁ ଦେଖୁ ଦେଖୁ ଝୁମୁରି ଲାଜ କରି ଚାଲିଯାଉଥିବା ବେଳେ ତା ହାତକୁ ଧରି ନେଇଥିଲେ ସୁବୋଧ । ଠିକ ସେଦିନ ଅନୁ ସହ ଦେଖା କରିଦେବାକୁ ଅନୁନୟ କରିବା ଆଳରେ ଝୁମୁରି ହାତକୁ ଧରିଲା ଭଳି ଏଥର ମଧ୍ୟ ଧରିଥିଲେ ତ ଝୁମୁରି ଲାଜେଇ ଯାଇଥିଲା । କହିଥିଲା ସତୀ ଅନସୂୟା ନିଜ ସ୍ୱାମୀଙ୍କୁ ଥରେ ଲକ୍ଷହୀରା ସହ ଦେଖା କରେଇ ଦେଇଥିଲେ ବାରମ୍ବାର ନୁହେଁ । ଏ ତୁ କଣ କହୁଛୁ ଝୁମୁରି କହି ଝୁମୁରି ମୁହଁକୁ ଚାହିଁ ଚମକି ପଡିଲେ ସୁବୋଧ । ସତରେ ଏଭିତରେ ଝୁମୁରି ବହୁତ ସୁନ୍ଦର ଆଉ ବୁଦ୍ଧିମତୀ ହୋଇଯାଇଛି ନିଶ୍ଚୟ । ଗାଁ କଲେଜରେ ପାଠ ପଢି କେତେ କଥା କହୁଛି । ଝୁମୁରିଠୁ ଅନୁ ବିଷୟରେ କିଛି ନିର୍ଦ୍ଦିଷ୍ଟ ଉତ୍ତର ନପାଇ ଫେରୁଥିବା ବେଳେ ଅନୁର ଜେଜେମାଙ୍କ ସହ ଦେଖା ହେଲା ସୁବୋଧଙ୍କର ତ ଅନୁ ଗାଁ କଲେଜରେ ପଢୁଛି ନା କୋଉଠି ପଢୁଛି ଜେଜେମା ପଚାରିଦେଇ ଯେମିତି ବିରାଟ ଭୁଲ କରିଦେଇଥିଲେ ସୁବୋଧ । କାରଣ ଅନୁର ଜେଜେମା ବାହୁନିବା ଆରମ୍ଭ କରିଦେଇଥିଲେ । ଏ ସନ ପହିଲି ରଜରେ ବାଉଁଶ ବନ୍ଧା ଦୋଳି ପାଖେ ଅନୁ ବି ନଥିଲା । ବରଂ ଝୁମୁରି ତାକୁ ଦେଖି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏମିତି ଭାବେ ପଳାୟନ କଲା ସତେ ଯେମିତି ସେ ମଣିଷ ନୁହେଁ ଭୂତ । କାହାକୁ ଆଉ ଅନୁ କଥା ପଚାରିବେ ଭାବି ରଜ ପରେ ଗାଁ ମୁଣ୍ଡେ ବସ ଧରିବାକୁ ଅପେକ୍ଷା କରିଥିବା ବେଳେ ଆରସାହି ସେଠି ଘର ସାଙ୍ଗ ଅରୂପ କହିଥିଲା ତୋର ସୁଧୀର କଥା ମନେ ଅଛି ସୁବୋଧ ? ହଁ ସେ ପରା ଆମ ସାଙ୍ଗ, ତୁମ ସାହିର । ଆରେ ସେ ପରା ଅନୁକୁ ନେଇ ଗାଁରୁ ପଳେଇଲା କୁଆଡେ । ଆକାଶଟା ଛିଣ୍ଡି ପଡିଥିଲା ସୁବୋଧ ମୁଣ୍ଡ ଉପରେ । ଆଉ ସବୁ କଣ କହୁଥିଲା ଅରୂପ ତା କଥା କିଛି କାନରେ ଶୁଭୁନଥିଲା ସୁବୋଧଙ୍କୁ ବରଂ ଅନୁର ଅଦୃଶ୍ୟ ହେଇଯିବାର କାରଣ ତାର ମନୋବଳକୁ ଦ୍ୱିଗୁଣିତ କରିଥିଲା । ସତକୁ ସତ ପ୍ରତି ବର୍ଷ ରଜ ଆସୁଥିଲେ ବି ସୁବୋଧ ଆଉ ଗାଁକୁ ଆସୁନଥିଲେ । ପଢା ଚାକିରୀ କରି ରହୁଥିଲେ ସହରରେ ।

ଜେଜେମା ଓ ବୋଉ ଆଗପଛ ହୋଇ ଚାଲିଯିବା ପରେ ବାପା ଠିକ କରିଥିବା ଝିଅକୁ ବିବାହ କରିବାକୁ ରାଜି ହୋଇ ବେଦୀ ଉପରେ ଯାହାର ହାତ ଧରିଲେ ତା ମୁହଁ ଦେଖିନଥିଲେ ଏଯାଏଁ ସୁବୋଧ । ଛୁଟି ସରିଯିବା ପରେ ଚାକିରୀକୁ ଯିବାକୁ ବାହାରିବା ବେଳେ ବାପା କହିଥିଲେ ବୋହୁକୁ ସାଙ୍ଗରେ ନେଇଯା । ଅନିଚ୍ଛା ସତ୍ୱେ, ବପାଙ୍କ କଥା ରଖି ସ୍ତ୍ରୀକୁ ସାଙ୍ଗରେ ଆଣିଥିଲେ ବି ମୁହଁ ଦେଖିବା ଦୂରେ ଥାଉ କଥା ପଦେ କହିନଥିଲେ କି ଶୁଣିନଥିଲେ ତା ମୁହଁରୁ । ହଠାତ କାହା ସ୍ୱର ଶୁଣି ଚମକି ଚାହିଁଲେ ସୁବୋଧ । ଓଢଣା ତଳୁ ଝୁମୁରି କହୁଥିଲା ତୃତୀୟ ଥର ବେଦୀରେ ହାତଧରି ଘରକୁ ଆଣିଛ, ଛାଡ଼ିଦେବନି । ସତରେ ଜୀବନ ସାରା ଝୁମୁରି ତାଙ୍କୁ ସବୁ ଦେଇଛି, ପୁଅ, ଝିଅ, ସୁନ୍ଦର ସଂସାର, ଘର, ଜମି, ବାଡ଼ି ସହ ବପାଙ୍କ ଦାଇତ୍ୱ ଓ କର୍ତ୍ତବ୍ୟ ସବୁକିଛି ହେଲେ ଶେଷକୁ ହାତଛାଡି ତାଙ୍କୁ ଏମିତି ଏକା କରି ଚାଲିଯିବ ସେ ଜାଣିନଥିଲେ । ଆଜି ରଜରେ ସବୁକିଛି ଖୁବ ମନେ ପଡୁଥିଲା ସୁବୋଧଙ୍କର । ବୋହୁ ପଚାରୁଥିଲା ବାପା ଚା ଥଣ୍ଡା ହୋଇସାରିଛି ଗରମ କରି ଆଣି ଦେବି କି ?

ସାକ୍ଷୀଗୋପାଳ, ପୁରୀ, ୯୦୪୦୯୭୭୩୨୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅନ୍ଧ ପ୍ରେମିକ

ସିଦ୍ଧେଶ୍ୱର ତ୍ରିପାଠୀ



ଏମିତି କ'ଣ ପ୍ରେମ କରାଯାଏ ? ଯିଏ ଶୁଣିବ ମଥା ଘୁରିଯିବ । ଚାରି ଚାରିଟା ପିଲା ସମସ୍ତେ ବିଷ ପିଇ ଆତ୍ମହତ୍ୟା କରିଛନ୍ତି । ପୁଣି ଗୋଟିଏ ପ୍ରେମିକା ପାଇଁ । ସେ ପ୍ରେମିକା ବି ଧନ୍ୟ ଯିଏ ଗୋଟିଏ ନୁହଁ ଦିଇଟା ନୁହଁ ଚାରିଜଣକୁ ଭଲପାଇଛି । ସତ କି ମିଛ କେଜାଣି ଆଜି ଗାଁ ଛକରେ ଚା ଖଟିରେ ସମସ୍ତଙ୍କ ମୁହଁରେ ଏଇ ହାଇବ୍ରିଡ଼ ପ୍ରେମର ଚର୍ଚ୍ଚା ।

ବୁଝୁ ବୁଝୁ କଥାଟା ସତ ଏଇ ଓଡ଼ିଶାର ଘଟଣା ପରା । ଆଜିର ସବୁ ଖବର କାଗଜରେ ବାହାରିଛି । ଚାରି ଚାରିଟା ଭେଣ୍ଡିଆ ପିଲା ମରିଗଲେ । ସମସ୍ତଙ୍କ ମନଦୁଃଖ ଯେ, ହେଲେ ଯୋଉଥିପାଇଁ ମଲେ ସେ ଘଟଣା ଗୋଟେ ଅଯାଚିତ ହାସ୍ୟରୋଳ ସୃଷ୍ଟି କରୁଛି ।

ଝିଅଟି କୁଆଡେ ଭାରି ସୁନ୍ଦରୀ ଆଉ ଗୀତ ନାଚ ଆଉ ଭଲ କଥା କୁହା ଗୁଣ କୁଆଡେ ତା ପାଖରେ ଖୁନ୍ଦି ହୋଇ ରହିଛି । ନାଁଟି ତା'ର ଜିନା । କଲେଜର ଝିଅ ମାନଙ୍କ ଗହଳି ଭିତରେ ବହୁ ଦୂରରୁ ବି ସେ କୁଆଡେ ବାରି ହୋଇପଡେ । ଏଇ ବାରି ହୋଇ ପଡିବା ଗୁଣ ଯୋଗୁଁ  କଲେଜର ଅନେକ ପୁଅଙ୍କ ନଜର ଜିନା ଉପରେ । କେତେ ପ୍ରେମ ନିବେଦନ ଅନୁରୋଧ ଆଖିର ଇଶାରା ଆଉ ଉପହାର ଏସବୁ ଘଟଣା ଜିନାର ନିତି ଦିନିଆ କଥା । ଏମିତି କେତେ ଜଣକୁ ସେ ବିରୋଧ କରି ଆସୁଥିଲା । ହେଲେ ଧିରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଧିରେ ଜଣେ ଆଉ ଜଣେରୁ ଚାରିଜଣଙ୍କୁ ନିଜର ପ୍ରେମ ଜାଲରେ ଫସେଇ ସେମାନଙ୍କଠୁ ଅନେକ ଅର୍ଥ ଆଉ ଉପହାର ହାତେଇ ସାରିଛି ଜିନା ।

ରାତି ରାତି ଘଣ୍ଟା ଘଣ୍ଟା ଫୋନରେ କଥା ହେବା ଆଉ ଆଜି କାଲିକା ଫେସବୁକ ହ୍ୱାଟ୍ସଆପ ଚାଟିଙ୍ଗ ଆଉ ଭିଡିଓ କଲରେ ଆଜି ୟାକୁ ତ କାଲି ତାକୁ ଟିକିଏ ଜାମା କାଢି ଦେହରୁ ଫାଳେ ଦେଖେଇ ଦେଲେ ସେ ପ୍ରେମିକମାନେ ଭାରି ଖୁସି । ସତ କେବେ ଲୁଚି ରହେନା । ଚୋର ଘର ସବୁବେଳେ ଅନ୍ଧାର ନଥାଏ । କଥାଟା ସମସ୍ତଙ୍କ ପାଖରେ ଧରା ପଡିଗଲା । ଚାରିଜଣ ପ୍ରେମିକଙ୍କ ଭିତରେ କଥା କଟାକଟି ଯୁକ୍ତିତର୍କ ଲାଗିଲା । ସଭିଙ୍କ ମୁହଁରେ ସେଇ ଗୋଟିଏ କଥା ସିଏ କେବଳ ମୋର । ତୁମେମାନେ ତାକୁ ଭୁଲିଯାଅ । କେହି କିଛି ବୁଝିବାକୁ ନାରାଜ ଶେଷକୁ ଏଇ ନିଷ୍ପତି ସମସ୍ତଙ୍କର ସମୁହ ବିଷପାନ । ଯିଏ ବଞ୍ଚିବ ଜିନା ତାର ହବ କଥା ଶେଷ ।

କଥା ତ ଯାହା ଶେଷ ହେଲା ହେଲା ଅକାରଣରେ ବିଚାରା ଚାରି ଚାରିଟା ଜୀବନ ଚାଲିଗଲା । ଗୋଟିଏ ହାତ ଲେଖା କାଗଜରୁ ଏସବୁ ଘଟଣା ଧରା ପଡିଲା ଯୋଉଥିରେ ସେ ଝିଅର ନାଁ ଠିକଣା ଫୋନ ନମ୍ବର ବି ଲେଖା ଅଛି । ଏବେ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଚାରୋଟି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ନିଜଆଡୁ ଏକ ମାମଲା ରୁଜୁ କରି ଖାନତଲାସ ଚଳାଇଛି । ଦୋଷୀକୁ କଠୋରରୁ ଅତିକଠୋର ଦଣ୍ଡ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛି । ଏଣେ ଚାରି ଚାରିଟା ପରିବାର ନିଜ ପୁଅମାନଙ୍କୁ ହରାଇ କିଭଳି ଅବସ୍ଥାରେ ଥିବେ ଆହା । ଏଇ ଗଣମାଧ୍ୟମରୁ ଖବରପାଇ ସେଇ ପିଲାମାନଙ୍କ ଘର ଲୋକ ମଧ୍ୟ ସେଇ ଗୋଟିଏ ଝିଅ ନାଁରେ ଭିନ୍ନ ଭିନ୍ନ ଥାନାରେ ଅଭିଯୋଗ କରିଛନ୍ତି ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ଇଏ କି ଯୁଗ ହେଲା ଏ ଭଳି ଘଟଣାରୁ ପିଲା କ'ଣ ଶିଖିବେ । ହ ଗୋଟେ ହାତରେ କୋଉ ଅବା ତାଳି ବାଜେ । ଯୁବପିଢ଼ି ଏଇ ପ୍ରେମ ନିଶାରେ ନିଜର ପରିବାର ଭବିଷ୍ୟତ ଏମିତିକି ନିଜ ଜୀବନକୁ ବି ନଷ୍ଟ କରିଦିଅନ୍ତି । ଆଉ ସେ ଜିନାର ଅବସ୍ଥା କ'ଣ ହବ କେଜାଣି । କାଲି ଆଡ଼କୁ ସବୁ ଗଣମାଧ୍ୟମରୁ ଜଣା ପଡିବ ଯେ । ହଉ ମୁଁ ଯାଉଛି ପରିବା ପତ୍ର କିଣିବି ଆପଣମାନେ ବି ନିଜ ନିଜ କାମରେ ବ୍ୟସ୍ତ ରୁହନ୍ତୁ ।

ଆଉ ହଁ ଏଇ ଅନ୍ଧ ପ୍ରେମିକର ମନକଥାକୁ ସମସ୍ତେ ବୁଝି ପାରନ୍ତିନି ସତରେ, ଏମିତି ଅନ୍ଧ ପ୍ରେମିକ ହବାଟା କ'ଣ ଭଲ କଥା କି ?

କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବିଦାୟ ପରେ ପରେ

ନୀଳମଣି ସାହୁ



ମନ ଭିତରେ ମୋର ଦୁର୍ବାର ଆନ୍ଦୋଳନ । ସତେ ଯେମିତି ମୃଦୁ ଭୂମକମ୍ପରେ ସମଗ୍ର ମଞ୍ଚଟା ଥରି ଉଠିଲା । ଶରୀରର ସୁପ୍ତ ଲୋମଗୁଡାକ କେମିତି ଗୋଟାଏ ତାରଲ୍ୟଭରା ପ୍ରତିକୂଳତାରେ ପ୍ରବାହିତ, ତା'ର ମୂଳରେ ଶୀତଳ ବିନ୍ଦୁ ବିନ୍ଦୁ ପରି କ୍ଷଣିକ ସାମୟିକ ଶିହରଣ । ବରକନ୍ୟାଙ୍କର ବିଭିନ୍ନ ଅଙ୍ଗଭଙ୍ଗୀ ଦେଇ ଚିତ୍ର ଉତ୍ତୋଳନ କରୁଥିବା ସମୟରେ ମୋର ଅଙ୍ଗରେ ଏକ ରକମର ଭଙ୍ଗିହୀନ ବିଚଳିତ ପଣିଆ, ଏବେ ଏଠାରୁ କିଛି କ୍ଷଣ କୁଆଡେ ଚାଲିଯିବାକୁ ଇଚ୍ଛା ହେଉଛି । ହେଲେ ବରକନ୍ୟାଙ୍କର ସମସ୍ତ ଉପହାର ସଂରକ୍ଷଣର ଦାୟିତ୍ୱ ଯେ ସମ୍ପୂର୍ଣ୍ଣ ମୋର, ଏକଥା ଭୁଲିଗଲେ ଅନେକ ଭ୍ରମର ମୁଁ ଜନ୍ମଦାତା ହୋଇଯିବି ! ତେଣୁ ଦମ୍ଭଧରି ବସିବାକୁ ବୃଥା ଚେଷ୍ଟା କଲି ।

ଅନେକ ଦିନ ପରେ ମୁଁ ଦେଖୁଛି, ଗୋଟାଏ ନାତିଦୀର୍ଘ ପୁଷ୍ପପଥରୁ ପ୍ରାଚୀ ନିଜ ସର୍ବଗୁଣ ସମ୍ପନ୍ନ ସ୍ୱାମୀ ସହ ହାତ ଛନ୍ଦି ଚାଲି ଆସୁଛି ବରକନ୍ୟାଙ୍କ ଆଡ଼କୁ । ନିୟୋଜିତ ପରିଚରିକାମାନେ ଫୁଲ ବିଞ୍ଚି ବିଞ୍ଚି ପାଛୋଟି ଆଣୁଛନ୍ତି ମଞ୍ଚା ଉପରକୁ । ସତରେ, ଆଜି କାଲିକା ସ୍ୱାମୀ ସ୍ତ୍ରୀମାନେ ବାସ୍ତବରେ ଏତେ ଅନ୍ତରଙ୍ଗ ନୁହନ୍ତି, ଯେତିକି ସେମାନେ କ୍ୟାମେରା ସାମନାରେ ଆଉ ସର୍ବସମ୍ମୁଖରେ....

ସେ ଯାହା ବି ହେଉ, ତାର ସ୍ୱାମୀ ପ୍ରତି ଆସ୍ପର୍ଦ୍ଧା ଦେଖି ମୁଁ ବହୁତ ଖୁସି ହେଉଥିଲି, କିନ୍ତୁ ଅତୀତରେ ନେଇ ସାରିଥିବା ଅନ୍ତିମ ବିଦାୟ ପୁନଶ୍ଚ ମତେ ସେହି ଦୃଶ୍ୟପଟରେ ଆଙ୍କି ଦେଇବ ବୋଲି ମୋର ଆଦୌ ଧାରଣା ନଥିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗୋଟାଏ ଫ୍ଲୁ ରୋଗୀ ପରି ମୁହଁରେ ମାସ୍କ ପିନ୍ଧିବାକୁ ଖୋଜିଚାଲିଲି । ହେଲେ ଏ ପରିସ୍ଥିତି ଆଗରୁ ଜଣାଥିଲେ ହୁଏତ ମୋର ପକେଟ୍ ରେ ମୋତେ ତାହା ମିଳି ଯାଇଥାନ୍ତା । ଦେଖି ନଦେଖିଲା ପରି ହେଲେ ତ କଥା ସରିଲା । ସେ ଦୁହେଁ ଅତିବେଶୀରେ ବରକନ୍ୟାଙ୍କ ପାଖରେ ଦଶ ବା ପନ୍ଦର ମିନିଟରୁ ଅଧିକ ରହିବେନି, ତା ପରେ ତ ସବୁ ସାଧାରଣ, ଅନ୍ତତଃ ସେତିକି ସମୟ ନିଜକୁ ସମ୍ଭାଳି ନେବାକୁ ହେବ ।

ଅତି ମାର୍ଜିତ, ଭଦ୍ର, ସ୍ନିଗ୍ଧ, ମୂର୍ତ୍ତିମନ୍ତ ପ୍ରତୀକ ପରି ସତେଜ ପୁରୁଷ କଳେବରଟିଏ ଶୁଭ୍ର ନାରୀମୂର୍ତ୍ତିଟିଏ ସାଥିରେ ଧରି ଷ୍ଟେଜ ଉପରକୁ ଉଠିଆସନ୍ତି ପ୍ରଭାସ ବାବୁ, ବର୍ତ୍ତମାନର ବରଗଡ଼ ଜିଲ୍ଲାର କାର୍ଯ୍ୟରତ ଜିଲ୍ଲାପାଳ । ପ୍ରାଚୀର ବେଶଭୂଷାରୁ ଲାଗୁଥିଲା, ସେ ଯେମିତି ବିବାହ ପରେ ଇନ୍ଦ୍ରଙ୍କ ଦରବାରର ଉର୍ବଶୀ ପାଲଟି ଯାଇଛି । ସେ ପତ୍ନୀ ହୋଇଥିବା ପୁରୁଷର ସଦଗୁଣ ଯେ ଶତଗୁଣ ମୁଗ୍ଧ ହୋଇ ପରିବର୍ଦ୍ଧିତ ହୋଇଥିବ, ତାହା ମୁଁ ନିଶ୍ଚିତ ମନେକଲି, କାରଣ ସେ ଯେ କେବଳ ରୂପବତୀ ତାହା ନୁହେଁ ବରଂ ଅନେକ ସଦଗୁଣରେ ଭୂଷିତା ।

ଦେଖୁ ଦେଖୁ ସେ ଦୁହେଁ ବରକନ୍ୟାଙ୍କର ଅତି ଅନ୍ତରଙ୍ଗ ବନ୍ଧୁ ଓ ବାନ୍ଧବୀ ପରି ନିଜର ହୋଇଗଲେ । ଲାଗିଲା ଯେମିତି ଆଜିର ପର୍ବରେ ସେମାନେ ଥିଲେ ମୁଖ୍ୟ ଅତିଥି । ଗିଫ୍ଟ ଲଫାପାଟା ଫଟୋ ଉତ୍ତୋଳନ ପରେ ମୋ ଆଡ଼କୁ ବଢାଇ ଦେବାକୁ ବରକନ୍ୟାଙ୍କର ଇଙ୍ଗିତରେ ପ୍ରଭାସ ବାବୁଙ୍କ ସହ ପ୍ରଥମ କରି କଥା ହେବାର ସୁଯୋଗଟିଏ ପାଇଥିଲି । ଅତି ଅଳ୍ପ କଥାରେ ସେ ମୋତେ ମୋହିତ କରିନେଲେ । ସେତିକିରୁ ମୁଁ ବୁଝି ସାରିଥିଲି ସୌଭଗ୍ୟବତୀ ନାରୀମାନେ ଏପରି ସୁପୁରୁଷଙ୍କ ହାତ ଧରନ୍ତି, ଆଉ ଭାଗ୍ୟହୀନା ମାନେ ମୋ ପରି ପୁରୁଷର । ଆଗରେ ପଛରେ ଅନେକ ଯତ୍ନ ନେଉଥାନ୍ତି ସାଥୀରେ ଆସିଥିବା ଗାର୍ଡ ମାନେ, ଜିଲ୍ଲାପାଳଙ୍କ ପତ୍ନୀଙ୍କୁ ଏମିତି ଯତ୍ନ ମିଳିବା କିଛି ଅସ୍ୱାଭାବିକ ନୁହେଁ ।

ପ୍ରଭାସ ବାବୁଙ୍କ ହାତରୁ ପାଇଥିବା ଲଫାପା ଟିକେ ଓଜନଦାର ମନେ ହେଲା...

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କ୍ଷଣକ ପାଇଁ ଅତୀତର ଦୃଶ୍ୟରାଜି ମୋ ମାନସପଟ୍ଟରେ ଚିତ୍ରିତ ହୋଇଯାଉଥିଲା, ସତରେ ପ୍ରେମକୁ ଏତେ ଶକ୍ତି ଦେଲା କିଏ ? ଜୀବନ ଆଉ ମୃତ୍ୟୁ ରୂପକ ଦୁଇଟା ଘୋଡାର ଲଗାମ ପ୍ରେମ ହାତରେ କାହିଁକି ସମର୍ପିଦେଲେ ଈଶ୍ୱର ? କେତେବେଳେ ଯେ କୋଉ ଘୋଡାର ଗତି କେତେ ଦ୍ରୁତତର ହେବ ତାହା ନିର୍ଦ୍ଧାରିତ କରିବାର କ୍ଷମତା ସେ ପାଇଲା ବା କୋଉଠୁ ? ପ୍ରେମ ଶାଶ୍ୱତ, ଅଲିଭା ସ୍ୱାକ୍ଷର, ଈଶ୍ୱରୀୟ ସତ୍ତା ଏହା କେବଳ ଜଣକୁ ମହାନ୍ କରିବାକୁ କୁହାଯାଇପାରେ, ବାସ୍ତବରେ ପ୍ରବୃତ୍ତିକୁ ବାଦ ଦେଇ ପ୍ରେମର ମହତ୍ତ୍ୱ ବା କଣ, ନିବୃତ୍ତି ଆଉ ସମର୍ପଣ ପ୍ରେମର ଅତିମାନବିୟ ଅବସ୍ଥା, ଯାହାକୁ ସାଧାରଣ ମଣିଷ ସାଧି ପାରେନା, ତାକୁ ଦରକାର୍ ପ୍ରାପ୍ତି, ଯୋଉଠି ପ୍ରାପ୍ତି ନାହିଁ ସେଠି ପ୍ରେମର କୌଣସି ଅର୍ଥ ନାହିଁ । ଏହା ଅତି ଭଲରେ ବୁଝି ସାରିଥିଲା ପ୍ରାଚୀ, ସେଥିପାଇଁ ସେ ପ୍ରାପ୍ତିର ସୁଅରେ ଭାସିଗଲା, କାରଣ ମୁଁ ଥିଲି ଅପ୍ରାପ୍ତିର ଗୋଟାଏ ଧୁଆଁ, ଦୂରକୁ ଶୁଭ୍ର, ସ୍ୱର୍ଗୀୟ ଜ୍ୟୋସ୍ନା ପରି ଦେଖା ଯାଉଥିବା ଧୂଆଁ ଯେ କ୍ଷଣସ୍ଥାୟୀ ଓ ମଣିଷକୁ ଅନନିଶ୍ୱାସି କରି ପକାଏ ସେ ବୁଝି ସାରିଥିଲା ।

କୁହାଯାଏ, ଝିଅମାନେ ନିଜକୁ ଆର୍ଥିକ ସଶକ୍ତ କରିବାକୁ ପୁରୁଷଠାରୁ ଶତଗୁଣ ଅଧିକ ଚେଷ୍ଟିତ, ଏହା ବାସ୍ତବରେ ସତ୍ୟ ବୋଲି ଅନୁଭବ କରିବାକୁ ବାଧ୍ୟ ହେଲି, ଯେଉଦିନ ମୋର ଆଯୋଗ୍ୟତା ପାଇଁ ପ୍ରାଚୀ ମୋର ହାତ ଛାଡିଥିଲା ।

ବିଫଳ ପ୍ରେମ ମଣିଷକୁ ଦୁଇଟା ଜିନିଷ ଦେଇଯାଏ, ଗୋଟିଏ ଜୀବନ ଅନ୍ୟଟି ମୃତ୍ୟୁ ! ମୋତେ ଦେଇଗଲା ଜୀବନ, ସେଉଠୁ ମୋର ଗାଁ ଛଡ଼ା, ଦୂରରେ ରହି ଅଧ୍ୟୟନ ଆଉ ଆଜିର ଏ ଦୂରଦର୍ଶନ କେନ୍ଦ୍ରର ଆସିଷ୍ଟାଣ୍ଟ ଡାଇରେକ୍ଟର ପଦବୀ, ମୋ ଭିତରେ ତଥାପି ଅପୂର୍ଣତା, କାରଣ ଏତେ ବଡ ଦୁନିଆରେ ମୁଁ ଏକା ।

ସ୍ୱାମୀ-ସ୍ତ୍ରୀ ଦୁଇ ଜଣ ସାଥୀ ହୋଇ ଓହ୍ଲେଇ ଗଲେ ଷ୍ଟେଜ ତଳକୁ, ଗୋଟିଏ ପଦ ବି କଥା ହେଲାନି ପ୍ରାଚୀ, କାରଣ ଅଜଣା ପୁରୁଷ ସହ କଥା ହେବାଟା ସତୀ ନାରୀର ଆଦର୍ଶ ନୁହେଁ । ତା ଛଡା ସଂଜତ ଓ ଚାଲାକ୍ ନାରୀ ମାନେ ନିଜ ଅତୀତର ପରିଚୟ ସ୍ୱାମୀଙ୍କୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେବା ପାଇଁ ସର୍ବଦା କୁଣ୍ଠିତ । ଯେତେ ସମ୍ଭବ ସ୍ୱାମୀଙ୍କ ଅନଭିଜ୍ଞତା ତାଙ୍କ ପାଇଁ ଆଶୀର୍ବାଦ, ନହେଲେ ସୀତାଙ୍କ ପରି ନିର୍ଦ୍ଦୋଷ ହୋଇ ବି ଦୁଇ ଦୁଇ ଥର ଅଗ୍ନି ପରୀକ୍ଷାକୁ ସାମ୍ନା କରିବାକୁ ପଡିପାରେ, ମୁ ବି ସେଇୟା ଚାହୁଁଥିଲି, ଅଜଣା ପରି ବ୍ୟବହାର ପାଇ ଅବାଞ୍ଛିତ ମଣିଷଟେ ପରି ରହିଯିବାକୁ ।

କିଛି ବର୍ଷ ପରେ ପ୍ରଭାସ ବାବୁ ଭୁବନେଶ୍ୱର ମହାନଗର ନିଗମର କମିସନର ହୋଇ ଆସନ୍ତି । ମୁଁ ସେତେବେଳେ ଆସିଷ୍ଟାଣ୍ଟ ପଦବୀରୁ ଡାଇରେକ୍ଟର ପଦବୀକୁ ଉନ୍ନୀତ ହୋଇ ସାରିଥାଏ । ଭୁବନେଶ୍ୱର ସହରି ଅଞ୍ଚଳରେ ବର୍ଷା ଜନିତ ସମସ୍ୟାର ସ୍ଥାୟୀ ସମାଧାନ ନ ହୋଇ ପାରିବା କାରଣରୁ ଦିନେ ସାମାନ୍ୟ ବର୍ଷାରେ ସହରର ପ୍ରମୁଖ ସ୍ଥାନ ଜଳମଗ୍ନ ହୋଇଥାଏ, ଆଉ ସେ ଖବରଟା ସେ ଦିନର ମୁଖ୍ୟ ଖବର ଭାବରେ ଦୂରଦର୍ଶନରେ ପ୍ରସାରିତ ହେଉଥାଏ । ଗଣମାଧ୍ୟମ ପ୍ରତିନିଧିଙ୍କ ଅନେକ ପ୍ରଶ୍ନ କମିଶନରଙ୍କୁ, ହେଲେ ସେ ପ୍ରଶ୍ନ ଗୁଡ଼ିକର କୌଣସି ସହଜ ଉତ୍ତର ପ୍ରଭାସ ବାବୁଙ୍କ ପାଖରେ ନଥାଏ । ସ୍ୱାମୀଙ୍କ ଏପରି ଅବସ୍ଥାରେ ବିଚଳିତ ହେବା ଜଣେ ଆଦର୍ଶ ନାରୀ ପକ୍ଷେ ସ୍ୱାଭାବିକ କଥା । ପ୍ରାଚୀ ବିରକ୍ତି ଭାବ ପ୍ରକାଶ କରି ସ୍ୱାମୀଙ୍କ ଆଗରେ ମୋ ନାମ ନେଇ ଅନେକ ଗାଳି କରିଗଲା, ସ୍ୱାମୀ ତାଙ୍କର ସବୁ ଅବାକ୍ ହୋଇ ଶୁଣୁଥାନ୍ତି, ଶେଷରେ ସେ ଜାଣିବାକୁ ପାଆନ୍ତି ସେଦିନ ମଞ୍ଚ ଉପରେ ଭେଟିଥିବା ଗିଫ୍ଟ ସାଇତା ମଣିଷଟା ମୁଁ, ଆଉ ପ୍ରାଚୀର ପୁରୁଣା ବନ୍ଧୁ ମଧ୍ୟ ।

ହେଲେ ପ୍ରାଚୀ ଜଣେ ଶିକ୍ଷିତା ହୋଇ ବୁଝିପାରିଲାନି କିପରି, ଯେ ମୁଁ ଡାଇରେକ୍ଟର, ରିପୋର୍ଟର ନୁହେଁ ବୋଲି । ତେବେ ବ୍ୟକ୍ତିଗତ ଭାବରେ ମୁଁ ଫୋନ କଲି କମିସନରଙ୍କ ପାଖକୁ, ଗୋଟାଏ ସାକ୍ଷାତକାର ନେବାକୁ ଅନୁରୋଧ କରିବା ଉଦ୍ଦେଶ୍ୟରେ, ସେ ଗୋଟିଏ ସର୍ତ୍ତରେ ମୋ ସହ ସାକ୍ଷାତକାର ଦେବାକୁ ରାଜି ହେଲେ । ସର୍ତ୍ତଟି ଥିଲା ମୁଁ ଯେପରି କୌଣସି ସରକାରୀ କଳ ବିପକ୍ଷବାଦୀ ପ୍ରଶ୍ନ ନକରେ, ମୁଁ ତାଙ୍କୁ ପୂର୍ଣ୍ଣ ଭରସା ଦେଲି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସାକ୍ଷାତକାର ସରିଗଲା, ସେତେବେଳକୁ ପ୍ରାୟ ରାତି ଆଠଟା ବାଜି ଯାଇଥାଏ, ପର୍ସନାଲ ଚାମ୍ବରକୁ ଡାକି ଡିନର କରିବାକୁ ତାଙ୍କୁ ମୁଁ ବାଧ୍ୟ କଲି । କାରଣ ତାଙ୍କର ବ୍ୟକ୍ତିତ୍ୱ ମୋତେ ଅତ୍ୟନ୍ତ ମୁଗ୍ଧ କରିଥିଲା ।

ଖାଇବା ସହ ବାର୍ତ୍ତାଳାପ ମଧ୍ୟ ଚାଲିଥାଏ, ସେ କହିଲେ, ପ୍ରାଚୀର ଆପଣ ପୁରୁଣା ବନ୍ଧୁ ବୋଲି ମୁଁ ଆଦୌ ଜାଣି ନଥିଲି ।

-- ହଁ ଅତି ଯତ୍ନଶୀଳା ବାନ୍ଧବୀଟିଏ, ଆପଣ ଭାଗ୍ୟବାନ ତା ପରି ସ୍ନେହଶୀଳା ପତ୍ନୀ ପାଇ । ସେ ମଧ୍ୟ ଅତି ଭାଗ୍ୟବତୀ ଆପଣଙ୍କ ପରି ଗୁଣୀ ଲୋକର ହାତ ଧରି ।

-- ଆରେ ନା ନା । ସେମିତି କହି ମୋତେ ଗୌରବ ପୁରୁଷର ଆଖ୍ୟା ଦିଅନ୍ତୁନି, ସେ ଯଦି ଆପଣଙ୍କ ଅନ୍ତରଙ୍ଗ ବାନ୍ଧବୀ ତେବେ ତାର ଏବେକାର ଦୁଃଖକୁ ଜାଣିଥିବେ ନିଶ୍ଚୟ ।

- ତାର ପୁଣି କି ଦୁଃଖ ! ଆପଣଙ୍କୁ ସ୍ୱାମୀ ଭାବରେ ପାଇ ସେ ଦୁଃଖୀ ଥିବ ଏକଥା କେହି ବି ବିଶ୍ୱାସ କରିବେନି ।

- ତାହା ଅକଥନୀୟ, ମୁଁ ଆପଣଙ୍କୁ ତାର ଅନ୍ତରଙ୍ଗ ବନ୍ଧୁ ବୋଲି କହିଦେଇ କିଛି ଦୁଃଖକୁ ହାଲୁକା କରିବାକୁ ଚାହେଁ । କାରଣ ବଡ ପଦବୀରେ ଚାକିରୀ କଲେ ଆଉ କେହି ଦୁଃଖ ଶୁଣିଲା ପରି ଅନ୍ତରଙ୍ଗ ରୁହନ୍ତିନି । ବାର୍ଥ କଣ୍ଟ୍ରୋଲ ପିଲର କ୍ରମାଗତ ବ୍ୟବହାର ଯୋଗୁ ଜରାୟୁ ସଂକ୍ରମଣ ଜନିତ ରୋଗରେ ସେ ପୀଡ଼ିତା ଆଉ ମାତୃତ୍ୱ ପରି ଗୌରବରୁ ବଞ୍ଚିତା । ସ୍ୱଭାବତଃ ଚିଡି ଚିଡା ହୋଇଯାଇଛି ସେ । ଯୋଉ ବୟସରେ ପିଲାଙ୍କୁ ମାତୃତ୍ୱର ସ୍ନେହ ବାଣ୍ଟିବା କଥା ଘରର କୁକୁରକୁ ସ୍ନେହ ବାଣ୍ଟିବାକୁ ବାଧ୍ୟ ।

ଏ କଥା ଶୁଣିସାରିବା ପରେ ନିଜକୁ ନିଜେ ଗୋଟିଏ ପ୍ରଶ୍ନ କଲି - ସମାଜରେ ଶିକ୍ଷିତ ଦମ୍ପତିଙ୍କର ଆଜି ଯଦି ଏ ଅବସ୍ଥା, ତେବେ ଅଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ମାନେ କାହାକୁ ଅନୁସରଣ କରିବେ ? ପ୍ରାଚୀ ଏମିତି ମୂର୍ଖ ପାଲଟି ଗଲା କେମିତି ?

ଗୋଟିଏ ପ୍ରେମକୁ ପାଦରେ ଆଡେଇଦେଇ ପୁଣି ବୈବାହିକ ଜୀବନର ଦାମ୍ପତ୍ୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୁଖକୁ ନର୍କକୁ ଠେଲି ଦେବାରେ କଣ ମହତ୍ତ୍ୱ ଥାଏ ? ତେବେ ଜୀବନ ବଞ୍ଚିବାର ତୃଷ୍ଣା କାହା ପାଖରେ ତୃପ୍ତ କରିବ ସେ ? ?

ପ୍ରଭାସଙ୍କର ଏହି ବିପନ୍ନ ଜୀବନକୁ କେବଳ ସହାନୁଭୂତିପୂର୍ଣ୍ଣ ଚାହାଣୀରେ ବିଦାୟଦେବା ଛଡା ମୋ ପାଖରେ ଆଉ କିଛି ଉପାୟ ନଥିଲା । ରାଜଧାନୀର ଛାତି ଉପରେ ଅଖଣ୍ଡ କ୍ଷମତା ଉପଭୋଗ କରୁଥିବା ସରକାରୀ ବାବୁ ଜଣକ ତାଙ୍କର ବ୍ୟକ୍ତିଗତ ଜୀବନରେ କେତେଯେ ଅକ୍ଷମ ତାଙ୍କ ମୁଖଚିତ୍ରରୁ ସ୍ୱଷ୍ଟ ବାରି ହୋଇ ପଡୁଥିଲା ।

ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ

ଉଦୟନାଥ ମହାବିଦ୍ୟାଳୟ, ଅଡ଼ଶପୁର

ଭ୍ରାମ୍ୟଭାଷ : ୭୦୦୮୦୭୦୧୬୬

ଇମେଲ୍ : nilamanisahoo35@gmail.com

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତା'ପରେ

ନିବେଦିତା ପଣ୍ଡା



ବାପ ମା ଛେଉଣ୍ଡ ଅରିକ୍ଷିତ ପିଲାଟିଏ ବିଶିଆ । ବିଶ୍ୱନାଥରୁ ଧିରେ ଧିରେ ସେ କେତେବେଳେ ବିଶିଆ ହୋଇଗଲା, ତାର ମନେ ନାହିଁ । ଦାଦା ଖୁଡିଙ୍କ ପାଖରେ, ବେଳେ ଖାଇ ବେଳେ ଉପାସରେ ରହି ବଡ ହୋଇଗଲା । ପିଲାଟି ଦିନରୁ ବାପା ମାଆ ଛେଉଣ୍ଡ । ଦାଦା ଖୁଡି ପାଖରେ ଛୋଟରୁ ବଡ଼ ହୋଇଛି । ପାଠ ବେଶୀ ପଢ଼ି ପାରିନାହିଁ ଅର୍ଥ ଅଭାବରୁ । ଧୀରେ ଧୀରେ ବଡ଼ ହୋଇଗଲା, ବିବାହର ବୟସ ବି ହେଲା । ତା ଆଗରୁ ତ ବିଲ ବାଡ଼ି କାମରେ ଭାରି ଧୁରନ୍ଧର ହୋଇ ଯାଇଥିଲା । ବିବାହର ଆଗରୁ ସବୁ ପିଲାଙ୍କ ଭଳି ସେ ବି ସ୍ୱପ୍ନ ଦେଖିଥିଲା ସ୍ତ୍ରୀକୁ ରାଣୀ କରି ରଖିବ । ତାକୁ ମେଳା ଯାତ୍ରା ବୁଲେଇ ନେବ । ତା ପାଇଁ ହାଟରୁ ରଙ୍ଗ ବେରଙ୍ଗୀ ଲୁଗା କିଣି ଆଣି ଦେବ ଇତ୍ୟାଦି ଇତ୍ୟାଦି । କେତେ କଣ ସ୍ୱପ୍ନରେ ମସଗୁଲ୍ ।

ବାହାଘର ହୋଇଗଲା ତା ମନ ଲାଖି ଝିଅଟି ସାଙ୍ଗରେ । ଦେଖୁଥିବା ସ୍ୱପ୍ନ, ସ୍ତ୍ରୀ ପାଖରେ ସବୁ ବଖାଣିଲା । ସ୍ତ୍ରୀକୁ ଖୁସିରେ ରଖିବା ପାଇଁ ଅଧିକା ପରିଶ୍ରମ କରି ଦୁଇ ପଇସା ଅଧିକା ବି କମେଇଲା । ଯୋଉ ସ୍ତ୍ରୀର ଖୁସି ପାଇଁ ଅଧିକ କାମ କରିଲା, ସେଇ ସ୍ତ୍ରୀକୁ ଟିକେ ସମୟ ଦେଇ ପାରିଲା ନାହିଁ କାରଣ ଦିନରାତି ପରିଶ୍ରମ କରି ଘରେ ଆସିଲେ ଆଉ କୋଉ ସରାଗ ଥିବ ମନରେ ? ସ୍ତ୍ରୀଟି ଦିନ ସାରା ଜଗିଥାଏ ସ୍ୱାମୀର ଆସିବା ବାଟକୁ । ସ୍ତ୍ରୀକୁ ଦେଇଥିବା ସବୁ ପ୍ରତିଶୃତିରେ ଧୂଳି ଜମିବାକୁ ଲାଗିଲା ଧୀରେ ଧୀରେ ।

ତାପରେ ଜଣଙ୍କ ପରେ ଜଣେ ପିଲା ଆସିଲେ ଜୀବନକୁ । ପିଲାଙ୍କ ପେଟରେ ଦାନା ଦେବାଠାରୁ ଆରମ୍ଭ କରି ତାଙ୍କୁ କେମିତି ଦୁଇଅକ୍ଷର ପାଠ ପଢେଇବ ସେ ନିଶାରେ ବିଶିଆ ଭୁଲିଗଲା ସ୍ତ୍ରୀକୁ । ସ୍ତ୍ରୀ ସ୍ୱାମୀ ଦୁଇଜଣ ଯାକ, ଜୀବନ ଜଞ୍ଜାଳରେ ପେଶି ହେଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିଜକୁ ଭୁଲିଗଲେ ଏବଂ ପରସ୍ପରକୁ ଦେଇଥିବା ପ୍ରତିଶୃତି ଉପରେ ବହଳେ ଧୂଳି ଜମି ଯାଇ ଲୁଚିଗଲା ସବୁ । ବେଳେ ବେଳେ ନିରୋଳାରେ ବସି  ବିଶିଆ ଭାବେ, ପିଲା ଟିକେ ବଡ଼ ହେଲେ ଜଞ୍ଜାଳ ମୁକ୍ତ ହେବି । ପିଲା ବଡ଼ ହେଲା ପରେ ଭାବେ ସେମାନଙ୍କ ହାତକୁ ଦି' ହାତ କରେଇ ଦେଲେ, ଜଞ୍ଜାଳ ମୁକ୍ତ ହେବି । କିନ୍ତୁ କଣ ବିଶିଆ କେବେ ଜଂଜାଳ ମୁକ୍ତ ହୋଇ ପାରିଲା, ଜୀବନ ଜଞ୍ଜାଳମୟ । ଜଞ୍ଜାଳରେ ଥିଲା ବେଳେ ଜଞ୍ଜାଳମୁକ୍ତ ହେବା ପାଇଁ ମନ ଚାହେଁ, କିନ୍ତୁ ଜଞ୍ଜାଳ ନଥିଲେ ଜୀବନ ପାଣିଚିଆ ଲାଗେ । ଜୀବନ ଆଉ ଜଞ୍ଜାଳ ପରସ୍ପର ଗୋଟିଏ ମୁଦ୍ରାର ଦୁଇଟି ପାରଶ୍ୱ । ଜଞ୍ଜାଳ ଭିତରେ ରହି ଯିଏ ସୁଖକୁ ସାଉଁଟି ପାରିଲା, ଦୁଃଖରେ ସୁଖର ସ୍ୱାଦ ଆସ୍ୱାଦନ କରିପାରିଲା ଜଞ୍ଜାଳକୁ କର୍ମ ମନେ କରି ଆଗକୁ ଆଗେଇ ପାରିଲା ତାକୁ ଜଞ୍ଜାଳ ବି ଖୁସିଦିଏ । ପିଲାମାନେ ପାଖରେ ଥିଲେ ଜଞ୍ଜାଳ ବଢେ କିନ୍ତୁ ବଡ଼ ହୋଇ ବାହାରକୁ କର୍ମ ସଂସ୍ଥାନ ପାଇଁ ଚାଲିଗଲେ ବଡ଼ ଅସହାୟ ଲାଗେ । ତେଣୁ ଜଞ୍ଜାଳ ବରଂ ଭଲ ଏକାକୀ ଜୀବନ କଷ୍ଟ ଦାୟକ । ନିଜ ସୁଖ ସପନକୁ ଜଞ୍ଜାଳ ଭିତରେ ସଜାଇ ପାରିବା ହିଁ ପ୍ରକୃତ ଜୀବନ, ଜଞ୍ଜାଳର ମିଠା ମହକକୁ ସାଉଁଟି ପାରିଲେ ଜୀବନ ସରସ, ସୁନ୍ଦର ମଧୁର ହୁଏ ।

ରାଉରକେଲା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତା'ପରେ

ତାନଶ୍ରୀ ପାଣିଗ୍ରାହୀ



ବିବାହ କେବଳ ଏକ ସାମାଜିକ ବନ୍ଧନ ନୁହେଁ... ଅଖଣ୍ଡ ତପସ୍ୟା... ଆଜି କନ୍ୟାରୁ ପାଲଟି ଯାଇଛି ବଧୂଟିଏ ସୂର୍ଯ୍ୟସ୍ନାତା.... ମନରେ ଅନେକ ପ୍ରଶ୍ନ... ଆଜିଠାରୁ ଆରମ୍ଭ ହେବ ଆଉ ଏକ ନୂଆ ଜୀବନ... ବିବାହର ଚତୁର୍ଥୀରାତି... ବାସର ରାତି... ସ୍ୱପ୍ନର ରାତି... ନୂଆକରି ଜିଇଁବାର ରାତି... ସବୁ ନାରୀଙ୍କ ପାଇଁ ଏକ ପ୍ରତୀକ୍ଷିତ ରାତି... ଏ ରାତି ବର୍ଣ୍ଣନା କରି ହୁଏ ନାହିଁ କେବଳ ଅନୁଭବ କରିହୁଏ...।

ସୂର୍ଯ୍ୟସ୍ନାତା ଅଙ୍ଗରେ ମହକି ଉଠୁଥାଏ ନାନାବିଧ ବାସ୍ନା... କକ୍ଷରେ ମିଞ୍ଜି ମିଞ୍ଜି ହୋଇ ଜଳୁଥାଏ ବାସର ଦୀପ... ସମଗ୍ର କକ୍ଷଟି ମାଦକତାରେ ଭରପୁର... ଏ ରାତି ସୂର୍ଯ୍ୟସ୍ନାତା ପାଇଁ ଯେତିକି ଆକର୍ଷଣୀୟ ହୋଇ ଉଠୁଥିଲା... ସେତିକି ଆଶଙ୍କା ହେଉଥିଲା... ସ୍ୱାମୀ ଇଂ ସୂର୍ଯ୍ୟକାନ୍ତଙ୍କ ଉପରେ...

ଥରକ ପାଇଁ ହେଲେ ସେ ପୂର୍ବରୁ କଥା ହୋଇନାହାନ୍ତି କି ସମ୍ପୂର୍ଣ୍ଣ ଦେଖି ନାହାନ୍ତି...

ସେ ରୂପରେ କେମିତି... ଗୁଣରେ କେମିତି... ଏହି କଥା ଭାବି ହେଉଥିଲା ସୂର୍ଯ୍ୟସ୍ନାତା... ସୂର୍ଯ୍ୟକାନ୍ତଙ୍କ ପାଦତଳେ କେମିତି ନିଜକୁ ସମର୍ପଣ କରିବ, ଏମିତି ଅନେକ ଚିନ୍ତାରେ ମୁଣ୍ଡ ତାର କାହିଁକି କେଜାଣି ଭାରାକ୍ରାନ୍ତ ହୋଇ ପଡ଼ୁଥିଲା...

ଗବାକ୍ଷର ଫାଙ୍କ ଦେଇ ଚନ୍ଦ୍ର କିରଣ ବେଶ ପରିଷ୍କାର ଭାବେ ଦେଖାଯାଉଛି... ପଲଙ୍କର ବାଡ଼ରେ ରଜନୀ ଗନ୍ଧାର ମାଳା ଟଙ୍ଗା ହୋଇଛି... ପଲଙ୍କ ସାରା ବିଛୁଡ଼ି ହୋଇ ପଡିଛି ଫୁଲ ଆଉ ଫୁଲ... ଝରକା ଫାଙ୍କରେ ଜହ୍ନ କାହିଁକି ଧୀରେ ଧୀରେ କଳା ବାଦଲ ଭିତରେ ମନ ଦୁଃଖରେ ଲୁଚିବାକୁ ବସିଲାଣି... ନିଜକୁ ସଜାଡି ନେଇ... ପ୍ରତୀକ୍ଷା କରିଥାଏ ସେ.... ସତରେ ମିଳନ ଠାରୁ ପ୍ରତୀକ୍ଷା ବେଶୀ ମଧୁର...

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶେଷରେ ସବୁ ପ୍ରତୀକ୍ଷାର ଅନ୍ତ ଘଟାଇ...

ପ୍ରବେଶ କଲେ ସୂର୍ଯ୍ୟକାନ୍ତ... ତାଙ୍କ ଦେହରୁ ବି ଛୁଟୁଥିଲା ତୀବ୍ର ଅଙ୍ଗରାଗର ମହକ... ଅଙ୍ଗରେ ବାସର ବସ୍ତ୍ର ଓ ଉତ୍ତରୀୟ... ତାଙ୍କ ଓଠ ତଳେ ମୃଦୁ କମ୍ପନ... ଯେମିତି କିଛି କହିବାକୁ ଚାହୁଁଥିଲେ ମଧ୍ୟ ପ୍ରକାଶ କରିପାରୁନାହାନ୍ତି... ସୂର୍ଯ୍ୟଙ୍କର ପ୍ରବଳ ଜ୍ୟୋତି ଭଳି ଚେହେରା... ଅଥଚ ଜଣେ ନାରୀ ପାଖରେ ଏତେ ଦୁର୍ବଳ ଓ ଭୀରୁ କାହିଁକି... ?

ସୂର୍ଯ୍ୟସ୍ନାତା ଭାବିଲା... ସତରେ ପ୍ରଥମ ମିଳନ ରଜନୀରେ ସବୁ ପୁରୁଷ ଓ ନାରୀ ଲଜ୍ୟା ବୋଧ କରନ୍ତି... ପଲଙ୍କରୁ ଉଠିପଡି ସ୍ୱାମୀଙ୍କର ପାଦଧୂଳି ମୁଣ୍ଡରେ ମାରିଲା....

ମୁଣ୍ଡର ଓଢଣା ଟେକି କହିଲେ... ଓଃ କି ସୁନ୍ଦର ତୁମେ... ସରଗର ପରୀଟିଏ ସତେ....

ନାରୀ ମନ, ସହଜେ ଦୁର୍ବଳ... ପୁଣି ସୁନ୍ଦରତା ପ୍ରତି ଲୋଭ... ପ୍ରତିଟି ନାରୀ ନିଜ ପ୍ରିୟଜନଙ୍କ ନିକଟରୁ ନିଜ ରୂପର ପ୍ରଶଂସା ଶୁଣିବାକୁ ଅପେକ୍ଷା କରିଥାଏ... ଏହା ହିଁ ନାରୀର ସହଜାତ ପ୍ରବୃତ୍ତି... ଏଇଥିପାଇଁ ବୋଧେ ଯୁଗେ ଯୁଗେ ନାରୀକୁ ସମ୍ମାନ ଦେଖାଇ ସୁନ୍ଦରୀ ଆଖ୍ୟା ଦିଆଯାଇଛି... ଆଉ ଏଇ ସୁନ୍ଦରତା ପାଇଁ ନାରୀ ମନରେ ଥାଏ ଅହେତୁକ ଲୋଭ... ନାରୀର ସୌନ୍ଦର୍ଯ୍ୟ କେବଳ ପୁରୁଷକୁ ଆକର୍ଷଣ କରିବା ପାଇଁ... ନାଁ ସୁନ୍ଦରବୋଧତା ନାରୀଟିର ଜନ୍ମଗତ ପ୍ରବୃତ୍ତି... ?ନିଜକୁ ଭାବନାରେ ହଜାଇ ଦେଇଥିଲା ସୂର୍ଯ୍ୟସ୍ନାତା...

ହଠାତ ସୂର୍ଯ୍ୟକାନ୍ତ ଚିତ୍କାର କଲେ... ଓଃ କି ଭୀଷଣ କଷ୍ଟ ହେଉଛି ମୋ ଛାତିରେ...

ତାଙ୍କୁ ମୁଣ୍ଡକୁ କୋଳରେ ରଖି ଆଉଁସିଲା ସୂର୍ଯ୍ୟସ୍ନାତା... ସ୍ୱାମୀ ଇହକାଳ ପରକାଳର ଦେବତା... ତାଙ୍କ ଭଲମନ୍ଦ, ସୁଖଦୁଃଖରେ ନିଜକୁ ସାମିଲ କରିବା ହିଁ ନାରୀର ଧର୍ମ...

ଅନେକ ସମୟ ପରେ... ସୂର୍ଯ୍ୟକାନ୍ତ ଥର ଥର କଣ୍ଠରେ କହିଲେ, ମୁଁ ଦୁର୍ବଳ, ଅବସନ୍ନ... ତୁମ ସମସ୍ତ କାମନାକୁ ଚରିତାର୍ଥ କରିବା ପାଇଁ ମୁଁ ସମ୍ପୂର୍ଣ୍ଣ ଅକ୍ଷମ...

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୋତେ କ୍ଷମା କରିଦିଅ...

ନୀରବ ଦୁଃଖରେ ପ୍ରାଣ ତାର ଗୁମୁରି ଗୁମୁରି କାନ୍ଦି ଉଠିଲା ସୂର୍ଯ୍ୟସ୍ନାତାର... ନିସ୍ତବ୍ଧ ଥିଲା କକ୍ଷ... ଚାରିଆଡେ ଯେମିତି ପରାଜୟର ଗ୍ଲାନି.... ସତରେ କଣ ସାରା ଜୀବନ ଏମିତି ରହିବାକୁ ପଡ଼ିବ... ?

ଜୀବନର ସମସ୍ତ ଗୋପନ ରହସ୍ୟକୁ ସ୍ୱାମୀ ସୂର୍ଯ୍ୟ କହିଚାଲିଥିଲେ ପତ୍ନୀ ପାଖରେ... ନାରୀ ତୁମେ... ପ୍ରତିଟି ପୁରୁଷ ଗୋଟିଏ ନାରୀ ପାଖରୁ ଚାହେଁ ମାଆର ବାତ୍ସଲ୍ୟ ଓ ପତ୍ନୀର ମମତା... ତୁମେ କଣ ଏତିକି ଦେଇ ପାରିବନି... ?

ଆଖିରୁ ଲୁହ ପୋଛି... ସୂର୍ଯ୍ୟସ୍ନାତା କହିଲା ନିଶ୍ଚୟ... ବିବାହ ତ କେବଳ ଦୁଇ ଦେହର ମିଳନ ନୁହେଁ... ଦୁଇ ଆତ୍ମାର ମିଳନ... ଦୁଇ ମନର ମିଳନ... ଆକାଶ ଓ ପୃଥିବୀ ଭଳି ଆମର ମିଳନ ନିଶ୍ଚୟ ଚିରନ୍ତନ ହେବ...

ସେଇ ତ ଚିରନ୍ତନ ମିଳନ... ଯାହା କେବଳ ଦେହରେ ନୁହେଁ... ଆତ୍ମାରେ ସମ୍ଭବ... କାରଣ ଏ ଶରୀର ଆଜି ଅଛି କାଲି କି ନ ଥିବ... ତେଣୁ ଦୈହିକ ମିଳନ ଅପେକ୍ଷା ଆତ୍ମିକ ମିଳନରେ ଅନେକ ଆନନ୍ଦ ଅଛି...

ଦେବୀ ପ୍ରତିମା ଭଳି ପତ୍ନୀ ପାଖରୁ ଏ ଭଳି କଥା ଶୁଣି ଆତ୍ମ ସନ୍ତୋଷରେ ବିଭୋର ହୋଇଯାଇଥିଲା ସୂର୍ଯ୍ୟକାନ୍ତ.....

ତାପରେ....

ଅସହାୟ ଶିଶୁଟେ ଭଳି ସୂର୍ଯ୍ୟକାନ୍ତ ପତ୍ନୀର କୋଳରେ ସୁଖନିଦ୍ରାରେ ଶୋଇଯାଇଥିଲା... ବାସର ଦୀପକୁ ଚାହିଁ

ସୂର୍ଯ୍ୟସ୍ନାତା ଈଶ୍ୱରଙ୍କୁ ପଚାରୁଥିଲା... ହେ ଈଶ୍ୱର ମୋତେ ତୁମେ ହିଁ ସାହା...କଣ କରିବି ତାପରେ.... ? ? ?

ବାଲେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅଲୋଡ଼ା ପ୍ରୀତି

ରୁଦ୍ରକାନ୍ତ ରାଉତରାୟ



ସେଦିନ ଶୁକିନାନୀ ମୁହଁ ଦାଉଦାଉ ହୋଇ ଜଳୁଥାଏ । ତା ମୁହଁରେ ସତେ ଯେମିତି କୋଟି ସୂର୍ଯ୍ୟର ଚମକ । ସୀମନ୍ତରେ ତାର ଦାଣ୍ଡିଏ ସିନ୍ଦୂର ଖାଲି ଯାହା ଦେହକୁ ସାମାନ୍ୟ ଆବୃତ କରିଥିବା ଲୁଗା ଖଣ୍ଡକ ଅନେକାଂଶରେ ଚିରିଯାଇଛି । ତାର କଥା କୁହା ପାଟି ମଉନି ଯାଇଛି । ଆମ ଗାଁ ମୁଣ୍ଡ କେନାଲ ବନ୍ଧ ପାଖରେ ଯେମିତି ଆକାଶକୁ ମିଳନ ଅପେକ୍ଷାରେ ଚାହିଁଛି ।

ଶୁକିନାନୀ ଆର ଗାଁ ଅଗଣା ଦାଦିଙ୍କର ବଡ଼ଝିଅ, ଏଇ ଶୁକିନାନୀ ୧୦ବର୍ଷର ହୋଇଥିଲା, ତା ମା' ମାନେ ଅଗଣା ଦାଦିଙ୍କ ସ୍ତ୍ରୀ ଆଉ ଦୁଇଟି ଶିଶୁ କନ୍ୟାଙ୍କୁ ଛାଡି ଆରପାରିକୁ ଚାଲିଗଲେ । ବିଚାରା ଅଗଣା ଦାଦି ଢୋଲ ବାଡେଇ ଯେତକ ରୋଜଗାର କରେ ତିନି ଛୁଆଙ୍କ ମୁହଁରେ ଦାନା ପଡ଼େ ସିନା ହେଲେ ପାଠ ଦିଅକ୍ଷର ପଢ଼ିବାକୁ ଆଉ ସମ୍ବଳ ବଳିପଡ଼େ ନାହିଁ । ଶୁକି ନାନୀର ଦଶମରୁ ପାଠ ପଢ଼ାରେ ଡୋର ବନ୍ଧାହେଲା । ବିକାଶର ପ୍ରଥମ ଶ୍ରେଣୀ ନାମ ଲେଖା ଦିନ ଅଗଣା ଦାଦି ସୁନ୍ଦରପୁର ଏକୋଇଶିଆ ପୂଜାରେ ଢୋଲ ପିଟି ରାତିରେ ଫେରୁ ଫେରୁ ବିଲ ମଝିରେ ସାପ କାମୁଡିଲା ଯେ, ସେଇ ବିଲରେ ତାର ପ୍ରାଣବାୟୁ ଉଡ଼ିଗଲା । ଅଛବ କହି କେହି ଶୁକିନାନୀଙ୍କୁ ଖବର ଟିକେ ବି ଦେଲେନି, କି ଅଗଣା ଦାଦିର ଶବକୁ ଆଣିଲେନି । ଶୁକିନାନୀ ଖବର ପାଇ ବାପାର ଶବକୁ ମଶାଣିକୁ ନେଲା । କୁନି ଭାଇଭଉଣୀଙ୍କୁ କାନ୍ଧରେ ହାତ ଦେଇ ତାଙ୍କ ମୁହଁକୁ ଅନାଇ ଅନବରତ ବୋହୁଥିବା ଲୁହକୁ ଓଠ ତଳକୁ ଚାପିଦେଉଥାଏ । ଚିତା ନିଆଁ ପାଖରେ ଛିଡାହୋଇ ଏଇ କୁନି ଭାଇ ଭଉଣୀଙ୍କ ଭବିଷ୍ୟତ ଗଢ଼ିବାର ପ୍ରତିଜ୍ଞା ନେଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଉ ନିତି ଯାଇ ଛକ ପାଖରେ ଛିଡ଼ାହୋଇ ଅନ୍ୟ ଶ୍ରମିକଙ୍କ ଭଳି କାମ କରିବା ନିମନ୍ତେ ପ୍ରାର୍ଥନା ଜାରି ରଖିଲା ।

ଛୋଟ ପିଲା ଭାବି କେହି ତାକୁ କାମକୁ ଡାକନ୍ତିନି । ଖୁବ୍ ମନଦୁଃଖରେ ଫେରି ଆସେ ସେ । ହେଲେ ମନର ଦୃଢତା ପାଖରେ ସମୟ ହାର ମାନେ । ନିତିଯାଇ ଛକରେ ଛିଡା ହୁଏ । ସବୁଦିନ ଶୁକିନାନୀକୁ ଦେଖି ମୁହଁ ଫେରେଇ ନଉଥିବା "ରାଜା ମିସ୍ତ୍ରୀ" ସେଦିନ ଶୁକିନାନୀକୁ କହିଲା -

= କାମ କରିବୁ ?

= ହଁ ବାବୁ ।

= ଇଟା ବୋହିପାରିବୁ ?

= ହଁ, ବୋହିବି ।

ବାସ୍ ତା ପରଠୁ ରାଜା ମିସ୍ତ୍ରୀ ସହ ଶୁକିନାନୀ କାମକୁ ଗଲା, ଭାଇ-ଭଉଣୀ ସ୍କୁଲ ଗଲେ । ରାଜା ପାଖରେ କାମ କରୁଥିବା ଆଉ ଏକ ମିସ୍ତ୍ରୀ ପ୍ରଳୟ ପାଖରେ ଶୁକିନାନୀର ମନ ବନ୍ଧା ପଡିଗଲା । ବେଳେବେଳେ ପ୍ରଳୟ ଶୁକିନାନୀ ଘରକୁ ଆସେ । ଶୁକିନାନୀ ଏବେ ୨୦ ବର୍ଷରେ ପଦାର୍ପଣ କଲାଣି । ପ୍ରଳୟର ଆଦର, ଭଲପାଇବା ଓ ବିଶ୍ୱାସ ପାଇଁ ତାକୁ ବିବାହ କଲା ଶୁକିନାନୀ । ହେଲେ ଭାଇ-ଭଉଣୀଙ୍କୁ ତା ପାଖରୁ ଅଲଗା କଲାନାହିଁ । ପ୍ରଳୟ ଧୀରେ ଧୀରେ ଅତ୍ୟଧିକ ମଦ୍ୟପାନ କଲା । ଶୁକିନାନୀକୁ ମାରଧର କରିବା ଆରମ୍ଭ କରିଦେଲା । ଏସବୁ ପାଇଁ କାଳେ ଭାଇ ଭଉଣୀଙ୍କର ଭବିଷ୍ୟତରେ କୌଣସି ଅଡୁଆ ପରିସ୍ଥିତି ସୃଷ୍ଟି ହେବ, ସେ ଦୁହିଁଙ୍କୁ ହଷ୍ଟେଲରେ ଛାଡିଆସିଲା ମାସକୁ ମାସ ଟଙ୍କା ପଠାଇଦେଇ ଏଠି କାମରେ ବ୍ୟସ୍ତ ରହେ । ହଠାତ୍ ପ୍ରଳୟ କାମ କରିବା ବନ୍ଦ କରିଦେଲା । ଆଉ ଦିନରାତି ମଦ ପିଇବା ପାଇଁ ଶୁକିନାନୀକୁ ପଇସା ମାଗିଲା । ଧାର କରଜରେ ବୁଡି ରହିଥିବା ଶୁକିନାନୀ ଭାଇ ଭଉଣୀର ଭବିଷ୍ୟତ ଚିନ୍ତାରେ ଭାରି ବ୍ୟସ୍ତ ଓ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିବ୍ରତ ଥାଇ ଟଙ୍କାର ଆବଶ୍ୟକତା ଥିଲେ ବି ଏକା ସ୍ତ୍ରୀ ଲୋକ କଣ କରିବ ସେ ?

ହଠାତ୍ ଦିନେ ପ୍ରଳୟ ଜଣେ ବାବୁଙ୍କୁ ସନ୍ଧ୍ୟାରେ ଘରକୁ ଡାକିଆଣି ଶୁକିନାନୀକୁ କହିଲା ଦେଖ ବିକାଶର ଡାକ୍ତରୀ ପଢିବା ପାଇଁ ଏ ବାବୁ ୨ ଲକ୍ଷ ଟଙ୍କା ଦେବେ । ଶୁକିନାନୀ ଭାରି ଖୁସି ହୋଇ ଚେୟାରଟାଏ ଆଣି ବାବୁଙ୍କୁ ଦେଲା । ଠାକୁରେ ତା ଦୁଃଖ ଶୁଣିଛନ୍ତି । ରାତି ପାହିଲେ ବିକାଶର ଆଡ଼ମିସନ୍, ଶୁକିନାନୀ ବାବୁଙ୍କୁ କାମ ବିଷୟରେ ପଚାରିଲା ।

= ବାବୁ କି କାମ କଲେ, ମୁଁ ଏତେ ଟଙ୍କା ସୁଝିବି

= ନାଇଁ ସେମିତି କିଛି ନାହିଁ, ମୋତେ ଖୁସିକଲେ ହେଲା ।

ଶୁକିନାନୀ ଏକଥା ଶୁଣି ଆଶ୍ଚର୍ଯ୍ୟ ହେଉଥାଏ, ତା ସହ ଚିନ୍ତାରେ ମଧ୍ୟ ପଡ଼ିଗଲା, ଖୁସି - କି ଖୁସି ? ପ୍ରଶ୍ନକଲା ! ଏକ ଅସମାଧାନ ସମସ୍ୟା, ଚେଷ୍ଟା କଲେ ବି ସମାଧାନ ବୋଧହୁଏ ତା ପାଇଁ ଅସମ୍ଭବ ।

ପ୍ରଳୟ କହି ଉଠିଲା, ବୁଝି ପାରୁନୁ କଣ ? ଭାଇ ଓ ଭଉଣୀଙ୍କ ଭବିଷ୍ୟତ କଣ ଏମିତି ୩୦୦ଟଙ୍କା ମଜୁରୀରେ ଗଢ଼ିବୁନା କଣ । ଆଉ ମୋର ମଦ ପିଇବା ଖର୍ଚ୍ଚ ତ ଦିନକୁ ୩୦୦ଟଙ୍କା, ବାବୁ ୨ଲକ୍ଷ ଦେବେ । ତୁ ତାଙ୍କ ଘରେ ଦୁଇମାସ ରହିବୁ ଆଉ କାମ କରିବୁ ।

କିଂ କର୍ତ୍ତବ୍ୟ ବିମୁଢ଼ ହୋଇ ବାକ୍ ଶୂନ୍ୟ ଶୁକିନାନୀ ସେହି ରାତିରେ ଆଟାଚ୍ ଧରି ବାହାରି ପଡ଼ିଲା ବାବୁଙ୍କ ସହ । ୨ମାସ ବାବୁଙ୍କ ଘରେ ରହିବା ପରେ ସେ ଆଉ ଗାଁକୁ ଫେରିନଥିଲା । ବାବୁ ଘରୁ ଆସି କେଉଁଠି ରହିଲା, କ'ଣ କଲା କେହି ଜାଣି ପାରିଲେ ନାହିଁ । ପ୍ରଳୟ ମଧ୍ୟ କିଡ଼ନୀ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କଲା । ଗତମାସ ନ୍ୟୁଜ୍ ପେପରରେ ଦେଖିଲି ଶୁକିନାନୀକୁ ପୋଲିସ୍ ଆରେଷ୍ଟ କରିଥିଲା । ଏ ଖବର ଟିଭିରେ ଦେଖି ବିକାଶ ଓ ତାର ଭଉଣୀ ମଧ୍ୟ ଶୁକିନାନୀକୁ ଘୃଣା କରିବା ଆରମ୍ଭ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରିଦେଲେ ।

କାଲି ଶୁକିନାନୀ ଜେଲରୁ ବାହାରି ତାର ଡାକ୍ତର ଭାଇ ଓ ଇଞ୍ଜିନିୟର ଭଉଣୀକୁ ଦେଖା କରିବାକୁ  ସହରକୁ ଯାଇଥିଲା । ହେଲେ ସେମାନେ ତାକୁ ଚରିତ୍ରହୀନା କହି ସମସ୍ତଙ୍କ ସାମ୍ନାରେ ଧକ୍କା ଦେଇ ବାହାର କରିଦେଲେ । ଗାଁ କୁ ଆସିଲା ତା ଘରେ କଣ ଭାରି ଜୋରରେ ଖୋଜିଲା । ବାକ୍ସରେ ଥିବା ବହୁଦିନର ବିଷ ବୋତଲଟିକୁ ଧରି ଆଇନା ଆଗରେ ବସି ସିମନ୍ତ ସିନ୍ଦୁର ପାଦରେ ଅଳତା ଲଗେଇ କେନାଲ ଆଡକୁ ଗଲା, ଆଜି ତାର ମୃତ ଦେହକୁ ଦେଖିବାକୁ ମିଳିଲା ଯାତନାର ସୁଅରେ ଜୀବନର ଡଙ୍ଗା, ବୁଡିବ କି କୂଳରେ ଲାଗିବ କିଏ କହିବ ? ଶୁକିନାନୀର ଜୀବନ ଏକ ଉତ୍ତର ବିହୀନ ପ୍ରଶ୍ନ ହୋଇ ରହିଗଲା । ମରିବା ଆଗରୁ ଏ ଶଙ୍ଖା ସିନ୍ଦୁର ଯାହାପାଇଁ ପିନ୍ଧିଥିଲା, ସେ କ'ଣ ଜାଣିଥିଲା ସେ ସ୍ୱାମୀରୂପୀ ଦଲାଲ ତାର ତା ଆଗରୁ ମରିଯାଇଛି ବୋଲି ।

ତେବେ ଭୁଲ୍ କାହାର ? ସମୟର ନା ଶୁକିନାନୀର ଚରିତ୍ରର ନା ତାର ଶରୀରର ? ନା ଭାଇ-ଭଉଣୀଙ୍କ ପାଇଁ ଦେଖିଥିବା ସ୍ୱପ୍ନର ? ନା ଭାବନାର ନା ପ୍ରଳୟ ପରି ବେଦରଦୀ ସ୍ୱାମୀର ? ଖାଲି ପ୍ରଶ୍ନର ପାହାଡ ସିନା ଛିଡା ହେବ, ହେଲେ ଉତ୍ତର କିଏ ଦବ ? ବଂଚିଥିବା ଅବସ୍ଥାରେ ଭାଇ-ଭଉଣୀଙ୍କ ସୁଖ ଭବିଷ୍ୟତ ପାଇଁ ଜିଅନ୍ତା ଶବ ପାଲଟିଥିବା ଶୁକିନାନୀ ମରିବା ବେଳେ କିନ୍ତୁ ସତେଜ, ତେଜସ୍ୱିନୀ, ରମ୍ୟରୂପା ଦେବୀଙ୍କ ଭଳି ଦୃଶ୍ୟମାନ । ସମୟର ତାଡନାରେ ଶୁକିନାନୀ ଅଲୋଡା ସିନା, ହେଲେ ଆମ ପ୍ରାଣରେ ପ୍ରୀତିର ପବିତ୍ର ଉଦାହରଣ ।

ଆଡଭୋକେଟ, ଭଦ୍ରକ

ମୋ. ୯୩୪୮୧୮୪୦୫୪

Email- rudrakanta456@gmail.com

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବିଶ୍ୱାସ

ସାଗରିକା ମହାନ୍ତି



ରୋଷେଇ ଘର କାମ ସାରି ମୁଁ ଡ୍ରଇଂରୁମକୁ ଆସି ଘଣ୍ଟା ଦେଖିଲି ରାତି ବାରଟା ବାଜିଲାଣି । ଆଜି ପୁଅର ଜନ୍ମ ଦିନ ଥିଲା ତ, କେତେ କୁଣିଆ ଆସିଥିଲେ, କେକ୍ କଟା ହେଲା ତାପରେ ଖିଆପିଆ । ଏ ସବୁ ଭିତରେ ବହୁତ ଡେରି ହେଇଗଲାଣି । ବାବୁ, ମାଆ, ଭାଇନା, ଭାଉଜ ସବୁ ଶୋଇବାକୁ ଗଲେଣି । ମତେ ଅବଶ୍ୟ ଭାଉଜ ତାଗିଦ୍ କରି କହିଥିଲେ ବେଶୀ କିଛି ସଫା କରିବୁନି, ଯାହା ରହିବ କାଲି ସକାଳୁ ହବ । ଏହି ଘର ସହିତ ମୋର ଦୁଇ ବର୍ଷର ପରିଚୟ, ଏତେ ସ୍ୱଳ୍ପ ଅବଧି ଭିତରେ ମୋର ଜ୍ଞାତ ହୁଏ ଭାଉଜ ମୋତେ ସବୁଠୁ ବେଶୀ ସ୍ନେହ କରନ୍ତି । ଠିକ୍ ନିଜ ସାନ ଭାଇ ପରି । ଜାଣିଛି ଯଦି ସବୁ କାମ ସାରିକି ଶୋଇବି, ଭାଉଜଙ୍କଠୁ ଭୀଷଣ ଗାଳି ପଡିବ । କିନ୍ତୁ କଣ କରିବି ଏମିତି ଘର ଛିନଛତ୍ର ହେଇକି ପଡ଼ିଥିଲେ ମତେ ନିଦ ହବନି କି ଶାନ୍ତି ଲାଗିବନି । ଡ୍ରଇଂ ରୁମ ଆଡେ ନଜର ବୁଲେଇଲି ସବୁଠି ଖାଲି ଉପହାର ଖୋଳ ସବୁ ପଡିଛି । ଯେତେ ମନା କଲେ ବି ପୁଅ ଉତ୍ସାହରେ ସବୁ ଉପହାର ତକ ଖୋଲି ଦେଲା । ଜନ୍ମଦିନରେ ଉପହାରର ଯେ ଏତେ ମହତ୍ତ୍ୱ ଏଠିକି ଆସିବା ପରେ ଜାଣିଲି । ମୋର ମନେ ଅଛି ଗାଆଁରେ ଜନ୍ମଦିନ ଆସିଲେ, ବୋଉ ଷଷ୍ଠୀ ଦେବୀଙ୍କ ପାଖରେ ପୂଜା କରି ଆସେ ଆଉ ମୋତେ କହେ ଗାଧୋଇ ଆସଇ ଭୋଗ ପାଇ ଦବୁ । ଏହି ସପ୍ତାହେ ପୂର୍ବରୁ ମକର ବାସି ମୋର ଜନ୍ମ ଦିନ ପଡ଼ିଥିଲା । ଭାଉଜ ମୋ ପାଇଁ ନୂଆ ସାର୍ଟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଣିଥିଲେ, ଭାଇନା ମୋ ୧୮ ବର୍ଷ ପାଇଁ ୧୮ଟି ଚକୋଲେଟ ଆଣିଥିଲେ । ମା'ଙ୍କର ଆଣ୍ଠୁ ଗଣ୍ଠି ଦରଜ ଥାଇ ବି ମୋ ପାଇଁ ଖିରି ବନେଇ ଥିଲେ । ସେ ଦିନ ମୁଁ ଖୁସିରେ ଆତ୍ମହରା ହୋଇ ଯାଇଥିଲି । ଯେମିତି ଲାଗିଲା ମୁଁ ବି ଏ ପରିବାରର ଜଣେ ସଦସ୍ୟ । ଏମିତି ଭାବୁ ଭାବୁ କେତେବେଳେ ଖୋଳ ସବୁ ଉଠେଇ ଡ୍ରଇଂ ରୁମକୁ ସଫାକରି ସାରିଲାଣି ଜଣା ପଡିଲାନି । ଆଖିରେ ଆଖିଏ ନିଦ, ଥକା ବି ବହୁତ ଲାଗିଲାଣି, ବାକି କାମ କାଲି ହେବ । ମନେ ପଡ଼ିଲା ଖାଲି ଗେଟ୍ ରେ ତାଲା ଦବା ରହିଯାଇଛି । ତାଲା ଚାବି ଆଣିବା ବେଳେ ଦେଖିଲି ଭାଉଜଙ୍କ ହୀରା ହାରଟା ତଳେ ପଡ଼ିଛି । ତାକୁ ହାତରେ ଧରିଲା ବେଳକୁ ମୋର ହାତ ଥରୁଥାଏ । ଜୀବନରେ ଏତେ ଦାମୀ ଜିନିଷ କେବେ ଦେଖି ନାହିଁ କି ଧରି ନାହିଁ । ଆଜି ହିଁ ପାର୍ଟିରେ ପିନ୍ଧିବେ ବୋଲି ଭାଇନାଙ୍କ ସହ ଝଗଡା କରି ବ୍ୟାଙ୍କ ଲକରରୁ ଆଣିଥିଲେ । ଏଠି ବସି ପୁଅକୁ ଖୁଆଇବା ବେଳେ ବୋଧେ ଖସି ପଡ଼ିଛି । କ'ଣ କରିବି ସମସ୍ତେ ତ ଶୋଇବାକୁ ଗଲେଣି, ବାବୁ, ମାଆଙ୍କର ତ ବୟସ ହେଲାଣି ଥରେ ନିଦରୁ ଉଠିଲେ ତାଙ୍କର ଆଉ ନିଦ ହୁଏନାହିଁ । ଭାଇନା, ଭାଉଜ ବି ଆଜି ଦିନସାରା ଏପଟ ସେପଟରେ ବହୁତ ଥକି ଯାଇଛନ୍ତି । କାଲି ସକାଳେ ଭାଉଜଙ୍କ ହାତରେ ହାରଟା ଦବା ଠିକ୍ ହେବ ଭାବି ହାରଟାକୁ ଧରି ରୁମକୁ ଗଲି । ତକିଆ, ଶେଯ ପାରି ହାତରେ ହାରଟିକୁ ଧରି ଶୋଇଲି । କି ଅଜିବ ପରିସ୍ଥିତି, ମୁଣ୍ଡ ତଳରେ ତକିଆ ଆଉ ମୁଣ୍ଡ ଉପରେ ବୋଝ । କେତେବେଳେ ରାତି ପାହିବ, ଭାଉଜଙ୍କ ହାତରେ ହାରଟା ଦେଇ ବୋଝ ମୁକ୍ତ ହେବି । ଶରୀର ଥକି ଗଲାଣି କିନ୍ତୁ ଆଖିରୁ ନିଦ ହଜିଯାଇଛି । ଏପଟ ସେପଟ କଡ଼ ଲେଉଟାଉ ଥାଏ । ବାରମ୍ବାର ଚେକ୍ କରୁଥାଏ ହାରଟା ଅଛି କି ନାହଁ । ପୁଣି ଉଠିକି ବସିଲି, ଯେମିତି ଲାଗୁଥାଏ ଏଟା ବୋଧହୁଏ ଅପାହାନ୍ତା ରାତି । ଭାରି ଅସ୍ଥିର ଲାଗିବାରୁ ହାରଟିକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପକେଟରେ ପୁରାଇ ତକିଆ ଖଣ୍ଡିକ ଧରି ଛାତ ଉପରକୁ ଗଲି । ଏହି କିଛି କ୍ଷଣ ପୂର୍ବରୁ ଅସରାଏ ଦୁଇ ଅସରାଏ ବର୍ଷା ହୋଇଯାଇଥିଲା, ସେଥିପାଇଁ ଛାତ ଉପରଟା ଭାରି ଥଣ୍ଡା ଲାଗୁଥାଏ । ତକିଆରେ ମୁଣ୍ଡ ଦେଇ ଆକାଶକୁ ଚାହିଁଲି, ପରିଚ୍ଛନ୍ନ ଆକାଶରେ ତାରା ଗୁଡିକ ଭାରି ଉଜ୍ଜ୍ୱଳ ଦିଶୁଥାଏ । ଠିକ୍ ଆମ ଗାଁ ଆକାଶ ପରି । ସୁପ୍ତ ଅବସ୍ଥାରେ ଥିବା ଗାଆଁର ସ୍ମୃତି ସବୁ ଜୀଇଁ ହୋଇ ଉଠିଲେ । ଏହି ତ ଗଲା ମକରକୁ ମୋର ଦୁଇ ବର୍ଷ ହେଲା ଭୁବନେଶ୍ୱରକୁ ଆସିବା, କିନ୍ତୁ ଯେମିତି ଲାଗୁଛି କାହିଁ କେତେ ଯୁଗ ବିତିଗଲାଣି । ଏହି ତ ମନେ ପଡୁଛି, ମୋର ମାଟ୍ରିକ ପରୀକ୍ଷା ସରି ଯାଇଥାଏ ସାନ ଭାଇ ପଞ୍ଚମରେ ପଢୁଥାଏ ହଠାତ୍ ଖବର ଆସିଲା ବାପା ହୃଦଘାତରେ ଚାଲିଗଲେ । ବୋଉ ଉପରେ ଯେମିତି ଦୁଃଖର ପାହାଡ଼ ଖସି ପଡିଥିଲା । ତା'ର ତ କାନ୍ଦି କାନ୍ଦି ଅବସ୍ଥା ନ ଥିଲା । ଶୁଦ୍ଧ କର୍ମ ଓ ଏଗାର ଭୋଜି ସାରି ମାମୁଁ ଫେରିବା ସମୟରେ ବୋଉକୁ ଡାକି କହିଲେ 'ତୁ ଚିନ୍ତା କରନା ଚଳିବା ପାଇଁ ମୁଁ କିଛି ବ୍ୟବସ୍ଥା କରିବି । ବାପାଙ୍କର ସମ୍ପତ୍ତି ବୋଇଲେ ସେହି ଘର ଖଣ୍ଡିକ । ଜମି ଜମା ବି ବେଶୀ ନ ଥିଲା । ଗାଁରୁ ଅଳ୍ପ ଦୂରରେ ଥିବା ସଉଦା ଦୋକାନରେ ଚାକିରି କରିଥିଲେ । ଦରମା ଯାହା ମିଳେ, ତା ସହିତ ଘର ପାଇଁ ମାସିକ ସଉଦା ବି ରିହାତିରେ ଆଣନ୍ତି । ଆମ ଛୋଟ ପରିବାର ଖୁସିରେ ଚଳିଯାଉ । ମୁଁ ଭଲ ପଢୁଥାଏ ବୋଲି, ବାପା ମୋର ବହି ପତ୍ର ଯୋଗାଇବାରେ କେବେହେଲେ ଅବହେଳା କରିନଥିଲେ । ସବୁବେଳେ କହନ୍ତି ପୁଅ ମୋର ବଡ଼ ଅଫିସର ହବ । କିଛି ଦିନ ଅନ୍ତରାଳେ ମୋର ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଲା, ମୁଁ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥାଏ । କିନ୍ତୁ ବୋଉ ଆଖିରୁ ସେଦିନ ଲୁହ ଶୁଖୁ ନଥିଲା । ଖାଲି କହୁଥିଲା ବାପାଟା ଟିକିଏ ରହିଲା ନାହିଁ ଦେଖିବା ପାଇଁ । ଘରର ପରିସ୍ଥିତି ଦେଖି, college admission

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କଥା ମନ ଭିତରେ ରଖିଲି । ମାମୁଁ ଆସିଲେ ନିଶ୍ଚିତ କିଛି ବ୍ୟବସ୍ଥା କରିବେ । ଯୋଗକୁ ସେଦିନ ମାମୁଁ ଆସିକି ପହଞ୍ଚିଲେ, ମତେ କହିଲେ 'ରାଜୁ ବାହାରି ପଡ କାଲି ସକାଳେ ଆମେ ଭୁବନେଶ୍ୱର ଯିବା ।”

ଭୁବନେଶ୍ୱର ଯେ ଆମ ରାଜ୍ୟର ରାଜଧାନୀ ଖାଲି ପଢିଥିଲି, ସେଠିକି ଯିବା କଥା ଶୁଣି କେମିତି ଏକ ଅଜଣା ଡର ମନରେ ପଶିଗଲା । ମାମୁଁ ମୋ ମୁହଁ ଭାବ ଠିକ୍ ପଢ଼ି ନେଲେ ଓ କହିଲେ ଯା ବୋଉକୁ ଡାକିଦେ, ମୁଁ ବିସ୍ତାର ଭାବେ ବୁଝେଇ ଦେବି । ସନ୍ଧ୍ୟାବତୀ ଦେଇ ସାରି ବୋଉ ଆସିଲା । ବୋଉକୁ ଦେଖି ମାମୁଁ କହିଲେ ତୋ ଦୁଃଖ ଗଲା ବୋଲି ଜାଣ, ଆମ ଡାଇରେକ୍ଟର ସାର୍ ଙ୍କ ଘରେ ପିଲା ଦରକାର ଅଛି ଯେମିତି ଶୁଣିଲି ତତକ୍ଷଣାତ୍ ମୋର ରାଜୁ କଥା ମନେପଡିଲା । ମାସକୁ ପାଞ୍ଚ ହଜାର ଟଙ୍କା ଦେବେ । କିଛି କାମ ନାହଁ ଖାଲି ତାଙ୍କର ୫ବର୍ଷର ପୁଅକୁ ଟିକେ ଜଗିବ ଆଉ ବୋଲହାକ ଟିକେ କରିବ । ଆମ ସାର୍ ଙ୍କ ସ୍ତ୍ରୀ PhD କରୁଛନ୍ତି ଆଉ ଦୁଇଟି ବର୍ଷ ଅଛି, ପୁଅଟାକୁ ଟିକେ ଜଗିଲେ ସେ ପଢା ପଢି କରିବେ । ସାରଙ୍କ ବାପା ମାଆ ମଧ୍ୟ ସାଥିରେ ରହନ୍ତି । ମାଆଙ୍କର ଆଣ୍ଠୁ ଗଣ୍ଠି ଦରଜ ହେବା ଦିନଠାରୁ ସେ ଆଉ ପୁଅର ଦେଖାଶୁଣା କରିପାରୁ ନାହାନ୍ତି । ଆମ ରାଜୁ ଟିକେ ପୁଅକୁ ଜଗିବ, ଆଉ ସେମିତି କିଛି କାମ ନାହିଁ । ମାଡାମଙ୍କ ପଢା ପଢି ସରିଲେ ସେମାନେ ରାଜୁର ପଢ଼ା ପଢ଼ି ବ୍ୟବସ୍ଥା କରିଦେବେ, ପାର୍ଟ ଟାଇମ୍ ଚାକିରୀରେ ବି ରଖେଇଦେବେ । ଡାଇରେକ୍ଟର ସାର୍ ତ ଆମର ଦେବତୁଲ୍ୟ ଲୋକ । ଏତେ ବଡ଼ ପଦବୀରେ ଥାଇ ମଧ୍ୟ ଅହଂକାର ତିଳେ ମାତ୍ର ନାହିଁ । ବୋଉକୁ କହିଲେ ତୁ ଜମାରୁ ଚିନ୍ତା କରନା ମୁଁ ପ୍ରତି ସପ୍ତାହରେ ସାର୍ ଙ୍କ ଘରେ ଆଡେ ବୁଲି ଆସିବି । ଏଠି ଗାଆଁରେ ରହିଲେ ତା'ର ଭବିଷ୍ୟତ କିଛି ଦେଖାଯାଉନି । ତା ଛଡା ପିଲାଟା ଭଲ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପଡୁଛି, ସେଠିକି ଗଲେ କୂଳରେ ଲାଗିଯିବ । ବୋଉର ମନ ମାନୁ ନଥିଲା କିନ୍ତୁ ଭବିଷ୍ୟତ କଥା ଚିନ୍ତାକରି ମନକୁ ପଥର କରି ରାଜି ହେଲା । ବଡ଼ି ଭୋରରୁ ନିତ୍ୟକର୍ମ ସାରି ମୁଁ ମାମୁଁଙ୍କ ସାଙ୍ଗରେ ଭୁବନେଶ୍ୱର ଯିବା ପାଇଁ ବାହାରି ପଡ଼ିଲି । ରାତି ଯାକ ନୂଆ ସହର ଯିବାର ଉତ୍କଣ୍ଠାରେ ଶୋଇ ନଥାଏ, ଆଉ ବୋଉ ମୁହଁରୁ ମଧ୍ୟ ସ୍ପଷ୍ଟ ବାରି ହୋଇ ପଡୁଥାଏ ଯେ ସେ ମଧ୍ୟ ମୋ ଚିନ୍ତାରେ ରାତି ଯାକ ଅନିଦ୍ରା ରହିଛି । ରିକ୍ସା ଧରିବା ପାଇଁ ଗାଁ ମୁଣ୍ଡ ପର୍ଯ୍ୟନ୍ତ ଯିବାକୁ ପଡ଼େ । ବୋଉ ବି ଆମ ସାଥିରେ ଗାଆଁ ମୁଣ୍ଡ ପର୍ଯ୍ୟନ୍ତ ବିଦା କରିବା ପାଇଁ ଆସିଲା । ଆମେ ରିକ୍ସା ପାଖରେ ପହଞ୍ଚିବା ବେଳକୁ, ପଛରୁ ଡାକ ଶୁଭିଲା 'ରାଜୁ ବୋଉ ରହ, ଆମେ ସବୁ ପଛକୁ ବୁଲିକି ଦେଖିଲା ବେଳକୁ ବୁଢ଼ୀମା ହାତ ଠାରି ରହିବା ପାଇଁ କହୁଥିଲା । ବୁଢ଼ୀମାର ବୟସ ୭୦ ପାଖାପାଖି ହେବ, କିନ୍ତୁ ଦିନ ଯାକ ଗାଆଁ ସାରା ବୁଲୁଥାଏ । ଗତ ମହାବାତ୍ୟାରେ କାନ୍ଥ ପଡ଼ି ଗୋଟାଏ ବୋଲି ପୁଅକୁ ହରେଇଥିଲା, କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବରେ ସେ ଓ ତାର ଗାଇଟି ଅଳ୍ପକେ ବର୍ତ୍ତି ଯାଇଥିଲେ । ସେଦିନ ଠାରୁ ତା'ର କ'ଣ ଭାବାନ୍ତର ହେଲା କେଜାଣି ସେ ଗାଇଟାକୁ ନିଜ ପୁଅ ପରି ପାଳିବା ଆରମ୍ଭ କରି ଦେଇଥିଲା । ଗତ ବର୍ଷ ବୁଢ଼ୀ ମା ଦେହ ଭଲ ନଥିବାରୁ ଗାଇଟିକୁ ଚରାଇବାକୁ ଗାଆଁର ଗୋଟିଏ ପିଲା ସାଙ୍ଗରେ ଛାଡିଥିଲା । କିନ୍ତୁ ସେଦିନ ଝଡ଼ ବର୍ଷାରେ ଗାଇଟି କେଉଁ ଆଡେ ଚାଲିଗଲା ତା'ର ପତ୍ତା ମିଳିଲା ନାହିଁ । ସେଦିନଠାରୁ ବୁଢ଼ୀମା ଖାଲି ନିଜକୁ କୋଷୁଥାଏ କାହିଁକି ପର ସାଙ୍ଗରେ ଗାଇଟିକୁ ଛାଡିଲି, ପର କ'ଣ କେବେ ଆପଣାର ହୁଏ । ଏହା ପରେ କେଉଁ ମତିଭ୍ରମର ଶିକାର ହେଲା ପରି ପ୍ରତି କଥା ଶେଷରେ 'ପର କ'ଣ କେବେ ଆପଣାର ହୁଏ' ଯୋଡ଼ି ଦିଏ । କଥା ତେଣିକି ପ୍ରାସଙ୍ଗିକ ହଉ କି ନ ହେଉ । ଆମ ରିକ୍ସା ପାଖରେ ପହଞ୍ଚି ମୋ ଦେହରେ ହାତ ବୁଲେଇ ଦେଇ ବୋଉକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କହିଲା ଏତେ ଛୋଟ ପିଲାଟାକୁ କାହିଁକି ପର ଘରକୁ ଛାଡୁଛୁ, ପର କ'ଣ କେବେ ଆପଣାର ହୁଏ । ଏ ଥର କିନ୍ତୁ କଥାଟା କିନ୍ତୁ ପୁରା ପ୍ରାସଙ୍ଗିକ ଥିଲା । ସେଥିପାଇଁ ବୋଉ ଯେଉଁ ଦମ୍ଭର ସହିତ କୋହକୁ ଚାପି ରଖିଥିଲା ନିମିଷକ ମଧ୍ୟରେ କେଉଁ ଆଡେ ଉଭାନ୍ ହୋଇଗଲା । ବୋଉ ମୋତେ ଜାବୁଡ଼ି ଧରି ବହୁତ କାନ୍ଦିଲା । ମାମୁଁ ବହୁତ ବୁଝାସୁଝା କରି ବୋଉକୁ ସାନ୍ତ୍ୱନା ଦେଲେ । ସେ ପଟେ ରିକ୍ସାବାଲା ବ୍ୟସ୍ତ କରୁଥିଲା ତା'ର ଅନ୍ୟ ଭଡ଼ା ମାରା ହୋଉଛି, ଆଉ ଡେରି ନକରି ମୁଁ ଓ ମାମୁଁ ରିକ୍ସାରେ ଚଢ଼ିଯାଇଥିଲୁ । ରିକ୍ସା ଆଗକୁ ଗଡ଼ି ଚାଲିଲା ମୁଁ କିନ୍ତୁ ପଛକୁ ବୁଲିକି ଦେଖୁଥିଲି ବୁଢ଼ୀ ମା, ଗଛ, ଘରବାରି ରାସ୍ତା ସବୁ କିଛି ସଙ୍କୁଚିତ ହୋଇ ଦିଗବଳୟରେ ବିଲୀନ ହୋଇଗଲା । ଖାଲି ରହିଯାଇଥିଲା ବୋଉର ସେ ବିଦାୟ ବେଳାର ମୁହଁ । ସେ ଦିନଠାରୁ ଆଜିକୁ ଦୁଇବର୍ଷ ପାଖାପାଖି ହେବ ମୁଁ ଗାଆଁକୁ ଯାଇନାହିଁ । ଏହି ତ ଆଉ ଦୁଇ ଚାରି ଦିନପରେ ଚୈତ୍ର ପୂର୍ଣ୍ଣିମା ଆସୁଛି, ଗାଆଁରେ ଯାତ୍ରା ମେଳା କେତେ କ'ଣ ସବୁ ପଡ଼େ । କେତେ କରି ବୋଉ କହିଥଲା ଅନ୍ତତଃ ଦିନେ ଦୁଇଦିନ ବୁଲି ଆସିବାକୁ । ମନେ ମନେ ସ୍ଥିର କଲି ହାରଟା ପାଇ ଭାଉଜ ନିଶ୍ଚୟ ଭାରି ଖୁସି ହୋଇ ଯିବେ, ଠିକ୍ ସେତିକି ବେଳେ ଦୁଇ ତିନି ଦିନ ପାଇଁ ଗାଁକୁ ଯିବା ପାଇଁ ଅନୁମତି ମାଗି ନେବି ।

ପରଘର ପିଲାକୁ ଯେ ଏତେ ସ୍ନେହ ଶ୍ରଦ୍ଧା ମିଳିବ, ଏହା ମୋର କଳ୍ପନାର ବାହାରେ ଥିଲା । ବୁଢ଼ୀମାକୁ ବି ଏଥର ତା'ର କଥା ବଦଳେଇବାକୁ ପଡ଼ିବ, "ପର ମଧ୍ୟ ଆପଣାର ହୁଅନ୍ତି ।" ଏମିତି କେତେ କଥା ଭାବୁ ଭାବୁ ତାରା ଖଞ୍ଜିତ କଳା ଆକାଶର ଚାଦର ଓଢେଇ, ଗାଆଁର ସ୍ୱପ୍ନରେ ଭିଜା ଆଖିଟା ନିଦରେ ମୁଦି ହୋଇଯାଇଥିଲା ।

ତଳୁ କିଛି କୋଳାହଳର ଶବ୍ଦରେ ମୋର ନିଦ ଭାଙ୍ଗିଗଲା । ସୂର୍ଯ୍ୟଙ୍କ ସ୍ଥିତିରୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନୁମାନ କରିନେଲି ଉଠିବାରେ ବହୁତ ଡେରି ହୋଇଯାଇଛି । କ୍ଷୀର ଆସି ନଥିବ । ସମସ୍ତେ ଚାହା ପିଇବା ପାଇଁ ଅପେକ୍ଷା କରିଥିବେ । ତର ତର ହେଇ ଉଠୁ ଉଠୁ ପକେଟ୍ରେ ହାତମାରି ଦେଖିଲି ହାରଟା ଅଛି ତ ! ଛାତ କବାଟ ଖୋଲି ସିଡ଼ିରେ ପାଦ ଦେଲା ବେଳକୁ ଭାଇନାଙ୍କ କଥା ସ୍ପଷ୍ଟ ଶୁଣାଗଲା, ଭାଇନା କହୁଥାନ୍ତି 'ରାଜୁକୁ ମୁଁ ଚାରି ଆଡ଼େ ଖୋଜି ଆସିଲି ତାର ଦେଖା ନାହିଁ ।' ଭାଉଜ କହିଲେ 'ତମେ ଜଲଦି ପୋଲିସରେ ଖବର ଦିଅ ନ ହେଲେ ତା'ର ପତ୍ତା ମିଳିବ ନାହିଁ ।' ତା ପରେ ପରେ ମାଆ କହିଲେ 'ମୁଁ ତା'ର ରୁମ୍ ଚେକ୍ କଲି ସବୁ ଜିନିଷ ପତ୍ର, ସାର୍ଟ ପ୍ୟାଂଟ ଅଛି ।' ଭାଉଜ କହିଲେ "ତା'ର ଏସବୁ କ'ଣ ଦରକାର ପାଞ୍ଚ ଲକ୍ଷ ଟଙ୍କାର ହାରଟା ତ ପାଇ ଯାଇଛି । ମୁଁ ତ କହୁଛି ଆଗ ତା'ର ମାମୁଁଙ୍କୁ ଡକେଇ ପଠାଅ ।" ମୁଁ ସେତେବେଳକୁ ଶେଷ ପାହାଚରେ ପହଞ୍ଚି ସାରିଥାଏ ସିନା କିନ୍ତୁ ମୋ ପାଦତଳୁ ମାଟି ଖସିଗଲା ପରି ଲାଗିଲା । ଛାତି ଭିତରଟା ରୁନ୍ଧି ହେଇ ଯାଉଥାଏ, ଭାରି ଅଣନିଃଶ୍ୱାସୀ ଲାଗୁଥାଏ । ପକେଟରୁ ହାରଟା କାଢି ଡାଇନିଂ ଟେବୁଲ୍ ଉପରେ ଥୋଇଦେଇ, କ୍ଷୀପ୍ର ଗତିରେ ଗେଟ୍ ଖୋଲି ବାହାରକୁ ଚାଲିଗଲି । ପଛରୁ ଖାଲି ଶୁଭୁଥିଲା 'ରାଜୁ ରହ ରାଜୁ ଶୁଣୁ', ମୁଁ କିନ୍ତୁ କାନରେ ହାତଦେଇ ବଡ଼ ବଡ଼ ପାହୁଣ୍ଡ ପକେଇ ଆଗକୁ ମାଡି ଚାଲିଥାଏ । ଏସବୁ ଠାରୁ ବହୁତ ଦୂରକୁ ଚାଲିଯିବାକୁ ଇଚ୍ଛା ହେଉଥିଲା । ପିଲାଦିନେ ଥରେ ନଈ ପଠାରେ ବାଲିଘର ବନଉଥିଲି । ବାରମ୍ବାର ଭାଙ୍ଗି ଯାଉଥିଲା । ବହୁତ କଷ୍ଟରେ କିଛି ପାଣି ଓ ମାଟି ମିଶେଇ ସୁନ୍ଦର ଘରଟିଏ ତିଆରି କରିଥିଲି । ସାନ ଭାଇ ପାଖରେ ଖେଳୁଥିଲା, ଅଜଣାତେ ତା'ର ଗୋଡ଼ ବାଜି ମୋର ଘରଟା ଭାଙ୍ଗି ଯାଇଥିଲା । ଠିକ୍ ଆଜି ପରି ସେଦିନ ମୋତେ ବହୁତ ବାଧି ଥିଲା । ବୋଉ ପାଖରେ ବହୁତ କାନ୍ଦିଥିଲି । ତା'ପରଦିନ ବୋଉ ମୋତେ ନେଇ ନଈ ପଠାକୁ ଯାଇଥିଲା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଓ ଆମେ ଦୁହେଁ ମିଶି ପୁଣି ଏକ ସୁନ୍ଦର ଘରଟିଏ ଗଢ଼ିଥିଲୁ । ସେଇଟା ତ ମାଟିର ଘର ଥିଲା, କିନ୍ତୁ ଆଜି ଯେଉଁ ବିଶ୍ୱାସର ଘରଟା ଭାଙ୍ଗି ଯାଇଛି ତାକୁ କ'ଣ କେବେ ନୂଆ କରି ତୋଳି ହେବ ! ଏହା ଭିତରେ କେତେ ମାଇଲ୍ ଯେ ଆସି ସାରିଲାଣି ଜାଣିନାହିଁ । ଆଉ ଚାଲିବାର ଶକ୍ତି ନ ଥାଏ । ପାଖରେ ଥିବା ପଥର ଚଟାଣରେ ଲଥ୍ କରି ବସି ପଡ଼ିଲି । ସାମ୍ନାରେ ଥିବା ମନ୍ଦିରରୁ ଅହରହ ଘଣ୍ଟି ବାଜୁଥିଲା । ପିଲାଦିନେ ମନ୍ଦିର ଘଣ୍ଟି ବଜେଇବା ମୋର ଭାରି ସଉକ ଥିଲା । ହାତ ପାଏନାହିଁ ବୋଲି ବାପାଙ୍କ କାନ୍ଧରେ ବସିକି ବଜାଏ । ଆଜି କିନ୍ତୁ ଏ ଘଣ୍ଟିର ଧ୍ୱନି ଭାରି ବିରକ୍ତି କରୁଥିଲା । ବହୁତ ସମୟ ପରେ ଗହଳି ଟିକେ କମିବାରୁ ଭଗବାନଙ୍କ ମୂର୍ତ୍ତି ଦୃଷ୍ଟିଗୋଚର ହେଲା । ଯେଉଁ ଭଗବାନଙ୍କ ଦର୍ଶନ ମାତ୍ରକେ ଅନାୟାସରେ ହାତ ଯୋଡ଼ିକ ପ୍ରଣାମ ପାଇଁ ଉଠିଯାଏ, ଆଜି କିନ୍ତୁ ମୋତେ, ମୁଁ ବସିଥିବା ଏହି ପଥର ଓ ଭଗବାନଙ୍କ ପଥର ମୂର୍ତ୍ତି ଭିତରେ କିଛି ପ୍ରଭେଦ ଜଣାପଡ଼ୁନି । ଭଗବାନଙ୍କ ଉପରୁ ମଧ୍ୟ ବିଶ୍ୱାସ ତୁଟିଗଲା ପରି ଲାଗୁଛି । ସତରେ କ'ଣ ବୁଢ଼ୀମା ଠିକ୍ କହୁଥିଲା, ପର କେବେ ବି ଆପଣାର ହୁଅନ୍ତି ନାହଁ । ସେମିତି ପଥର ଉପରେ ବସିଥାଏ, କେହି ଜଣେ ପ୍ରସାଦ ଆଣି ପାଖରେ ଥୋଇ ଦେଇ ଚାଲିଗଲେ । କ୍ଷୁଧାରେ ଆତୁର, କିନ୍ତୁ ଗ୍ରହଣ କରିବା ପାଇଁ ଇଚ୍ଛା ହେଉ ନ ଥାଏ । ଖରା ଗଡ଼ି ସଞ୍ଜ ନଇଁ ଆସିଲାଣି, ମନ୍ଦିରରେ ସନ୍ଧ୍ୟା ଆଳତି ଚାଲିଥାଏ । ପଛରୁ ମାମୁଁଙ୍କ ଡାକ ଶୁଭିଲା "ରାଜୁ ତୁ ଆସି ଏଠି ବସିଛୁ, ମୁଁ ଚାରି ଆଡ଼େ ଖୋଜି ଖୋଜି ନୟାନ୍ତ ହେଲିଣି । ଚାଲ ଯିବା ବାବୁ ମାଆ ସମସ୍ତେ ଅନେଇ କି ବସିଛନ୍ତି ।" ମୁଁ କିନ୍ତୁ ବୁଢ଼ୀମା ପରି କହି ଚାଲିଥାଏ, ପର କ'ଣ କେବେ ଆପଣାର ହୁଅନ୍ତି ।

ଏ-୨-୮୦୪, ୟୁନିଟେକ୍ ରେସିଡେଂସେସ୍, ସେକ୍ଟର -୩୩, ଗୁରୁଗ୍ରାମ—୧୨୨୦୦୫,
ଭ୍ରାମ୍ୟଭାଷ : ୯୯୧୦୦୨୪୩୩୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କବିତା ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଝଡ଼ର ରାତି

ଶିବନାରାୟଣ ଦାସ



ନିସ୍ତବ୍ଧ ନିଝୁମ ରାତି
ଘନ ଅନ୍ଧକାରେ
ପ୍ରଭଞ୍ଜନ ଜଗାଏ କି ଭୀତି,
ପ୍ରକମ୍ପିତ ନିଶା ଗରଜନେ
ଆଖିର ଆଲୁଅ ଯହିଁ ଯାଏ ହଜି
ଝଞ୍ଜା ବୁଭୁକ୍ଷିତ ରାତି ମସୀ-ଅନ୍ଧାରରେ,
ତମିସ୍ରାର ଆଲିଙ୍ଗନେ ଆକାଶର କରୁଣ ବିଳାପ
ପକ୍ଷ ମେଲି ଉଡ଼ିଯାଏ
ଶର୍ବରୀର ସୁଦୂର ଦିଗନ୍ତେ ।

ସେ ଦିଗନ୍ତ ଛୁଇଁଛି ଯାଇ
ସାଗରର ନୀଳ ଜଳରାଶି -
ସୀମାହୀନ ଅନନ୍ତ ବିସ୍ତୃତି,
ଦିଶିଯାଏ ତହିଁ
ଦିଗବଳୟ ଅନ୍ଧକାର- କୁଜ୍ଝଟିକା ପରେ
ମିଞ୍ଜି ମିଞ୍ଜି ଆଲୋକର ଧାଡି,
ଦୂରେ, ବହୁଦୂରେ
ଦିଗହରା ଜାହାଜଟି ଅବା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବାଟବଣା ହୋଇ

ବାତ୍ୟା-ଆନ୍ଦୋଳିତ ଘନ

ତୋଫାନି ରାତିରେ

ଦିଶା ଖୋଜେ

ବତିଘର ଆଲୋକ ସନ୍ଧାନେ ।

ବତିଘର ଦିଶେ ବହୁଦୂରେ

ସୀମାହୀନ ଦରିଆର

ଶେଷପ୍ରାନ୍ତ ପରି ଦିଶୁଥିବା

ପ୍ରଲମ୍ବିତ ବେଳାଭୂମି ବାଲୁକା ଶେଯରେ ।

ଝଡର ପ୍ରଳୟ ରାତି

ଅନ୍ଧକାର କାଟି

ବତିଘର ସଞ୍ଚରୁଛି ଆଲୋକ ପ୍ରପାତ,

ଆଶାର ରୋଷଣୀ ଢାଳି

ଭେଦିଯାଇ ସାଗରର ଅସୀମ ସୀମାନ୍ତ,

ଦେଖାଏ ସେ ପଥ,

ଚକ୍ରାକାର ଆବର୍ତ୍ତନେ

ଦିଶିଯାଏ ଦୂରାନ୍ତରେ ଦିଶାର ଦିଗନ୍ତ ।

ଦିଶାହୀନ କେତେ ସେଠି ଅଶାନ୍ତ ପଥିକ

ବାଟବଣା ହୋଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଖୋଜୁଥାନ୍ତି ପଥ,

ସମୁଦ୍ରର ଲୁଣି ହାଜ୍ଞା ପିଇ

ଅବା ପୁଣି

ସଫେଦ ଫେନିଳ ଢେଉ ଲହଡ଼ିକୁ କାଟି

ଦିଗ-ଭ୍ରାନ୍ତ ମଣିଷ ଖୋଜନ୍ତି

ବଂଚିବାର ରାହା ଆଉ

ଅଫୁରନ୍ତ ଆଶା  ଉର୍ଜ୍ଜ୍ୱଳ ।

ତିମିରିତ ମନ ଗହନରେ

ଶତ ପ୍ରଶ୍ନବାଚୀ ତୋଳେ

ଅମାନିଆ ବତାସି ପବନ,

କିଏ ତାକୁ ଦେଖାଇବ ବାଟ  ?

ତା ଅନ୍ତରେ ଆଲୋକିତ ବତିଘରଟିର

କିଏ ତାକୁ ଦେବ ଯେ ସନ୍ଧାନ  !

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମୁକ୍ତି

ସୁଜିତ କୁମାର ମିଶ୍ର



ଅନ୍ଧକାର ଚିରି ଆଲୋକ ବୁଣିଲା ଅସରନ୍ତି ମିଠା ସ୍ୱପ୍ନ,
ଉନ୍ମୁକ୍ତ ଦୁଆର ଆନନ୍ଦ ଜୁଆର ଉଦ୍ଭାସିତ ମୁକ୍ତି ମନ ।
ବେଡି ବନ୍ଧା ଗୋଡ ଖୋଲିଲା ସହସା ବେଦନା ହୋଇଲା ଦୂର,
ଆକାଶେ ଉଡିଲା ବିଭୋର ବିହଙ୍ଗ ଅନନ୍ତ ଆଶାର ଦୂର ।

କାଲି କ୍ଷତଚିହ୍ନ ଭାବ ବଂଶୀସ୍ୱନ କଠୋର ତପର ଧାରେ,
ଲହୁଲୁହାଣର ବନ୍ଦୀ କୋଠରୀକୁ ଲକ୍ଷେ ଫଗୁଣ ଯେ ଫେରେ ।
ମନନଈ ପୁଣି ଯାଏ ବହି ବହି ଗାଇ ମନଛୁଆଁ ଗୀତ,
ପୋଡିଲା ଅତୀତ ନାହିଁ ନାହିଁ ଆଉ ପ୍ରୀତିପଦ୍ମ ପ୍ରସ୍ଫୁଟିତ ।

ମୋହ ଆଉ କୋହ ଦୁଇଟି ପାଇଁ ତ ମହା ଅନ୍ଧକାର ଦୂର,
ଭିଜିଲା ଛାତିର ମମତାର ବର୍ଷା ବଇଭବ ନିରନ୍ତର ।
ପବନେ ଉଡିଲା ତ୍ରିରଙ୍ଗା ପତାକା ଫିଟାଇ ଶୃଙ୍ଖଳ ତାତି,
ବିନାଶ ଜ୍ୱାଳାରୁ ଝରିଲା ପୁଣି ସେ ବିକାଶର ହୀରାମୋତି ।
ଅନୁରାଗ ରକ୍ତୁ ନୁହଁଇ କି ମୁକ୍ତି ଅନ୍ତର ଅଗଣା ତଳେ,
ଯାହା ପାଇଁ କେତେ ଯଶସ୍ୱୀ ଆତ୍ମା ଭାସିଗଲେ ଭବଜଳେ ।


ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
୭୬୮୩୮୬୭୭୪୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କରୁଣା କର ଠାକୁର !

ଅଜିତ କୁମାର ରାଉତ



ତିନି ଦିଅଁ ତୁମେ
ଭକ୍ତ ଡାକ ଶୁଣି
ବାହାରି ଆସିଲ ପଦା !
ଦେଖ ତୁମେ ଥରେ
ନେତାଙ୍କ ତାଣ୍ଡବ
ହେଉ ଛନ୍ତି ସ୍ୱାର୍ଥେ ଗଦା !!

ଜନ ସେବା ଛାଡି
ଜାତି ଜାତି ରାବ
ଲାଭର ଘୋଡ଼ାରେ ଚଢ଼ି !
ନାହିଁ ରାଷ୍ଟ୍ର ଚିନ୍ତା
ସତା ସୁଖ ପାଇଁ
କରୁଛନ୍ତି ଗଡ଼ବଡି
ଦେଖ ତୁ କାଳିଆ
କିପରି ତାଣ୍ଡବ
ନେତା ଆଜି କରୁଛନ୍ତି !

ତୋହରି ଅସ୍ତିତ୍ୱ
ପାଇଁ ପ୍ରଶ୍ନ ତାଙ୍କ
ଯନ୍ତ୍ରଣା ଅତି ଦିଅନ୍ତି !!

ଠକି ଦେଉ ଛନ୍ତି
ଦେଶ ଜନତାଙ୍କୁ
ପ୍ରଲୋଭିତ କରୁଛନ୍ତି !
ଦେଶ ବୁଡ଼ି ଯାଉ
ନାହିଁ ଚିଳେ ଚିନ୍ତା
ନେତା ରାଷ୍ଟ୍ରେ ହୋଇଛନ୍ତି !!

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମନ୍ଦିରୁ କାଳିଆ
ବଡ଼ଦାଣ୍ଡରେ ହେ
ମିଟି ଯାଉ ଜାତିବାଦ !
ଲୋକତନ୍ତ୍ର ରହୁ
ଭ୍ରଷ୍ଟାଚାର ଯାଉ
ଦୂର ପରିବାରବାଦ !!

ଗୁହାରି କରୁଛି ଭକ୍ତ
ହେଉ ସମଭାବ
ରାଷ୍ଟ୍ରର ଶାସନ
କର ଜ୍ଞାନ ଏଠି ଯୁକ୍ତ !
ମହତ୍ତ୍ୱ ଠାକୁର
ବୁଝିବ ଜଗତ
କୃପାସିନ୍ଧୁ ଲକ୍ଷ୍ମୀକାନ୍ତ !!

ସଭାପତି ଉତ୍କଳ ସମ୍ମିଳନୀ ଷଢେଇକଳା ଖରସୁଆଁ ଜିଲ୍ଲାର
ରାଜନଗର ବ୍ଲକ ଶାଖା ଝାଡ଼ଖଣ୍ଡ ରାଜ୍ୟ !

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଭଣ୍ତେଇ ଦେଲୁ ମୋ କଣ୍ଠେଇ ରାଣୀ

ହାସ୍ୟମୟୀ ରାଜ



ଅପେକ୍ଷାର ଅମାରାତି
ପାହିଲାନି ଆଉ
ମଉଳି ଗଲା ଆଶା
ପହିଲି ଆଶାଢଟା ମାଟି
ଛୁଉଁ ଛୁଉଁ
ତୋ ପ୍ରେମର ସୁର ଆଜି
କାନ୍ଦୁଛି ଧକେଇ
ତୋ ପାଇଁ ମୁଁ ....
ତୋ ପାଇଁ ମୁଁ ...

ଆଖିରେ ମୋ ବୁଣିଥିଲି
ଅସୁମାରୀ ସ୍ୱପ୍ନରେଣୁ
ସମୟ ମୋ ବିତୁଥିଲା
ଦିନ ଗଣୁ ଗଣୁ
ଆସିବୁ ତୁ ମୋ ଅଗଣା
ମଖମଲି ପାଟ ପିନ୍ଧି
ଲାଜେ ହସି
ଓଢ଼ଣା ତୋ
ମଥା ପରେ ଦେଇ
ଜାଣେନି ସେ ସ୍ୱପ୍ନ ସବୁ
ଲୁହ ହୋଇ କେତେବେଳେ
ଗଲା ପୁଣି ବହି
କଟିଯାଏ ରାତି ମୋର ଆଜି
ନିଦ ଯାଏ ହଜି
ପାରେନାହିଁ ଶୋଇ ।।

ଆଉ କେବେ ଆସିବୁନି
ଚମକ ଖେଳାଇ
ଚେତନାରେ ମୋର
ଅଦୂରରୁ ଶୁଭିବନି
ପାଦ ଶବ୍ଦ ତୋର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୃଦୟରେ ଆଉ କେବେ
ତୋଳିବନି ସ୍ୱର
ଭାବିଦେଲେ ସ୍ପନ୍ଦନ
ଯାଏ ମୋ ଅଟକି
କେମିତି ହେଲୁ କହ
ଏମିତି ନିଷ୍ଠୁର ।।

କାହିଁକି ଭଣ୍ଡେଇ ଦେଲୁ
କଣ୍ଢେଇ ରାଣୀ ମୋର
ଛଳନାର ଗରଳରେ
ଭିଜେଇ ତୋ ଛାତି
ସଂପର୍କର ଅଧାଗଢ଼ା
ଦେଉଳ କାନ୍ଥଟା
ଲେଖି ଦେଲା ଇତି
ବୁଝେଇ ପାରେନି ଜମା
ମନକୁ ମୋ ଆଜି
ଏମିତି କାହିଁକି କଲୁ
କି ଦୋଷ କରିଥିଲି
ଥରେ କହ ସାଥୀ ।।

ଓରାଳି, ହାଟଡିହି, କେନ୍ଦୁଝର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଗୁଣ୍ଡିଚା

ଆକୁଳାନନ୍ଦ ପୃଷ୍ଟି



ହେ ଜଗତନାଥ
କାହିଁକି ତୁମର ନାହିଁ
ପୂର୍ଣ୍ଣ ଗୋଡ ହାତ ?
କେହି ତ ବୁଝେନି ପ୍ରଭୁ
ଏ ଦିବ୍ୟ ରହସ୍ୟ ?
ଗୁଣ୍ଡିଚା ଅବଳା ନାରୀ
ସବୁ ତାର ଦୋଷ ।

ତୁମ ଅପୂର୍ଣତା ପାଇଁ ଏ ଜଗତ
ଗୁଣ୍ଡିଚାକୁ କରେ ଉପହାସ
ତୁମରି କରୁଣା ବିନା
ଏ ଜଗତ ଘନ ଅନ୍ଧକାର
ଜ୍ଞାନହୀନ ଅନ୍ଧଜନ କରନ୍ତି ପ୍ରଚାର
ମୋ ନିମନ୍ତେ ଅଧା ତୁମେ
ଏ ବିଚିତ୍ର ଅବସ୍ଥା ତୁମର ।

ଇଛାମୟ କରୁଣା ସାଗର
ତୁମ ଇଚ୍ଛା ବିନା ଏଠି
ହେଲେନି ପତର ।
ତୁମର ଅଶେଷ ରୂପ
ଜାଜୁଲ୍ୟ ମୂରତି
ସେ ରୂପ କଳ୍ପିବା ପାଇଁ
କାହାର ବା ଅଛି ଏତେ ଶକ୍ତି ?

ତୁମେ ପୂର୍ଣ୍ଣ ବ୍ରହ୍ମ
ତୁମକୁ ଗଢ଼ିବା ପାଇଁ କିଏ ବା ସକ୍ଷମ
ତୁମ ହାତ ଗଢା ଏ ଜଗତ
ନିଜକୁ ଗଢ଼ିଲ ନିଜେ ତୁମେ "ଜଗନ୍ନାଥ"
ଏ ଜଗତ କରୁ ନିନ୍ଦା କରୁ ତିରସ୍କାର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତୁମ ଦିବ୍ୟ କରୁଣାର ନାହିଁ ପଟାନ୍ତର

ମୁଁ ତୁମ "ମାଉସୀ ମା"

ପରିଚୟ ତୁମ ସହ ମୋର

ମୋ ନାମେ ଗୁଣ୍ଡିଚା ମନ୍ଦିର

ମୋ ଗର୍ଭେ ବିଜେ କରନ୍ତି

ଭାଇ ଭଉଣୀଙ୍କ ସଙ୍ଗେ କାଳିଆ ଠାକୁର

ତୁମ ସହ ଯୋଡ଼ି ହେଲା ଗୁଣ୍ଡିଚା ମନ୍ଦିର

ଆଉ ଗୁଣ୍ଡିଚା ଯାତରା

ଏ ଗୁଣ୍ଡିଚା ମରି ବି ଅମର ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ

ମହାଲପଡ଼ା କଖଡି କଟକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଭକ୍ତ ବତ୍ସଳ ଭାବଗ୍ରାହୀ

ସୁହଂସ ଭୋଇ



ଭକତ ବତ୍ସଳ ନାମକୁ କେବଳ
ବହି ଅଛ ପ୍ରଭୁ ଭାବଗ୍ରାହୀ
ଆରତ ଶାସନ ଦେଲାଣି କଷଣ
ବେଳୁ ବେଳ ହୁଏ ନାହିଁ ସହି

ମିନତି ଆଳତି କରି ନିତି ପ୍ରତି
ସକାଳରୁ ସଞ୍ଜ ଯାଏ ସରି
ଗୀତା ଭାଗବତେ ଲାଗି ଥାଏ ଚିତ୍ତ
ପାଦ ପଦ୍ମ ସଦା ଅନୁସରି

ଆଶାର ସଳିତା ଲିଭି ଲିଭି ଯାଏ
କରୁଣାକୁ ତବ ଚାହିଁ ଚାହିଁ
ଭକତ ବତ୍ସଳ କେବଳ ନାମକୁ
ବହି ଗଛ ପ୍ରଭୁ ଭାବଗ୍ରାହୀ

ବାଲ୍ୟ ସଖା ବୋଲି ଅଜାଡିଲ ବିତ୍ତ
ସୁଦାମାର ଶାଗ ଭଜା ଖାଇ
ବନ୍ଧୁ ସଖୀ କହି ଲଜ୍ଜା ନିବାରିଲ
ପାଞ୍ଚାଳୀକୁ କୋଟି ବସ୍ତ୍ର ଦେଇ

ଅରକ୍ଷରକ୍ଷଣ କୁହ ମୋ ବେଳକୁ
କୃପଣ ଭାବନା ଏତେ କାହିଁ
ଭକତ ବତ୍ସଳ କେବଳ ନାମକୁ
ବହି ଗଛ ପ୍ରଭୁ ଭାବଗ୍ରାହୀ

ପହଣ୍ଡି,ବରଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୁଁ ତୁମକୁ ଭଲପାଏ

ଅଲେଖ ମେହେର



ବିଲୋକି ତୋ'ରୂପ ବାରିଧି ଏ ଭାବ ଆସେ ମନେ ,
ଚନ୍ଦ୍ରକୁ ଚକୋର ଯେସନେ  ସଦା ରଖିଛି ଧ୍ୟାନେ ।
କଳାପୀ ଯେସନେ ନୀରଦେ ଚାହିଁ ମନ ବିଭୋର,
ମିଶିଯିବା ପାଇଁ ତେସନେ ତୃଷା ଜାଗଇ ଘୋର ।
ଚୁମ୍ବକ ସ୍ୱରସେ ଯେସନେ ଲୌହ ସ୍ୱଧର୍ମ ଭୁଲେ,
ନୀରରୁ ଜନମି ଯେସନ  ବୁଦ୍'ବୁଦ ତହିଁ ମିଳେ ।
ସନ୍ଧ୍ୟା ତାରା ଯେହ୍ନେ  ମିଳଇ ନଭେ ଇନ୍ଦୁ ଉଇଁଲେ,
ଲାଳସା ତେସନେ ଉପୁଜେ ତବ ପଦ ଛୁଇଁଲେ ।
ସରସିଜ ପାଇଁ ସବିତା ଯେହ୍ନେ  ବର୍ଷାନ୍ତି ସୁଧା,
ମୃଗାଙ୍କ ଯେସନେ ନିବାରେ ଜଳେ କୁମୁଦ କ୍ଷୁଧା ।
ତେସନେ ମୋହର ଅନ୍ତରେ ଅସ୍ଥିମଜ୍ଜାରେ ପୁରି,
ଅନୁକ୍ଷଣେ ପ୍ରେମେ ଭିଜାଅ ନାମ ଗାଇବି ଘୁରି ।
ତୋୟ ବିହୀନରେ ଯେସନେ ଝସ ଛାଡେ ଜୀବନ,
ମଣି ବିହୀନେ ମଣିଚୂଳ ଅହି ସ୍ଥିତି ଯେସନ ।
ପୁରିତ ଅନ୍ତରେ ମୋହର ତେସନେ ତବ ଛବି,
ତୁମେହିଁ ମୋ'ପ୍ରିୟ ପୁରୁଷ ମନ ଗଗନ ରବି ।
ବିହରିତେ ବିହାୟସରେ ଭାସେ ମାଧବ କାନ୍ତି,
ବୃଜିନ କର୍ମରୁ ନିବାରି ଫେଡ ସକଳ ଭ୍ରାନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପରମାତ୍ମା ଠାରୁ ଉତ୍ପନ୍ନ ନିର୍ବାଣ ପ୍ରାପ୍ତି ଅର୍ଥେ,
ନୋହିଲେ ମାନବ ଜନମ ଯିବ ସିନା ବିଅର୍ଥେ ।
ଜୀବ ଚକ୍ରେ ଭ୍ରମି ଜୀବାତ୍ମା ପାଇଛି ନର କାୟା,
ଷଢରୀପୁ ଜୟୀ ବୀରହିଁ  କାଟି ପାରଇ ମାୟା ।
ଭବତରଙ୍ଗିଣୀ  ସେପାରେ ଗୋବିନ୍ଦାମୃତ ଧାମ,
ଯାଯାବର ଦଶନପତ୍ରେ ରହୁ ଶ୍ରୀରାମ ନାମ ।

ବରପଦର, ଗୋବିନ୍ଦପୁର, ବରଗଡ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ତୋ କଥା

ସିଦ୍ଧେଶ୍ୱର ତ୍ରିପାଠୀ



ରାତି ଆଉ ଦିନ ଦିନ ଆଉ ରାତି
ଗ୍ରୀଷ୍ମଠୁ ବସନ୍ତ ଯାଏଁ
ଅବୁଝା ଏମନ ବିରହରେ ଜଳେ
ପ୍ରିୟା ତୋତେ ଝୁରୁଥାଏ ।

ଖରାରୁ ବରଷା ବରଷାରୁ ଶୀତ
ଅବା ଆସେ ଯେତେ ପାଗ
ତୋ ପ୍ରେମ ଜାଲରୁ ମୁକୁଳି ପାରେନି
ବଢୁଥାଏ ଅନୁରାଗ ।

ଅବୁଝା ଏମନ ଆଜିବି କହୁଛି
ଭଲପାଏ ଭଲପାଏ
ରାତି ଆଉ ଦିନ ଦିନ ଆଉ ରାତି
ଗ୍ରୀଷ୍ମଠୁ ବସନ୍ତ ଯାଏ ।

ଦେହର ଦହନ ମନର ଗହନ
ଦୁନିଆଁ ପାରେନି ଦେଖି
ହସ ଖୋଜୁ ଖୋଜୁ ଅନ୍ଧାର ଆସଇ
ଲୁହରେ ଭିଜେ ଏ ଆଖି ।

ବୁଝିବା ଲୋକତ ବୁଝି ପାରିଲାନି
ଆଉବା ବୁଝିବ କିଏ
ରାତି ଆଉ ଦିନ ଦିନ ଆଉ ରାତି
ଗ୍ରୀଷ୍ମ ଠୁ ବସନ୍ତ ଯାଏଁ ।

ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମୁଁ ଦଇତାପତି

ନିତ୍ୟ ରଞ୍ଜନ ନନ୍ଦ



ବ୍ରହ୍ମାଣ୍ଡ ଠାକୁର ରଥରେ ଚଢିଲେ,
ମୁହିଁ ସେ ରଥରେ ବୁଲିବି ।
କିଏ ମୋର କଣ ଉଖାଡ କରିବ
ମୋବାଇଲି ଧରି ହଲିବି ।

ଆମ କୁନା, ମୁନା, ଜଟିଆ, ନଟିଆ
ଅଣ୍ଡା ବଚା ଯେତେ ନଦିବି ।
ଠାକୁରଙ୍କ ଆଗେ ବାରମ୍ବାର ଆସି
ନହର ପହର ହୋଇବି ।

ଚତୁର୍ଦ୍ଧା ମୂର୍ତ୍ତି ସେ କାଠର କଣ୍ଢେଇ
ତାଭୁଜେ ମୋ ଭୁଜ ରଖିବି ।
ଜାଗାଘର ଯାଇ ବଡି ବନେଇଛି
କିଏ ସରସା ମୁଁ ଦେଖିବି ।

ମୋ ମୁହଁଠୁ କଣ ଜଗା ମୁହଁ ଭଲ
ତାହା ଆଗେ ଠିଆ ହୋଇବି ।
ଟିଭିରେ ଦେଖିବ ଭାରିଜା ମୋହର
ଏ ସୁଯୋଗ କିଆଁ ଛାଡ଼ିବି ।

ଜଗନ୍ନାଥେ ଆମ ଭାଇ ବିରାଦର
ନୋକଙ୍କୁ ମିଛରେ କହିବି ।
ସର୍କାର ଫର୍କାର କିଛି ମାନିବିନି
କହିଲେ ମୁହଁକୁ ଥୋଇବି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏତେ ଓସାରିଆ  ସୁନ୍ଦରିଆ ଛାତି
ପିନ୍ଧିଛି ମୁଁ ମୁଦି ଚେଏନ ।
ପାଟ ମକୁଟା ମୁଁ ପିନ୍ଧିଲେ କି ହବ
ଟିଭିରେ ଯଦି ମୁଁ ଦୁଶୁନି ।

ସକାଳଠୁ ରାତି ନେଲି ଟିକେ ଟିକେ
କାହା ବାବୁଝିଆ ଦଉନି ।
ଠାକୁରେ ପଡ଼ିଲେ ମୋର କିବା ଦୋଷ
ଭିଡ଼ରେ ତ କିଛି ଦିଶୁନି ।

ନୀଳାମୟଙ୍କର ଇଏ ସବୁ ନୀଳା,
ମୋତେ କୀଳା କଥା କହନି ।
ଠାକୁରେ ଚାହିଁଲେ, ତେଣୁ ପଡିଗଲେ
ଛୋଟ କଥା ମଣି ଧଅନି ।

ଡ଼ି ଏଲ ଏ - ୧୨
ବୀର ସୁରେନ୍ଦ୍ର ସାଏ ନଗର
ଭୁବନେଶ୍ୱର -୭୫୧୦୧୦
ମୋ - ୯୪୩୭୬୧୭୮୪୨୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସୂକ୍ଷ୍ମତା

ରାଜକୁମାର ଦେବାଂଶୁ ପାତ୍ର

ଶବ୍ଦ ଛାନ୍ଦର ପରସ ମଧ୍ୟରେ
ବୁଡ଼ିଅଛି ମୋ ମନ
ସ୍ଥୁଳ ଦୁନିଆଁକୁ ଛାଡ଼ିବି ମୁଁ ଯେ,
କରିବି ସୂକ୍ଷ୍ମତାରେ ଘର ।

ଈଶ୍ୱରଙ୍କ ସୃଷ୍ଟିରେ ସବୁ ତ ସମାନ
ମାତ୍ର ଭିନ୍ନ ଭାବ, ଚିନ୍ତାଧାରା
ସେ ଚିନ୍ତା ଚେତନାର ସର୍ବ ଊର୍ଦ୍ଧ୍ୱରେ
ସୂକ୍ଷ୍ମତା ଦିଏ ଧରା ।

'ସ' ରୁ ସୌନ୍ଦର୍ଯ୍ୟ
'ସ' ରୁ ସୌରଭ
ସବୁଠି ପାଏ ଆଦର
ସେହି 'ସ' ରୁ ସୂକ୍ଷ୍ମତା ସୃଷ୍ଟି
ଦେଖିବାର ଦୃଶ୍ୟ ଭଙ୍ଗି ବଦଳ ।

ଜଡ଼ ଚେତନାର ତୁ 'ମଣିଷ'
କୁଆଡେ ବୁଝିବୁ ତା' ଭାବକୁ
ଏତିକି ଜାଣେ
ସେହି ସୂକ୍ଷ୍ମତାରେ ସୃଷ୍ଟି ଏ ଜଗତ
ଇଲେକ୍ଟ୍ରୋନ୍, ପ୍ରୋଟନ୍, ନିଉଟ୍ରନଠୁ ବି ସାନ ।

ଭୋଗରାଇ , ବାଲେଶ୍ୱର
ମୋ- ୬୩୭୦୯୩୨୬୦୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଭଲ କବିତା

ନୀଳମଣି ଚାନ୍ଦ



ଭଲ କବିତା ଲେଖାଯାଏନି
ଆପେ ଆପେ ଲେଖି ହୋଇଯାଏ
କୋଉ ଇଥରରେ ଭାସୁଥାଏ ଭାବ
କବି ପାଖକୁ ଟାଣି ହୋଇଆସେ
ଚୁମ୍ବକ ଲୁହାକୁ ଆକର୍ଷଣ କଲା ଭଳି ।

ମନେହୁଏ ଯାଏ ଭଲ କବିତାଟେ
ମୁଁ ଲେଖିପାରିନି
ଯଦିଓ ଏ ଭିତରେ
କବିତା ଲେଖାକୁ ପୂରିଗଲା ବର୍ଷ ପଚାଶ
ଭାବିଲି କାହିଁକି ଲେଖିଲି
ନ ଲେଖିଥିଲେ କ'ଣ ହୋଇ ନ ଥାନ୍ତା
ଏତେ ସବୁ ଅ ଭଲ କବିତା ।

ଅନେକ ମାନପତ୍ର
ସମ୍ବର୍ଦ୍ଧନା ଦେଇଥିବା
ବିଚାରକ ମାନେ କଣ ବୁଝିଲେ
ଭଲ କବିତାର ସଂଜ୍ଞା
ତାର ସ୍ଥିତି, ଗତି, ପ୍ରଗତି
ଗୁଣ, ମାନ, ବିଲକ୍ଷଣ ।

ତଥାପି ମୁଁ ନିଶ୍ଚିତ
ଗୋଟେ ଭଲ କବିତା ନିଶ୍ଚେ ଦିନେ ଆସି
ଆପେ ଆପେ ଲେଖି ହୋଇଯିବ ।

୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର-୨୯. ମୋ:୯୪୮୩୨୦୨୩୫୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କେମିତି ଏମିତି ଭାବ ?

ନିରଞ୍ଜନ ସାହୁ



ଏତେ ଆପଣାର କେମିତି ହେଉଛ
ପର ହୋଇଗଲା ପରେ
କାହିଁକି ନିଜର ହେଲନାହିଁ ତେବେ
ଏ ପ୍ରଶ୍ନ ମନରେ ଭରେ ।

ପର ଲୋକ ସାଥେ ପୀରତି କରିଲେ
ଅବଶ୍ୟ ଉପୁଜେ ପାପ
ସେ ପାପର ଫଳ ଅତି ଭୟଙ୍କର
କରୁଥିବ ଅନୁତାପ
ସବୁ ଜାଣିଶୁଣି ଭୁଲ କରନାହିଁ
ସମ୍ମାନ ଏଥିରେ ସରେ ।

କାହିଁକି କହୁନ ଆଜି ଏତେ ଭାବ
ସେ ଭାବ କେଉଁଠି ଥିଲା
ଯେଉଁ ଭାବ ଦିନେ ବିପରୀତ ହୋଇ
କରିଦେଲା ସବୁ ଢ଼ିଲା
ଭାବରେ ଅଭାବ ରହିଗଲା ଯୋଗୁଁ
ମନ ଆଜି ଝୁରି ମରେ ।

ପରକୁ ନିଜର ନକରି କଦାପି
ନିଜକୁ ବୁଝାଇ ଦିଅ
ଆପଣାର ଯିଏ ହୋଇଅଛି ଏବେ
ତାକୁ ଆପଣାଇ ନିଅ
ସେଥିରେ ନିଶ୍ଚୟ ମଙ୍ଗଳ ହୋଇବ
ଏହି କଥା ଭାବ ଥରେ ।

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ – ୭୫୯୦୧୬
ମୋ :- ୯୯୩୮୭୪୧୫୮୩

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଏହା କି ବିଚାର ତୁମର ! ! !

ଦେବାର୍ଚ୍ଚନ ମେହେର



ହେ ପିତା ଜଗତ ଈଶ୍ୱର
ଏହା କି ବିଚାର ତୁମର,
ସରଳ ନିରୀହ ଲୋକଙ୍କୁ
କାହିଁକି ଅନାଦର କର ।।

ଭକ୍ତକୁ ଦୁଃଖ, କଷ୍ଟ ଦେଇ
କେମିତି ଖୁସିରେ ଅଛ,
ଏ ମହୀରେ ପାପୀ ଅଧର୍ମୀକୁ
ବହୁତ ସୁଖରେ ରଖିଛ ।।

ଯାହାକୁ ଆଶିଷ କରୁଛ
ହେ ପ୍ରଭୁ ଶିବଶଙ୍କର,
ସେହି ଐଶ୍ୱର୍ଯ୍ୟ ଭୋଗୁଛି
ଧନ୍ୟ ଜୀବନ ତାହାର ।।

ଏହା କି ବିଚାର ତୁମର
ଧନୀକୁ ଅଧିକ ଧନୀ କରିଛ,
ଗରିବକୁ ଅଧିକ ଗରିବ
କାହିଁକି କରି ଦେଉଛ ।।

କୈଳାସ ପର୍ବତେ ଧ୍ୟାନରେ
ବସି ସଂସାରକୁ ଦେଖୁଛ,
ପ୍ରାଣୀର ଧର୍ମ, କର୍ମ ଜାଣି
ଫଳ ପ୍ରଦାନ କରୁଛ ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେ ପ୍ରଭୁ ପରମେଶ୍ୱର
ମୋର କି ପରୀକ୍ଷା ନେଉଛ,
ଏ ସଂସାରେ ଜନମ ଦେଇ
ମୋତେ ଏତେ ଯନ୍ତ୍ରଣା ଦେଉଛ ।।

କାହାର ଅନ୍ୟାୟ ଅପରାଧ
ପୂର୍ବ ଜନ୍ମେ ଯଦି କରିଥିବି,
କ୍ଷମା କର ପ୍ରଭୁ ମହେଶ୍ୱର
ଥରେ ନିଜ ପୁତ୍ର ଭାବି ।।

କେଉଁ ଜନମେ କି କରମ
କରିଥିଲି ଯେ ପ୍ରଭୁ ହେ,
ଆଜି ଏ ଦୁଃଖ ଭୋଗୁଛି
ଥରେ ସପ୍ନେ ଆସି କୁହ ହେ ।।

ହେ ପ୍ରଭୁ ତୁମରି ସେବାରେ
ବାଲ୍ୟ କାଳରୁ ଲିପ୍ତ ଅଛି,
ଧ୍ୟାନରେ ମଗ୍ନ ଥାଇବି ତୁମେ
ମୋ ଡ଼ାକ ଶୁଣୁ ନାହଁ କିଛି ।।

ହେ ପ୍ରଭୁ ମୋ ଚଲା ପଥରେ
ଏତେ କଣ୍ଟା ଦେଲ ବିଛେଇ,
କେଉଁ ରାସ୍ତାରେ ଆଗକୁ ଯିବି
ଜମା ମୁଁ ଜାଣି ପାରେ ନାହିଁ ।।

ଏ ଜୀବନ ରାସ୍ତାରେ ଏକା
ସତେ ମୁଁ ଚାଲି ନ ଜାଣଇ,
ପ୍ରଭୁ ହେ ମୋ ଆଗରେ ଥାଇ
ମୋତେ ଆଗକୁ ନିଅ ବାଟେଇ ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜନମ କାଳରୁ ଆଜି ଯାଏଁ

ଯଦି କିଛି ଭୁଲ ଥାଏ ମୋର,

ମୋତେ କ୍ଷମା କର ହେ ହର

କୋଟି ପ୍ରଣତି ପାଦେ ତୁମ୍ଭର ।।

ଏ ମୋହ, ମାୟା, ଲୋଭ, କ୍ରୋଧ,

ଅହଂକାର ଠାରୁ ମୋତେ,

ସର୍ବଦା ଦୂରେଇ ରଖ

ହେ ପ୍ରଭୁ ମହାଦେବ ସତେ ।।

ଯେତେ ଦୁଃଖ ଦେଉଛ ଦିଅ

ହେ ପିତା ତ୍ରିଶୂଳ ଧାରୀ,

ସବୁ ଦୁଃଖ, କଷ୍ଟ ସହି ଯିବି

ତୁମରି ନାମକୁ ଧରି ।।

ବାପୁଜୀନଗର

ଜିଲ୍ଲା - ବୌଦ୍ଧ

ମୋ - ୭୮୯୪୩୪୩୫୫୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତୁ ଓ ମୁଁ

ନନ୍ଦିତା ବଢ଼ାଇ



ତୁ ଓ ମୁଁ ....

ତୁ ଶବ୍ଦ ହେଲେ

ମୁଁ ତୋ ନିରବତା

ତୁ ସ୍ରୋତ ହେଲେ

ମୁଁ ତୋ ସ୍ଥିରତା ।

ତୁ ଅବୁଝା ହେଲେ

ମୁଁ ତୋ ବୁଝିବାର ଠିକଣା

ତୁ ତୃଷ୍ଣା ହେଲେ

ମୁଁ ହେଉଛି ମରୁଭୂମିର ଜଳ

ତୁ ଅମାବାସ୍ୟାର ଅର୍ଦ୍ଧଚନ୍ଦ୍ର ହେଲେ

ମୁଁ ହେଉଛି ପୂର୍ଣ୍ଣମୀର ପୂର୍ଣ୍ଣଚନ୍ଦ୍ର

ତୁ ତିକ୍ତ ହେଲେ

ମୁଁ ହେଉଛି ତୋ ଓଠର ମଧୁରତା

ହେଲେ ତୁ ବହୁତ ବ୍ୟସ୍ତ

ଆଉ ମୁଁ ତୋ ଅପେକ୍ଷା ରେ......

କଦଲୀମୁଣ୍ଡା, ପଡ଼ିଆବାହାଲ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଏପାଖ ଆଉ ଆର ପାଖ

ତାରା ପ୍ରସାଦ ଜେନା



ଏପାଖରେ ପୁଣ୍ୟ ଆରପାଖେ ପାପ
ସନ୍ଦେହର ଅବସୋସ
ଏପାଖରେ ଜହ୍ନ ଆରପାଖେ ଦାଗ
ମନମରା ଦୀର୍ଘଶ୍ୱାସ
.....ଏପାଖରେ ପୁଣ୍ୟ ଆରପାଖେ ପାପ ... ! ୦ !

ଏପାଖରେ ସୁନା ଆରପାଖେ ମାଟି
କଳପଣା ଅଭିଶାପ
ଏପାଖରେ ମୋହ ଆରପାଖେ ମାୟା
ମିଥ୍ୟାଚାର ପ୍ରତିରୂପ,
ଏପାଖରେ ଗେଲ ଆରପାଖେ ହେୟ
ଅକୁଳାନ ଅପଯଶ
.....ଏପାଖରେ ପୁଣ୍ୟ ଆରପାଖେ ପାପ ... ! ୧ !

ଏପାଖରେ ଶାନ୍ତି ଆରପାଖେ ଭ୍ରାନ୍ତି
ଜୀବନଟା ଖେଳଘର
ଏପାଖରେ ହସ ଆରପାଖେ ବିଷ
ଅନିୟମ ହତାଦର,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କଳପନା ରଙ୍ଗ ପାଣିଗାର ହାଏ
ସପନର ଅବିଶ୍ୱାସ
.....ଏପାଖରେ ପୁଣ୍ୟ ଆରପାଖେ ପାପ ... ! ୨ !

ଏପାଖରେ ପ୍ରେମ ଆରପାଖେ ଧୋକା
ନୟନର ଅଶ୍ରୁରାଗ
ଏପାଖରେ ଶ୍ରଦ୍ଧା ଆରପାଖେ ବାଧା
ମୂଲ୍ୟହୀନ ଅନୁରାଗ,
ଏପାଖରେ  ଭାଗ୍ୟ ଆରପାଖେ ଦଶା
ନିଗୃହୀତ ଅସନ୍ତୋଷ
.....ଏପାଖରେ ପୁଣ୍ୟ ଆରପାଖେ ପାପ ... ! ୩ !

ସା.- ରଣପୁର (ଗୋଡ଼ିପାଟଣା ସାହି),
ଡାକ- ରାଜ ରଣପୁର, ଜିଲ୍ଲା-ନୟାଗଡ଼,
ପିନ୍-୭୫୨୦୨୬, ଓଡ଼ିଶା
ଦୂରଭାଷ-୯୩୪୮୦୫୪୩୦୦

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଶବ୍ଦର ଖେଳ

ଆଶୁତୋଷ ମେହେର



ଶବଦ ଗହନ ମନର ଭାବନା ବିତରେ ଗଭୀର ଭାବ
ସେଇ ଏକା ସତେ ବଢାଇ ଦିଏ ଯେ ଭରପୁର ଅନୁଭବ ।
କବିତା ପଛର କାରିଗର ସିଏ ବୁଣେ ଜାଲ ଯାଦୁକାରି
କଳ୍ପନା ରାଇଜେ ଭାବନା ଚାତୁରୀ ମହକ ବାସନା ଭରି ।।

କିଏ ସେ ମାପିବ ଗହୀରତା କେତେ, କେତେ ସିଏ ବଳିୟାନ,
ମଧୁ ମାଦକତା ଭରି ରଖିଥାଏ ମନ ତଳେ ଅଭିମାନ ।
ହୃଦୟ ବିଦାରେ ତାହାରି ତରଙ୍ଗ ଅନନ୍ଦେ ପରମାନନ୍ଦ,
ଝରଣା ସ୍ଫୁରଣ ଆଗେ ବଢି ଧାଏଁ ଜୀବନର ପାଦ ଛନ୍ଦ ।।

ଶବଦ ଗଢଣ କଳାକାର ହାତେ ଚିତ୍ରିତ ପ୍ରତିମା ସମ,
ପ୍ରେମ ପ୍ରୀତି ଭରା ସେନେହ ସରାଗ ରଙ୍ଗେଭରା କୁଟିକମ ।
ଅଶାନ୍ତ ମନରେ ଶାନ୍ତିର ପରଶ ସ୍ୱର୍ଗୀୟ ସେ ପରିଚୟ,
ଯୁଗଯୁଗ ଧରି ଗାଇ ଚାଲିଥାଏ ମାନବିକତାର ଜୟ ।।

ପବନ ମଳୟ ଭୁରୁଭୁରୁ ବାସେ ବସନ୍ତ ରାସର ଆଶେ,
ଶବଦ ବଖାଣେ ନୀରବ ନୀରବେ ମନ ତଳେ ନିତ୍ୟ ବାସେ ।।

୫୪ ଆର୍ଯ୍ୟପଲ୍ଲୀ, କିଟଛକ ପଟିଆ ଭୁବନେଶ୍ୱର ୭୫୧୦୨୪
ଦୂରଭାଷ  ୯୪୩୭୦୮୫୩୯୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଶିଶୁଟିଏ ମୁଁ

ଚନ୍ଦ୍ରକାନ୍ତ ଜେନା



ଶିଶୁଟିଏ ମୁଁ ଶିଶୁଟିଏ
ଡଉଲ-ଡାଉଲ ଦେହଟିଏ,
ସରଳ,ନିଷ୍ପାପ ଶରୀରଟେ ମୋ,
କାନ୍ତ,କୋମଳ ପ୍ରାଣଟିଏ ।
ଶିଶୁଟିଏ.....

ଶିଶୁଟିଏ ମୁଁ ଶିଶୁଟିଏ
ଖୋଲା ଆକାଶର ପକ୍ଷୀଟିଏ,
ମାୟା,ମୋହ ହୀନ ହୃଦୟଟେ ମୋର,
ସ୍ୱଚ୍ଛ ପୁଣି ମୋର ମନଟିଏ ।
ଶିଶୁଟିଏ.....

ଶିଶୁଟିଏ ମୁଁ ଶିଶୁଟିଏ
ସଦା ଓଠେ ଖୋଲା ହସ ଟିଏ,
ସଭିଏଁ ନିଜର,କରନ୍ତି ଆଦର,
ହସ,ଖୁସିର ମୁଁ ସାଥିଟିଏ ।
ଶିଶୁଟିଏ.....

ଶିଶୁଟିଏ ମୁଁ ଶିଶୁଟିଏ
ପରକୁ ଆପଣା କରିନିଏ,
ଛନ୍ଦ,କପଟ ମୁଁ ଜାଣେ ନାହିଁ କିଛି
ହୃଦୟ ଶାନ୍ତିର ଧାରଟିଏ ।
ଶିଶୁଟିଏ......

ଶିଶୁଟିଏ ମୁଁ ଶିଶୁଟିଏ
ଅମା ଅନ୍ଧକାରେ ଜହ୍ନଟିଏ,
ହସି ଖେଳି ଜୀଅଁ ଜୀବନକୁ ତୁମ
କୁନି ମୁହେଁ ଦେଲି ବାର୍ତ୍ତାଟିଏ ।
ଶିଶୁଟିଏ.....
*ଶିଶୁଟିଏ ମୁଁ ଶିଶୁଟିଏ*


ସହକାରୀ ଶିକ୍ଷକ
ବ୍ରାହ୍ମଣସାଇଲୋ ସରକାରୀ ଉଚ୍ଚ ବିଦ୍ୟାଳୟ,
କଣ୍ଟାପଡା, କଟକ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଆତ୍ମହତ୍ୟା ନୁହେଁ ଶେଷ ବାଟ

ଅନନ୍ତ କୁମାର



ସଂସାର ଭିତରେ
ଆତ୍ମ ହତ୍ୟା ନୁହଁ ଶେଷ ବାଟ
ଟିକିଏ ଆଘାତେ
ଲିଭେଇବା ଜୀବନର ଦୀପ ।

ଘର କରିଥିଲେ ସଂସାର ଭିତରେ
ଝଡ ଝଞ୍ଜାକୁ ପଡିବ ସହି
ବିପଦେ ଆପଦେ ଡରି ଯାଇ ସଦା
ଆତ୍ମ ହତ୍ୟା କରି ମୂଲ୍ୟ ନାହିଁ,

ସଂଘର୍ଷମୟ ମଣିଷ ଜୀବନ
ଜିତିବା ହାରିବା ଚାଲିଛି ଚାଲିବ
କଣ୍ଟକିତ ଏ ସଂସାରର ପଥ
ଚାଲିବାକୁ ହେବ ସହି ସହି କଷ୍ଟ,

ମଣିଷ ଜନମ ସହଜ ମିଳେ ନାହିଁ
ଏ ସଂସାର ଭିତରେ
ଅକାଳେ ଜୀବନ ହାରିଦେବା ଆମେ
ଛୋଟ ଛୋଟ କଥାରେ,

ମନର କୋହକୁ ମନରେ ମାରି
ବଞ୍ଚିବାକୁ ହେବ ସଭିଙ୍କୁ କରି ସାଥି
ଆଖିର ଲୁହକୁ ଆଖିରେ ଚାପି
ସହିବାକୁ ହେବ ଦୁଃଖକୁ ମଥା ପାତି,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହାରିବାର ଭୟ ଦେଖି ପଛଘୁଞ୍ଚା ଦେବା
ମଣିଷର ଶେଷ ବାଟ ନୁହଁଇ,
ବିପଦକୁ ଦେଖି ଆତ୍ମହତ୍ୟା କରିଦେବା
ମଣିଷ ଜନମର ମୂଲ୍ୟ ନାହିଁ ,

ସଂସାରର ଖାଲ ଢିପ ବାଟରେ
ଝୁଣ୍ଟି ପଡି ଚାଲିବାକୁ ହେବ
ଝଡ ଝଞ୍ଜାର ପୋଖରୀ ଭିତରେ
ଲୁହ ପୋଛି ବଞ୍ଚିବାକୁ ହେବ,

କାର୍ଯ୍ୟକାରୀ ସମ୍ପାଦକ
ଜାତୀୟ କବି ଲେଖକ ସଂଗଠନ
ଯୋଗାଯୋଗ-୮୩୩୯୯୩୯୯୨୯

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବାପାର ଖୁସି

ଶିଶିର କୁମାର ପଣ୍ଡା



ବାପାଟିର ଖୁସି ଆଜି ମୁଁ ଜାଣିଲି
ନିଜେ ବାପା ହେଲା ପରେ
ଦୁଃଖରେ କାହିଁକି ସଭିଙ୍କ ଆଗରେ
ଆଖିରୁ ଲୁହ ନ ଝରେ ।

ମଝିଖୁଣ୍ଟ ହୋଇ ସବୁ ସହିଯାଏ
ଯନ୍ତ୍ରଣାକୁ ମଥା ପାତି
ବିପଦ ଆସିଲେ ପରିବାର ପାଇଁ
ପହିଲେ ପତାଏ ଛାତି ।

ନିଜେପଛେ ପିନ୍ଧେ ସାତସିଆଁ, ହେଲେ
ସନ୍ତାନକୁ ନୂଆ ଦିଏ
ବାର୍ଦ୍ଧକ୍ୟରେ ପୁଣି ସେଇ ବାପା ଆମ
ଅଲୋଡ଼ା ଦରବ ଟିଏ ।

ଜରାନିବାସରେ ଥିଲେ ଥାଉ ପଛେ
ଚାହେଁ ପରିବାର ସୁଖ
ପିଲାମାନେ କାଳେ ଛୋଟ ହୋଇଯିବେ
ବଖାଣି ପାରେନା ଦୁଃଖ ।

ସେଇ ବାପା ମନେ କଷ୍ଟଦେଇ ଆମେ
କେଡ଼େ ଅପରାଧ କରୁ
ଖୋଲିପାରେ ନାହିଁ ମୁହଁ ସିନା, ହେଲେ
ଜିଇଁଥାଏ ମରୁ ମରୁ ।

କୁଆଁସ, ମେରଦା କାଟିଆ, ଯାଜପୁର
ଆଳାପ:-୮୯୮୧୭୩୭୨୨୮

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଗୋଟେ ରାତିର କଥା

ସରସ୍ୱତୀ ପଣ୍ଡା



ରାତି ଗୋଟେ ରତ୍ନଗର୍ଭା
ରଂଗଣୀ ଫୁଲ
ଏବେ ବି ପାରିନି ଦେଇ
ତା ପ୍ରୀତିର ମୂଲ ।

ରତ୍ନ ପଲଙ୍କଠୁ ସୁଖ
ତା'କୋଳରେ ନିଦ
ତା'ସ୍ପର୍ଶେ ଲାଜେଇ ଯାଏ
ଷୋଡ଼ସି କଦମ୍ବ ।

ମହୁଠୁ ଆହୁରି ମିଠା
ତା'ଓଠର ମହୁ
କଦମ୍ବ ଠୁ କମନୀୟ
ତା'ଯୁଗଳ ବାହୁ ।

ବରଷାଠୁ ଓଦା ଓଦା
ତା'ର ଶବ୍ଦ ପ୍ରୀତି
ହସରୁ ତା 'ଝରିପଡ଼େ
ହୀରା,ନୀଳା, ମୋତି ।

ତୋଫାଠୁ ଆହୁରି ତୋଫା
ସେ ମାୟାବୀ ଭଅଁର
ଯାହା ଲାଗି ଏତେ ପ୍ରିୟ
ଚିତ୍ରିତ ଅନ୍ଧାର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବଂଶୀଠୁ ବୈଚିତ୍ରମୟ
ଅନ୍ଧାରର ସୁର
ଚୋରେଇ ନେଇଛି ମନ
ସେ ହୃଦୟ ଚୋର ।

ମନ ଚୋରିହେଲା ପରେ
ଉଣା ନୁହଁ ମନ
ଅନ୍ଧାରରେ ଦେଖୁଅଛି
ପୁନେଇର ଜହ୍ନ ।

ରାତି ଅଛି ଜହ୍ନ ଅଛି
ଅଛି ବି ଜୋଛନା
ଜୋଛନା ଦେଇଛି ଭେଟି
ତାରାର ଗହଣା ।

ଶ୍ରୀରାମପୁର, ମଙ୍ଗଳପୁର, ଯାଜପୁର
ଆଳାପ:-୭୬୦୮୯୪୦୮୨୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୋ ପ୍ରେମ

ଚିନ୍ମୟୀ ରାଉତ

ହୃଦୟରେ ମୋର କରିଛି ଯେ ଘର

ନାୟିକା ସାଜିଛି ତା ସ୍ୱପ୍ନର ! !୧ ! !

ଯାହାର ନିଃଶ୍ୱାସ ସାଜିଛି ଜୀବନ

ଦେଖୁଛି ନିତି ମୁଁ ତାରି ସପନ ! !୨ ! !

ଭିଜୁଛି ଆଜି ମୁଁ ତାରି ପ୍ରେମରେ

ସ୍ପନ୍ଦନ ସାଜିଛି ମୋ ହୃଦୟରେ ! !୩ ! !

ସେହି ସୁକୁମାର ତୁମେ ଏକା ମୋର

ସୁନ୍ଦର କୁସୁମ ମନ ବଗିଚାର ! !୪ ! !

ଅଭିଯୋଗ କିଛି ନାହିଁ ତୁମ ପାଖେ

ରହିଥିବ ସଦା ମୋ ଚାରିପାଖେ ! !୫ ! !

ତୁମେ ମୋର ସେହି ଅସରନ୍ତି ପ୍ରେମ

ଯାହା ପାଖେ ବନ୍ଧା ମୋର ଏଇ ମନ ! !୬ ! !

ଆଶା ଅଛି ତାକୁ ରଖିବା ସାଇତି

ହଜେଇ ଦେବନି ଭିଡ଼ରେ ଯେମିତି ! !୭ ! !

ବାଟ ମଙ୍ଗଳା ପୁରୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଗର୍ବରେ କହିବା ଆମେ

ମନୋରଞ୍ଜନ ସୁରୁଜାଳ



ସବୁରି ଅନ୍ତରେ ସୁବାସ ବିତରି
ଭ୍ରାତୃତ୍ୱର ବାର୍ତ୍ତା ଦେଇ
ଚାଲିଛି ଚାଲିଛି ଆଗେଇ ଚାଲିଛି
ପ୍ରେମର ମନ୍ତର ଗାଇ
ଜୟ ଜୟକାର ଆଜି
ନୟନେ ନାଚଇ ଛବି
ତା' କୋଳ ସନ୍ତାନ ଶୋଇ କି ପଡ଼ିଲ ତୁମେ ?
ଗର୍ବରେ କହିବା ଆମେ ଭାରତୀୟ
ଗର୍ବରେ କହିବା ଆମେ ॥

କୀର୍ତ୍ତି ବୈଭବ ସଗର୍ବେ କୁହଇ
ହୃତ ଗୌରବର କଥା
ସ୍ୱର୍ଣ୍ଣ ଇତିହାସ ସ୍ୱାକ୍ଷର ବହନେ
ଭୁଲିନି ମରମ ବ୍ୟଥା
ଫୁଲାଇ ଟେକରେ ଛାତି
ମନୁ ତଡ଼ି ଦେଇ ଭୀତି
ଜାଗ୍ରତ ହୁଅ ନବୀନ ଏ ଧାରା ଧାମେ ।
ଗର୍ବରେ କହିବା ଆମେ ଭାରତୀୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗର୍ବରେ କହିବା ଆମେ ॥

କଳା ସଂସ୍କୃତିରେ ଚିର ଉଜ୍ଜ୍ୱଳ
ଶିକ୍ଷାର ଭଣ୍ଡାର ଘର
ଇତିହାସେ ଲେଖା ଅମର କାହାଣୀ
ଦିନେ ଥିଲା ବିଶ୍ୱବର
ବିଦେଶୀୟ କେତେ ଧାଇଁ
ସେ ସତ୍ୟ ଜାଣିବା ପାଇଁ
ଐକ୍ୟ ଚେତନା ସିଞ୍ଚିଛି ତା ବୀର ଭୂମେ ।
ଗର୍ବରେ କହିବା ଆମେ ଭାରତୀୟ
ଗର୍ବରେ କହିବା ଆମେ ॥

କୋଟି ଜନ-ଗଣେ ଶାନ୍ତିର ବାର୍ତ୍ତା
ଖେଳାଏ ଜଗତ ସାରା
ତୁଙ୍ଗ-ହିମାଳୟ ଭାର୍ଗବୀ ଯହିଁ
ଛୁଟାଏ ଅମୃତ ଧାରା
ବୀର-ମାଟି-ଦେବ-ଭୂଇଁ
ଦୁର୍ଲ୍ଲଭ ଜନମ ପାଇଁ
ତପ ସାଧୁଥାନ୍ତି ଏ ବନ-ଗିରି-ଆଶ୍ରମେ ।
ଗର୍ବରେ କହିବା ଆମେ ଭାରତୀୟ
ଗର୍ବରେ କହିବା ଆମେ ॥

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କେତେ ସତୀ-ସାଧ୍ୱୀ-ମହିୟସୀ-ବୀରା
ବିଦୁଷୀ ମହିଳା ଗଣ
ଭାଳେ ରକ୍ତ ଟୀକା ହସ୍ତରେ ଖଡ଼ଗ
ହୃଦୟେ ନିର୍ଭୀକ ପଣ
ମାଆ ମାଟି ରଖି ଲାଜ
ପୋଛିଦେଇ ମନୁ ଭୟ
ବିଜୟିନୀ ଗାଥା ଲେଖିଗଲେ କାଳକ୍ରମେ ।
ଗର୍ବରେ କହିବା ଆମେ ଭାରତୀୟ
ଗର୍ବରେ କହିବା ଆମେ ॥

ଦେଖରେ ଦେଖ ତ୍ରିରଙ୍ଗା-ବୈରଖ
ଉଡ଼େ ଫରଫର ଆଜି
ଉଠରେ ଉଠ ନବୀନ ଆଲୋକେ
ନିମିଷ-ତନ୍ଦ୍ରା-ତେଜି
ଦୂର ନୁହଁ ସେଇ ଦିନ
ସତ ହେବାକୁ ସପନ
ରାତି ଗଲା ପାହି ରହିବା ନି ଆଉ ଭ୍ରମେ ।
ଗର୍ବରେ କହିବା ଆମେ ଭାରତୀୟ
ଗର୍ବରେ କହିବା ଆମେ ॥


ଆଇଁଲାପାଲି, ଧମା, ସମ୍ବଲପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ରକ୍ଷା ବନ୍ଧନ

ଅମରନାଥ ବାରିକ



ଆସିଲେ ପରବ ରକ୍ଷା ବନ୍ଧନ
କଇଁକଇଁ ହୋଇ କାନ୍ଦେ ମୋ ମନ ।
ମନେ ପଡ଼େ ପିଲାଦିନର ସ୍ମୃତି
ଅମୂଲ୍ୟ ଅତୀତ ଯାଇଛି ବିତି ।

ଭାଇ ଭଉଣୀଙ୍କ ସରାଗ ପାଇଁ
ଜଗା ପାଦ ତଳେ ମୁଣ୍ଡ ନୁଆଇଁ ।
ପିଠା କ୍ଷୀରି ମାଆ ଗଢ଼େ ଯତନେ
ରାକ୍ଷୀ ପୁନେଇଁ ବରଷକେ ଦିନେ ।

ବାନ୍ଧୁଥିଲି ରାକ୍ଷୀ ଭାଇ ହାତରେ
ଚନ୍ଦନ ସିନ୍ଦୂର ଫୁଲ କାନରେ ।
ବନ୍ଦାଏ ଭାଇକୁ ଚିନ୍ତି ଜୀବନେ
ନ ଆସୁ ବିପଦ ଝଡ଼ ଅଦିନେ ।

ତତେ ମିଳୁ ପେଟା-କାଳିଆ ବର
କଲୁହୁଡ଼ି ତୁହି ଭଉଣୀ ମୋର ।
ଚିଡାଏ ଭାଇ ମୋ ଖାଇଲେ ଭାଗ
ବାପା ଆଣିଥିବା ମୋହନ ଭୋଗ ।

ଭାଉଜ ଆସିଲେ ବୋଲ ମାନିବୁ
ନିଜ କାମ ସବୁ ନିଜେ କରିବୁ ।
ସେତେବେଳେ ତୋ'ର ଏଇ ଭଉଣୀ
ମନେ ପକାଇବୁ ହେବୁ ତୁ ଗୁଣି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କେତେ ମିଠାଥିଲା ମୋ ଭାଇ ପ୍ରେମ
ମିଛ ରାଗ ରୁଷା କଳହ ଆମ ।
ପୁଣି ବୁଝିଯାଇ ଏକା ଥାଳିରେ
ଖାଇଥାଉ ଦୁହେଁ ସରାଗ ଭରେ ।

ଥିଲା ଆମ ଅଳି-ଅର୍ଦ୍ଦଳି ଯେତେ
ବୁଝୁଥିଲେ ମାଆ ବାପା ମୋ ସତେ ।
ଆଜି ଶାଶୁଘରେ ମାଆ ହେବାରୁ
ବୁଝିଲି ମାଆର ବେଦନା ଗରୁ ।

ପିତା ମାତା ପରି କିଏ ସେ ହେବ
ପିଲାଙ୍କ ମଙ୍ଗଳ ମନାସୁଥିବ ।
ଅସୁମାରୀ ଦୁଃଖ ନିଜର କରି
ଅସରନ୍ତି ସୁଖ ଦେବ ସେ ଭରି ।

ଆମ ଧର୍ମ ବିଧି କେତେ ମହାନ
ସନାତନ ନାମ ଯାହାର ଜାଣ ।
ପବିତ୍ର ସମ୍ପର୍କରେ ଯୋଡ଼ି ହୋଇ
ଜନ ଜୀବନ ରସମୟ ହୋଇ ।

ଭିନ୍ନ ଭିନ୍ନ ଜାତି ଭିନ୍ନ ପରବ
ଭିନ୍ନ ଏ ଓଡ଼ିଆ ଭାଷା ଗରବ ।
ପଲ୍ଲୀ ଠାରୁ ଦିଲ୍ଲୀ ଗର୍ବ ଗୌରବ
ତିନି ଠାକୁରଙ୍କ ଅପୂର୍ବ ଭାବ ।

ଗ୍ରା/ପୋ-କୟାଁ, ଥା-ମଙ୍ଗଳପୁର, ଜି-ଯାଜପୁର
ଓଡ଼ିଶା, ପିନ୍ ନମ୍ବର - ୭୫୫୦୧୧
ଦୂରଭାଷା - ୯୫୪୦୩୦୮୦୯୫ (ନୂଆଦିଲ୍ଲୀ)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଏ ଦରଦାମ କର ଆୟତ

ଶାନ୍ତନୁ କୁମାର ରାଉତ



ସଂସାର ନାଆ ଟି ଧିମା ଚାଲିଲାଣି
ଅର୍ଥ ସାଜିଲାଣି ବାଧକ
କିପରି ନାଆକୁ କୂଳେ ଲଗାଇବ
ନାଉରି ହେଲାଣି ଅବାକ ।

ରାଜ୍ୟ ସରକାର ବର୍ଦ୍ଧିତ ମଜୁରୀ
ମାସକୁ ପନ୍ଦର ହଜାର
ପନ୍ଦର ହଜାରେ କିପରି ଚାଲିବ
ତେଲ ଲୁଣର ଏ ସଂସାର ।

ବାପାଙ୍କ ପେପର ମା ମେଡିସିନି
ମାସକୁ ଗଲାଣି ହଜାରେ
ପୁଅ ଟିଉସନ ଝିଅ ଖାତା ବହି
କଥାଟାକୁ କିଏ ପଚାରେ

ରାଗରେ ଘରଣୀ ବଢ଼ି ନଇ ପାଣି
ସକାଳୁ ବ୍ୟାଗ ଧରାଏ
ଆଳୁ ବାଇଗଣ ପୋଟଳ କଲରା
ଯାବତୀୟ ଲିଷ୍ଟ ଧରାଏ ।

ହାଟରେ ପହଂଛି ଦେଖିଲା ବେଳକୁ
ଆଳୁ କିଲୋ ଶୁଣେ ଷାଠିଏ
ଅନ୍ୟ ପରିବାକୁ କିଣିବା ପାଇଁକି
ସାହସ ମୋ ଆଉ ନ ପାଏ ।

ରାଜ୍ୟ ହଉ ଅବା କେନ୍ଦ୍ର ସରକାର
ହୋଇଗଲା ଏବେ ବହୁତ
ବଢା ମଜୁରୀକୁ ଏ ସାମଗ୍ରୀ ନିଅଣ୍ଟ
ଏ ଦର ଦାମ କର ଆୟତ ।

ପାଟରଙ୍ଗା, ଯାଜପୁର , ୯୮୬୧୭୫୬୧୯୮

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଜୟବାବା ଲଡୁକେଶ

ନଳିନୀ ଦାଶ



ପ୍ରଭୁଙ୍କ ମନ୍ଦିର ଦିଶଇ ସୁନ୍ଦର
ନେତ ଉଡ଼େ ଫରଫର
କଇଳାସ ପତି ପୂଜାପାଉଛନ୍ତି
ମଥାରେ ଗଙ୍ଗାର ଧାର ।
ବାବା ଲଡୁକେଶ ଢାଳନ୍ତି ଆଶିଷ
ଡାକୁଥିଲେ ଭକତିରେ
ସେ ଡମ୍ବରୁଧାରୀ ଦୁଃଖ ନେବେ ହରି
ଏ ସୁନ୍ଦର ସଂସାରରେ ।
ବାଘ ଛାଲ ପିନ୍ଧି ମୁଣ୍ଡେ ଜଟା ବାନ୍ଧି
ସାପ କରି ଗଳାହାର
ମଶାଣି ଜଗୁଛ ତ୍ରିଶୂଳ ଧରିଛ
ଜଟାଧାରୀ ଯୋଗେଶ୍ୱର ।
ଆହେ ଆଶୁତୋଷ ଅରଖ ଗୟସ
ଫୁଲରେ ତୁମ ଆଦର
ପ୍ରତିଟି ମନ୍ଦିରେ କେତେଯେ ନାମରେ
ପାଅ ପୂଜା ମହେଶ୍ୱର ।
କେତକୀ ବଉଳ ଦୁର୍ଦ୍ଦୁରାର ମାଳ
ଶହେ ଆଠ ବେଲପତ୍ର
ତୁମକୁ ଯେ ଦିଏ ଦୁଃଖ ଦୂର ହୁଏ
ରହିଛ ତୁମେ ସର୍ବତ୍ର ।
ହଳାହଳ ବିଷ ପାନ କରି ଈଶ
ସଂସାରକୁ ରକ୍ଷା କଲ
ଚନ୍ଦନ ମଥାରେ ରୁଦ୍ରାକ୍ଷ ଗଳାରେ
ପିନ୍ଧି ମୃତ୍ୟୁଞ୍ଜୟ ହେଲ ।
ହେ ଭୋଳା ଶଙ୍କର ମଥାରେ ତୁମର
ଚନ୍ଦ୍ର ସୂର୍ଯ୍ୟଙ୍କର ସ୍ଥାନ
ଚନ୍ଦନ ଚର୍ଚ୍ଚିତ ବିଭୁତି ଲେପନ
କରିଅଛ ତ୍ରିଲୋଚନ ।

ଭିକାରିପଡା, ଶରଣକୁଳ, ନୟାଗଡ଼।
ଦୂରଭାଷ—୯୨୩୮୯୯୬୬୪୯

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# କେଉଁ ଜନମରେ ସାଥୀ ଥିଲ ତୁମେ

ଡଃ ନାରାୟଣ ଚନ୍ଦ୍ର ସେନାପତି



ଅନେକ ଫୁଲ ଭିତରେ ତୁମେ ଥିଲ ଏମିତି ଏକ ନିରୀମାଖି ଫୁଲ
ପ୍ରଥମ ଦେଖାରେ ହଲ୍ ଚଲ୍ କରି ଦେଲ ମୋ ମନ
ଅନ୍ତରରେ ଜାଗି ଉଠିଲା ଏକ ଶିହରଣ
ସତେ ଯେମିତି ଲାଗିଲା ତୁମ ସହ
କେଉଁ ଜନ୍ମରେ ହୋଇଛି ମଧୁ ମିଳନ
ସେଇ ଆଖି ସେଇ ଓଠ ସେଇ ହସ
ହୃଦୟକୁ କଲା ଆଲୋଡନ
ତୁମ ମୁହଁରୁ ଦୁଇ ପଦ ମଧୁ ଭାଷା ଶୁଣିବାକୁ
ସତେ ଯେମିତି ଉଛନ୍ନ ହେଲା ମୋ ବ୍ୟାକୁଳ ମନ ।

ତୁମ ଅପୂର୍ବ ମଧୁ ବଚନ ଯେବେ ଛୁଇଁଲା ମୋ ମନ
ଆଖି ବୁଜି ଦେଖିଲି ସପନ
ମୁଁ ରାଜା ତୁମେ ରାଣୀ
ଆଉ ହାତ ଠାରି ଡାକୁଥିବା ସେଇ ପ୍ରମୋଦ ଉଦ୍ୟାନ
କେବେ ପୁଷ୍କରିଣୀ ଜଳ କରୁଥିଲ ମୋତେ ସିଞ୍ଚନ
ଆଉ କେବେ ମୋ କୋଳରେ ମଥା ରଖି
କେତେ କୌତୁକିଆ କଥା କରୁଥିଲ ବିଞ୍ଚନ
ତୁମେ ଟିକେ ରାଗିଗଲେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୁଁ ଧରୁଥିଲି ମୋ କାନ
କହୁଥିଲ ଭୁଲ ହୋଇଗଲା ପ୍ରିୟ
ଭୁଲିବନି ମୋତେ ରଖିଥିବ ମନେ ଚିରଦିନ
ଅନ୍ତର ମୋ କହୁଥିଲା ପ୍ରିୟା ଶୁଣ
ତୁମେ ମୋ ହୃଦୟ ହେଲେ
ମୁଁ ପରା ତା' ହୃତ ସ୍ପନ୍ଦନ ।

ତୁମ ଆଚାର ବିଚାର ସଦାଚାର ର ସଂସ୍କାର
ମୋ ପାଇଁ ଥିଲା ଆବେଗର ଗନ୍ତାଘର
ତୁମ ଲୁକ୍କାୟିତ ପ୍ରତିଭାର ଔ ଝ ଲ୍ୟ
ସତେ ଯେମିତି ମାରୁଥିଲା ଆଖି ଠାର
ତୁମେ ଏକ ଖୋଲା ବହି
ମୁଁ ତା ଅକ୍ଷର
ମୁଁ ଏକ ବଂଶୀ ହେଲେ
ତୁମେ ତାର ମଧୁ ସ୍ୱର
ଦୁହିଁଙ୍କର ପବିତ୍ର ପ୍ରେମରେ ଯେବେ ମୁଗ୍ଧ ହେବେ ଈଶ୍ୱର
ସାର୍ଥକ ହେବ ଜନ୍ମ ଜନ୍ମର ସଂପର୍କ ଧାର ।

ଭଲ ମନ୍ଦ ଠିକ୍ ଭୁଲ ଉଚିତ୍ ଅନୁଚିତ୍ରର ପାର୍ଥକ୍ୟ ଜାଣିବି
ହୋଇଯାଇଛି ମୁଁ ଜିଦ୍ ଖୋର୍
ତୁମ ପରି ଦିବ୍ୟ ମଣିଷର ପ୍ରତିଧ୍ୱନି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୋତେ କରି ଦେଇଛି ସମ୍ପୂର୍ଣ ନିଜର
ଲେଖାହେବ ସେଇଠି ସମ୍ପର୍କର ଇତିହାସ
ଯେଉଁଠି ଥିବ ଆମ ଦିବ୍ୟସ୍ପର୍ଶ
ସେଇଦିନ ଆନନ୍ଦରେ ନାଚିବ ମୋ ହୃଦୟ ଘର
ଯେଉଁଦିନ ସମାଜ ସଭ୍ୟତା ସଂସ୍କୃତି କରିବ ତୁମ ପାଇଁ ପ୍ରଚାର
ତୁମେ ତ ମୋ ଗଙ୍ଗାର ପବିତ୍ର ଧାର
ଆଉ ମୁଁ ତୁମ ନିଃସ୍ୱାର୍ଥପର ସାଗର
ତୁମେ ଚୁପ୍ ଚୁପ୍ କହୁଥିବ
ଭୁଲ ହେଲା କି ପ୍ରିୟ ଆମର
ମୁଁ କହୁଥିବି... ବିଶ୍ୱାସ ଭରସାରେ ପରା ତୋଲା ଆମ ଘର
ଏଇତ ସରଗର ଚାରି ମଧୁପୁର ।


ଜମ୍ଭିରା, କେନ୍ଦୁଝର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କେଉଁ ଜନ୍ମର ଥିଲ ସାଥୀ

ଏଲିନା ପାଣିଗ୍ରାହୀ



କେଉଁ ଜନ୍ମର ସାଥୀ ଥିଲ ତୁମେ
ଏବେ ଦେଲ ମୋତେ ଦେଖା ।।
ତୁମ ମଧୁର ସ୍ୱର ଭାଙ୍ଗିଦେଲା
ମୋ ବର୍ଷ ବର୍ଷର ଅପେକ୍ଷା ।।

ପ୍ରିୟତମ ମୋର ତୁମ ଗାରୀମାର
କରିବି ମୁଁ, କି ସମୀକ୍ଷା ।।
ଅଲୌକିକ ବ୍ୟକ୍ତିତ୍ୱର ସମ୍ଭାର ଯେ
ସର୍ବତ୍ର ହୁଅଇ ବ୍ୟାଖ୍ୟା ।।

ସହସ୍ର ଭିଡ଼ରୁ ବାଛି ନେଇଛି
ତୁମକୁ ମୋ ଜୀବନ ସାଥି ।।
କେବେଠୁ ବରି ସାରିଛି ତୁମକୁ
ମୋ ମନର ସ୍ଥାୟୀ ସାରଥୀ ।।

କେଉଁ ଜନମରେ କରିଥିଲି ପୁଣ୍ୟ
ପାଇଛି ତୁମକୁ ଆଜି ।।
ମନ କହେ ତୁମ ପ୍ରେମର ବର୍ଷାରେ
ଯାଉଥାନ୍ତି କି ମୁଁ ଭିଜି ।।

ସ୍ପୃହାହିନ ଜୀବନ ମୋ ବିତୁଥିଲା
ବର୍ଷ ମାସ ଦିନ ଗଣି ।।
ଜୀବନକୁ ମୋ ଜିଇଁବା ଶିଖାଇଲ
କରି ତୁମ ହୃଦରାଣୀ ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତୁମ ନିନାଦିତ ସୂକ୍ଷ୍ମ ହୃଦୟରେ
ମୁଁ ଯେ ଶୀତଳ ସ୍ପନ୍ଦନ ।।
ତୁମ ବିନା ସବୁ ଶୁନ୍ୟ, ତୁମେ ଥିଲେ
ସାକାର ମୋ ସବୁ ସ୍ୱପ୍ନ ।।

ତୁମେ ମୋ ସୁଖ ଦୁଃଖର ସାଥୀ
ତୁମେ ମୋ ଆରମ୍ଭ ଇତି ।।
ତୁମେ ମାନ କି ନ ମାନ ତୁମ ପାଇଁ
ସାଇତା ମୋ ପ୍ରେମ ପ୍ରୀତି ।।

ଈଶ୍ୱରଙ୍କ ସଂଯୋଜନାରେ ସୃଷ୍ଟି ଯେ
ଆମ ଅତୁଟ ବନ୍ଧନ ।।
ତାଙ୍କରି ଆଶିଷେ ସବୁ ସ୍ୱପ୍ନ, ସବୁ
ଇଚ୍ଛା ଆମ ହେବ ପୂର୍ଣ୍ଣ ।।

ନଶ୍ୱର ଶରୀର ମୋ ହେଲା ଜାଗ୍ରତ
ପାଇ ତୁମ ସୁଧା ସ୍ପର୍ଶ ।।
କଥା ଦିଅ ମୋତେ ପାଉଥିବ ଭଲ
ଥିବା ଯାଏଁ ମୋ ନିଶ୍ୱାସ ।।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମୋ ଗାଁ ଦାଣ୍ଡଧୂଳି ସାକ୍ଷାତ ନିର୍ମାଲ୍ୟ

ସ୍ୱାଗତିକା ସାହୁ



ପ୍ରକୃତିର ସୁଷମାରେ ସଦା ସତେଜ
ଆଦର୍ଶ ଦିନଚର୍ଯ୍ୟାରେ ପ୍ରାଣବନ୍ତ ମୋ ଗାଁ ..
ବାଲ୍ୟ ଯୌବନର ସମସ୍ତ ସ୍ମୃତିକୁ ଆବୋରି
ଉପମା ମୁଁ ପାଏ ନାହିଁ... !
ତୋ ସଂସ୍କୃତି, ଧର୍ମ ଦର୍ଶନ, କୋଳେଇବା ପଣ
କୀର୍ତ୍ତିରାଜି ରୁଦ୍ଧିମନ୍ତ କଳାପରେ
କୁହ ! କେଉଁ ଶବ୍ଦ ନେଇ
ତୋ ପାଇଁ କବିତା ଲେଖିବି ?

ତୋ ଆଦିମ ଦେହରେ
ସରିଛି ବାଲ୍ୟାବସ୍ଥାର ଅନେକ ରଜନୀ
ପାଇଛି ଚିହ୍ନା ମାଟିର ଗନ୍ଧ
ରାତ୍ରୀରେ ତୋ ଆକାଶର ଜହ୍ନ ମାମୁଁ
ଜହ୍ନି ଫୁଲିଆ ସଞ୍ଜ ଗୋଧୂଳି...
ଆଜିବି ହୃଦୟରେ ଲଦି ହେଉଛି
କେବେ ଭୂଇଁ ଉପରେ ଲୋଟି ପଡିଛି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କେବେ ଭୂଇଁ ମାଟି ସୁଆଦିଆ ଭରିଛି

ତୋ କୋଳେ ଭୁଲିଗଲି

ଦେହ ଦେହି ଜ୍ଞାନ....

ସାଙ୍ଗ ମେଳେ ଭୁଲିଗଲି ଭୋକ ଶୋଷ

ହଁ ମୋ ଗାଁ ସାକ୍ଷାତ ଲକ୍ଷ୍ମୀପ୍ରିୟା

ମୋ ଗାଁ ଦାଣ୍ଡ ଧୂଳି ସାକ୍ଷାତ ନିର୍ମାଲ୍ୟ

ତୋ ଧୂସରିଆ ଦାଣ୍ଡ ଧୂଳିକୁ

ତୋ ଅଭୁଲା ପଣତ କାନିକୁ

ତୋ ନୀଳ କଇଁ ଗାଡ଼ିଆକୁ

ତୋ ସଦ୍ୟସ୍ନାତା ଦେବାଳୟକୁ

ତୋ ଏକାକାର ସୌଭାଗ୍ୟକୁ

ତୋ ଗାଁ ବିଦ୍ୟାଳୟକୁ

କାହାର ନଜର ନଲାଗୁ...

ତୁ ଅନନ୍ତ କାଳ ଯାଏଁ ଚମକୁ ଥା

ପୁନେଇ ରାତ୍ରୀର ଜହ୍ନଟେ ଭଳି

ବିବାହ ବେଦୀରୁ ତୋଠୁ ବିଦାୟ ନେଲାପରେ

ଗୁମୁରି ଗୁମୁରି କାନ୍ଦୁ ଥାଏ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କେଉଁ ଏକ ନିଭୃତ କୋଣରେ

କିଏ କାହୁଁ ବୁଝିବ.....

ତା ପ୍ରଥମ ସ୍ପର୍ଶ ଆଉ ଶେଷ ବିଦାୟ

ହସ କାନ୍ଦର ବୁନ୍ଦା ବୁନ୍ଦା ଅନୁରାଗ

ଅତିଥି ପାଲଟିଛି ତୋ ପାଖେ

ଗଢା ହୋଇଥିବା ଇତିହାସରେ

ତୋ ସ୍ଥାନ ଅପହଞ୍ଚ ହେଲେବି

ଅନୁଭବ କିଂଚିତ

ଅନୁଭବ କରିପାରେ ସିନା .. ! ! !

ଉମରକୋଟ, ନବରଙ୍ଗପୁର



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୋ ଗାଁ ଦାଣ୍ଡଧୂଳି ସାକ୍ଷାତ ନିର୍ମାଲ୍ୟ

ଗୀତାଞ୍ଜଳି ଭୂୟାଁ



ଯେଉଁଠାରେ ବିତିଥିଲା ମୋର ପିଲାବେଳ
ସେହି ଗାଁ ଅପରୂପା ନିହାତି ସରଳ
ଅଙ୍କାବଙ୍କା ଧୂଳି ରାସ୍ତା ଗତି ତା ସର୍ପିଳ
ଉଭୟ ପାର୍ଶ୍ୱରେ ଛଣ ଛପରର ଚାଳ ।

ଜନ୍ମ କାଳୁ ତାର ସାଥେ ନିବିଡ଼ ସମ୍ପର୍କ
ତା ଧୂଳିରେ ତୋଳିଛି ମୁଁ ସ୍ମୃତିର କୋଣାର୍କ ।
ସେ ଦାଣ୍ଡରେ ଖେଳି ବୁଲି ଭୁଲିଛି ମୁଁ ଭୋକ
ସେହି ଗାଁ ମାଟି ଧୂଳି ମୋ ଜୀବନ ଟେକ ।

ସାଙ୍ଗସାଥି ମେଳେ ଯେବେ ତା ଛାତିରେ ଖେଳି
ଉଡାଉ ଥିଲି ମୁଁ ନିତି ମୁଠା ମୁଠା ବାଲି
ମିଛି ମିଛିକା କରିଛି ସଡେଇରେ ଚୁଲି
ଘାସ ପତ୍ରେ ରାନ୍ଧିଛି ମୁଁ କେତେ ଭାତ ଡାଲି ।

କିତି କିତି ବୋହୂ ଚୋରି ସେ ଖପର ଡିଆଁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସତେ କିବା ସେତେବେଳେ କରିଲା କିମିଆଁ

ସବୁଠୁ ଶ୍ରେଷ୍ଠ ସୁନ୍ଦର ମଧୁର ମୋ ଗାଁ

ପୁଲକିତ ହୁଏ ଚିତ୍ତ ଶୁଣିଲେ ତା ନାଁ ।

ଗାଁ ଦାଣ୍ଡ ଧୂଳି ବାସ ଚନ୍ଦନ ଶୀତଳ

ଧୂସର ରଙ୍ଗର ରୂପ ଗୁଣ ତା ଅମୂଲ୍ୟ

କେହି ନାହିଁ ସରି ତାର ସ୍ୱୟଂ ସେ ଅତୁଲ୍ୟ

ମୋ ଗାଁ ଦାଣ୍ଡ ଧୂଳି ସାକ୍ଷାତ ନିର୍ମାଲ୍ୟ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମୋ ଗାଁ ଦାଣ୍ଡଧୂଳି ସାକ୍ଷାତ ନିର୍ମାଲ୍ୟ

ନିବେଦିତା ପଣ୍ଡା



ଯେଉଁଠି କଟିଛି ମୋର ପିଲାଦିନ
ରାଗ ରୁଷା ଅଭିମାନ,
ସେ ଜନମମାଟି ସରଗ ଆମର
ସ୍ମୃତିରେ ଜାଜ୍ଜ୍ୱଲ୍ୟମାନ ।

ଯେଉଁ କାନ୍ଥେ ଅଛି ଆମ ଷଠୀଘର
ଆମ ଅଝଟିଆ ଭାବ,
ବାପାଙ୍କ ତାଗିଦ୍ ମାଆର ମମତା
ବୁଢ଼ୀମାଆର ସୁହାଗ ।

ସେହି ମାଟି ପରେ କେତେ ଖେଳକୁଦ
ଭାଇ ଭଉଣୀଙ୍କ ସାଥେ,
କୌଣସି କଥାକୁ ନଥିଲା ଖାତିରି
ଭଲ ଲାଗୁଥିଲା କେତେ ।

ଯେତେ ଝଡ଼ ଝଞ୍ଜା ଆସିଛି ଜୀବନେ,
ଯାଇଅଛି ହୋଇ ନ୍ୟୁନ ।
ପରିବାର ମିଶି ଏକାଠି ଲଢ଼ିଛୁ,
ହୋଇ ଏକ ମନ ପ୍ରାଣ ।

ବୁଲି ଯାଏ ମୁହିଁ ସେ ଜନମମାଟି
ଆତ୍ମତୃପ୍ତି ଲଭିବାକୁ,
ମାନସିକ ଶାନ୍ତି ମିଳିଯିବ ମତେ
ଛୁଇଁଲେ ସେହି ମାଟିକୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯେତେ ଦେଖିଲେ ବି ଭରେ ନାହିଁ ମନ
ଭୁଲି ହେବନି ତା'ମୋହ,
ରହିଛି ରହିବ ମନ ଭିତରେ ସେ
ସ୍ମୃତି ତାହାର ପାଥେୟ ।

ମନ ହୁଏ ଏବେ ତାହାରି କୋଳରେ
ଆରମ୍ଭିବାକୁ ଜୀବନ ।
ଛୋଟ ଥିବା ବେଳେ ଜମନ ମାଟିରେ
ଅନୁଭବର ସେଦିନ ।

ସତ ଲାଗୁଥିଲା ମିଛି ମିଛିକା ସେ,
ସଢେଇ ଧୂଳିର ଘର ।
ତୁଚ୍ଛ ଲାଗେ ଆଜି ଚିକି ମିକି ଥାଳି,
ମାର୍ବଲ ରାଜ ନଅର ।

ଅବୋଧ ହୃଦୟ ନିଷ୍କପଟ ମନ,
ଥିଲା ତ ଆପଣାପଣ ।
ଧୂଳିର ସରଗ ଲାଗୁଥିଲା ସେ' ତ,
ପୂରି ଉଠୁଥିଲା ପ୍ରାଣ ।

ସଞ୍ଜ ନଇଁ ଗଲେ ଜନମ ମାଟିରେ
ବହଇ ଧୀର ପବନ,
ରାତିର ଛାତିରେ ଚନ୍ଦ୍ରିକା ଚନ୍ଦନ,
ହଜି ଯାଏ ମନ ପ୍ରାଣ ।

ଜନମ ମାଟିର ସେହି ଦାଣ୍ଡ ଧୂଳି
ସାକ୍ଷାତ ଅଟେ ନିର୍ମାଲ୍ୟ,
ରହିଛି ରହିବ ମନେ କରି ଘର
ଅଟଇ ତାହା ଦୁର୍ମୂଲ୍ୟ ।

ଅସମ୍ଭବ ଲାଗେ ଖଇ କଉଡିରେ
ତା'ବକ୍ଷେ ଶେଷ ବିଦାୟ !
ତଥାପି ଜୁଇରେ ତା' ଧୂଳି ମୁଠାଏ
ଖୋଜିବ ମୃତ ହୃଦୟ ।

ରାଉରକେଲା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୋ ଗାଁ ଦାଣ୍ଡଧୂଳି ସାକ୍ଷାତ ନିର୍ମାଲ୍ୟ

ସଂଯୁକ୍ତା ସାହୁ



ସେଇ ମୋ ଗାଆଁ
ଯାହାର ଧୂଳିମାଟି ମୋ ଦେହର ଚନ୍ଦନ
ସିଏ ମୋ ପିଲାଦିନର ସାହା ।
ସେଇ ମୋ ଗାଆଁ ।

ସେହି ମୋ ଗାଆଁ
ଯାହାର ଚାଳଘର ମୋ ପାଇଁ ଭବନ
ଷଠିଘରେ ଲେଖା ମୋ ନାଆଁ
ସେଇ ମୋ ଗାଆଁ ।

ସେଇ ମୋ ଗାଆଁ
ଯେଉଁ ପାଣି ପବନ ଗଢ଼ା ମୋ ଜୀବନ
ସିଏ ମୋ ଧରଣୀ ମାଆ
ସେଇ ମୋ ଗାଆଁ ।

ସେଇ ମୋ ଗାଆଁ
ଯାହାର ମଣିଷ ମୋ ଗୁରୁଜନ
ସିଏ ମୋ ବାପା ଓ ମାଆ
ସେଇ ମୋ ଗାଆଁ ।

ସେଇ ମୋ ଗାଆଁ
ସେଇଠି ଦେଖିଥିଲି ମୁଁ ସପନ
ସିଏ ମୋହର ଥିଲା ରାହା
ସେଇ ମୋ ଗାଆଁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେଇ ମୋ ଗାଆଁ
ଯେଉଁଠି କଟିଛି ଶୈଶବ ଯୌବନ
ତା ଛାତିରେ ଲେଖା ମୋ ନାଆଁ
ସେଇ ମୋ ଗାଆଁ ।

ସେଇ ମୋ ଗାଆଁ
ସେଇ ନାଆଁଟି ଚିର ଅମୃତ ସମାନ
ଆଶିଷ ତାହାର ପାଆ
ସେଇ ମୋ ଗାଆଁ ।

ସେଇ ମୋ ଗାଆଁ
ତା ଦାଣ୍ଡଧୂଳି ସାକ୍ଷାତ ନିର୍ମାଲ୍ୟ
କି ସୁନ୍ଦର ସେ ଆହା
ସେଇ ମୋ ଗାଆଁ ।

ରାହାମା
ଜଗତସିଂହପୁର



Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମୋ ଗାଁ ଦାଣ୍ଡଧୂଳି ସାକ୍ଷାତ ନିର୍ମାଲ୍ୟ

ପ୍ରତାପ କିଶୋର ରାଉତ



କୋଟି ଦଣ୍ଡବତ ତୋ ଚରଣ ତଳେ
ପୂଣ୍ୟ ଭୂମି ମୋ ଗାଁ ମାଟି
ସରଗ ଠୁଁ ବଡ଼ ମୋପାଇଁ ଯେ ତୁହି
ଅନନ୍ୟ ତୋ ପରିପାଟି
ଜନମି ତୋ ମାଟି ପରେ
ମଣଇ ନିଜକୁ ବଡ଼ ଭାଗ୍ୟବାନ
ସତେ ଏଇ ଜଗତରେ ।୧।

ତୋର ନଇନାଳ ସବୁଜ ବନାନୀ
ଆହା କେଡ଼େ ମନୋହର
ମୋ କଣ୍ଠେ ତୋଳିଛି ସୁରିଲା ସଙ୍ଗୀତ
କରି ନେଇ ଆପଣାର
ତୋ ଛାତିରେ ପାଦଦେଇ
ଗୁରୁଣ୍ଡି ଗୁରୁଣ୍ଡି ଚାଲୁଥିଲି ଦିନେ
ଆଖି ଆଗେ ନାଚୁ ଥାଇ ।୨।

ତୋ ମାଟିରେ କେତେ ସାଙ୍ଗ ସାଥୀମେଳେ
ଶୈଶବ କଟିଲା ମୋର
ବାପା କାନ ମୋଡା ବୋଉର ଆକଟ
ମିଠା କଥା ଭଉଣୀର
ଭାଙ୍ଗିଛି ଗଢ଼ିଛି କେତେ
ଦିନ ଦିପହରେ ଘରୁ ଲୁଚି ଆସି
କୋଳି ଖିଆ କେତେ ସତେ ।୩।

ତୋର ଗାଈ ଗୋଠ ଗୋହିରୀ ପଡିଆ
ମୋର ବାଲ୍ୟ ସହଚର
ନିଛାଟିଆ ଖରା ଶୀତୁଆ ସକାଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଖିରେ ନାଚଇ ମୋର
ବହୂଚୋରି ବାଗୁଡିରେ
ସାଥୀପିଲା ସାଥେ ଖେଳୁଥିଲି କେତେ
ତାହାକୁ କି ଭୁଲି ପାରେ ।୪।

ବାପାଙ୍କ ଶାସନ ବୋଉର ସେନେହ
ଜେଜେମାର ଗପ ପେଡି
ସପନ ପରାୟେ ଲାଗେ ଆଜି ସବୁ
ଆଜି ରହେ ଗାଆଁ ଛାଡି
ଭାବିଲେ ସେକଥା ଆଜି
ଅଜାଣତେ ଲୁହ ଦୁଇ ଟୋପା ଝରେ
ସେଦିନ କେଦେବ ଖୋଜି ।୫।

ତୋର ଧୂଳି ମାଟି ମୋପାଇଁ ନିର୍ମାଲ୍ୟ
ତାହାକୁ ପାଇବା ପାଇଁ
ଏଇ ମନ କେତେ ହୁଅଇ ବିକଳ
ସେ ସୁଯୋଗ ମିଳେ ନାହିଁ
ଦୁର ପରବାସେ ରହି
ସେ ଅଭୁଲା ଦିନ ଆଖିରେ ନାଚଇ
ଖୋଜିଲେ କି ସତେ ପାଇ ।୭।

ସଞ୍ଜ ଗଡ଼ିଗଲେ ଭାଗବତ ଟୁଙ୍ଗି
କେତେ ଭିଡ଼ ହୋଇଯାଏ
ପ୍ରଭୁ ସଂକୀର୍ତ୍ତନ ଉଚାଙ୍ଗ କଣ୍ଠରେ
ନିତି ଭାସି ଆସୁଥାଏ
ଭକତିର ଗଙ୍ଗା ବହେ
ସେନାମ ସ୍ମରଣେ ହୃଦ ପୁଲକିତ
ଅପୁର୍ବ ଭାବ ଜଗାଏ ।୬।

ଜନମ ଏନ୍ତୁଡ଼ି ଜଳିଥିଲା ଦିନେ
ପବିତ୍ର ମାଟିରେ ତୋର
ମୋ ଜୀବନ ଚିତା ଜଳିବ ତୋଦେହେ
ଏହି ଅଭିଳାଷ ମୋର
ପର କରି ଦେବୁ ନାହିଁ
ଆପଣା ସନ୍ତାନ ଭାବି ନେଇ ମୋତେ
ହୃଦେ ଧରିବୁ ଜଡାଇ ।୮।

ତେନ୍ତୁଳିପଦୀ, ହାଟଡିହି, କେନ୍ଦୁଝର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମୋ ଗାଁ ଦାଣ୍ଡଧୂଳି ସାକ୍ଷାତ ନିର୍ମାଲ୍ୟ

ବୁଟୁ କର



ସଂସ୍କାର ସଂସ୍କୃତି
ଐତିହ୍ୟ ସମ୍ପର୍ଣ୍ଣ
ମୋ ଗାଆଁର ଏଇ ଧୂଳି
ଯାହାର ବକ୍ଷରେ
ମୋ ପ୍ରଥମ ପାଦ
ଧନ୍ୟ ହୁଏ ଦେଲେ ବୋଲି ॥
ସାକ୍ଷାତ ନିର୍ମାଲ୍ୟ
ପୁଣ୍ୟ ଓ ପବିତ୍ର
ଅନୁଭବେ ପ୍ରତିକ୍ଷଣେ
ଜନନୀ ସିଏ ମୋ
ଜନ୍ମଭୂମି ଅଟେ
ଜନ୍ମ ମୋ ସାର୍ଥକ ମଣେ ॥
ଏନ୍ତୁଡ଼ିଶାଳରୁ
ଆଜି ଯାଏ ଚିତ୍ତେ
କୋଳେଇ ଧରିଛୁ ସତେ
ଦୁରେଇ ଦେଇନୁ
କେବେ କେଉଁଦିନ
ପର କରିନାହୁଁ ମୋତେ ॥

ତୋ ପାଣି ପବନେ
ଗଢ଼ା ଏ ଜୀବନ
ମଶାଣିକୁ ଯିବା ଯାଏ
ଋଣ ଶୁଝିବାକୁ
ଅକ୍ଷମ ମୁଁ ଯେ
ବକ୍ଷେ କିନ୍ତୁ ରହିଥାଏ ॥
ବାଲ୍ୟରୁ ଏଯାଏ
ଯାହାର କୋଳରେ
କାଟୁଛି ଏଯାଏ ଦିନ
କୋଟି ଦଣ୍ଡବତ
ସେ ଧୂଳିକୁ ତୋର
ଆଶୀର୍ବାଦ ଭାବେ ମନ ॥

ସାଲେପୁର, କଟକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୋ ଗାଁ ଦାଣ୍ଡଧୂଳି ସାକ୍ଷାତ ନିର୍ମାଲ୍ୟ

ନିରୁପମା ପଣ୍ଡା



ମୋ ଗାଁ ଦାଣ୍ଡ ଧୁଳି ସାକ୍ଷାତ ନିର୍ମାଲ୍ୟ
ଯା କୋଳେ ଖେଳିଛି ମୁହିଁ
ସେ ଧୂଳିରେ ମିଶା ବଡ଼ ଦାଣ୍ଡ ଧୂଳି
ତାର ତୁଳନା ନାହିଁ ।।

ତା ଦେହେ ହୋଇଛି ଗ୍ରାମର ମନ୍ଦିର
ବିରାଜିତ ଗ୍ରାମ ଦେବୀ
ଶୀତଳ ତା ସ୍ୱର୍ଶ ସଦା ଅନୁଭବ
ସଦା ଥାଏ ତାକୁ ଭାବି ।।

ବୋଳି ହୋଇଯାଏ ଦେହରେ ଶୈଶବେ
ଅମୃତ ପରଶ ତାର
ରୋଗ ନିବାରକ ସାକ୍ଷାତ ନିର୍ମାଲ୍ୟ
କରୁଛି କୋଟି ଜୁହାର ।।

ମାଆ ପରି ଅଟେ ବକ୍ଷଟି ତାହାର
ସେ ଅଟେ ବସୁଧା ମାଆ
ସମସ୍ତ ସନ୍ତାନ ଅଟନ୍ତି ସମାନ
ଅତି ଆପଣା ତା ଛୁଆଁ ।।

ବାଲ୍ୟରୁ ଶୈଶବ ଯୌବନ ତା କୋଳେ
କାଟିଛି ଅନେକ ଦିନ
ମୁଣ୍ଡ ନଇଁଯାଏ ସେ ଧୂଳି ଦେଖିଲେ
ଆଶିଷ ତାର ମହାନ ।।

ଆଳି, କେନ୍ଦ୍ରାପଡ଼ା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମୋ ଗାଁ ଦାଣ୍ଡଧୂଳି ସାକ୍ଷାତ ନିର୍ମାଲ୍ୟ

ସୁନିତା ମହାନ୍ତି



ଭୁଲି ପାରିବିବିନି  କେବେ ମୁଁ ତାକୁ
ଥିବାଯାଏ ମୋର ପ୍ରାଣ
ସିଏ ମୋ ମାଆ ସେ ମୋ ଗାଁ
ଦେଇଛି ଅଶେଷ ଜ୍ଞାନ  ।

ତା କୋଳେ ଜନମି ତା ଧୂଳିରେ ଖେଳି
ସହିଛି ସେ ମୋ ଅଳି ଅର୍ଦଳି
ତା ଦାଣ୍ଡ ଧୂଳି ମଥାରେ ମୁଁ ବୋଳି
ପାଇଛି ଜୀବନେ ଆଶିଷ ଥଳି  ।

ଯେତେ ଦୂରେ ଥିଲେ ଭାରି  ମନେପଡେ
ପିଲାଦିନର ସେ ଅଳିଭା କଥା
ସେ ପୂଣ୍ୟ ମାଟି ସାକ୍ଷାତ ନିର୍ମାଲ୍ୟ
କହିଯାଏ କାନେ ଗୌରବ ଗାଥା  ।

କେତେଯେ ସୁରକ୍ଷା କେତେ ସୁସଂସ୍କାର
ଦେଇଛି ସେ ମୋତେ ବାଲ୍ୟ ଯୌବନେ
ତା ପାଇଁ ମୁଁ ଆଜି ସୁରକ୍ଷିତ କେତେ
ଉଚିତ ମାର୍ଗ ଟି ପାଇ ଜୀବନେ  ।

ଯେତେ ଦୂରେ ମୋତେ ବିଦାୟ ଦେଇଛି.
କିନ୍ତୁ ଷଠି ଘର ତା କୋଳେ ମୋର
ଆଜି ବି ମଥାରେ ତା ଧୂଳି ବୋଳିଲେ
ବାସୁଛି ନିର୍ମାଲ୍ୟ  ଶ୍ରୀ ମନ୍ଦିରର ।

କେନ୍ଦ୍ରାପଡ଼ା.

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୋ ଗାଁ ଦାଣ୍ଡଧୂଳି ସାକ୍ଷାତ ନିର୍ମାଲ୍ୟ

ରମେଶ୍ ଟାକ୍ରୀ



ଯେଉଁଠାରେ ମୁଁ     ଜନମ ହୋଇଛି
    ସେହି ମୋ ଜନମ ଘର
ଆମ ଗାଆଁ ମାଟି     ଏବେ ବି ଅଟଇ
    ମୋ ପାଇଁ ସରଗ ପୁର ।୦।

ଜନନୀ ମୋହର     ଅତି ଆପଣାର
    ଜନମ ଦେଇଛି ମୋତେ
ପାଳିଛି ପୋଷିଛି     ସୁରକ୍ଷା ଦେଇଛି
    ଖୁଆଇ ଦେଇଛି ହାତେ

ଏହି ଗାଁ ମାଟିରେ     ଆଗରୁ ରହିଛି
    ଆମ ପ୍ରିୟ ପରିବାର ।୧।

ଖେଳିଲି ବୁଲିଲି     ଉଡ଼ାଇଲି ଧୂଳି
    ସାଥୀ ଗହଣରେ ରହି
ଗାଆଁ ଦାଣ୍ଡ ଧୂଳି   ଦେହେ ହେଲେ ବୋଳି
    ମୋ ବୋଉ ଦିଅନ୍ତି ଧୋଇ

ଚନ୍ଦନ ସମାନ     ଲାଗଇ ଶୀତଳ
    ସର୍ବାଙ୍ଗ ଶରୀର ମୋର ।୨।

ଗାଆଁ ମଝିରେ ମୋ     ଜନମ ଘରଟି
    ରହିଛି ନିର୍ମାଣ ହୋଇ
ଗାଆଁ ଦାଣ୍ଡ ଘର     ଅତିପ୍ରିୟ ମୋର
    ଭୁଲି ଯିବି ନାହିଁ ମୁହିଁ

ଏ ପୂଣ୍ୟ ମାଟିରେ     ବଢ଼ି ଆସିଅଛି
    ପାଇ ସେନେହ ଆଦର ।୩।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମନେ ପଡ଼ିଯାଏ   ପିଲାଦିନ କଥା
  ଖେଳୁଥିଲି କେତେ ଖେଳ
ଧୂଳି ଖେଳ ଥିଲା   ସବୁଠାରୁ ପ୍ରିୟ
  ଲାଗୁଥିଲା ଭାରି ଭଲ

ଗାଆଁ ଦାଣ୍ଡ ଧୂଳି   ସାକ୍ଷାତ ନିର୍ମାଲ୍ୟ
  ହୁଏ ଭାରି ଆପଣାର ।୪।

ତା ପାଣି ପବନେ   ଗଢ଼ା ଏ ଜୀବନ
  ପାଇଛି ଅନେକ ସୁଖ
ଗାଆଁ ଦାଣ୍ଡ ଧୂଳି  ଦେହେ ହୋଇ ବୋଲି
  ଭୁଲିଛି ଯାତନା ଦୁଃଖ

ମୋ ପବିତ୍ର ମାଟି   ଜନମ ଗାଆଁ ଟି
  ଅଟଇ ଉଦୟ ପୁର ।୫।

ଚାକିରୀ ଜୀବନେ   ବୁଲି ନାନା ସ୍ଥାନେ
  ଆପଣା କର୍ମ କରଇ
ସୁଖଦୁଃଖ ବେଳେ   ଯେଉଁଠାରେ ଥିଲେ
  ତା କଥା ମନେ ପଡ଼ଇ

ଗାଆଁ ଦାଣ୍ଡ ଧୂଳି   ନିରିମାଲ୍ୟ ବୋଲି
  ଭାବଇ ମନରେ ମୋର ।୬।

ଏ ବି ଇ ଓ ତେନ୍ତୁଳିଖୁଣ୍ଟି

ନବରଙ୍ଗପୁର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମୋ ଗାଁ ଦାଣ୍ଡଧୂଳି ସାକ୍ଷାତ ନିର୍ମାଲ୍ୟ

ସରୋଜ ପଣ୍ଡା



ଗାଆଁ ଦାଣ୍ଡ ଧୂଳି ସର୍ବାଙ୍ଗରେ ବୋଳି
ନାଚିବି ବିଭୋର ହୋଇ
ମାଟି ମାଆ ଧୂଳି ନିର୍ମାଲ୍ୟଠୁ ବଳି
ପାବନ ପବିତ୍ର ସେହି ।

ପୋଖରୀ ତୁଠରେ ଚୂତତରୁ ଡାଳେ
ଖେଳିଛି ଅନେକ ଖେଳ
ଧୂଳିପରେ ଲୋଟି ଶୈଶବ କାଟିଛି
ବିତିଛି କେତେ ଯେ କାଳ ।

ସାଙ୍ଗ ସାଥି ମେଳେ ପଢି ବିଦ୍ୟାଳୟେ
ହୋଇଛୁ ଆଜି ମଣିଷ
ମାଟିର କରଜ କେ ଶୁଝି ପାରିବ
ରଖିବା ମାଟିର ଟେକ ।

ଗାଆଁ ଚାଷ କ୍ଷେତ ସବୁଜ ସତେଜ
ନଦୀ ପଠା ତାର ରମ୍ୟ
ଚାଷୀ ଯାଏ କ୍ଷେତେ ଲୋକଙ୍କର ହିତେ
ମୁଖରେ ପରସେ ଅନ୍ନ ।

ଗାଇଆଳ ଟୋକା ସଙ୍ଗେ ଫେରେ ଗୃହେ
ଦାଣ୍ଡର ଧୂଳି ଉଡ଼ାଇ
ପାଟିରୁ ନିଶୃତ ନାନା ବାଦ୍ୟ ଗୀତ
ଲୋକଙ୍କ ମନକୁ ମୋହେ ।

କଳାହାଣ୍ଡି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୋ ଗାଁ ଦାଣ୍ଡଧୂଳି ସାକ୍ଷାତ ନିର୍ମାଲ୍ୟ

କଳ୍ପନା ରାୟ



ଦାଣ୍ଡପିଣ୍ଡା ଖରାରେ ଶୋଉଥିଲି
ସୂର୍ଯ୍ୟଙ୍କର କିରଣ ପାଇଁ
ଜଗିଲା ବେଳେ ଜେଜେ ହସୁଥିଲେ
କ'ଣ ଭାବି ବହୁତ ଖୁସି ହୋଇ ।

ଥିରି ଥିରି ଯେବେ ପାଦ ପକାଇଲି
ତାହା ଥିଲା ଗାଁ ଦାଣ୍ଡଧୂଳି
ଚାଲୁ ଚାଲୁ ପୁଣି ବସି ପଡୁଥିଲି
ଦେହଯାକ ହେଉଥିଲା ବୋଳି ।

ମାଆଠୁ ମହତ୍ତ୍ୱ ସିଏ ମୋ ପାଇଁ
ଯିଏ ଦେଲା ମୋତେ ଖାଦ୍ୟ
ତା ଖାଦ୍ୟକୁ ଖାଇ ବଡ଼ ହେଉଥିଲି
ମୋ ପାଇଁ ପବିତ୍ରଠୁ ପବିତ୍ର ।

ଧୂଳିରେ କରୁଥିଲି ଭାତ ତିଅଣ
ସାଙ୍ଗମାନଙ୍କ ସହିତ
ବାଢି ଦେଉଥିଲୁ ତରକାରୀ ଭାତ
ସେଇ ଧୂଳିର ମହତ ।

ବଡ଼ ହେଉଥିଲି ବିଦ୍ୟାଳୟ ଗଲି
ତା ଧୂଳିରେ ଥାପି ପାଦ
ବର୍ଷା ହେଲେ କାଗଜଡଙ୍ଗା ଭସାଇଲି
ସେ ଖୁସି ଥିଲା ଅଫୁରନ୍ତ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ନଦୀ ଧାରେ ପୁଣି ବହିଯାଉଥିଲା
ସେ ଧୂଳି ପାଦ ଧୋଇ
କେତେ କୋଳିଗଛ ତା ଧାରରେ ଥିଲା
ଖାଉଥିଲୁ ଖୁଣ୍ଟି ଖୁଣ୍ଟି ।

ଗାଁ ଦାଣ୍ଡଧୂଳି ସାକ୍ଷୀ ଝିଅଙ୍କର
ଭାଲୁକୁଣି ଜହ୍ନି ଓଷାରେ
ରଜ ଦୋଳି ଝୁଲେ କଟ ମଟ
ସେହି ଦାଣ୍ଡଧୂଳି ପରେ ।

ସିନାଦାସ ମଠ ବଡ଼ ପ୍ରିୟ ଥିଲା
ଫୁଲଫଳ ଭରା ବଗିଚା
ଗାଇଛେଳିଗୋଠ ପୁଣି ସେଠି ଥିଲା
ଖାଉଥିଲୁ ମେଞ୍ଚା ମେଞ୍ଚା ।

ସବୁ ସବୁଜିମା ଧରି ସେ ରଖିଛି
ସେହି ମୋ ଗାଁ ଦାଣ୍ଡଧୂଳି
ନିର୍ମାଲ୍ୟ ପରି ତାକୁ ମୁଁ ପାଇଛି
କେବେ ପାରିବି ନି ଭୂଲି ।

ଭାରି ମନେପଡେ ନିର୍ମାଲ୍ୟ ପରି
ଆଜି ସେଇ ଗାଁ ଦାଣ୍ଡଧୂଳି
ଗାଁକୁ ଗଲେ ମୁଁ ଦାଣ୍ଡପିଣ୍ଡାରେ ବସି
ଆଘ୍ରାଣ କରି ହୁଏ ଖୁସି ।

ଗାଁ ଦାଣ୍ଡରେ ଅଛି ଚଉପାଢିଟିଏ
ଅଛନ୍ତି ଚତୁର୍ଦ୍ଧାମୂର୍ତ୍ତି
ପ୍ରତ୍ୟେକ ଦିନ ଝିଅବୋହୂମାନେ
ତାଙ୍କୁ ଆସି ପୂଜିଥାନ୍ତି ।

ପର୍ବପର୍ବାଣୀ ଲୋକକଳାରେ ଭରା
ଆମ ଗାଁର ସଂସ୍କୃତି
ଆପଣାପଣରେ ଭରପୁର ପରା
ପରମ୍ପରା ଭାଙ୍ଗିନି ସେଠି

ସେ ଦାଣ୍ଡଧୂଳିରେ ଜଗି ବସିଛନ୍ତି
ପ୍ରଭୁ ବାବା ଗତେଶ୍ୱର
କୃପା କଟାକ୍ଷରେ ଚାହିଁ ରହିଛନ୍ତି
ଦୁଃଖସୁଖ ବୁଝନ୍ତି ଲୋକଙ୍କର ।

ଲଇଡା, ସମ୍ବଲପୁର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମୋ ଗାଁ ଦାଣ୍ଡଧୂଳି ସାକ୍ଷାତ ନିର୍ମାଲ୍ୟ

ଡଃ ତାନଶ୍ରୀ ପାଣିଗ୍ରାହୀ



ଜନନୀ ସିଏ ମୋ ଜନ୍ମଭୂମି ଗୋ
ସୁନ୍ଦର ମୋ ଗାଆଁ
ଯେଉଁଠି ଥିଲେ ବି ମନେ ପଡ଼େ ସଦା
କେଡେ ମଧୁର ତା ନାଆଁ...

କଅଁଳ ସବୁଜ ଘାସ ଗାଲିଚାଟି
ହସୁଥାଏ ଖିଲି ଖିଲି
ରାତି ପାହିଗଲେ ପୂରୁବେ ସୂରୁଜ
ବୁଣଇ ମୁରୁଜ ନାଲି...

ବରଗଛ ତଳେ ଓହଳରେ କେବେ
ହୁଏ ରଜଦୋଳି ଖେଳ
ଆପଣାର ଭାବେ ହୋଲି ଖେଳ ସାଥେ
ହୁଏ ଦଶହରା ମେଳ...

ମାଆ ଦୁର୍ଗା ଏଠି ଅବତରିଛନ୍ତି
ସେ ହିଁ ତ ଆଦିମାତା
ସଙ୍କଟ ମୋଚନୀ ଶକ୍ତିଦାତ୍ରୀ ସେ ତ
ସଭିଙ୍କ ଅଭୟଦାତା...

ସବୁଜ କ୍ଷେତର ଗହୀର ବିଲରେ
ହସଇ ସୁନା ଫସଲ
ଭାଗବତ ଟୁଙ୍ଗୀ ସନ୍ଧ୍ୟା ଆଳତୀରେ
ହୁଅଇ କେଡେ ଚଞ୍ଚଳ...

ପ୍ରତି ମୁହୂର୍ତ୍ତରେ କରେ ଆତ୍ମହରା
ଭାବିଲେ ମୋ ଗାଆଁ କଥା
କର୍ମକୁ ଆଦରି ଦୂରେଇଛି ସିନା
ମନରେ ଆସୁଛି ବ୍ୟଥା...

ସାକ୍ଷାତ ନିର୍ମାଲ୍ୟ ମୋ ଗାଆଁ ଧୂଳି
ସଂସ୍କାର ସଂସ୍କୃତି ପୂର୍ଣ୍ଣ
ସେ ଧୂଳି ମଥାରେ ମାରିଦେଲେ ମୋତେ
ଲାଗେ ମୋ ଜୀବନ ଧନ୍ୟ... ॥

ବାଲେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୋ ଗାଁ ଦାଣ୍ଡଧୂଳି ସାକ୍ଷାତ ନିର୍ମାଲ୍ୟ

ଭାସ୍କର ରାଉତ



ଯେଉଁ ମାଟି ପରେ ପ୍ରଥମ ଦିନରେ
ମୋ ତନୁ ଲୋଟି ପଡ଼ିଲା
ଅତି ସରାଗରେ ତାହାରି କୋଳରେ
ମୋତେ ସେ କୋଳେଇ ନେଲା ।
ତା ପାଣି ପବନ ମୋ ପିଣ୍ଡେ ପରାଣ
ରୂପରେ ରହି ଖେଳିଲା
ତା'ର ବୃକ୍ଷଲତା କରି ମୋର ଚିନ୍ତା
ଆହାର ଯୋଗାଇ ଦେଲା ।
ତା ଝରଣା ନଇ ଗୀତ ଗାଇ ଗାଇ
ଅଙ୍ଗେ ପୁଲକ ଭରିଲା
ତା'ର ପଶୁପକ୍ଷୀ ମୋ ମୁହଁକୁ ଦେଖି
ବାରତା ଶିଖାଇ ଦେଲା ।

ତା'ର ଦାଣ୍ଡ ଧୂଳି ନିର୍ମାଲ୍ୟ କରିଲି
ମୋ ଅଙ୍ଗ ପବିତ୍ର କଲା
ସାଙ୍ଗ ସାଥି ମେଳେ ଖେଳିଣ ତା କୋଳେ
ବାଲ ଲୀଳା ମୋ ସରିଲା ।

ଗାଆଁ ଚାଟଶାଳୀ ଗଲି ମୁଁ ଯେ ଚଳି
ବିଦ୍ୟା ଆରମ୍ଭ ହୋଇଲା
ଗ୍ରାମ୍ୟ ଶିକ୍ଷା ସାରି ଗଲି ମୁଁ ବାହାରି
ଉଚ୍ଚ ଶିକ୍ଷା ନେବି ଭଲା ।
ଉଚ୍ଚ ଶିକ୍ଷା ପରେ କର୍ମ ସଂସ୍ଥାନରେ
ନିଯୁକ୍ତି ମୋର ହୋଇଲା
ରହି ସହରରେ ମାନସ ପଟରେ
ମୋ ଗାଆଁ ଦାଣ୍ଡ ହସିଲା
ଆସିଲେ ଛୁଟିରେ ଗାଆଁ ଦାଣ୍ଡପରେ
ସମୟ ମୋର ବିତିଲା ।

ଦେବମାୟା ଭବନ, ଶେରଗଡ଼,ଗଞ୍ଜାମ
୯୭୭୬୪୮୬୬୨୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୋ ଗାଁ ଦାଣ୍ଡଧୂଳି ସାକ୍ଷାତ ନିର୍ମାଲ୍ୟ

ମନ୍ଦାକିନୀ ପାଢ଼ୀ



ମାଟି ମାଆ ମୋ ମାଟି ମାଁ ପ୍ରତିକ୍ଷଣେ
ଅନୁଭବେ ସ୍ନେହ ଉଷ୍ମତା
ଏନ୍ତୁଡ଼ିଶାଳରୁ ଚାଲିବା ବାଟରେ
ଖୋଜଇ ମାର୍ଗର ଆଶା ।।

ବୁକୁରେ ଧରିଛୁ ଜନ୍ମରୁ ମୋତେ ତୁ
ଚାଲିଲେ କଷ୍ଟ ତୁ ସହୁ
ପ୍ରତିବାଦ ନ'କରି ସାଇତି ରଖୁ
ବହେ ଯେ ଲୁହ ଆଖିରୁ ।।

ଯେତେ ଦୂରେ ଥିଲେ ତୋର ଉପସ୍ଥିତ
ଦିଏ ଗଭୀର ଆନନ୍ଦ
ମୋତେ ଛୁଇଁ ଯାଉଥାଏ ବାରଂବାର
ତୋର ନିଃଶ୍ୱାସ ପ୍ରଶ୍ୱାସ ।।

ତୋହରି ମାଟିରେ ଜନମ ଦେଇଛୁ
କେତେ ଯେ କବି ଲେଖକ
ତୋ ପାଇଁ ଏ ମାଟିରେ ଶପଥ ନେଲେ
କେତେଯେ ବୀର ସୈନିକ ।।

ତୋ ଛବି ଆଙ୍କି ଦିଏ ମନ କାଗଜେ
ସର୍ବଂସହା ତୁହି ମାଆ
ବାସ୍ନା ବହି ଆସେ ମନ୍ଦ ସମୀରରେ
ବୀର ପ୍ରସବିନୀ ଧନ୍ୟା ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କେତେ ନଦନଦୀ ଗହନ ଅରଣ୍ୟ
ସମ୍ଭାଳି ନେଇଛୁ ଧରି
ବିପଦେ ଆପଦ ସନ୍ତାନକୁ ତୋର
ଦେଉ ଧୈର୍ଯ୍ୟକୁ ଶିଖାଇ ।।

ମୋ ଗାଁ ଦାଣ୍ଡଧୂଳି ଅଟଇ ପବିତ୍ର
ସଂସ୍କୃତି ତା ମନୋହର
ଟାଣି ନେଇ ଯାଏ ମନକୁ ମୋହର
ସୁନ୍ଦର ତା ଶୈବପୀଠ ।।

ଗାଁ ନଇପଠା ଆମ୍ବ ତୋଟା ଗାଡ଼ିଆ
ନଡ଼ିଆ ଗଛର ଛାଇ
ଆନନ୍ଦେ ବିଭୋର କରେ ପରଂପରା
କୁଆଁର ପୁନେଇ ରାତି ।।

ପଦ୍ମପୁର, ବରଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୋ ଗାଁ ଦାଣ୍ଡଧୂଳି ସାକ୍ଷାତ ନିର୍ମାଲ୍ୟ

ନଳିନୀ ପ୍ରଭା ମିଶ୍ର



ଯା କୋଳି ଜନମି ହୋଇଲି
ମୁଁ ବଡ଼ ସେଇ ମୋ ଆପଣା ଗାଁ
ଯେଉଁ ଠାରେ ଥିଲେ ଭୂଲି
ପାରେ ନାହିଁ ତା'ର ସେ ଅଭୁଲା ନାଁ ।
ସେଇ ଦାଣ୍ଡ ପରେ ଶିଖିଲି ମୁଁ
ଚାଲି ଦେଇ କୁନି କୁନି ପାଦ
ଦିନେ ହେଲେ ସୁଦ୍ଧା ସହିବା
ପଣରେ କରିନାହିଁ ପ୍ରତିବାଦ ।
ସେଇ ଦାଣ୍ଡ ଧୂଳି ପରେ
ରହିଅଛି ପୂର୍ବଜ ଙ୍କ ପାଦ ଚିହ୍ନ
ସେଇ ଧୂଳି ଦିଏ ମହାନ୍
ବାରତା ତା ପାଶେ ସର୍ବେ ସମାନ ।
ସେଇ ଧୂଳି ଦେହେ ମିଶି ରହିଅଛି
ମହାପୁରୁଷଙ୍କ ହାଡ଼
ସେଇ ଧୂଳି କହେ ସଂସାର ର
ସତ୍ୟ ସହିବା ଶକତି ବଡ଼ ।
ସକଳ ଚାପକୁ ନେଉଅଛି ସହି
ମାନ ଅପମାନ ଯେତେ

ସେ ଧୂଳି ମୋହର ମଥାର
ଚନ୍ଦନ ମଥାରେ ନାଏ ନିରତେ ।
ନିର୍ବିକାର ସେ ମାଟି ମା ମୋର
ଦେଇ ପାରିବି କି ! ମୂଲ
ପାପ ନାଶିନୀ ସେ ସବୁ ସହିଯାଏ
ସାକ୍ଷାତ ଅଟେ ନିର୍ମାଲ୍ୟ ।
ସେ ନିର୍ମାଲ୍ୟ ମଥାରେ ବୋଳି
ହେବି ଧନ୍ୟ କରି ତା'ର ଜୟଗାନ
ଜନ୍ମ ମାଟି ସେ ସରଗଠୁ ବଳି
ରହିଛି ହୋଇ ମହାନ୍ ।


ମୁକୁନ୍ଦ ପୁର, ଆସ୍କା, ଗଞ୍ଜାମ
ମୋ-୯୭୭୭୮୮୭୯୪୨

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମୋ ଗାଁ ଦାଣ୍ଡଧୂଳି ସାକ୍ଷାତ ନିର୍ମାଲ୍ୟ

ବିନୋଦିନୀ ଦାଶ



ସାକ୍ଷାତ ନିର୍ମାଲ୍ୟ ମୋ ଗାଁ ଦାଣ୍ଡଧୂଳି
ଲାଗୁଥିଲା ମୋତେ ବାଳୁତ କାଳେ
ତା' ସାଥିରେ ଖେଳି ହେଉଥିଲି ବୋଳି
ମୋ ସମ ବୟସୀ ସଙ୍ଗୀଙ୍କ ମେଳେ ।

ଥିଲି ମୁଁ ବିଭୋର ବାସନାରେ ତା'ର
ମୁଠା ମୁଠା କରି ଉଡ଼ାଇ କେତେ
ମୁଣ୍ଡଠୁ ଶରୀର ହୋଇ ଆଚ୍ଛାଦିତ
ଅସନା ଲାଗେନି କେବେ ବି ମୋତେ ।

ଚଗଲାମି ପାଇଁ ବୋଉ ମାଡ଼ ଖାଇ
ଗଡ଼ି ଯାଉଥିଲି ସେଇ ଧୂଳିରେ
ସେହି ମୁହୂର୍ତ୍ତରେ ଆଶରାର ଥାନ
ଥିଲା ଦାଣ୍ଡଧୂଳି ମୋ ଭାବନାରେ ।

ବୟସ ବଢ଼ିଲା ବାଳୁତ ସରିଲା
ଉପନୀତ ହେଲି ଯୌବନ କାଳେ
ପରଗୋତ୍ରୀ ହେଲି ସେ ଧୂଳି ଛାଡ଼ିଲି
ଆମ ଭାରତୀୟ ସଂସ୍କାରରେ ।

ଯେବେ ମୁଁ ଛୁଅଁଇ ସେ ପାବନ ଧୂଳି
ହୃଦୟ ପ୍ଲାବିତ ଭକ୍ତିସ୍ରୋତରେ
ଚନ୍ଦନ ସମ ମଥାରେ ଲଗାଇ
ପ୍ରଣତି ବାଢ଼ଇ ହରଷ ଭରେ ।

ପହଞ୍ଚିଥିଲେ ବି ପରିଣତ କାଳେ
ଭୁଲି ପାରିନାହିଁ ଦାଣ୍ଡଧୂଳିକୁ
କହଇ ମୋ ମନ ଫେରି ଯାଆନ୍ତି କି
ପୁଣି ଥରେ ସେହି ଗାଆଁ ଦାଣ୍ଡକୁ ।

ମାତ୍ର ସେ ଅଫେରା ଅତୀତର ଛୁଆଁ
ଜୀବନେ ମିଳିବ ନାହିଁ ମୁଁ ଜାଣେ
ତଥାପି ଝୁରଇ ତା' ପ୍ରତି କଣିକା
ସତେ କି ଲାଖିଛି ହୃଦୟ କୋଣେ ।


କୁରୁଆଁ, ମୁଗପାଳ, ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୋ ଗାଁ ଦାଣ୍ଡଧୂଳି ସାକ୍ଷାତ ନିର୍ମାଲ୍ୟ

ବିଦ୍ୟୁତପ୍ରଭା ମିଶ୍ର



ମୋ ଗାଆଁ ର ଧୂଳି ମୋ ପାଇଁ ଅଟଇ
ସାକ୍ଷାତ ନିର୍ମାଲ୍ୟ ଭଳି,
ସେ ପବିତ୍ର ଧୂଳି ପିଲା ଦିନେ କେତେ
ଦେହେ ମୁଁ ହୋଇଛି ବୋଳି ।
ସେଇଗାଆଁ ରେ ମୁଁ ଜନମ ଲଭିଛି
ପାଳିଛି ମୋବୋଉ ଷଠି,
ଚାଲି ମୁଁ ଶିଖିଛି ସେ ଧୂଳି ବାଲିରେ
ଦିନେ ପୁଣି ପଡି ଉଠି ।
ବାଲିଘର କରି କେତେ ମୁଁ ଖେଳିଛି
ସାଥୀ ପିଲାଙ୍କର ସହ,
ଯୁଆଡେ ଗଲେବି ତୁଟିବ କି କେବେ
ସେଇ ଧୂଳି ବାଲି ମୋହ ।
ବରଷା ଦିନରେ ସେଭିଜା ଧୂଳିର
କାଦୁଏ ହୋଇଛି ବୋଳି,
କାଗଜ ଡ଼ଙ୍ଗାକୁ ତା ପାଣି ଧାର ରେ
ଭସାଇଛି କେତେ ଖେଳି ।
ଗୋଧୂଳି ଲଗନେସେ ଧୂଳି ଉଡ଼ିଲେ
ଲାଗଇ ସୁଷମା ଭରା,
ଋତୁ ପରେ ଋତୁ ଆସି ତା ଉପରେ
କାଉଁରୀ କରଇ ପରା ।

ଗାଆଁ ଧୂଳି ମୋର ଚନ୍ଦନ ସମାନ
ମଥାରେ ଲଗାଇ ମୁହିଁ ,
ଯେଉଁ ଆଡ଼କୁ ମୁଁ ଯାଏନା କାହିଁକି
ଫେରିବାକୁ ଝୁରୁଥାଇ ।
ମୋ ଗାଆଁର ଧୂଳି ମମତାର ଧାର
ମୋର ଅତି ଆପଣାର,
ଭୁଲିନାହିଁ କେବେ ଭୁଲିପାରିବିନି
ଲେଖା ତହିଁ ସ୍ମୃତି ମୋର ।
ଗାଆଁ ଶମଶାନେ ଜଳି ଯିବି ଯେବେ
ଜୀବନ ଯିବା ର ପରେ,
ମିଶିଯିବି ମୁହିଁ ସେ ଧୂଳିରେ ଦିନେ
ଏହାହିଁ କାମନା କରେ ॥

ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୋ ଗାଁ ଦାଣ୍ଡଧୂଳି ସାକ୍ଷାତ ନିର୍ମାଲ୍ୟ

ନୂତନ କୁମାର ବେହେରା



ଜନନୀ ଜଠ ରୁ ମୁଁ ଯେବେ ନେଲି ଜନମ

କୁଆଁ କୁଆଁ କାନ୍ଦୁଥିଲି ଅସହାୟତାରେ

ଭାବୁଥିଲି ଅଜ୍ଞାନେ ସଂସାରେ କରିବି କି କରମ

ମାଟି ମା'ର କୋଳ ନେଲା ମୋତେ ସାଉଁଟି

କୋମଳ କୋଳେ ତାର ଶରାଗେ ଧରି

ବୋକ ଦେଲା ମୋତେ ସେନେହ ମମତା ଢ଼ାଳି

ଦୁଃଖ ଆସୁ ସୁଖ ଆସୁ ରଖିଛି ମୋତେ ସମ୍ଭାଳି

ସେଇ ତ ଜନମ ଭୂଇଁ ଚିର ନମସ୍ୟା ମୋ ଗାଁ

ସବୁଠୁ ସୁନ୍ଦର ଲାଗେ ମୋତେ ତା' ନାଁ

ଟିକି ପାଦ ମୋର ଥାପି ଥାପି ଚାଲିଲି ଶିଖି

ମା' ହସି ହସାଇଲା ମୋତେ ମୋ ଚାଲିକୁ ଦେଖି

ସାଙ୍ଗ ସାଥିରେ ଅନାମିକା ନାନା ଖେଳ ଖେଳି

ତା ଦାଣ୍ଡର ଧୂଳି ଦେହରେ ହେଲି ବୋଳି

ହେଲା ଯେତେ ମୋ ଅଙ୍ଗର ମଳି

କଲ୍ୟାଣମୟୀ ମା'ର ପଣତକାନି ପରି

ମୋ ଗାଁ ଝରଣା ଗଡ଼ିଆ ପୋଖରୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗାଧୋଇ ଦେଇ ମୋତେ ବଢ଼ାଇଲା ମୋ ଶିରୀ

କଢ଼ରୁ ଫୁଲ କଲା ଦେବାକୁ ମହକ ବିତରି

ହୁଏନା ଭୁଲି କି ଯାଇନି ପାସୋରି

ତା' ମୋ ପାଇଁ ବଡ଼ଦାଣ୍ଡର ଶରଧା ବାଲି ତୁଲ୍ୟ

ମୋ ଗାଁ ଦାଣ୍ଡ ଧୂଳି ସାକ୍ଷାତ ନିର୍ମାଲ୍ୟ

ମା' ଅନ୍ତରର ଭାବ... ଭାଷା ହୋଇ

ଦିଏ ମୋତେ ଅନେକ କିଛି ଶିଖାଇ

ପାଏ ମୁଁ ଯା' ଶିକ୍ଷା ଦୀକ୍ଷା

ତାର ବଳେ ଜୀବନକୁ କରେ ମୋର ରକ୍ଷା

ମୋ ଚିନ୍ତା ଚେତନାରେ ଭରିଦିଏ ଅନୁଚିନ୍ତା

ହୁଏ ତା' ମୋ ନିଜ ଭାଗ୍ୟର ନିୟନ୍ତା

ମୋ ଗାଁ'ର ପାଣି ପବନ ଗଛଲତାର ଫୁଲ ଫଳ

ଯୋଗାଇ ସୁଷମ ଖାଦ୍ୟ କରେ ମୋ ମଙ୍ଗଳ

କେଡ଼େ ବିଶାଳ ମହାନ ତା' ଦରଦିଆ ହୃଦୟ

ମୋ ଜୀବନର ହୋଇଛି ସେ ସହାୟ

ବିନ୍ଦୁ ବିନ୍ଦୁ ତାର ଯେତେ ଦାନ

ମୋ ଆଗେ ଲାଗେ ତା' ହିମାଳୟ ସମାନ

ତାର ପରିଚୟେ ହୁଏ ମୁଁ ପରିଚିତ

ତା' ଦାନ ମୋ ଶରୀରର ହୋଇଛି ରକତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶ୍ରୀପାଦ ଯୁଗଳେ ତାର କରେ ମୁଁ ମଥା ନତ

ମାଆ ଆଉ ମାଟି ହିଁ ତ ମୋ ଜଗତ

ଦୟାମୟ ମହାପ୍ରଭୁଙ୍କୁ କରେ ନିତି ନିବେଦନ

କରୁଥିବି ତାର ସେବା ଥିବାଯାଏଁ ଜୀବନ

ସେ ଦିଅନ୍ତୁ ମୋତେ ଶକତି

ହୃଦୟରୁ ଝରୁ ମୋର ନିଷ୍କାମ ଭକତି

ଅସ୍ଥାୟୀ ଜୀବନେ ମୋ ଜୀବିକାରୁ ମିଳୁ ଶାନ୍ତି

ମା' ମାଟି ଗାଁ'ର ନାଁ ମୋ ହୃଦୟରେ ହୁଏ ଜାଜ୍ଜ୍ୱଲ୍ୟ

ମୋ ଶ୍ରମ ସାଧାନାକୁ ପ୍ରଭୁ କରାନ୍ତୁ ସାଫଲ୍ୟ

ସଂସାରରେ ଅମ୍ଳାନ ରହୁ ମାନବିକତାର ମୂଲ୍ୟ

ମୋ ଗାଁ ଦାଣ୍ଡ ଧୂଳି ସାକ୍ଷାତ ନିର୍ମାଲ୍ୟ...।

କୋହି, ବାରିପଦା, ମୟୂରଭଞ୍ଜ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମୋ ଗାଁ ଦାଣ୍ଡଧୂଳି ସାକ୍ଷାତ ନିର୍ମାଲ୍ୟ

ବୀଣାପାଣି ଦେବୀ



ବୁଝିଲି ଯେବେ ମୁଁ ଧୂଳିର ମହତ୍ତ୍ୱ
ମଥା ପରେ ଦେଲି ବୋଳି
ନିର୍ମାଲ୍ୟ କଣିକା ତୁଣ୍ଡରେ ମାରିଲେ
ଜୀବକୁ ମିଳଇ ମୁକ୍ତି

ଗାଁ ଦାଣ୍ଡ ଧୂଳି ମୋ ପାଇଁ ନିର୍ମାଲ୍ୟ
ନିମିଷକେ ମିଳେ ଶାନ୍ତି
ଏଇ ଧୂଳି ଦେଲା ବକ୍ଷରେ ତା ସ୍ଥାନ
ଚାଲିଲି ମୁଁ ପାଦ ଥାପି

ଖେଳି ବୁଲି ବଡ଼ ହେଲି ତା କୋଳରେ
ଖାଇଛି କେତେ ଯେ ମାଟି
ମାଟିର ଗନ୍ଧରେ ବତୁରା ବାସ୍ନାରେ
ପୁଲକିତ ହୁଏ ମନ

ସେହି ମାଟି ମତେ ନେଇଛି କୋଳେଇ
ଦେଇଛି ନୂଆ ଜୀବନ
ତା ଦାଣ୍ଡର ଧୂଳି ମଥାର ଚନ୍ଦନ
ସରାଗେ ଦିଏ ମୁଁ ବୋଳି

ସେନେହ ଶରଧା ପାଇଛି ତା ଠାରୁ
ସହିଛି ମୋହର ଅଳିଆ
ଭୁଲି ନାହିଁ କେବେ ମୋ ଗାଁ ର ନାଁ
ସିଏ ମୋ ସରଗ ପୁର

ତା ଦାଣ୍ଡ ଧୂଳି ସାକ୍ଷାତ ନିର୍ମାଲ୍ୟ
ତା ପାଦେ କୋଟି ଜୁହାର

ବାଣପୁର, ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମୋ ଗାଁ ଦାଣ୍ଡଧୂଳି ସାକ୍ଷାତ ନିର୍ମାଲ୍ୟ

ବନ୍ଦନା ମହାପାତ୍ର



ମୋ ଗାଁ ମାଟିରେ ଜନମ ମୋହର
ସିଏ ମୋ ପାଇଁ ଅମୂଲ୍ୟ
ତା ପାଣି ପବନେ ବଢିଛି ଜୀବନ
ମୋ ଗାଁ ଦାଣ୍ଡ ଧୂଳି ସାକ୍ଷାତ ନିର୍ମାଲ୍ୟ ।।

ଦାନା, କନା ବାସ ଦେଇଛିଅଭୟ
ବାପା ମାଆ କୋଳେ ବଢ଼ି
ଅମୃତପ୍ରେମେ ତା ରକ୍ତ ମାଂସ ଦେହ
ଆଗ କୁ ଯାଏ ମୁଁ ଚଢି ।।

ମୋ ଗାଁ ନଦୀ ବନ ସବୁଜ ବନାନୀ
ଚମକାଏ ତା ସୌନ୍ଦର୍ଯ୍ୟ,
ଦେଉଳ ରୁ ଶୁଭେ ଶଙ୍ଖ ଘଣ୍ଟ ଶବ୍ଦ
ମିଳେ ଅସୀମ ଧୈର୍ଯ୍ୟ ।।

ଆମ୍ବ ତୋଟା ମାଳେ ରାଜ ସାଙ୍ଗ ମେଳେ
ବସନ୍ତ ଆଭାରେ ମଜି
ଫଗୁଣ ଫଗୁରେ ରଙ୍ଗ ରଙ୍ଗେଇରେ
ଗାଁ ଦାଣ୍ଡେ ଯାଏ ଭିଜି ।।

କୁଆଁର ପୁନେଇ କୁଆଁରୀ ଝିଅଙ୍କ
ସଂଜେ ତୁଳସୀ ମା ପୂଜା
ନାଚ ଗୀତ ତାନେ ମୋ ଗାଁ ଦାଣ୍ଡ ଧୂଳି
ଉଡୁ ଥାଏ ଯଶ ଧ୍ୱଜା ।।

କେତେ ପୁଣ୍ୟ ପର୍ବ ବନ୍ଧୁ ବାନ୍ଧବ ରେ
ମହକେ ସମ୍ପର୍କ ମେଳ
ସେ ଧୂଳି ବୋଲି କହେ ମୋ ଗାଁ ଦାଣ୍ଡ ଧୂଳି
ମୋ ପାଇଁ ସାକ୍ଷାତ ନିର୍ମାଲ୍ୟ ।।

ବ୍ରହ୍ମପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୋ ଗାଁ ଦାଣ୍ଡଧୂଳି ସାକ୍ଷାତ ନିର୍ମାଲ୍ୟ

ରଞ୍ଜିତା ଦାଶ



ଜାଣିନି ଜନ୍ମ କେଉଁଠି
ଆଉ ମୃତ୍ୟୁ ବି କେଉଁଠି ?
ଏତିକି ଜାଣିଛି
ଯେଉଁଠି ଚାଲିଛି
ବୋଉ ହାତ ଧରି
ବଢିଛି ଯେଉଁଠି
ସାଙ୍ଗ ସାଥୀ ମେଳେ
ସେଇ ମୋ ସରଗ ପୁର ।

ଯାହାର ପଣତେ ଲୋଟିଛି ଶୈଶବେ
ଯେଉଁ ପାଣି ପବନେ ଗଢା ମୋ ଦେହ
ସେଇ ମୋ ମାଟି ସେଇ ମୋ ମାଆ
ସେଇ ଗାଁ ଦାଣ୍ଡ ଧୂଳି ସାକ୍ଷାତ ନିର୍ମାଲ୍ୟ ।

ପରସି ଦେଇଛି ଯିଏ ମୁଠା ମୁଠା ସପନ
ଆଖିରେ ଭରିଛି ଯିଏ ପ୍ରୀତିର ପ୍ଲାବନ
ସେଇଠି ମୋ ଷଠିଘର, ବାରବ୍ରତ
ଓଷା ପରବର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜାତି ଜାତି ଫୁଲଫଳ, କୁଆଁର ପୁନେଇ ରାତି ଉଜାଗର ।

ଯାହା ସାଥେ କାଦୁଏ ଗଢିଛି
ନାନା ଜାତି କଣ୍ଢେଇ ବାହାଘର,
ଯା ଦୁଃଖେ ଦୁଃଖୀ ପୁଣି
ଯା ସୁଖେ ସୁଖୀ ହୋଇ ବିତିଛି---
ଖରା, ବର୍ଷା, ଶୀତ ଆଉ କାକର ।

କେମିତି ଭୁଲିବି ତାକୁ
ସେ ମୋ ମାଟି ମମତାର
ହସ ଆଉ କାନ୍ଦ ଦୁଇ ଆଖି
ସେ ମୋ ସୁନାର ଗାଁ ନନ୍ଦିପୁର,
ସେ ମୋ ଗାଁ ଦାଣ୍ଡ ଧୂଳି ସାକ୍ଷାତ ନିର୍ମାଲ୍ୟ ।

ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୋ ଗାଁ ଦାଣ୍ଡଧୂଳି ସାକ୍ଷାତ ନିର୍ମାଲ୍ୟ

ଭରତ ବନ୍ଧୁ ବିଶ୍ୱାଳ



ମୋ ଗାଆଁ ମାଟି ସରଗଠୁ ବଳି
ଲାଗେ ମୋତେ ଭାରି ଆପଣାର ,
ବିଶାଳ ଜଗତେ ଥିଲେ ବି ଯେଉଁଠି
ଝୁରଇ ତା ପାଇଁ ପରାଣ ମୋର ।
ଜନମି ତା କୋଳେ ତା ପାଣି ପବନେ
ଗଢେ ତନୁମନ ଆସେ ଯୌବନ
ସୁନ୍ଦର ତାହାର ବିଲବନ ଲତା
ଆହ୍ଲାଦେ ସୁମନ ରୂପେଲି ଜହ୍ନ ।
ତା ଆମ୍ର କୁଞ୍ଜର କୁହୁ କୁହୁ ତାନ
ଫୁଲ ବଉଳର ମଧୁର ବାସ୍ନା
ଯୂଇ ଯାଇ ମଲ୍ଲୀ ମଧୁର ମହକ
କରଇ ବିଭୋର ଓ ଆନମନା ।
ବିମଳ ପ୍ରଭାତେ ପକ୍ଷୀଙ୍କ କାକଳି
ଗୋଗୋଷ୍ଠେ ବତ୍ସାର ହମ୍ବା ବୋବାଳି
ଦେବ ଦରଶନେ ଗୁରୁ ଶୁଭାଶୀଷେ
ମନେ ଯାଏ ମୋର ପ୍ରଶାନ୍ତି ଭରି।
ଉଦୟରୁ ଅସ୍ତ ଚଳନ୍ତି ସୂରୁଜ
ସଅଳ ସମୟ ଯାଅଇ ବିତି
ଗୁଞ୍ଜେ ଜୀବନର ପ୍ରତିଧ୍ୱନି ନିତି
ଜାଳି ସଞ୍ଜବତୀ ନିଷ୍ପ୍ରଭ ରାତି ।

ମାଆବାପା ଭାଇ ଦାଦାଖୁଡି ଜେଜେ
ଭଉଣୀର ଶ୍ରଦ୍ଧା ସ୍ନେହର ଡୋର
ବନ୍ଧନ ନିବିଡେ ସରବେ ଆବଦ୍ଧ
ନାହିଁ ମତାନ୍ତର ଆପଣା ପର।
ସ୍ମରଣ ମାତ୍ରକେ ତା ଅଭୁଲା ସ୍ମୃତି
ଜାଗଇ ମନରେ ହର୍ଷ ଉଲ୍ଲାସ
ଭରିଯାଏ ପ୍ରାଣେ ଅପୂର୍ବ ପୁଲକ
ଜୀବନେ ଆନନ୍ଦ ପ୍ରାଣ ଉଚ୍ଛ୍ୱାସ ।
ନିର୍ଝରୁ ଅମୃତ ସୋହାଗ ମମତା
ଫଳୁ ମୋ ଗାଁରେ ସୁନା ଫସଲ
ହେଉ ଗାଆଁ ଧୂଳି ମଥାର ଚନ୍ଦନ
ସାକ୍ଷାତେ ସଂପ୍ରାପ୍ତ ମୁକ୍ତି କୈବଲ୍ୟ ।

ଉପର ବରୁଆଁ, କବୀର ପୁର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୋ ଗାଁ ଦାଣ୍ଡଧୂଳି ସାକ୍ଷାତ ନିର୍ମାଲ୍ୟ

କୃଷ୍ଣ କୁମାର



ମୋ ଗାଁ ମାଟି ମୋ ପାଇଁ ପବିତ୍ର
ବଡ ବି ସରଗ ଠାରୁ
ଦାଣ୍ଡ ଧୂଳି ତାର ସାକ୍ଷାତ ନିର୍ମାଲ୍ୟ
ହାତେ ତାକୁ ଧରୁ ଧରୁ ।

ଏଇ ମାଟିରେ ମୁହିଁ ଜନମ ଲଭିଛି
ହୋଇଛି ମୋ ଷଠିଘର,
ଖେଳିଛି ବୁଲିଛି ସାଙ୍ଗ ସାଥେ ମେଳେ
ହୋଇ ମୁଁ ଆତ୍ମବିଭୋର ।

ଗାଁ ଚାହାଳୀରେ ପାଠ ମୁଁ ପଢିଛି
ଅବଧାନ ପାଖେ ବସି ,
କେତେ ଉପଦେଶ ମୂଲ୍ୟବାନ କଥା
କହନ୍ତି ସେ ହସିହସି ।

ଗାଆଁର ପୋଖରୀ ଭାରି ଗହୀରିଆ
ତହିଁରେ ଗାଧାଏ ନିତି,
ଗାଆଁ ମାଟି ପରେ ତୋଳା ଯେ ମନ୍ଦିର
ତହିଁରେ କରେ ଆଳତୀ ।

ଚନ୍ଦନର ବାସ ଗାଆଁର ମାଟିରେ
ମନକୁ ନିଏ ହଜାଇ ,,
ଫଳ ଫୁଲ ଭରା ଗଛ ଲତା ଏଠି
ରହିଛି ହୋଇ ସଜେଇ ।

ଭୁଲି ହେବ ନାହିଁ ଗାଆଁକୁ ମୋହର
ରହିଲେ ବି ଯହିଁ ମୁହିଁ,
ଧୂଳିକୁ ତାହାର ନିର୍ମାଲ୍ୟ ଭାବି
ଧନ୍ୟ ମୁଁ ଟିକେ ପାଇ ।

କେନ୍ଦ୍ରାପଡ଼ା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୋ ଗାଁ ଦାଣ୍ଡଧୂଳି ସାକ୍ଷାତ ନିର୍ମାଲ୍ୟ

ପଙ୍କଜିନୀ ଉପାଧ୍ୟାୟ



ମୋ ଗାଁ ଦାଣ୍ଡଧୂଳି ସାକ୍ଷାତ ନିର୍ମାଲ୍ୟ
ଦିଏ ମୁଁ ମଥାରେ ବୋଳି
ଜନମ କାଳରୁ ମୋ ସାରା ଜୀବନ
ସହିଛି ସବୁ ମୋ ଅଳି ।

ନାଚିଛି ଖେଳିଛି କେତେ ମୁଁ ଖୋଳିଛି
କରିନାହିଁ ପ୍ରତିବାଦ
ଯେତେ ମୁଁ କୁଦିଛି ତାହାର ଉପରେ
ପାଟି କରିଛି ସେ ବନ୍ଦ ।

ମୋ କଅଁଳ ଦେହ ମାଟିର ଉପରେ
ଲୋଟି ଅଛି ବାରମ୍ବାର
ସୂରୁଯ କଅଁଳ କିରଣ ପରଶ
ପାଇଛି ମୁଁ ନିରନ୍ତର ।

ମଜବୁତ ହେବି ନିରୋଗ ରହିବି
ମାଆର ଭାବନା ମୋ'ର
କ୍ରମଶଃ ଗତିରେ ବଢ଼ିବାର ବେଳେ
ମାଟି ସାହା ହେବ ମୋର ।

ଜୀବନ ସ୍ୱପ୍ନକୁ କରିବାକୁ ପୂର୍ଣ୍ଣ
ଅକୁଣ୍ଠ ସାହାଯ୍ୟ ତା'ର
ମାଆ ପରି ସିଏ ଅତି ଆପଣାର
ମମତାର ମହାଡୋର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅତୁଟ ବନ୍ଧନେ ବାନ୍ଧି ପାଇବାର
ପ୍ରବଳ ତା'ଇଚ୍ଛାଶକ୍ତି
ତା କୋଳରେ ଖାଦ୍ୟ ବାସ ବସ୍ତ୍ର
ମିଳୁଥାଏ ନିତି ନିତି ।

ତା ତଳେ ଗଚ୍ଛିତ ଖଣି ଓ ଖାଦାନ
ଦେଶର ଅମୂଲ୍ୟ ରତ୍ନ
ତା'ପ୍ରକୃତି କୋଳେ ବଢ଼ି ମୁଁ ଚାଲିଛି
ନେଇଛି ସିଏ ମୋ ଯତ୍ନ ।

ସବୁ ଅଭିଳାଷ ହୋଇଛି ପୂରଣ
ପାଇଁ ଦାଣ୍ଡଧୂଳି ସ୍ୱର୍ଣ୍ଣ
କର୍ମ ଧର୍ମ ଜ୍ଞାନ ତ୍ରିବେଣୀ ସଂଗମ
ଅପୂର୍ବ ଭାବର ରସ ।

ପ୍ରତି ମୁହୂର୍ତ୍ତରେ କରେ ଆତ୍ମହରା
ଭାବିଲେ ତାହାର କଥା
ନୀତିନିଷ୍ଠ ମୋର ଜୀବନ ଦର୍ଶନ
ଦୂରେଇ ଦେଇଛି ବ୍ୟଥା ।

ସାକ୍ଷାତ ନିର୍ମାଲ୍ୟ ସମ ଦାଣ୍ଡ ଧୂଳି
ବୋଳୁଛି ମୁଁ ବୋଳି ଥିବି
ତାହାର ଆଶିଷ ପଡୁଥିବ ଝରି
ଗୁଣ ସଦା ଗାଉଥିବି ।

ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୋ ଗାଁ ଦାଣ୍ଡଧୂଳି ସାକ୍ଷାତ ନିର୍ମାଲ୍ୟ

ଅନୁପମା ବିଶ୍ୱାଳ



ଗାଁ ଧୂଳିରେ ଯେବେ ପଡେ ମୋ ଛୋଟ ପାହୁଣ୍ଡ
ଦେଖାଦିଏ ମୋତେ ସାରା ବ୍ରହ୍ମାଣ୍ଡ
ଏଇ ଧୂଳି ରଖି ମୁଁ ସାଇତି
ମୁଣ୍ଡରେ ମାରିଛି ନିଇତି
ଏ ଧୂଳି ପରା ପବିତ୍ର
ଏ ମାଟି, ପବିତ୍ର କରେ ମୋ ଗାତ୍ର ।
ମୋ ପାଇଁ ଏହା ବ୍ରହ୍ମ ସ୍ୱରୂପ
ପାଏ ସେଥିରୁ ଆନନ୍ଦ ଅମାପ
ସ୍ନାନ ପରେ ନ ପାଇଲେ ସେ ନିର୍ମାଲ୍ୟ
ଆଶାଭଙ୍ଗ ହୋଇ ହୁଏ ମୁଁ ବିକଳ
କରି ପାରେନାହିଁ ଅନ୍ନ ଜଳ ସ୍ପର୍ଶ
ତୁଟିଯାଏ ସବୁ ଆଶା ଅଭିଳାଷ ।
ତାହାର ଶୁଦ୍ଧତା ନେଇ ନ ଥିଲା ଦ୍ୱିଧା
ଦୂରାଇଛି ସେ ଧୂଳି ମୋ ଅଙ୍ଗ ବାଧା
ବିଜ୍ଞାନୀମନ ଓ ଯୁକ୍ତିଶୀଳ ଚିନ୍ତାଧାରା
ନକରି ପ୍ରଭାବିତ, କରିଛି ଆତ୍ମହରା ।
ମୁଁ ହୋଇଛି ସତ୍ୟପ୍ରଜ୍ଞ ଓ ନିଷ୍ଠାପର
ଜୀବନରେ ଅଭାବକୁ କରିଅଛି ଦୂର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯେହ୍ନେ ଅନ୍ଧାର ନାଶନ୍ତି ଦୋଷାକର ।

ସେଥିରୁ ପାଇ ଟିକିଏ

ହୋଇଛି ମୁଁ ବୁଦ୍ଧି ଦୀପ୍ତା ଓ ଜ୍ଞାନ ଦୀପ୍ତା

ଏ ଧୂଳି ଅଦୃଶ୍ୟରେ ରହି ସାଜିଛି ଆଦିଷ୍ଟା

ଏଥିପାଇଁ ଲାଭ କରିଛି ପରା ଭକ୍ତି

ଅର୍ଜିଛି ଅସରନ୍ତି ଆତ୍ମଶକ୍ତି, ଧୀଶକ୍ତି

କାଳିଆର ନିର୍ମାଲ୍ୟ ସମ

କୌଣସି ପରିସ୍ଥିତିରେ ହୋଇନାହଁ ବିଲମ

କରିନାହିଁ ସେ ମୋତେ ଅସଂଯମ

ମୁଁ ବି କରିନାହିଁ କେବେ ତା'ର ଅସଂଭ୍ରମ

ସମ୍ବଲପୁର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମୋ ଗାଁ ଦାଣ୍ଡଧୂଳି ସାକ୍ଷାତ ନିର୍ମାଲ୍ୟ

ତୃପ୍ତିରାଣୀ ପାତ୍ର



ମୋ ଗାଆଁ ଦାଣ୍ଡ ଧୂଳି ମୋ ପାଇଁ ନିର୍ମାଲ୍ୟ
ଯାହା ଅଟେ ତ ଅମୃତ ତୁଲ୍ୟ
ବଢାଇଛନ୍ତି ମାଆ କରି କେତେ ଗେଲ
ଖେଳିବୁଲି ପିଇଛି ତା' ଜଳ ।

ମୋ ଗାଆଁ ଦାଣ୍ଡ ଧୂଳି ସାକ୍ଷାତ ନିର୍ମାଲ୍ୟ
ତାକୁ ବୋଲି ମୁଁ ହୋଇଛି ଧନ୍ୟ
କରିବାକୁ ପୂର୍ଣ୍ଣ ମୋ ହୃଦୟ ସ୍ୱପ୍ନ
ଦେଇଛି ମୋତେ କେତେ ଆହ୍ୱାନ ।

କେତେ ଯତନରେ ରଖିଲା ସାଇତି
ଦେଇ ତା' କେତେ ଅମୂଲ୍ୟ ପ୍ରେମ
ସେଥିପାଇଁ ବୋଧେ ତା'ବକ୍ଷେ ଚାଲୁଛି
ଭରିଦେଇଛି ସେ ଧନ ଧାନ୍ୟ  ।

ଶୀତଳ ସ୍ୱର୍ଶରେ ବନ ଉପବନ
ଦେଉଛି ବିଶୁଦ୍ଧ ଅମ୍ଳଜାନ
ନେଇ ଯାଉଅଛି ସେ ଅଙ୍ଗାରକାମ୍ଳ
ସୁବାସିତ କରେ  ତନୁମନ ।

ଅନେକ ଶୁଭେଚ୍ଛା ପ୍ରୀତି ଆଲିଙ୍ଗନ
ଦେଉଥାଏ ନିତି ମଧୁ ଅନ୍ନ
ଅତୁଳନୀୟ ତା'ର ମହିମା ଦାନ
କିଏ କରିପାରିବ ବର୍ଣ୍ଣନ ।

ମୋ ଗାଆଁ ଧୂଳି ମୋ ସାକ୍ଷାତ ନିର୍ମାଲ୍ୟ
ତା'ର ପ୍ରେମରେ ମୁଁ ପଲ୍ଲବିତ
ଯେତେ ଫୁଲଫଳ ସବୁଜ ସମ୍ପଦ
ଭରିଦିଏ ଅପୂର୍ବ ଆନନ୍ଦ ।

ସହଦେବଖୁଣ୍ଟା, ବାଲେଶ୍ୱର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଇନ୍ଦ୍ରଧନୁ

ଅଭିପ୍ସା ପ୍ରିୟଦର୍ଶିନୀ



ସପ୍ତ ରଙ୍ଗରେ ସଜବାଜ ହୋଇ

ଆସିଅଛି ଇନ୍ଦ୍ରଧନୁ

ମାଧୁର୍ଯ୍ୟ ଭରା ତା' ଅପରୂପ ସତେ

ଭୁଲି ହୁଏ ନାହିଁ ମନୁ ।୧।

ଖରା ବରଷାର ସଂଯୋଗର ଟୀକା

ଅଟଇ ସେ ବକ୍ରରେଖା

ଇନ୍ଦ୍ରଦେବଙ୍କର ଧନୁ ଭାବେ ସେତ

ପାଇଛି ସର୍ବତ୍ର ଆଖ୍ୟା ।୨।

ବା-ରେ ବାଇଗଣୀ, ଘ-ରେ ଘନନୀଳ

ନୀ- ଅଟଇ ନୀଳରଙ୍ଗ

ସ-ରେ ସବୁଜ , ହ-ରେ ହଳଦିଆ

ଲା- ହେଉଛି ଲାଲ୍ ରଙ୍ଗ ।୩।

ଶେଷ ରଙ୍ଗ ଅଟେ ନା- ଅକ୍ଷରରେ

ନାରଙ୍ଗୀ ରଙ୍ଗର ଛାପ

କେଡେ ସୁନ୍ଦର ଆହା ମନୋହର

ରଙ୍ଗବତୀଙ୍କର ରୂପ ।୪।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୂର୍ଯ୍ୟଦେବତାଙ୍କ ବିପରୀତ ପାର୍ଶ୍ୱେ
ଉଭା ସିନା ହୋଇଥାଏ
ତାଙ୍କରି କିରଣେ ଉଦ୍ଭାସିତ ହୋଇ
ନିମିଷକେ ଲୀନ ହୁଏ ।୫।

ପ୍ରକୃତିର  ଦୃଶ୍ୟ  ଇନ୍ଦ୍ରଧନୁକୁ
ଉପଭୋଗ କଲା ଭଳି
ଆମ ଜୀବନେ ବି ସଂସ୍କାର ଆଣିକି
ଦିବ୍ୟ ରଙ୍ଗ ଦେବା ତୋଳି ।୬।

ସ୍ୱଳ୍ପ ସମୟରେ ସଭିଙ୍କ ପାଖରେ
ହୋଇପାରିବା ମହାନ
କିଏ ଜାଣେ କେବେ ଇନ୍ଦ୍ରଧନୁ ଭଳି
ହୋଇଯିବା କାଳେ ଲୀନ ।୭।

ସ୍ୱାସ୍ଥ୍ୟ ସେବିକା, ଜଟଣୀ, ପୁରୀ
ମୋ -୮୨୮୦୪୩୦୪୯୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଇନ୍ଦ୍ରଧନୁ

ମନୋଜ କୁମାର ଭୋଇ



ସପତ ରଙ୍ଗ ତୁମ ଇନ୍ଦ୍ରଧନୁ ଗୋ
ଅପରୂପ ତୁମ ଶୋଭା
ଅର୍ଦ୍ଧ ଚନ୍ଦ୍ରକାରେ ଦୃଶ୍ୟମାନ ହୁଅ
ଆକାଶେ ଖେଳାଅ ପ୍ରଭା ।।

ତୁମ ଅନୁପମ ସାତରଙ୍ଗ ଆଭା
ହୃଦୟେ ଜଗାଏ ପ୍ରୀତି
ତୁମ ରଙ୍ଗର ପରିପାଟେ ହୁଏ
ପ୍ରୀତି ପଦ୍ମର ଜାଗୃତି ।।

ବରଷା ରାଣୀର ଜଳବିନ୍ଦୁ ମଧ୍ୟେ
ଉଭା ରଙ୍ଗର ଗଜରା
ରଙ୍ଗର ତୋରଣ ମେଘମାଳେ ଦୃଶ୍ୟ
କି ସୁନ୍ଦର ଆହା ଧରା ।।

କ୍ଷଣେ ଦୃଶ୍ୟମାନ କ୍ଷଣକେ ଅଦୃଶ୍ୟ
ଚକ୍ଷୁ ହୋଇଯାଏ ଖୋସି
ମେଘମାଳାର ପଣତ କାନିରେ
ଲୁଚକାଳି ଖେଳୁ ହସି ।।

ବରଷାରାଣୀର ସଙ୍ଗୀତ ତାଳରେ
ତୁମ ଜ୍ୟୋତି ଉଦ୍ଭାସିତ
କୋଟି ଜନମନ ହର୍ଷ ଉଲ୍ଲାସରେ
ତୁମ ରୂପେ ସମ୍ମୋହିତ ।।

ଇନ୍ଦ୍ରଧନୁ ଗୋ ତୁମ ଦରଶନେ
ପ୍ରୀତି ପୁଷ୍ପ ଅଙ୍କୁରିତ
ଦୃଶ୍ୟମାନ ହେଉ ଥାଅ ସମୀପରେ
ମନ ହେବ ପୁଲକିତ ।।

ସାତବର୍ଣ୍ଣା କନ୍ୟା ତୁମେ ପ୍ରକୃତିର
ଧରା ପୃଷ୍ଠେ ପ୍ରକଟିତ
ଦେଖି ତୁମ ରୂପ ରଙ୍ଗର ବିଭବ
ପ୍ରତି ପ୍ରାଣ ବିହ୍ୱଳିତ ।


ଜ୍ୟୋତ୍ସ୍ନା ନିବାସ, ଟିକାବାଲି, କନ୍ଧମାଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବନ୍ଦେ ମାତରଂ

ଏଲିନା ଜେନା



ସୁଜଳା ସୁଫଳା ଶସ୍ୟ ଶ୍ୟାମଳା
ମୋ ଦେଶ ଜନମ ଭୂଇଁ
ସସାଗରା ଧରା ଧାମରେ ସତରେ
ଯାହାର ତୁଳନା ନାହିଁ ।

ନଦୀ ପରବତ ସବୁଜ ବନାନୀ
ଶସ୍ୟ ଶ୍ୟାମଳା ଧରଣୀ
ଗିରି ଗୁଞ୍ଜା ଝର ନିର୍ଝରଣୀ ଏଠି
ପୁଣ୍ୟ ତୋୟା ମନ୍ଦାକିନୀ ।

ସର୍ବ ଧର୍ମର ସମାହାର ଏଠି
ଗୀର୍ଜା ମସଜିଦ ମନ୍ଦିର
ବିବିଧତା ଭାଷା ଧରମରେ ରଚା
ଏକତାର ଇସ୍ତାହାର ।

ଶାନ୍ତି ମୈତ୍ରୀ ସାମ୍ୟ ଅଭେଦ ପୀରତି
ସର୍ବ ଧର୍ମ ସମନ୍ୱୟ
ଦୟା କ୍ଷମା ପ୍ରେମ ସଦଭାବନାରେ
ଯା ନୀତି ମହିମା ମୟ ।

ବୌଦ୍ଧ ଜୈନ ଖ୍ରୀଷ୍ଟିଆନ୍ ଶିଖ
ହିନ୍ଦୁ ଆଉ ମୁସଲମାନ
ଭ୍ରାତୃ ଭାବର ବନ୍ଧନ ଯହିଁ
ଯା କୋଳେ ସର୍ବେ ସମାନ ।

ସତ୍ୟ ଅହିଂସାର ମହା ମନ୍ତ୍ରରେ
ମୋ ସଂସ୍କୃତି ମହୀୟାନ
ଆକୁମାରୀ ହିମାଳୟ ଛିଡା ଏଠି
କୀର୍ତ୍ତି ଯା'ର ଗରୀୟାନ ।

ମୋ ପୁଣ୍ୟ ଜାତିର ପରମ୍ପରା ଆହାଃ
ବସୁଧୈବ କୁଟୁମ୍ବକମ୍
ଚିର ବନ୍ଦନୀୟା ଚିର ପୂଜନୀୟା
ବନ୍ଦେ ବନ୍ଦେ ମାତରଂ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସେ ପରା ଅସରା ସୁଖ

ଜନ୍ମଜୟ ନାୟକ



ଦୁଃଖ କଷଣ ଭିଡ଼ରେ
ସେ  ପରା ଅସରା ସୁଖ,
ସବୁ ଯାଏ ପାଶୋରି
ଦେଖି ତା' କଳା ଶ୍ରୀମୁଖ ।

କେମିତି କହିବି ମୁଁ
ମୋ ଛାତିର କୋହ,
କାଳେ ଯିବି ଭୁଲି
ନ ଝରିଲେ ଲୁହ ।

ଜଗତ ପାଳୁଛି ଯିଏ
କିଛି ନୁହଁଇ ଅଜଣା,
କାହିଁ କରିବି ମାଗୁଣି
ନିଶ୍ଚେ କରିବେ କରୁଣା ।

ଗଡିଯିବି ମୁହିଁ ଥରେ
ଶରଧାବାଲିରେ ଶାନ୍ତିରେ,
ଭିଡିନେବି ନନ୍ଦିଘୋଷ
ଭକତି ଭରି ଅନ୍ତରେ ।

ଲଲାଟ ଲିଖନ ମୋର
ଲୋତକ ସ୍ୟାହିରେ ଲେଖା,
ଅସହ୍ୟ ଜୀବନ ଜଞ୍ଜାଳ
ତାରିପାରେ ସେହି ଏକା ।

ଗଣିତ ଶିକ୍ଷକ
ଗୋପିନାଥଜୀୟୁ ସରକାରୀ ଉଚ୍ଚ ବିଦ୍ୟାଳୟ
୯୩୩୭୮୦୦୫୬୫

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ପ୍ରିୟତମା

ଅଂଶୁମାନ ସ୍ୱାଇଁ



କେତେ ଅଭିମାନି ତୁମେ ପ୍ରିୟା ମୋର
କ୍ଷଣିକରେ ଯାଅ ରଷି
ମନେଇ ମନେଇ ଥକି ମୁଁ ପଡ଼ଇ
ରୁହେ ତୁମ ପାଶେ ବସି ।।

ତୁମେ ମୋ ନୟନ ତୁମେ ମୋ ସ୍ୱପନ
ତୁମେ ମୋ ମନ ମାନସୀ
ଏହି ମନ ପ୍ରାଣ ଖୋଜୁ ଥାଏ ନିତି
ହସୁ ଥାଅ ବାରମାସି ।।

ଟିକେ ଟିକେ କଥା ସହି ପାର ନାହିଁ
କେମିତି କହିବି ମୁହିଁ
ତୁମ ପାଇଁ କେତେ ଦେଖେ ମୁଁ ସପନ
ଅନ୍ଧାର ରାତିରେ ଶୋଇ ।।

ତୁମେ ସିନା ପ୍ରିୟା ଶୋଇ ଯାଅ ଏକା
ମନେ ରଖି ଅଭିମାନ
ତୁମ ପାଇଁ ଝୁରେ ଏମନ ଆକାଶ
ଝୁରେ ଏହି ତନୁ ମନ ।।

ଅବୁଝା ହୁଅନି ଆଗୋ ପ୍ରିୟତମା
ତୁମେ ମୋର ନେତ୍ର ଦୁଇ
ଆସିଛେ ସଂସାରେ କିଛି ଦିନ ପାଇଁ
ହସି ଖେଳି ଯିବା ପାଇଁ ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଛୋଟ ଛୋଟ କଥା ମଥାକୁ ନିଅନି
ହସିବ ଆମ ସଂସାର
ଦୁନିଆ ଦାଣ୍ଡରେ ଆମରି ସମ୍ପର୍କ
ଗଢିବ ନୂତନ ଘର ।।

ଅମାନିଆ ମନ ମାନିଲାନି ଜମା
ଲେଖି ଦେଲା ଦୁଇ ଧାଡି
ଭାବୁଛି ମାନସୀ ପଢି ମୋ କବିତା
ହସିଦେବ ରାଗ ଛାଡି ।।

ସରମଙ୍ଗା, ସଡଙ୍ଗ, କେନ୍ଦୁଝର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଡାକବାଲା

ବିକାଶ କୁମାର ହୋତା



ଦେହରେ ଖାକି ପୋଷାକ ପିନ୍ଧି
ସାଇକେଲଟେ ଧରି
ସକାଳୁ ସଞ୍ଜ ଚିଠି ମୁଁ ବାଣ୍ଟେ
ବୁଲଇ ଘିରିଘିରି ।।(୧)

କାନ୍ଧରେ ଧରି ମାଟିଆ ଥଳି
ଗାଆଁରୁ ଗାଆଁ ବୁଲି
ମନି ଅର୍ଡର, ଜରୁରୀ ଚିଜ
ଡାକଇ ନିଅ ବୋଲି ।।(୨)

ଖରା, ବରଷା, ହେଉ ବା ଶୀତ
ନଥାଏ ମୋର ଭୟ
ସଭିଙ୍କ ପାଶେ ମୋର ଆଦର
କର୍ମରେ ଥାଏ ଲୟ ।।(୩)

ସ୍ୱଳ୍ପ ବେତନ କର୍ମଚାରୀ ମୁଁ
ସେ ପାଇଁ ନାହିଁ ଦୁଃଖ
ସଭିଙ୍କ ସେବା ଅଟେ ମୋ ଧର୍ମ
ମିଳେ ସେଥିରୁ ସୁଖ ।।(୪)

ଆଜିର ଏଇ ବିଜ୍ଞାନ ଯୁଗେ
ପ୍ରଯୁକ୍ତି ବିଦ୍ୟା ବଳେ
ଇଣ୍ଟରନେଟ ଚାହିଦା ଯୋଗୁଁ
କ୍ଷଣିକେ ବାର୍ତ୍ତା ମିଳେ ।।(୫)

ଅତୀତ କାଳେ ଖବର ପାଇଁ
ଚିଠିର ଲୋଡ଼ା ଥିଲା
ବିଜ୍ଞାନ ବଳେ ତା'ର ଆଦର
ସୀମିତ ହୋଇଗଲା ।।(୬)

ସଭିଙ୍କ ପାଶେ ହେଲି ଅଲୋଡ଼ା
ଚିଠି ଆସୁନି ଘରେ
ନାମଟି ମୋର ଗଲାଣି ହଜି
ଅଧୁନା ପ୍ରଗତିରେ ।।(୭)

ସବୁରି ପାଇଁ ବିଶ୍ୱସ୍ତ ମୁହିଁ
ମୋ ନାମ ଡ଼ାକବାଲା
ସଦା ସର୍ବଦା ସବୁ ଦୁଆର
ମୋ ପାଇଁ ଥାଏ ଖୋଲା ।।(୮)

ଦକ୍ଷିଣକାଳୀ ରୋଡ଼ ବିଦ୍ୟାନଗର ଢେଙ୍କାନାଳ,
୭୦୦୮୯୨୮୭୯୮, ୮୭୬୪୮୨୯୨୦୫୧

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ତିନୋଟି କୁନି କବିତା

ବର୍ଷାରାଣୀ ମହାମଲ୍ଲିକ



## ଲୁହ

ଶକ୍ତ ଆଘାତ ପରେ ବି
ଝରେ ନାହିଁ କିଛି ଲୁହ,
କିଛି ଲୁହରେ ଓଠ ତାର ଶୋଷ ମେଣ୍ଟାଏ
କିଛି ଲୁହ ଗାଲରେ କଳା ଦାଗ ଆଙ୍କେ
କିଛି ଲୁହ ଆଖିରେ ରହିଥାଏ ଝରି ପାରେନା,
କିଛି ଲୁହ କୋହ ହୋଇ ଚାପି ହୋଇଯାଏ ଛାତିତଳେ
କିଛି କହି ପାରେନା....

## ସ୍ୱପ୍ନ

ଜାଣିଛୁ ତତେ ପାଇବା କେତେ ମୁସ୍କିଲ୍
ତଥାପି ଗୋଡ଼େଇ ଚାଲିଛି ତୋ ପଛେ
ପାଇବା ର ବ୍ୟାକୁଳତା ପଚାରୁଛୁ ?
ଦିନ କଣ ତମାମ୍ ରାତି ବି କମ୍ ପଡୁଛି
ତୋ ପିଛାରେ...

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବିଦ୍ରୋହ

ଦେହ, ମନ, ପ୍ରାଣ ସମସ୍ତେ ବିଦ୍ରୋହ କରନ୍ତି

ଟିକେ ଶାନ୍ତିରେ ବଞ୍ଚିବାକୁ

ମୁଁ କଣ ଚାହୁଁନି... ?

କିନ୍ତୁ ଜାଣେ ହାରିଯିବି..

ଜୀବନ ଟା ଭାରି ମାନ୍ଦା ମାନ୍ଦା ଲାଗୁଛିରେ..

ବରଗଡ଼

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସେନେହର ଡୋର

ବାସନ୍ତୀ ମଞ୍ଜରୀ ହନୁମାନ



ପ୍ରକୃତି କୋଳର ସୁନ୍ଦର ସୁରୁଷ୍ଟି
ମାନବ ନାମ ତାହାର
ନୀତି ଗଢୁ ଥାଏ ନୀତି ଭାଙ୍ଗୁ ଥାଏ
କେତେ କେତେ ଘର ଦ୍ୱାର ।।୧ ।।

ପୂରୁବ କାଳରେ ପରିବାର ମଧ୍ୟେ
ଆଠ ଦଶ ଜଣ ମିଶି
ଦୁଃଖ କଷ୍ଟ ମଧ୍ୟେ ଚଳି ଯାଉଥିଲେ
ଆନନ୍ଦରେ ହସି ହସି ।।୨ ।।

ବିପଦେ ଆପଦେ ସଭିଏଁ ସଭିଙ୍କୁ
ସେନେହ ପ୍ରେମ ପର ସି
ସେବା କରୁଥିଲେ ନିଷ୍କପଟ ଭାବେ
ଅତି ନିକଟରେ ବସି ।।୩ ।।

ଏମିତି ବି ଥିଲା କିଛି ପରିବାର
ରୋଜଗାର ମୋଟେ ନାହିଁ
ତଥାପି ସେମାନେ ଜିଇଁ ରହୁ ଥିଲେ
ନିତ୍ୟ ନବ ଆଶା ନେଇ ।।୪ ।।

ପରସ୍ପର ମଧ୍ୟେ ସେନେହର ଡୋର
ଅତି ମଜଭୁତ ଥିଲା
ସରଗ ସମାନ ସେଇ ଗୃହେ ରହି
ବଢୁ ଥିଲେ ଛୁଆ ପିଲା ।।୫ ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଜା ଆଇ କୋଳେ ନାବାଳକ ଶିଶୁ
କଳରବ ଶୁଭୁ ଥିଲା
ପୁଅ ବୋହୁଙ୍କର ସୁନ୍ଦର ବେଭାର
ପିତା ମାତା ପ୍ରତି ଥିଲା ।।୬ ।।

ଏକ ସାଥେ ବସି ବ୍ୟଞ୍ଜନ ଭୋଜନ
ଖୁସି ମନେ କରୁ ଥିଲେ
ମନୋରମ ସେଇ ମହାନ ମିଳନ
ଯହିଁ ଆନନ୍ଦ ଚହଲେ ।।୭ ।।

ଆଜି କିନ୍ତୁ ସବୁ ଓଲଟ ପାଲଟ
ଆଧୁନିକତା ବିରାଜେ
ତଥାପି କାହିଁକି ସେଇ ଦୃଶ୍ୟ ରାଜି
ମନ ସଦା ବେଳେ ହେଜେ ।।୮ ।।

ଦଶ ବାର ଖଟ ଅଗଣା ମଝିରେ
ଡେରା ହୋଇ ରହୁ ଥିଲା
ସନ୍ଧ୍ୟା ନଇଁ ଗଲେ ସବୁ ଖଟ ଯାକ
ପୁଣି ପକା ଯାଉ ଥିଲା ।।୯ ।।

ଗ୍ରୀଷ୍ମର ପ୍ରକୋପେ ଦାଣ୍ଡ ଦୁଆରରେ
ନିଶ୍ଚିନ୍ତ ରେ ଶୋଉ ଥିଲେ
ପାହାନ୍ତିଆ ବେଳୁ କୁକୁଡ଼ା ଡାକୁଣୁ
ବିଛଣା କୁ ଛାଡ଼ୁ ଥିଲେ ।।୧୦ ।।

କର୍ମଠ ମାନବ ଚାଷ କାମ କରି
ଶସ୍ୟ ଉପୁଜାଉ ଥିଲେ
ବରଷକ ଶସ୍ୟ  ନି ଜ ଅମାରରେ
ସଂଗୃହିତ କରୁଥିଲେ ।।୧୧ ।।

ବାଡି ବଗିଚା ଓ ଶସ୍ୟ କ୍ଷେତ ଦେଖି
ପେଟ ଯାଉ ଥିଲା ପୁରି
ପୁରୁଣା କଥାକୁ ଏବେ ମଧ୍ୟ ମନ
ହେଉ ଥାଏ ସଦା ଝୁରି ।।୧୨ ।।

ମୋ  -୯୪୩୮୫୪୬୬୧୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଓଡ଼ିଆ ଭାଷାର ଉତ୍ପତ୍ତି

ଇତିଶ୍ରୀ ପତି



ହଜାର ହଜାର ବର୍ଷ
ଆକଳନ ନାହିଁ ତା'ର ହିସାବ
ଓଡ଼ିଆ ଭାଷାର ଉତ୍ପତ୍ତି
ମନରେ ଆଣେ ବିଭବ ।

ଖଣ୍ଡଗିରି ଗୁମ୍ଫା ଦିଏ ତାର ହିସାବ
ସର୍ବ ଭାଷାର ଆଧାର
ଓଡ଼ିଆ ଭାଷା ଲକ୍ଷେ ଗୁଣେ ସାର ।

ଶାସ୍ତ୍ରୀୟ ମାନ୍ୟତା ପାଇଛି ଓଡ଼ିଆ ଭାଷା
ଅସୀମ ମହତ ଜୀବନର ଗାଥା ।

ବର୍ତ୍ତମାନର ସ୍ଥିତି ତାର ଏବେ ସୁବର୍ଣ୍ଣ ସମ୍ପନ୍ନ
ଅମଳିନ ଅଟେ ଏହି ସର୍ବଦିନ ମାନ ।

ଏହି ତ ଭାଷାର ସ୍ଥିତି ଅନୁଧ୍ୟାନ
ଚିରକାଳ ଥିବ ଜ୍ୱଳନ୍ତ ସୁବର୍ଣ୍ଣ
ଆଗକୁ ଆଗକୁ ରହିଥିବ ସଦା ଜାଜ୍ଜ୍ୱଲ୍ୟମାନ ।

ଲିଙ୍ଗରାଜନଗର ପୁରଣାସହର, ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆତ୍ମଶକ୍ତି

ରଶ୍ମିତା ନାୟକ



ଶ୍ରଦ୍ଧାବଳେ ଜ୍ଞାନ ନମ୍ରତାରୁ ମାନ
ଯୋଗ୍ୟତାରୁ ମିଳେ ସ୍ଥାନ
ଭକତି ବଳରେ ଆତ୍ମଶକ୍ତି ମିଳେ
ହୁଏ ଅସାଧ୍ୟ ସାଧନ ॥

ଏ ଚାରିଗୁଣର ଅଧିକାରୀ ଯିଏ
ସୁଉଚ୍ଚ ସମ୍ମାନ ପାଏ
ପରିସ୍ଥିତି କରଇ ପରିବର୍ତ୍ତନ
ଧର୍ଯ୍ୟର ସହିତ ଯିଏ ॥

ବ୍ୟକ୍ତିତ୍ୱର ଆତ୍ମଶକ୍ତି ବଳେ ତାଙ୍କୁ
ନବ ଉପହାର ମିଳେ
ଆତ୍ମଶକ୍ତି ଧରୀ ମୁକାବିଲା କଲେ
ସମସ୍ୟା ଟଳିବ ହେଳେ ॥

ଜୀବନ ହେଉଛି ଅଜଣା ପୁସ୍ତକ
ଆଗାମୀ ପୃଷ୍ଠା ଅଜଣା
ଆତ୍ମଶକ୍ତି ସଞ୍ଚି ନ ପଢିଲେ ଆମେ
ହୋଇଯିବା ବାଟବଣା ॥

ଜୀବନେ ଆସଇ ଅନେକ ସମସ୍ୟା
ଚିନ୍ତାରେ ଦ୍ୱିଗୁଣ ବଢେ
ନିରବରେ ଅଧା ଧର୍ଯ୍ୟରେ ସମ୍ପୂର୍ଣ୍ଣ
ଆତ୍ମଶକ୍ତି ଦ୍ୱାରା ଛିଡ଼େ ॥

ସୁଖ ସନମାନ ଆଶାର ଆସନ
ଖୋଜିଲେ ମିଳଇ ନାହିଁ
ହୃଦୟ ଭିତରେ ଆତ୍ମଶକ୍ତି ଥିଲେ
ଜୀବନେ ସବୁ ମିଳଇ ॥

ଜଗତସିଂହପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୌସୁମୀ

ବାସନ୍ତୀ ଲତା ଜେନା



ମେଘ ପାଲିଙ୍କିରେ ଆସ ମୌସୁମୀ
ଶୀତଳ ପରଶ ଦେଇ
ଅସରାଏ ବର୍ଷା ଝରାଇ ଦିଅ ଗୋ
ରୌଦ୍ର ତାପ ଯାଉ ଧୋଇ ।୧।

ଗ୍ରୀଷ୍ମର ପ୍ରଭାବ ଅତିଷ୍ଠ କରଇ
ନର ପାଦପ ଅଧିରା
ଟାଣ ଖରା ହୁଏ ଜଳାଶୟ ଶୁଖେ
ଦୁଃଖିତ ହୁଅଇ ଧରା ।୨।

ଶ୍ୟାମଳ ଦୁର୍ବା ଦଳ ମୂର୍ଚ୍ଛିତ ହୁଅଇ
ନଈ ନାଳ ଶୁଖି ଅଛି
ସାଗରର ଜଳ କମି କମି ଯାଏ
ତଟିନୀ ଦୁଃଖେ ବସିଛି ।୩।

ମୌସୁମୀ ଆଣୁଛି କଳାବାଦଲକୁ
ସାଥିରେ ବରଷା ଧାରା
ଚପଳା ଚମକେ ଘଡ ଘଡି ଡାକେ
ଲୁଚୁ ଅଛି ଟାଣ ଖରା ।୪।

ଟୁପୁ ଟୁପୁ ପାଣି ଟୋପା ଝରୁ ଅଛି
ମୃତ୍ତିକା ମଧୁ ବାସନା
ନର ପଶୁ ପକ୍ଷୀ କୀଟ ତରୁଲତା
ବସୁମତୀ ଆଶ୍ୱାସନା ।୫।

କେଦାରେ କେଦାରେ ଶ୍ୟାମଳୀମା ଶୋଭା
ହସି ଉଠେ ଶସ୍ୟ କ୍ଷେତ୍ର
ନଈ ନାଳ ନଦୀ ଚଞ୍ଚଳ ହୁଅନ୍ତି
ମନ ହୁଏ ଉଦବେଳିତ ।୬।

ମୌସୁମୀ ଆସିଲା ବାତ୍ୟା ପ୍ରବେଶିଲା
କ୍ଷୟ କ୍ଷତି କରି ଦେଲା
ଛପର ଉଡିଲା ଟିଣ ବି ଉଡ଼ିଲା
ମାଟି ଘର ଭାଙ୍ଗିଗଲା ।୭।


ଗାନ୍ଧୀନଗର, ପୋଷ୍ଟ / ଜିଲ୍ଲା : ନବରଙ୍ଗପୁର
୮୭୫୯୭୫୫୯୭୯

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସନ୍ଦେହୀ ପ୍ରିୟା

ସୌଦାମିନୀ ତ୍ରିପାଠୀ



ଅତି ସୁକୁମାରି ମୋ ଶ୍ୱଶୁର ବାଳୀ
ଲାଜେ ଯେବେ ସେହି ହସେ
ତା ହସ ପରଶେ ଗୋଲାପ ବରସେ
ପାରିଜାତ  ସମ ବାସେ  ।
ରୂପ ଲାବଣ୍ୟର ଲାସ୍ୟମୟୀ ପ୍ରିୟା
ସ୍ୱଭାବେ ମଉନାବତୀ
ମଧୁଝରା ମଧୁ ଚୋରା ଚାହାଣୀରେ
ଲାଜକୁଳୀ ଲାଜବତୀ ।
ଶତକଦମ୍ବର ବାସ ଚହଟଇ
ତା ହାତ  କୋମଳ ସ୍ପର୍ଶେ
ରଙ୍ଗର ପସରା ପ୍ରେମ ବିପଣୀରେ
ଲାଳିତ୍ୟ  ଗାରିମା  ରସେ ।
ଆଖି ଝଲସାଇ ମନ ନିଏ ମୋହି
ମଧୁବୋଲା ମଧୁରଙ୍ଗେ
ଜୀବନ ଯମୁନା ଲୁଣ ଜଳେ ଭାସେ
ଲହଡ଼ି  ଭୟ ତରଙ୍ଗେ ।

ପ୍ରଭା ଭଳି  ନାଚେ ଚମକ ହୃଦୟେ
ମନ  ଶତ ବୃନ୍ଦାବନ
ବିଦଗ୍ଧ ହୃଦୟେ ଚନ୍ଦନ ମଣୋହି
ମରଦ ଝୁମା  ସ୍ପନ୍ଦନ ।
ନହୁଲି ଆଖିର ପହିଲି କାହାଣୀ
ମିଠା  ଅନୁଭୂତି ଦେଇ
ଜହ୍ନ ଜୋଛନାରେ ନିଦ ଅଗଣାରେ
ସପନ ସୁନ୍ଦରୀ ହୋଇ  ।
ସପ୍ତସ୍ୱର ମଧ୍ୟେ ପ୍ରସ୍ଫୁଟିତ ପୁଷ୍ପ
ଝଙ୍କାର ଗରାଖେ  ତୋଳେ
କେବେ ମଧୁ କେବେ ଟିଟୁ  ପାଶେ ପ୍ରିୟା
ସାରାଂଶ  ବିଭବ କୋଳେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସବୁ କଳ୍ପନାର ଉର୍ଦ୍ଧ୍ୱରେ ମୋ ପ୍ରିୟା

ଫୁଲ କେଉଁ ବଗିଚାର
ସପ୍ତାଶ୍ଚର୍ଯ୍ୟଠାରୁ ଆହୁରି ଆଶ୍ଚର୍ଯ୍ୟ
ମୂର୍ତ୍ତୀ ମନ୍ତ୍ର କୋଣାର୍କର ।
ମୋ ମନ କୁଞ୍ଜରେ ସଦ୍ୟ ପାରିଜାତ
ଯେବେ ପ୍ରିୟା ଯାଏ ଛୁଇଁ
ବାସ୍ନାୟିତ ପୁଷ୍ପ କୁସୁମ ଫୁଟଇ
ମତୁଆଲା ମନ ମୋହି ।
ଫାଜିଲ୍ ଚାନ୍ଦ ଟି ଉଙ୍କୀ ଛବି ତୋଳେ
ଜନ୍ମଦିନ ପାର୍ଟି କହି
କହେ ପ୍ରିୟ ଫୋନ କର ମୋ ରିଚାର୍ଜ
ପ୍ରେମାଳାପ କରିବା ହିଁ ।
ଜୋତା ଓ ପୋଷାକ ଚାହିଦା ଅନ୍ୟରେ
ବନିଶୀ ମାଛରେ ବୋଇ
ପରଫ୍ୟୁମ ଅତର ମସରାଇଜର
ମେକ ଅପ ଚିଜ ମାଗଇ ।
କାହା ବାଇକରେ ପିଠିରେ ନଦି ପଛେ
ମୁହଁରେ ମୁଖା ବାନ୍ଧିଣ
ଦେହ ଖରାପ ବାହାନା ଦେଖାଇ
ଶାଳି ମେସେଜ ଦେଇଣ ।

ରାତି ଅଧ ଯାଏଁ ହାଇ ହିଲ୍ ପିନ୍ଧି
ଭ୍ୟାନିଟି କାଖରେ ଜାକି
ମିନି ସ୍କଟ ଉପରେ ଶାଢ଼ୀକୁ ଗୁଡାଇ
ଗୃହିଣୀ ସାଜେ ପରଖି ।
ବଅବ ହେୟାର ବିୟୁଟି ପାର୍ଲରେ
ଦେହ ଘଷା ଖର୍ଚ୍ଚ ମାଗେ
ଟିଟୁ କୁ ହେଉ କି ବିଭବକୁ ହେଉ
ଥୋପ ପକାଇ ସରାଗେ ।
ଶଶୁର ମୋହର ବଡ ଅଫିସର
ବିଗଡା ବେଟି ବାପାର
ଶାଳୀ ହାତରେ ଧମକାଇ ଦିଏ
ଡାଇଭର୍ସ ସାଇନ କର ।
ବଡ କଲବଲ ଛାର ପରାଣ ଟା
ପ୍ରିୟତମା ପ୍ରାଣ ସହୀ
ମେଘ ରଡି ଛାଡି ବିଜୁଳି ଘଡଘଡି
ଦରକାରେ ମଧୁ କହି ।
ଦିନେ ସ୍ଥିର କଲି ପଚାରିବି ବୋଲି
ପିଲା ପିଲି କରିବା ଗୋ
ପାଞ୍ଚ ବର୍ଷ ପୁରି ସାତ ଟପିଲା
କେବେ ଘର ବାନ୍ଧିବା ଗୋ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଲିଅଲି  ରାଜଜେମା ଶଶୁରଙ୍କ
 ଓଲଟା  ସଂଦେହ କରି
ଅପେକ୍ଷା ମୁଁ  କରେ ନିତି ତୁମ ପାଇଁ
 ବାହାନା ଦେଖାଇ କଳି
 ଆଖି ବୁଜି ଦୁଧ ପିଏ ବିଲେଇଟି
 ସଂଦେହ ମତେ ସେ କରେ
ସାର୍ଟ ରେ  ଚୁଟି  ଲମ୍ବ  ମାପୁ ଥାଇ
  ଲିପିଷ୍ଟିକ ସାର୍ଟ ରୁମାଲୁରେ ।
ଛାଡପତ୍ର  ନେଇ  ମାସିକ  ଖର୍ଚ୍ଚ ଚାହେଁ
ଆଦାୟ କରିବା  ପାଇଁ
ମୋ ଠାରୁ  ବିଦାୟ  ନେଇ  ଆରାମରେ
ବୁଲିବ ବାରବୁଲି ହୋଇ ।
ସଂଦେହ  କରେ ମୁଁ  ମୋ ପ୍ରିୟତମା କୁ
ଘରେ ନ ଦେଖଇ କେବେ
ନିଲଠାଙ୍କର ବାରବାଟୀ  ଚାଷ
ସଂପର୍କ  ମୂଳୁ ଧୋଇବେ ।

ଭୁବନେଶ୍ୱର-୨



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସନ୍ଦେହୀ ପ୍ରିୟତମା

ରଙ୍କନିଧି ସେଠୀ



ଭାରି ସନ୍ଦେହୀ ମୋ ପ୍ରିୟତମା ମୋର
ନାକ ଅଗରେ ତା ରାଗ
ଟିକେ ଡେରି ହେଲେ ସନ୍ଦେହ ଚକ୍ଷୁରେ
ସାଜେ ମହାବଳ ବାଘ ॥

କଣେଇ କଣେଇ ଚାହୁଁଥାଏ ମୋତେ
ଶୁଣିବାକୁ କିଛି କଥା
ମନା ଭୁଲାଣୀୟା କଥା କହିଦେଲେ
ଭୁଲିଯାଏ ସବୁ ବ୍ୟଥା ॥

ପାଖକୁ ଆସି ସେ ପଚାରି ଦିଅଇ
ଚା ପିଇବ ନା ପିଇବ କଫି
ମଜାରେ ବଜାରୁ ପିଇ ଆସିଛି ମୁଁ
କହିଲି ମୋର ଓଠକୁ ଚାପି ॥

ପୁଣି ଆରମ୍ଭିଲା କୋପର ପ୍ରକୋପ
ପ୍ରତ୍ୟାରୋପେ କଲା କ୍ଷତାକ୍ତ
ଯେତେ କହିଲେ ବି କାନ୍ଦେ ସୁକୁ ସୁକୁ
ମନରେ ଆସିଲା ସନ୍ତାପ ॥

ଏଡ଼େ ଅଭିମାନୀ ଜାଣି ମୁଁ କାହିଁକି
କରିଦେଲି ତା ମନ ଦୁଃଖ
କେତେ କଷ୍ଟ କରି ସୁଖ ସଂସାରକୁ
ଆଗେଇ ନିଏ ଦେଇ ସୁଖ ॥

ହାତ ଧରି ତାର ଭୁଲ ବୋଲି ଯେବେ
କହିଦେଲି କ୍ଷମା କରି ଦେ
ମଜାରେ କହିଲି ବୋଲି ଏତେ କଷ୍ଟ
ପାଇ ଝରାଉ ଅଶ୍ରୁ ବୁନ୍ଦେ ॥

ନୁହେଁ ବେଇମାନ ନୁହେଁ ପ୍ରତାରକ
ତୁ ପରା ମୋ ଜୀବନ ଧନ
ତୋ ହାତରେ ଦେଇ ଜୀବନ ଡୋରି ମୋ
ଖୁସିରେ ବଂଚିଛି ଜୀବନ ॥

ରାଉରକେଲା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ପ୍ରିୟତମ ସବୁ ସୁଖ

ମଧୁସ୍ମିତା ସାହୁ



ମୋତେ ତୁମ କଥା ଭାରୀ ମନେପଡେ
ହେଲେ କହିବାକୁ ଭାରୀ ଲାଜ ମାଡ଼େ
ସମୟ ଅଥବା ଦୁନିଆର ଭୟ
ତଥାପି ମନକୁ କରିଛି ବିକ୍ରୟ ।।

ବେଳେବେଳେ ଭାରୀ ଏକୁଟିଆ ଲାଗେ
ମନ ଚାଲି ଯାଏ ତୁମ ପାଶେ ଆଗେ
ପଛକୁ ବୁଲି ଦେଖିଲା ପରେ ଭାବେ
ସବୁକିଛି କାଳେ କେହି ଜାଣି ଦେବେ।।

ତୁମ କୁ ନେଇ ସଂସାର ଗଢିଅଛି
ତୁମ ସାଥେ ମୁହିଁ ସ୍ୱପ୍ନ ତୋଳି ଅଛି
କଳ୍ପନା ରାଇଜ ମଧ୍ୟେ ରାଜା କରି
ତୁମ ସାଥେ ଅସୁମାରୀ ଆଶା ଧରି।।

ଏହି ଜନ୍ମ ସାତ ଜନ୍ମ ପ୍ରତିଥର
ଜୀବନ ସାଥୀ ହୋଇ ରହିବ ମୋର
ମାଗୁଣି ମାଗୁଛି ପ୍ରତିଶ୍ରୁତି ଦିଅ
ବିଶ୍ୱାସ ମୂଳର ଭରସାରେ ନିଅ ।।

ଭୁଲିପାରିବିନି ତୁମକୁ କେବେବି
ରହି ପାରିବିନି ଛାଡି କି ଏବେବି
ପାଇଛି ପାଇବି ଭଲ ପାଉଥିବି
ତୁମଠାରେ ନିଜକୁ ସମର୍ପି ଦେବି ।।

ପ୍ରେମର ଗହନୀୟତାକୁ ବୁଝିବ
ସମ୍ପର୍କର ମୂଳକୁ ତୋଳିଧରିବ
ପ୍ରିୟତମ ତୁମ ସାଥେ ସବୁ ସୁଖ
ଭୁଲି ଯାଇଅଛି ଜୀବନର ଦୁଃଖ ।।

ବ୍ରହ୍ମା ନଗର ପ୍ରଥମ ଗଳି, ବ୍ରହ୍ମପୁର
ଜିଲ୍ଲା-ଗଞ୍ଜାମ, ଓଡ଼ିଶା
ମୋ—୯୩୪୮୨୮୫୪୧୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସାହିତ୍ୟ ଭବିଷ୍ୟ

ସୁବ୍ରତ କୁମାର ସାହୁ

ଚାଲିଛି ପୁରା କସରତ
ପିନ୍ଧିବେ ସ୍ୱର୍ଣ୍ଣର ମୁକୁଟ
ଯେତିକି ରହିଛନ୍ତି ଦଳ
କରନ୍ତି ଖାଲି ଗଣ୍ଡଗୋଳ
ବିକାଶ କରିବା ନାମରେ
ମାତନ୍ତି ନିଜର ପ୍ରଚାରେ
ଓଡ଼ିଶା ହେଉ ବା କେନ୍ଦ୍ରର
ସମ୍ମାନ ଖାଲି ଦରକାର
ନଥାଉ ସାହିତ୍ୟରେ ପ୍ରୀତି
ନରହୁ ପାଠକ ସ୍ୱୀକୃତି
ବଡ଼ଲୋକର ହାତ ଧରି
ପାଆନ୍ତି ସାରସ୍ୱତ ଶିରୀ
ଏପରି ଚାଲିଛି ଆମର
କଳିଙ୍ଗେ ସାହିତ୍ୟ ବେପାର

ମାନପତ୍ରର ପଛେ ପଡ଼ି
ସଭାକୁ ଯାଉଥାନ୍ତି ମାଡ଼ି
ସଭାରେ କରେ ପୌରହିତ୍ୟ
ନଜାଣି ଟିକିଏ ସାହିତ୍ୟ
ଯାହାର ଯେତେ ପରିଚୟ
ତାହାର ସେତିକି ଆଦାୟ
ଡାକ୍ତର ଅବା କଣ୍ଟ୍ରାକ୍ଟର
ସର୍ଜନା ତାଙ୍କ ବାଁ ହାତର
ନିଜର କାମଧନ୍ଦା ଭୁଲି
ସଭାକୁ ଆସୁଥାନ୍ତି ଚାଲି
ସଭାର ଯିଏ ସଭାପତି
ନିଜକୁ ଭାବେ ଗଜପତି
ବକ୍ତବ୍ୟ କଣ ବା ସେ ଦେବେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆରମ୍ଭେ ତୁତୁମେମେ ହେବେ
ନବୁଝି ପୁରାଣର ପାଠ
କରିବେ ଖାଲି ସ୍ତବପାଠ
ଆଉ ଯେତିକି ମେଣ୍ଢାଦଳ
ତାଳି ମାରୁଥିବେ ପ୍ରବଳ
କବିତା ପଢ଼ିବା ପାଇଁକି
ଥିବେ ସେ ଅନାଇ ରହିକି
ନିଜର କାମ ସରିଗଲେ
ଗାମୁଛା ପକେଇ ଚାଲିଲେ
ସାହିତ୍ୟ ଆସର ଯେଉଁଠି
ଏପରି ହେଉଛି ସବୁଠି
ଚାକିରୀ ଅବା ବେକାରିଆ
ସମସ୍ତେ ହୋଇଗଲେ ବାୟା
ଯେ ସେଠି ବଡ଼ବାୟା ଥିଲା
ମୁଖ୍ୟ ଅତିଥି ବୋଲାଇଲା

ତା ସହ ମିଶିଲେ ପାଗଳ
କରିଲେ ସାହିତ୍ୟକୁ ଝୋଳ
ସେ ମେଳେ ଯିଏ ଚୋର ଥିଲା
ସେ କୋଷାଧ୍ୟକ୍ଷ ହେଇଗଲା
ସର୍ବସ୍ୱ ଚଳୁ କରିଦେଲା
କହିଲା ଉଇ ଖାଇଗଲା
ଏ ସବୁ ଭିତିରିଆ କଥା
ଜାଣିଲେ ହେବ ମୁଣ୍ଡବ୍ୟଥା
ସଭିଏଁ ମାନ ମୋ କଥାକୁ
ନଯାଅ ସାହିତ୍ୟ ସଭାକୁ
ସାହିତ୍ୟରୁ ରହି ଦୂରରେ
ବଞ୍ଚିବ ଆନନ୍ଦ ମନରେ
ଅତିବଡ଼ିଙ୍କ ମୁହିଁ ଶିଷ୍ୟ
ଲେଖୁଛି ସାହିତ୍ୟ ଭବିଷ୍ୟ

ଓଡ଼ିଆ ବିଭାଗ
ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର
writersubratkumarsahu@gmail.com

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନୀରବରେ ମନ ଝୁରେ

ଶକୁନ୍ତଳା ଓଝା



ଅବୁଝା ମନକୁ ବୁଝେଇ ଦେଲିଣି
ତୁମେ ଅଛ ବୋଲି ଦୁରେ
ହେଲେ ମୋ ମରମେ ମରମେ ଘାରଇ
ନୀରବରେ ମନ ଝୁରେ ।୦।

ସ୍ମୃତିର ସହର ହସି ଉଠେ ମୋର
ନେଇ ତୁମ ନାଆଁ ଗାଆଁ
ଶିରି ଶିରି ବାଆ ଥିରି ଥିରି ଛୁଆଁ
ମନରେ ଲଗାଏ ନିଆଁ
ଆଖିର ପଲକ ପଡେ ନାହିଁ ଜମା
ବେପଥୁ ତନୁରେ ତନୁରେ....।୧।

ମନକି ବୁଝଇ ଏଇ ଶୀତ ରାତି
କରତି ଦିଅଇ ଛାତି
ତୁମ ଆଲିଙ୍ଗନ ହେଲାଣି ସପନ
ଶୂନ୍ୟତାର ମଧୁ ଗୀତି
ଅଦିନ କୋଇଲି ମନର ସହରେ
ତରୁ ଡାଳେ କୁହୁ କରେ ।୨।

ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ପ୍ରଜାପତିର କଥା

ଭାରତୀ ହୋତା



ତୁମେ ଛିଣ୍ଡେଇ ଦେଇପାର ଫୁଲକୁ

କାହା ଗଳାରେ ଆଭୂଷିତ କରିଦେଇପାର

ଅବା ଦିଅଁଙ୍କ ମସ୍ତକରେ ଅର୍ପଣ କରିପାର

କିମ୍ବା ଦଳି ମକଚି ଫିଙ୍ଗି ଦେଇପାର....

ମୁଁ କିନ୍ତୁ ବେ' ଫିକର ଉଡ଼ି ବୁଲୁଥିବି

ଗୀତ ଗାଉଥିବି ଗୁଣୁ ଗୁଣୁଗୁଣୁ ହୋଇ,

ପ୍ରେମ ନାହିଁ ସମର୍ପଣ ନାହିଁ ବୋଲି ତ

ତୁମକୁ ମନ୍ତ୍ରପାଠ ଲୋଡ଼ା

ନାହିଁ ଯଦି ମନରେ ମହକ

ଫୁଲ ହାର ଧୂପ ଉପଚାର ସବୁତକ

ଅଖୋଜା ଅଲୋଡ଼ା ।

ମୁଁ 'ତ ନ ଥାଏ ତୁମ ମନ୍ତ୍ରରେ, ପୋଥିରେ

ବିଧିବିଧାନରେ, ପରମ୍ପରା ଅବା ସଂସ୍କୃତିରେ

ନ ଥାଏ ନିୟମ କି କଠିନ ଶୃଙ୍ଖଳରେ ।

ଜାଣେ ମୁଁ

ନା ଆଗରୁ ଥିଲା

ନା ମିଳିଯିବ ଆଉଥରେ

ଏ ଅନିତ୍ୟ ଜୀବନ

ସେଥିପାଇଁ ତ ବଞ୍ଚେ ପବନରେ

ମରେ ବି ସେଇ ପବନରେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୁଁ ପାଗଳ କୀଟ ଖଣ୍ଡେ

ଭୋଗିଚାଲେ ଜୀବନକୁ

ସାଇତି ରଖେ ସ୍ମୃତି

ଖର୍ଚ୍ଚ ହୋଇଯାଏ ତମାମ ଆୟୁଷ ।

ମୋ ପାଇଁ

ସବୁଠୁ ବଡ଼ ମନ୍ତ୍ର ନୀରବତା

ଶବ୍ଦର ବା କି ପ୍ରୟୋଜନ !

ଯେଉଁଠି ଆପେ ଆପେ ବୁଝା ପଡ଼ିଯାଏ ବିନା

ମାଧ୍ୟମରେ

ଯେବେ ଥରେ ହୁଏ ପ୍ରେମ

ନିଃଶ୍ୱାସ- ବିଶ୍ୱାସର କାରବାର ।

ଖରିଆର ରୋଡ଼

ନୂଆପଡ଼ା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କୁନି ଝିଅର ମନ କଥା

ଅଜ୍ଞାତ କବି



ବାପା ମୁଁ ତୁମର ଅତି ସ୍ନେହର ଗେଲ୍ଲୀ
ମୋତେ ଭଲ ପାଅ ତୁମେ ଭଲଠୁ ଭଲ

ଆଣି ଦିଅ ମୋତେ ସବୁ ମନ ମୁତାବକ
ଚୋକ୍ଲେଟ ବିସ୍କୁଟ ଆଇସକ୍ରିମ ଅନେକ

ଖୁସି ହୁଏ ଦେଖି ମୋ ଆଖି କେତେ
ପୁଣି ମଉଳି ଯାଏ ସବୁ ସରିଗଲେ

ଯେବେ ମୁଁ ବୁଝିଲି ଏସବୁ ମୋ ଖୁସି ନୁହେଁ
ଏସବୁ ତ ଆଖିକୁ ଧୋକା ଦେଉଥିବା ଛଳନା

ମୋ ଖୁସି ତ ବାପା ତମେ ଏବେ ଯାଏ ଦେଇନ
ମୁଁ ବି ପ୍ରକାଶ କରିନି କଲେ ତୁମକୁ କଷ୍ଟ ହେବ

ମୋର ଭାରି ଇଚ୍ଛା ଆକାଶରେ ଉଡିବାକୁ
ଖେଳ ପଡ଼ିଆରେ ଜୋର୍ ରେ ଦୌଡ଼ିବାକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୋର ତ ଇଛା ଦେଶ ପାଇଁ ପଦକ ଆଣିବାକୁ
ସୈନିକ ଟିଏ ହେଇ ଦେଶ ପାଇଁ ଲଢ଼ିବାକୁ

ନୀଳ ଗଭୀର ସମୁଦ୍ରରେ ପହଁରିବାକୁ
ହିମାଳୟ ପର୍ବତ ଶୀର୍ଷରେ ପହଞ୍ଚିବାକୁ

ସାରା ପୃଥିବୀକୁ ଆଖି ସାମ୍ନାରେ
ଦେଖିବାକୁ
ଏସବୁ ଖୁସି କଣ ଦେଇ ପାରିବ ବାପା
ନା ଏହି ପରମ୍ପରାର ନୀତି ଶିଙ୍କୁଳିରେ ବାନ୍ଧିଦେବ

ବାପା ତମେକଣ ମୋ ଇଛା ଅଭିଳାଷକୁ
ମୋ ମନରେ ହିଁ ମାରିଦେବ ?

UNKNOWN

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଶଠତା

ଡଃ ଅଲେଖ ପ୍ରସାଦ ମହାରଣା



ଶଠ କରେ ଚାଷ ନାହିଁ ଅବଶୋଷ ବାରବାଟୀ ଜମି ଖୋଜି
ଫଳେନି ଫସଲ ହୁଏ କଲବଲ ଗର୍ବ ଗାରିମାରେ ଭିଜି ।
ବଡ ମୀନ ଖେଳେ ଗଭୀର ଜଳରେ ଉପରେ ଖେଳଇ ଛୋଟ
ହୁଏ ଫଡ ଫଡ ବାଜଇ ଫୋପଡ ଭେଳିକିରେ କରେ ନାଟ ।

ନାହିଁ କିନ୍ତୁ ପାଠ ନାହିଁ ଅବା ଶାଠ ଗାଲୁଆମୀ କରି ଚଳେ
ହୁଅଇ ନିର୍ଲଜ ମାଡେନାହିଁ ଲାଜ ବିବେକକୁ ସଦା ଭୁଲେ ।
ଫଳେ ଭରା ଗଛ ଭାବଇ ସେ ତୁଚ୍ଛ ନଇଁଯାଏ ସହି କଷ୍ଟ
ଭଣ୍ଡୁଆ ଶାଠୁଆ ପେଞ୍ଚୁଆ ମିଛୁଆ ନିଜକୁ ବୋଲାନ୍ତି ଶ୍ରେଷ୍ଠ ।

ବାସଭରା ଫୁଲ ମୂଲ ତା ଅମୂଲ୍ୟ ସୌରଭ ତା ପରିଚୟ
ରଙ୍ଗରେ ଶୋଭିତ ରୂପେ ଆକର୍ଷିତ ଗୁଣ ତା ଅତୁଳନୀୟ ।
ପୂଜା ପାଏ ଗୁଣୀ ହୃଦ ନିଏ କିଣି ପ୍ରଶଂସାରେ ହୁଏ ଧନୀ
ଠକ ଶଠ ଭଣ୍ଡ ଅକାଳକୁଷ୍ମାଣ୍ଡ ଅପୂଜ୍ୟ ସେ ହୀନିମାନୀ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାଠ ପାଖେ ଶାଠ ହୋଇଯାଏ ଶଠ ଅପଦସ୍ତ ହୁଏ ସଦା
ପାଠୁଆ ମହାନ୍ ସଦା କୀର୍ତ୍ତିମାନ ସମ୍ମୁଖୀନ ହୁଏ ବାଧା ।
କୋଟିଏ ଖଦ୍ୟୋତ ହେଲେ ବି ଉଦ୍ୟତ ଅନ୍ଧାର ହୁଏନି ଦୂର
ଉଇଁଲେ ସୁରୁଜ ବଢିଯାଏ ତେଜ ବିଶ୍ୱ ଦେଖେ ଚମତ୍କାର ।

ସୁବେଶ ପୋଷାକ  ଆଣି ଥାଏ ଭେକ ବିଦ୍ୱାନ ହୁଏନି କେହି
ଜ୍ଞାନର ପ୍ରଭାବ ବଢ଼ାଏ ସ୍ୱଭାବ ମଧୁର ବଚନ କହି ।

ଯାଜପୁର



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଗୁଣ୍ଡିଚା ନେତ

ସ୍ମୃତିରଞ୍ଜନ ବାରିକ



ଗୁରୁଣ୍ଡି ଗୁରୁଣ୍ଡି ଗୁଣ୍ଡୁଚି..ଦେଖେ ଗୁଣ୍ଡିଚା ନେତ,
ଅଧର ରୁଧିରେ ପୂରଇ..ଅଶ୍ରୁ ହୃଦୟ କ୍ଷେତ।।....୧

ସରୁ ସରୁ କେବେ ସରିବ..ଏଇ ଶରଧା ବାଲି,
ନଗ୍ନ ପାଦେ ଚାଲିଆସଇ..ମୋହମାୟା ଛିଣ୍ଡାଇ।।...୨

ଉରୁଣ୍ଡି ଉରୁଣ୍ଡି ଅରୁଣି..ଖୁଦ ତିଅଣ ରାନ୍ଧି,
ଗାମୁଛା ସିକାରେ ଝୁଲାଇ..ଦିଏ ଶ୍ରଦ୍ଧାକୁ ବାନ୍ଧି।।....୩

ଉଡି ଉଡି ଦେଖ ଉଡଇ..ଉଡେ ଶ୍ରୀମନ୍ଦିର ଶିରେ,
ପତିତପାବନ ନାମରେ..ଦିଗ ସୂଚାଇ ଦିଏ।।..........୪

ପଚାରି ପଚାରି ପଛରେ..ଧାଡି ଅନ୍ତରେ ରହି
ଆଶାର ଦର୍ଶନ ମଉଳେ..ଚିତ୍ତ କୁହୁଳି ସହି।।........୫

ଭକତି ଭକତେ ଭକତ..ଚକା ନୟନ ଚାହିଁ,
ପାଦୁକା ଦୁଇର ଆଶିଶ..ମୁକ୍ତି ପଥରେ କହି।।.........୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭିଡେ ଭିଡି ଭିଡ଼ ଆଗକୁ..ଖାଲି ଦର୍ଶନ ନିଶା,

ଭିଡରେ ଭିଡୁଛି ବିନ୍ଧାଣି..ଜଗା ଖେଳଇ ପଶା।।.......୭

ଦୟା ଦାୟୀ ଦେୟ ବିନୟ..ଦେଖି ଦୀନ ଦୁର୍ଜ୍ଜନ,

ଦୟାନିଧି ସାଜି ଜଗତ.. ପୂର୍ଣ୍ଣେ ସ୍ୱଧନ ହୀନ।।..........୮

ଚାହିଁ ଚାହିଁ ତୋର ଚାହାଣି..ମୁକ୍ତା ଝରେ ଗଗନେ,

କରୁଣା କରରେ ରହଣି..ସେବା ପାଇ ପବନେ।।........୯

ମରି ମରି ଚାଲେ ମରଣ..କଳା ଠାକୁର ଆଶେ,

ମୃତ୍ୟୁବି ରଖଇ ବରତ..ତୋର ଆଶିଷ ପାଶେ।।.........୧୦

ଗ୍ରାମ:- ଅନୁପଲା

ଜିଲ୍ଲା:- ଜଗତସିଂହପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମୟ ଡୋରି

ଲୋପାମୁଦ୍ରା ସାହୁ



ସମୟ ଡୋରୀରେ ବନ୍ଧା ଏ ଜୀବନ,
ସଂସାର ଚକରେ ଗଢେ ଜୀବର ଭାର,
ନିୟତିର ନୀତି ଜାବୁଡ଼ି ସଭିଏଁ,
ସନ୍ଧାନରେ ଏଠି ମୁକ୍ତିପଥର।......୧
ଗୁହାରି ଜଣାନ୍ତି ଏକା ସୁରରେ,
ସମସ୍ତ ବିଶ୍ୱ ହୋଇ ଏକତ୍ର,
ଶୁଣ ହେ, ମଣିମା ! ଏ ମୂର୍ଖର ସ୍ୱର,
ହେ ମହାବାହୁ ! ଆଜି ଶରଣେ ତୋହର।.....୨
ସଂସାର ଜଞ୍ଜାଳେ ବିଷମ ଜଗତେ
ମାୟା ପିଞ୍ଜରାରେ ବନ୍ଦୀ,
ଜୀବନ ସାଗର ପାରିକରି ନିଅ,
ହେ ଜଗତ ଆଳୟ ସାଇଁ।.....୩
ଖୋଲି ଦିଅ ମୋ ମୁକତି ବାଟ,
ଦୁଃଖ କରି ଦିଅ ଦୂର। ।
ଶୁଣ ହେ, ମଣିମା ! ଏ ଦୁଃଖୀର ସ୍ୱର,
ହେ ଭାବଗ୍ରାହୀ ! ଆଜି ଶରଣେ ତୋହର।........୪

ଗ୍ରାମ:- କିଲିପାଳ
ବ୍ଲକ:- ତିର୍ତ୍ତୋଲ
ଜିଲ୍ଲା:- ଜଗତସିଂହପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଇଛା ହୁଏ

ନୀଳମଣି ସାହୁ



ବେଳେ ବେଳେ ଇଛା ହୁଏ ଜୀବନଟା
ଆଉଥରେ ଆରମ୍ଭିବାକୁ
ପୁଣି ତୁମ ସାଥିରେ, ଦୁଇ ଯୋଡ଼ା ପାଦର
ମଞ୍ଜୁଳ ସମ୍ଭାରରେ ।

ନଗରୀର ଇଲାକାରେ, ବର୍ଷାଝଡିର
କାଗଜ ଡଙ୍ଗାରେ...
କୃଷ୍ଣଚୂଡ଼ା ବଗିଚାରେ,
ନଦୀମାଳର କାଶତଣ୍ଡୀରେ
କେଉଁଠି ବି ହେଉ...

ବେଳେ ବେଳେ ଇଛା ହୁଏ, ଆଉଥରେ ଭିଜିବାକୁ
ଲୁହରେ ବା ବର୍ଷାରେ
କିମ୍ବା ପ୍ରେମର ପବିତ୍ର କଳଙ୍କ ରେ
ଅବା ଶୀତରାତିର ନିଶବ୍ଦ କାକରରେ....

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଉଥରେ ହସିବାକୁ, କାନ୍ଦିବାକୁ

ଝୁମିବାକୁ ମିଠା କୋହର ସ୍ପର୍ଶ ପାଇ....

ଅଧିକାରର ଲଢେଇ କରି

ଆଉଥରେ ହାରିଯିବାକୁ ।

ଅଧ୍ୟାପକ,

ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ

ଉଦୟନାଥ ମହାବିଦ୍ୟାଳୟ , ଅଡଶପୁର


ଫୋନ୍ : ୭୦୦୮୦୭୦୧୬୬

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ପେନ୍ଥାଏ ମେଘଫୁଲ

ଦେବାଶିଷ ଚକ୍ରବର୍ତ୍ତୀ



ମେଘ

******

ଆକାଶ ଛାତିରୁ ଶୁଭୁଛି ମେଘର
ଗୁରୁ ଗୁରୁ ଗରଜନ
ତୀବ୍ର ତାଠାରୁ ଶୁଭିଲେ ଜଠରୁ
ଭୋକର ମାଦଳ ସ୍ୱନ ।

ବିଜୁଳି

*****

ଭୟ ଲାଗେ ସିନା ରାତ୍ରିର ବଧୂ
ନାଇଲେ ବିଜୁଳି ଫୁଲ
ବଢିଲା ଝିଅର ଚିନ୍ତା ଲାଗଇ
ତାଠାରୁ ବି ଭୟଙ୍କର ।

ଇନ୍ଦ୍ରଧନୁ

********

ଘଡ଼ିକ ଭିତରେ ମଉଳି ଯାଅଇ
ଇନ୍ଦ୍ରଧନୁର ଆଭା
ହଜଇ ଯେପରି ନିଆଶୀ ଆଖିରୁ
ଖୁସିର ବର୍ଣ୍ଣବିଭା ।

ସାରୁ ପତ୍ର

*********

ସାରୁପତ୍ରରେ ବୁନ୍ଦାଏ ପାଣି
ହେଉ ଅଛି ଢଳଢଳ
ମିଠା ଦୁଃଖରେ ବତୁରି ଆଖି କି
ହୋଇଅଛି ଛଳଛଳ ।

ଭାଷା

*****

ଧରା କାଗଜରେ ଶ୍ୟାମଳ ସ୍ୟାହିରେ
ମେଘ ଲେଖେ ଯେଉଁ ଭାଷା
ବୁଝି ହୁଏ ନାହିଁ ଦେଣା ପାଉଣାର
ଚାଲିଲେ ଅଙ୍କ କଷା ।


ମଣ୍ଡୁଆ, କେନ୍ଦୁଝର ଗଡ଼,
ମୋ ୯୪୩୭୭ ୫୨୩୯୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ରେ ସମୟ ମୋ ପ୍ରିୟାକୁ ବୁଝେଇ ଦେବୁ

ଅରୁନ୍ଧତୀ ଲେଙ୍କା



ରେ ସମୟ ...ରେ ସମୟ
ପ୍ରିୟାକୁ ମୋର ଦେବୁ ବୁଝାଇ
ରେ ସମୟ ...ରେ ସମୟ ...

ଛାଡ଼ି ମୁଁ ଆସିଛି ଏକୁଟିଆ ତାକୁ
କେମିତି ସେ ରହୁଥିବ
ଚିଠି ଟିଏ ଦେଲେ ମୋ ପ୍ରିୟତମାକୁ
ଚାରି ଦିନ ଲାଗି ଯିବ ।।

କଣ କରୁଛି କେମିତି ରହୁଛି
ଜାଣିପାରୁ ନାହିଁ କିଛି
କହି ଦେବୁ ତୁହି ଭଲରେ ଅଛି ମୁଁ
ତୋ କଥା ପାରିବ ବୁଝି।

କେବେ କେଉଁ ଦିନ କରିବନି ଭୟ
ରେ ସମୟ ...ରେ ସମୟ
ପ୍ରିୟାକୁ ମୋର ଦେବୁ ବୁଝାଇ
ରେ ସମୟ ...ରେ ସମୟ ...

ପ୍ରତି ସମୟରେ ତନୁ ମନ ତାର
ଖୋଜୁଥିବ ମୋ ବାଟକୁ
କେବେ କେଉଁ ଦିନ ମିଶିବି ତା ସାଥେ
ନିଜେ ମୁଁ ପଚାରେ ନିଜକୁ ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହସ ସବୁ ତାର ଛଡେଇ ଆଣିଛି
ସତରେ ଯେମିତି ମୁହିଁ
କହି ଆସିଥିଲି ପ୍ରିୟା କୁ ମୋହର
ରହିଥିବୁ ମତେ ଚାହିଁ।।

ନିତି ଦିନ ତାର କୋହ ସବୁ ଚାପି
ନିଗାଡୁ ଥିବ ସେ ଲୁହ
ରେ ସମୟ ...ରେ ସମୟ
ପ୍ରିୟାକୁ ମୋର ଦେବୁ ବୁଝାଇ
ରେ ସମୟ ...ରେ ସମୟ ...

ମୋ ମନ କାଇଁ ବୁଝୁନି ସମୟ
ମଥା ଛୁଇଁ ଦେ କଥା
ପ୍ରତି ମୁହୂର୍ତ୍ତରେ ଥିବୁ ତାର ପାଖେ
ନଦେବୁ ତାହାକୁ ବାଧା ।।

ମୋର ଭଲ ମନ୍ଦ ଜଣେଇ ତୁ ଦେବୁ
ଭାରି ଅଭିମାନୀ ଟିଏ
ଟାଣ କରି କେବେ କହି ଦେଲେ ତାକୁ
ଆଖିରୁ ଲୁହ ଝରାଏ ।।

ଆଣିବୁ ତା ମନେ ଅନେକ ସାହସ
ପୋଛିଦେବୁ ତାର ଲୁହ
ରେ ସମୟ ...ରେ ସମୟ
ପ୍ରିୟାକୁ ମୋର ଦେବୁ ବୁଝାଇ
ରେ ସମୟ ...ରେ ସମୟ ...


ଢେଙ୍କାନାଳ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# କପଟ

ପ୍ରଜ୍ଞାଲୀନ ସାହୁ



କଷି କନିଆଁର ରୂପ ବେଶ ତା'ର
ଭିତରେ ନାଗୁଣୀ ବିଷ
ଯିଏ ଆସିଅଛି ତାହାରି ପରଶେ
ହୋଇଅଛି ତା'ର ବଶ ।।

ପଟପଟ ହୋଇ ଗପୁଥିବ ସତେ
ହୃଦୟ ମଧୁର ପାଣି
ସେହି ପାଣି ଯଦି ପିଇଦେଲା କିଏ
ହଜାଇବ ସତ୍ତା ମଣି ।।

ଟିକ ଟିକ କରି ସମୟ ଗଣେ ସେ
ମାରିବାକୁ ତା'ର ଚୋଟ
ସୁନେଲି ବେଶରେ ସଜେଇ ହୋଇକି
ଦେଖାଏ ନିଜର ନାଟ ।।

ଆଲୋକରେ ଆସି ଅନ୍ଧାର କରଇ
ହରିବାକୁ ଖୁସି ମୁଖ
ପ୍ରେମର ସ୍ଥଳକୁ ବିଷାଦ କରଇ
କ୍ଷଣିକରେ ସେହି ଦୁଃଖ ।।

ଜୀବନ ପଥରେ ଏକା କରିଦିଏ
ମରୁଭୂମି ସ୍ଥଳ ଦେଖି
ନିଜେ ପାଣି ପିଇ ଚାଲିଯାଏ ସେଠୁ
ଅଚିହ୍ନାର ରଙ୍ଗ ମାଖି ।।

କପଟ ନାମରେ ଅସ୍ତିତ୍ୱ ତାହାର
ସତ୍ତା ଯାହା ମୂଲ୍ୟହୀନ
ଅନ୍ୟ ଖୁସି ଭାଙ୍ଗି ରହିନି କେ ସୁଖୀ
ବିଭୁ ସର୍ବେ ବିଦ୍ୟମାନ ।।

ଜଗତସିଂହପୁର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# କାହାର ବୃତ୍ତି କଣ ?

ମାଳତୀ ମଣି ଧଳ



ମଲମ ପରି ମାଟି
ଆଦରେ ନେଇ ଚକରେ ଗଢେ
ହାଣ୍ଡି ମାଠିଆ ଠେକି ।
କୁହରେ ପିଲା କିଏ କହିବ
ତାହାର କଣ ବୃତ୍ତି ॥

ହାତରେ କଇଁଚି ସାଥେ ପାନିଆଁ
ଚୁଳ କାଟନ୍ତି ସେ ନିତି ଦିନିଆ
ବୃତ୍ତି ଟି ତାଙ୍କର କଣ ଅଟେ,
ଯିଏ ସେ କହିବ ହାତକୁ ଟେକେ ॥

ପାଦରେ ମେସିନ ଘୁରାଉ ଥାଏ
ହାତରେ କନାକୁ ସେ ଧରି ଥାଏ ।
ଛୁଞ୍ଚି ରେ ସୂତା କୁ ଦେଇ ତାହାର
ସିଲେଇ କରେ ସେ ଥରକୁ ଥର ।
କଣ ପିଲେ କୁହ ବୃତ୍ତି ତାହାର
ହାତ ଟେକି କୁହ ତାର ଉତ୍ତର ॥

ବେତ, କାଇଁଚ ଓ କୁଞ୍ଚି, ବାଉଁଶ
ନେଇ ସେ ବୁଣନ୍ତି କେତେ ଜିନିଷ ।
ପଛିଆ, ଖାଳି , ଓ ଡାଲି, ଟୋକେଇ
ବୁଣି, ବିକନ୍ତି ସେ ହାଟରେ ନେଇ ।
କୁହ ତାଙ୍କ ବୃତ୍ତି ମନ ଲଗାଇ ।
ଯିଏ ସେ କହିବ ଆସ ଆଗେଇ ॥

କାଠ କାଟୁ ଥାଏ କରତେ ବସି
କେବେ ହାତେ ଧରେ ସିଏ ବାରିସୀ
ତିଆରି କରେ ସେ କାଠ ଜିନିଷ ।
ପେଟ ପୋଷେ ବିକି ସେହି ମଣିଷ ॥
ଏବେ ବୃତ୍ତି କୁହ ତାହାର କଣ,
ଉତ୍ତର ଖାତାରେ ଲେଖିକି ଆଣ ॥

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହାତେ ଜାଲ ତାର ଅଣ୍ଟାରେ ଖାଳି
ମାଛ ଧରୁଥାଏ ଭଳିକି ଭଳି ।
ନିଇତି ଅଟଇ ତାର ବେଉଷା
ସେଇଥିରେ ହୁଏ ତା ପେଟ ପୋଷା ।
କହିକି ପାରିବ ତାହାର ବୃତ୍ତି
ଉତ୍ତର ଦିଅ ହେ କରି ନିଷ୍ପତି ।

ବରଡିହି, କୁଶଳଦା, ମୟୁରଭଞ୍ଜ



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପ୍ରିୟତମ

ଶକୁନ୍ତଳା ମହନ୍ତ



ପ୍ରିୟତମ !
ଆଜିବି ସେ
ନୀଳତୃଷ୍ଣା ମୋତେ
ଉନ୍ମାଦିନୀ କରେ...
କେଉଁ ଆବାହମାନ କାଳରୁ
ମୋ ଭିତର
ତୃଷାର୍ତ୍ତ କାମନା
ଦେହର ଦେହଳି ଡେଇଁ
ଧାଇଁଯାଏ ଦିଗନ୍ତକୁ
ତୁମ ନୀଳାଭ ଶୂନ୍ୟତାରେ
ତଲ୍ଲୀନ ହେବାକୁ.... !
ମୁଁ କ'ଣ ଚାହେଁ,
ତୁମ ସାନ୍ଦ୍ର ସାନିଧ୍ୟ
ଆଉ ଗଭୀର ଆଶ୍ଲେଷରେ
ସବୁଦିନ
ପଣବନ୍ଦୀ ରହିବାକୁ.. ?
ହୁଏତ ନା...
ମୁଁ ଜୀବୋନ୍ମୃତ,
ଜୀବୋନ୍ମୁକ୍ତ ବି....
ତେଣୁ  ଯଦି
ଥରଟିଏ ତୁମେ କେବେ
ଛୁଇଁ ଦିଅନ୍ତ ମୋତେ,
ହୁଏତ ଯୁଗ ଯୁଗର
ଜ୍ୱାଳା ଯନ୍ତ୍ରଣାରୁ ମୁଁ
ନିସ୍ତରି ଯା'ନ୍ତି...ଆଉ
ମୁକ୍ତି ପାଇଯା'ନ୍ତି
ସବୁଦିନ ପାଇଁ...
ଯେତେ ଦୁର୍ବାର
ଦହନ ସବୁରୁ.....।

ରରୁଆଁ, ମୟୂରଭଞ୍ଜ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଅଭିଶପ୍ତ ବଣି

ଜୟଦେବ ମାଝୀ



ମନ ମନ୍ଦାକିନୀ ସୁନେଲି ଜହ୍ନ,
ପ୍ରେମ ବଗିଚାର କଇଁ ।
ସୁପ୍ତ ଦରିଆ ର ନିର୍ଲଜ୍ଜ ବଣି,
ଅଭିଶପ୍ତ ପ୍ରେମିକା ମୁହିଁ ॥୧॥

ଭିନ୍ନ ମୋହର ଅଭିନ୍ନ ଅସତୀ,
ଯଉବନେ ଧଳା ଶାଢ଼ି ।
ଅଭୁଲା ଅତୀତର କୃଷ୍ଣ ଚୂଡା,
ନାରୀ ନୁହେଁ ମୁଁ କଢି ॥୨॥

ଦୁହିତା ମୁହଁରେ ଦୁଃଖ ବତାସ,
ଲୁହ ଗଡେ ନିଆଁ ହୋଇ ।
ନାରୀ ରୂପେ ମୁଁ ଅଭିଶପ୍ତ ବଣି,
କୋହ ଭୁଲେ ଗୀତ ଗାଇ ॥୩॥

ନିରାଶା ମୋର ଧୈର୍ଯ୍ୟର ବିନ୍ଦୁ,
ସଭିଁଙ୍କ ଆଖିରେ ମୃତ ।
ଖେଳନା ବଜାରେ ସିନ୍ଦୂର ମହଙ୍ଗା,
ତଥାପି ମୁଁ ଅଭିଶପ୍ତ.... ! ! ॥୪॥

ବହେ ଗତିହୀନ ଅଶ୍ରୁ ବେଦନା,
ମଳିନ ଆଶାର ଦୃମ ।
ଅନ୍ଧ ରାଇଜେ ଜ୍ୱାଳା ସୁହାଗିନୀ,
ସୁପ୍ତ କଣ୍ଟାର କୁସୁମ ॥୫॥

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶାନ୍ତ କବରୀର ବିଦ୍ରୋହୀ ବିପ୍ଳବୀ,
ମୁଁ ସେ ଅଭିଶପ୍ତ ବଣି.....
ହୃଦୟର ଆଶା ଚାରୁବାଳି ସମ,
ବିଦ୍ରୋହର ବୀଜ ବୁଣି ॥୬॥

କ୍ଷୁର୍ଣ୍ଣ ହେବ ଭେଦ ସମାଜରୁ ଦିନେ,
ପ୍ରେମର ସମ୍ବାଦ ନେଇ ।
ଅଭିଶପ୍ତ ଲୁହର ପଞ୍ଜୁରୀ ଭାଙ୍ଗିବ,
ଦିଗନ୍ତ ବିସ୍ତାର ହୋଇ ॥୭॥

ଦୁର୍ଭାଗ୍ୟ ଆତ୍ମାର ପୁଲକ କହିବ,
ବିଜୟ ତିଳକ କାହିଁ ??
ପରାଧୀନ ବଣି ର ଡ଼ୋରୀ ଛିଣ୍ଡିବ,
ଅଭିଶପ୍ତ ଯନ୍ତ୍ରଣା ସହି ॥ ୮॥

କଲେଜ ଛକ୍, କଟକ
ପିନ୍- ୭୫୩୦୦୩
ଦୂରଭାଷା - ୮୯୧୪୩୧୭୬୬୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମଣିଷର ଆଶା

ଶୁଭଲକ୍ଷ୍ମୀ ସାହୁ



ପ୍ରତ୍ୟେକ ମଣିଷ ମନରେ ବସା ବାନ୍ଧିଥାଏ ଆଶା
କେବେ ସେ ଆଶାରୁ ରୁ ମିଳେ ସୁଖ କେବେ ପୁଣି ନିରାଶା
ସବୁ ମୁହୂର୍ତ୍ତରେ ମଣିଷ ମନରେ ବୁଣି ହେଇଯାଏ ଆଶାର ଜାଲ
ଅସୁମାରି ଆଶାର ଅନ୍ତ ବା କାହିଁ
ପ୍ରତି କଥାରେ ମନରେ ବାନ୍ଧି ହେଇଯାଏ ନୂଆ ଆଶାର ମହଲ ।

ସୀମାହୀନ ଆଶାର ସାହାରା ମଣିଷକୁ ଦିଏ
ଆଗକୁ ଯିବାର ନୂଆ ଦିଶା
କେବେ ପୁଣି ସେଇ ଆଶା ଭାଙ୍ଗିଦିଏ କେତେ ଯେ ମିଠା ସପନ
ସମୟର ସ୍ରୋତ ସହ ଏମିତି ମନରେ ଭାସିଯାଏ ଅନେକ ଆଶା ଅଭିଳାଷା ।

କୁହାଯାଏ କିଛି ଆଶା ରଖନା
ଆଶା ଥିଲେ ସିନା ମିଳିବ ଦୁଃଖ
ସତରେ ବିନା ଆଶାରେ ବଞ୍ଚିବା କଣ ସମ୍ଭବ ?

ସ୍ଥାନ:- କଟକ
ମୋବାଇଲ ନମ୍ବର:- ୯୩୩୭୫୨୧୬୮୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତ୍ରିରଙ୍ଗା ଧ୍ୱଜ

ମୁନା ବେହେରା



ନୀଳ ଗଗନର ବକ୍ଷ ଭେଦକରି
ଫୁଟିଅଛି ଏକ ଛବି,
ତିନି ରଙ୍ଗ ଝଣ୍ଡା ନାମ ତା ତ୍ରିରଙ୍ଗା
ଆକାଶେ ଉଇଁଛି ରବି ।

ସବୁ ଅନୁଷ୍ଠାନ ଜନେ ହୋଇ ରୁଣ୍ଡ
ଉଡାନ୍ତି ତ୍ରିରଙ୍ଗା ଧ୍ୱଜ,
ସବୁ ନରନାରୀ ଆଜି ଏହି ଦିନେ
ସ୍ୱାଧୀନତା ଗାଥା ହେଜ ।

ଏ ଦେଶ ମାଟିରେ ହୋଇଥିଲେ ଜନ୍ମ
କେତେ ବୀର ବୀରଙ୍ଗନା,
ତାଙ୍କ ତ୍ୟାଗ ପାଇଁ ଆମେ ଯେ ସ୍ୱାଧୀନ
ଉଡୁଛି ତ୍ରିରଙ୍ଗା ବାନା ।

ଉଣେଇଶ ସତ ଚାଳିଶ ସାଲର
ଅଗଷ୍ଟ ପନ୍ଦର ଦିନ,
ତ୍ରିରଙ୍ଗା ଉଡିଲା ସଭିଏଁ ନାଚିଲେ
ଆମେ ହୋଇଲୁ ସ୍ୱାଧୀନ ।

ବିଦେଶୀ କବଳୁ ସ୍ୱାଧୀନ ଯେ ଆମେ
ଏହିକଥା ଅଟେ ସତ,
ଅହିଁସା ଅସ୍ତ୍ରରେ କରିଥିଲେ ଯୁଦ୍ଧ
ସର୍ବେ ଥିଲେ ଏକ ମତ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ସ୍ୱାଧୀନ ହୋଇ ପରାଧୀନ ଆମେ
ଏଥିପ୍ରତି ଦୃଷ୍ଟି ଦିଅ,
ହିଂସା ଆଚରଣକୁ ପଥ ଅଟଇ
ସର୍ବେ ସଚେତନ ହୁଅ ।

ହିନ୍ଦୁ ମୁସଲମାନ ଏହିପରି ଭାଗ
ଭାରତକୁ କରନାହିଁ ,
ସବୁରି ଶରୀରେ ଏକଇ ରକତ
ବହେ ଝର ଝର ହୋଇ ।

ଆଜି ଏ ଦିବସେ ନେବାରେ ଶପଥ
ଏ ଦେଶର ନରନାରୀ,
ରାମ ରାଜ୍ୟ ସର୍ବେ ଗଢି ତୋଳିବାରେ
ଅହିଂସା ଧର୍ମ ଆଚ଼ରି ।

ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ
ମହାବିଦ୍ୟାଳୟ, ପୁରୀ (ବିଜ୍ଞାନ ବିଭାଗ)
ଷଣ୍ଢପୁର, ଗୋରୁଆଳ,ପୁରୀ
ମୋ:୮୨୮୦୨୩୩୧୬୦

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ବୁଦ୍ଧ ନେତ୍ର

ବି. ମହେନ୍ଦ୍ର



ପରିପକ୍ୱ ନୀର ଜଳ ଅଶ୍ରୁ ଧାରେ
ଅତ୍ୟାଚାରେ ବୁଦ୍ଧ ମୁଦାନେତ୍ର ଝାରେ।......୧

ନେତ୍ର ଅଶ୍ରୁଧାର ଉଶୃଙ୍ଖଳ ଦୀନ
କରୁଣା ଉଧାରେ ବୁଦ୍ଧ ଚିତ୍ତ ଲୀନ।.......୨

ଦୁଃଖଯେ କାରଣ ଦୁନିଆ ପୀଡ଼ିତ
ଦେଖି ହୃଦ ଚିତ୍ତ ଚଞ୍ଚଳ ତ୍ୱରିତ।........୩

ଦୂରୁ କର ଖେଦ ଆତ୍ମିୟ ସ୍ୱଜନ
ଅରି ସେ ବଇରୀ ଆଶା ମନେ ଧ୍ୟାନ।.........୪

ରୋଗୀ ଶଯ୍ୟାଶାୟୀ ଦେଖି ବୁଦ୍ଧ ଚିନ୍ତି
ସତ୍ୟ ବି ଅନ୍ତିମ କାହୁଁ ସୁଖେ ଚାହିଁ।.........୫

ଛ' ଖଣ୍ଡ ବାଉଁଶ ଶ୍ରେଷ୍ଠ ଅନ୍ତ ସତ୍ୟ
ବୁଦ୍ଧ ଆନ୍ଦୋଳିତ ଗୃହ ତ୍ୟାଗୀ କୃତ୍ୟ।..........୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କାମନାର ଅନ୍ତ ଦୁଃଖର ବିନାଶ
ବୁଦ୍ଧ ଚାଲିଯାଏ ସନ୍ଧାନେ ବିକାଶ।...........୭

ସନ୍ତାନ ଭୂପତି ରାଜଜେମା ଧନ
ଦେଖି ଚାଲିଯାଏ ଦରିଦ୍ରର ମନ।..............୮

ପ୍ରଚଣ୍ଡ ପ୍ରତାପେ ସମାଜେ ସଂସ୍କାର
ବସିଯାଏ ତଳେ ଅଶ୍ୱତ୍ଥ ବୃକ୍ଷର।..............୯

ଝରୁଛି ଝରିବ ସାଗର ଅଶ୍ରୁର
ବୁଦ୍ଧ ମୁଦାନେତ୍ର କରୁଣ ଉଦ୍ଧାର।...........୧୦

ଜିଲ୍ଲା:- ଜଗତସିଂହପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଗୁରୁ ପୂର୍ଣ୍ଣିମା

ଗୋଲାପ କୁମାରୀ ସାହୁ



ଶିଷ୍ୟ ମୁଁ ହୋଇବି, ଗୁରୁଙ୍କୁ ପୂଜିବି.
କରିବିନି ଅବହେଳା.
ଏକ ଲବ୍ୟ ପରି ଗୁରୁଙ୍କୁ ସୁମିରି.
ଲକ୍ଷରେ ନକରି ହେଳା.
ଚରଣେ ଶରଣ ବାଳା.

ସବୁ ନେଇ ଯାଇ, କାଙ୍ଗାଳ ସଜାଇ.
ଦିଅ ମୋତେ ଦିବ୍ୟ ଜ୍ଞାନ.
ମୁହିଁ ଅକିଂଚନ, ନାହିଁ ମୋର ଜ୍ଞାନ ସଂସାରେ ମୁହିଁ ଅଜ୍ଞାନ.
ରଖିବ ମୋର ବଚନ.
ବଂଚିଥିବ ଯାଏଁ ଚରଣ ସୁମରି.
କରୁଥିବି ମୁଁ ଭଜନ.

ଗର୍ବ ଅହଂକାର,, ଛାଡିଯାଉ ମୋର.
ଏହି ଆଜ୍ଞା ମୋତେ ହେଉ.
ଭୁଝି ବୁଝାଇବି ଜ୍ଞାନ ପାଇଯିବି.
ମର୍ତ୍ୟରେ ନ ଜନ୍ମେ ଆଉ.
ଆହେ ଗୁରୁ ମହାବାହୁ.
ଜ୍ଞାନ ଚକ୍ଷୁ ଦିଅ ଚରଣ ଦାସୀକୁ.
ଅଦୃଶ୍ୟଟି ଦୃଶ୍ୟ ହେଉ ।

ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଜୀବନର ଚଲାପଥ

ପ୍ରିୟଙ୍କା ପୃଷ୍ଟି

ଜୀବନର ସେହି ଚଲାପଥରେ
ନିଜକୁ କାହିଁ ଏକା ପାଏରେ !
ଜୀବନରେ ମୋର ଘଟୁଥିବା ପ୍ରତ୍ୟେକ ଘଟଣା ,
ହୃଦୟକୁ ଯେପରି ବିଦାରିତ କରି ଦିଏରେ.....
ମୁଁହରେ ସେହି ଅଭିନୟକାରୀର ହସକୁ ନେଇ
ଅନ୍ତର ମଧ୍ୟରେ ଭରା ସମୁଦ୍ରର କୋହକୁ ଲୁଚାଇ...
ଜୀବନର ସେହି ଚଲାପଥରେ
ନିଜକୁ କାହିଁ ଏକା ପାଏରେ !
ଯେତେବେଳେ ଭାବନା ମୋର
ଏକ ଅଦେଖା ଦୁନିଆକୁ ଟାଣି ନିଏ
ସମାଜର ଏହି ପଞ୍ଜୁରୀ ମୋ ପାଦକୁ
ସେହି ଅଦେଖା ଦୁନିଆକୁ ଯିବାରୁ ରୋକି ଦେଇଥାଏ ।
ଆଜି ଏଇ ନିର୍ଜନ ରାତ୍ରିର ଅନ୍ଧକାର ମଧ୍ୟରେ
ନିଜକୁ ଯେପରି ହଜାଇ
ମନ ମଧ୍ୟରେ ସପ୍ନକୁ ସଜାଇ
ବୁଣେ ମୁଁ ଅନେକ ସ୍ୱପ୍ନ ।
ଜୀବନର ସେହି ଚଲାପଥରେ
ନିଜକୁ କାହିଁ ଏକା ପାଏରେ !

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅପେକ୍ଷା... ରେ

ବୈଶାଖୀ ଦୀପ

ଅପେକ୍ଷା ରେ ତୁମର
ଚାହିଁ ରହିଛି ମୁ..... ।

ରାତ୍ରିରେ ମହମ ଜାଳି
ଦେଖେ ମୁଁ ଯେ କେତେ ସପନ
ସେ ସବୁ ଅଧା ଗଢା ଆଉ ଅଧା ଭଙ୍ଗା
ତଥାପି ସାଇତି ରଖିଛି....
ମୁଁ.....ତୁମ ପାଇଁ ।

ସ୍ମୃତି ସବୁକୁ ତାଜା ରଖିଛି
ବେଦନାର ରକ୍ତରେ ।
ବିଚ୍ଛେଦର ଗାଥାକୁ
ରଙ୍ଗୀନ କରେ ପ୍ରତି ଦିନ ତୂଳୀରେ ।

ପ୍ରତି ପଲକରେ ମନେ ପଡେ ତୁମ କଥା
ପ୍ରତି ମୁହୂର୍ତ୍ତ ରେ ଦେଇ ଯାଏ ଯନ୍ତ୍ରଣା ,
ତଥାପି ଝରେନି ଲୁହ ।

ଝରା ଲୁହରେ ଯଦି ତୁମ ସ୍ମୃତି ବହିଯିବ
ତ କଣ ଆଉ ମୋ ପାଖେ ରହିଯିବ ।

ମିଳନ ତ କ୍ଷଣିକ, ପୀଡ଼ାଦାୟକ
ବିଚ୍ଛେଦ ତ ଚିରକାଳର
ଭାରି ମଜ୍ଜାଦାୟକ ।

ଅପେକ୍ଷାରେ ରହିଥିବି ମୁଁ ସବୁଦିନ
ଇତି
ତୁମ ପ୍ରିୟା.......।

କୋରାପୁଟ
@baisakhideep

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଆଗୋ ସଖି

ତେଜସ୍ୱିନୀ ପଣ୍ଡା



ଆଗୋ ରୂପବତୀ କମନୀୟ ପ୍ରିତି
ତୁମ ଶବ୍ଦ ଶାଣିତ ସ୍ୱରର ନାହିଁ ଇତି,
ଆଗୋ ସଖି..
ଥରେ ଖାଲି ଦେଖିଯାଅ
ମୋ ଓଠର ଭିଜାଭିଜା ମଧୁର ପୀରତି ।

ନିକୁଞ୍ଜ ବନର ରାସ ,
ପ୍ରଣୟ ତିଥିର ବାସ
ଆଗୋ ସୁନ୍ଦରୀ...
ତୁମ ପଣତରୁ ଶୁଭେ ମୋର
ରୀତିମତ କରୁଣ ନିବେଦନ ,
କହିଦିଅ ସଖି ମୋ
ଆଖିରେ ଆଖି ରଖି
ଏହା କେଉଁ ବନ୍ଧନର ଫାଶ ?

ଆଗୋ ସଖି ...
ତୁମ ଦର୍ଶନରେ ଅପେକ୍ଷାରତ ରାତି,
ସେ ରାତି ବିତେ ପାନ୍ଥଶାଳାରେ
ମୋ ବୁକୁଚିରି ଦେଖିନିଅ ଥରେ
ତୁମେ ମୋ ଜୀବନେ ପୂର୍ଣ୍ଣତାର ସ୍ଥିତି ।

ଆଗୋ ସଖି...
ସାଇତିଛି ତୁମ ତନୁ ଅଳଙ୍କାର,
ଶେଷ ସନ୍ତକ ହିଁ ତୁମ ହାତର କଙ୍କଣ,
ଥରେ ସଖି ଆସିଯାଅ
ମୋ କୋଠରୀର ଲଣ୍ଠନ ଆଲୁଅରେ,
ତୁମ ରୁଣୁଝୁଣୁ ପାଉଁଜି ଶବ୍ଦରେ,
ମୁଁ ଉଠିଯିବି, ଗାଇବି ତୁମରି ସଙ୍ଗୀତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କଥାଦିଅ ସଖି, ତୁମେ ଆସିବ ।

ତୁମେ କି ଆସ ! ଦେଖାଦିଅ ଅଚାନକ

ଦିବସ ସପନେ ।

ସତ କହୁଛି ସଖି, ସାଇତିଛି

ତୁମ ଶବ୍ଦ ଶୃଙ୍ଗାର,

ଏ କଥା ଥିଲା ଅନେକ ଯୁଗର

ସଖି ତ ଆସିଲା ନାହିଁ,

ଭଅଁରଟି ଉଡ଼ି ଆସି ଚୁପି ଚୁପି କହିଲା

ସେ ନାରୀ ତତେ ଆଜି ବି ଭଲପାଏ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସାହିତ୍ୟ ଦର୍ପଣ

ଗୁପ୍ତେଶ୍ୱର ଚାନ୍ଦ



ପାଷାଣ ଆଘାତେ କାଚ ଦରପଣ
ହେଲେ ଖଣ୍ଡ ବିଖଣ୍ଡିତ ।
ପ୍ରତିଛବି ପୂର୍ଣ୍ଣ ରୂପେ କି ତହିଁରେ
ହୁଅଇ ପ୍ରତିଫଳିତ ।୧।
ସ୍ୱଚ୍ଛ ଥିଲେ ସିନା ସରସୀ ସଲିଳ
ଛାୟା ସ୍ୱଷ୍ଟ ପ୍ରତିଭାତ ।
ସ୍ମରଣ ଶକତି ସତେଜତା ଘେନି
ମନ-ମୁକୁର ଉଦ୍ଦୀପ୍ତ ।୨।
ସାହିତ୍ୟ-ଦର୍ପଣ ନୁହେଁ କାଚ ଭଳି
ଭାଙ୍ଗି ହୋଇଯିବ ଚୂନା ।
ଏତେ ସେ ଟାଣୁଆ ଯୁଗ ଯୁଗ ପାଇଁ
କେ ତା'ରେ ଭାଙ୍ଗି ପାରେନା ।୩।
ସମାଜର ଚିତ୍ର ସଦା ଜକ ଜକ
ରହିଥାଏ ଅମଳିନ ।
ଅତୀତର କଥା ହୁଏ ଅବଗତ
କରି ତାକୁ ନିରୀକ୍ଷଣ ।୪।
ପୂର୍ବ ପୁରୁଷଙ୍କ ହାନି-ଲାଭ ସୁଖ-
ଦୁଃଖ ଭଲ-ମନ୍ଦ କେତେ ।
ଗଉରବ ଗାଥା ଐତିହ୍ୟ ସଂସ୍କୃତି
ପରମ୍ପରା ସବୁ ଯେତେ ।୫।
ଈଶ୍ୱରଙ୍କ କୃପା ବଳେ ସୁରକ୍ଷିତ
ରୁହେ ସଦା କାଳେ କାଳେ ।
ଉତ୍ତମ ବ୍ୟବସ୍ଥା କଡ଼ା ନିରାପତ୍ତା
ବିଧି ନିର୍ମିତ ତନ୍ତ୍ରାଳେ ।୬।
ନିରଳସ  ନିରପେକ୍ଷ ଭାବେ ଆସ
ରଚିବା ନୂଆ ସାହିତ୍ୟ ।
ଯା'କୁ ପାଠ କରି ଆଗାମୀ ଦିନରେ
ସର୍ବେ ହେବେ କୃତ୍ୟ କୃତ୍ୟ ।୭।

ସମାସିଂହା; ଝାରସୁଗୁଡ଼ା;
ମୋ.୭୬୮୩୮୪୧୦୬୪.

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଡିବିରୀ ବତୀ

ଅଭୟ କୁଣ୍ଡ



ଡ଼ିବିରୀ ବତୀ
ଘନ ଅନ୍ଧାରରେ ଥିଲ ମୋ ସାଥୀ
ତୁମ ପାଖେ ବସି ନିରିଖି ନିରିଖି
ପଢ଼ିଥିଲି କେତେ ପୋଥି ।

ଅତୀତରେ ଥିଲା ତୁମ ଆଦର
ଜଳୁଥିଲ ତୁମେ ଘର,ବାହାର
ଆଲୋକର ଥିଲ ଉତ୍ସ
କିଏ କହେ ତୁମେ ତୁଚ୍ଛ ?

ହୋଇପାର ତୁମେ ସୂତ ପୁତ୍ର କର୍ଣ୍ଣ
ସମସ୍ତଙ୍କ ଜନ୍ମ ଦୈବର ଅଧୀନ
ପରିଚୟ କିନ୍ତୁ କର୍ମ
କ୍ଷୁଦ୍ର ଶିଖାଟିଏ ନିଜେ ଜଳି ଜଳି
ଆଲୋକ କରିଛ ଦାନ ।

କୁଟୀର ହେଉ କି ରାଜଉଆସ
ସବୁଠାରେ ଥିଲା ତୁମ ପ୍ରକାଶ
ଡିବିରି ଜଳିଲେ ହଟେ ଅନ୍ଧାର
ସେଥିପାଇଁ ଥିଲା ତୁମ ଆଦର ।

ଭଙ୍ଗା କୁଡିଆର ଜହ୍ନ
ସଂଜ ନ ହେଉଣୁ ତୁମେ ଖୋଜା ପଡ଼
ତୁମ ସ୍ନେହେ ବନ୍ଧା ମନ ।

ବିଜୁଳି ଆଲୋକ ଚମକ ବେଶି
ସତେକି ଉଇଁଛି ପୁନେଇଁ ଶଶି
ତଥାପି ହେଉନି ଅନ୍ଧାର ଦୂର
ଆମେ ସବୁ ହେଲୁ
ବିଜ୍ଞାନ ଯୁଗର ଅଜ୍ଞାନ ନର ।

ସହକାରୀ ଶିକ୍ଷକ
ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ
ପଡ଼ିଆଭଙ୍ଗା ଅନୁଗୋଳ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସ୍ମୃତି

ଶେଖର ଚନ୍ଦ୍ର ମୋଦୀ



ଅତୀତ କାନ୍ଥରୁ ଅଧାଲିଭା ସ୍ମୃତି ସବୁ ଆଜି
କଡ ଲେଉଟାନ୍ତି ।
ସୁନାର ପଞ୍ଜୁରୀରେ ବନ୍ଦୀ ହେଇ
ରାସ୍ତା ଖୋଜୁଥାନ୍ତି ।
ଖୋଜୁଥାନ୍ତି ପୁଣି ସ୍ପର୍ଶ ଟିକେ

ଦିନ, ମାସ, ବର୍ଷ ଗଡି ଚାଲୁଥାଏ
ବଢ଼ି ଚାଲୁଥାଏ ବୟସର ଧାର
ସମୟର ନଇ ବହି ଚାଲୁଥାଏ ଅହରହ
କିନ୍ତୁ ସ୍ମୃତି
ସେମିତି ଚକ୍ ଚକ୍ କରୁଥାଏ
ସରେନି ତା ଜୀବନ, ହଜେନି ବୟସ ତାର
ସଦା ବଢୁଥାଏ ।

ଶୁନ୍ୟ ଆକାଶର ଧୂଳିକଣା ସାଥେ
ଉଡ଼ିବୁଲୁଥାଏ କିଛି
ସମୟ ନଈରେ ଚହଲି ଚହଲି
ଭାସୁଥାଏ କିଛି
ଆଉକିଛି ରହିଯାଏ ହୃଦୟ ପଞ୍ଜୁରୀରେ
ସଦା ବନ୍ଦୀ ହେଇ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କେବେ ଆସି ଲୁହ ଦେଇ ଯାଏ
ଆଉ କେବେ ଆସି ପୁଣି
ସ୍ମିତହାସ୍ୟର ମଞ୍ଜି ବୁଣି ଦିଏ
କେବେ କେବେ ତୀକ୍ଷ୍ଣ ମୁନରେ ଦିଏ ଆଘାତ
ସୁଖୀ ପଡିଥିବା କଳିଜା ଉପରେ ।

ମନ ଆଇନାରେ ଦେଖିଦେଲେ ଥରେ
ଦିଶିଯାଏ ସ୍ମୃତିର ଚେହେରା
କେବେ ହସୁଥାଏ ତ କେବେ କାନ୍ଦୁଥାଏ
ନୀରବ ହେଇ
ଗଢୁଥାଏ ପୁଣି ସେ ଅଧା ଭଙ୍ଗା ସ୍ୱପ୍ନର ବାଲିଘରକୁ ।

ଦୂର ଦିଗବଳୟ କୋଳେ ଯେବେ ଲୁଚିଯାଏ ରବି
ରାତ୍ରିର ଅନ୍ଧାର ଯେବେ ନେଇଆସେ
ମେଞ୍ଚା ମେଞ୍ଚା ନିରବତା
ସେବେ ସ୍ମୃତି
ଶୁନ୍ୟ ଆକାଶରେ ମିଞ୍ଜି ମିଞ୍ଜି ତାରା ହେଇ ଜଳୁଥାଏ
ଆଉ ଜଳାଉଥାଏ
ସାରା ରାତି ।

ଠିକଣା:- ଧରଣୀଧର ବିଶ୍ୱବିଦ୍ୟାଳୟ କେନ୍ଦୁଝର, (ଓଡିଆ ବିଭାଗ)
ମୋ:- ୯୫୫୬୦୮୪୮୭୨




Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସ୍ୱାର୍ଥ ନିକିତିରେ ସମ୍ପର୍କ

ଡଃ ମନୋରଞ୍ଜନ ବିଷୋୟୀ



ମୁଁ ମୋ ପରି ହେବା ପାଇଁ
ଚେଷ୍ଟା କରି ବ୍ୟର୍ଥ ହୋଇଛି ।
ବିନା ଦୋଷରେ ଦୋଷୀ ହୋଇ
ସମସ୍ତଙ୍କ ବଇରୀ ସାଜିଛି ।
ଆପଣାର ମନେ ହେଉଥିବା
ସବୁପ୍ରିୟଜନଙ୍କ ପାଇଁ ପର ହୋଇଛି ।
ଆହା ବୋଲି କହି
ପ୍ରସାରୁଥିବା ହାତ ସବୁ
ପଛକୁ ଫେରିଯାଇଛି ।
ସମୟ ଓ ସମ୍ପର୍କ ମଧ୍ୟରେ
ନିତି ଅଙ୍କକଷା ଚାଲିଛି ।
ଏତିକି ବୁଝିନଥିଲି ବୋଲି
ଏବେ ବଞ୍ଚିବା ପାଇଁ
ଲୁହର ସାହାରା ନେଇଛି ।
ପ୍ରୀତି ମମତା ସବୁ
ଲାଭ କ୍ଷତିରେ ତଉଲ ହେଉଛି ।

ଏଠି ତ ସମ୍ପର୍କର ମାନଚିତ୍ର
ପ୍ରତିମୁହୂର୍ତ୍ତରେ ବଦଳି ଯାଉଛି ।
ଏପରିକି ନିଜ ପ୍ରତିବିମ୍ବ ମଧ୍ୟ
ବେଳେ ବେଳେ ମୋତେ
ଦୋ-ଦୋ ଚିହ୍ନା ଲାଗୁଛି ।
ତେଣୁ ତ
ଜୀବନ ଯୁଦ୍ଧରେ ଜିଣିବାକୁ
ନିଜ ଭାଗ୍ୟକୁ ଆୟୁଧ କରି
ପ୍ରଥମେ ବଇରୀକୁ ଚିହ୍ନୁଛି ।

ଦାମୋଦରପୁର, ଗଂଜାମ
ସଂପର୍କ: ୮୮୯୫୧୪୧୭୨୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆଗତ ବିଗତ

ଅମୃତନାରାୟଣ ଶତପଥୀ



ଆଗତ ସୁଖ ବା ବିଗତ ଦୁଃଖରେ ହୁଅ ନାହିଁ ମ୍ରିୟମାଣ
ଜୀବନଟି ପରା ଅଟଇ ବନ୍ଧୁ ସୁଖ ଦୁଃଖ ପ୍ରତି କ୍ଷଣ ।(୧)
ଆଜି ଯାହା ଦୁଃଖ କାଲି ଲାଗେ ସୁଖ ଦୁଃଖ ସୁଖ ଚକ୍ର ସମ,
କିନ୍ତୁ ସେ ଚକ୍ରରେ ପେଷି ହୋଇଗଲେ ଜୀବନ ହୁଏ ବିଷମ ।(୨)
ଆଗତ ପ୍ରଶଂସା ବିଗତ ନିନ୍ଦାରେ ହୁଅ ନାହିଁ ଉତ୍‌ଫୁଲ୍ଲିତ,
ପ୍ରଶଂସା ଓ ନିନ୍ଦା ସଂସାରେ କେବଳ କରିଥାଏ ଉତ୍ତେଜିତ ।(୩)
ଆଗତ ଅହିଂସା ବିଗତ ହିଂସାରେ ହୁଅ ନାହିଁ ହେ ଚିନ୍ତିତ,
ଯାହା ହୋଇନାହିଁ କେବଳ ସମ୍ଭାବନା ଯାହା ହୋଇଛି ବିଗତ ।(୪)
ଆଗତ ତାଳି ବା ବିଗତ ଗାଳିରେ ସ୍ଥିତାବସ୍ଥା ବଜାୟ ରଖି,
ସଂସାରରେ ପୁଣି ବଞ୍ଚାଇବାକୁ ହେବ ସମସ୍ତଙ୍କୁ ଜଗିରଖି ।(୫)
ଆଗତ ସଫଳତା ବିଗତ ବିଫଳତା ନୁହେଁ ଜୀବନ ଆୟାମ,
ବର୍ତ୍ତମାନ ସ୍ଥିତି ସେଥିରେ ସନ୍ତୁଷ୍ଟି ପ୍ରକୃତ ଜୀବନ ଧାରଣ ।(୬)
ଆଗତ ପ୍ରସିଦ୍ଧି ବିଗତ ଅନାମଧେୟିତାର ଅନୁଧ୍ୟାନ ଅହେତୁକ,
ସାମର୍ଥ୍ୟ ଥାଇ, ଯାଏ ଯିଏ ସହି ପ୍ରକୃତରେ ସିଏ ସନ୍ଥ ।(୭)
ଆଗତ ବିଗତ ଭାବନା ଦୁର୍ଭାବନା ଭିତରେ ମନୁଷ୍ୟ ମନ,
ଘାଣ୍ଟି ହେଉଥାଏ ପ୍ରତି କ୍ଷଣ ପୁଣି ହରାଇ ଯେ ବର୍ତ୍ତମାନ ।(୮)
ଆଗତ ବିଗତ ପ୍ରତି କ୍ଷଣ ବନ୍ଧୁ ଏହାହିଁ ଅଟେ ଜୀବନ,
କିନ୍ତୁ କାହିଁ ମୂଢ ବିଗତକୁ ନେଇ ଚିନ୍ତିତ ପ୍ରତି କ୍ଷଣ ।(୯)
ପୁଣି ସିଏ ମୂଢ ଆଗତକୁ ନେଇ ଉତ୍ସାହିତ ବେଶି ହୁଏ,
ପ୍ରକୃତ ମନୁଷ୍ୟ ମାନବୀୟ ଗୁଣ ଯେ ବର୍ତ୍ତମାନରେ ବଞ୍ଚି ଥାଏ ।(୧୦)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଗୁଣ୍ଡୁଚି ଓ ମୁଁ

ବିଶ୍ୱ ରଞ୍ଜନ ମହାନ୍ତି



ଉଷାର ପ୍ରଥମ ଆଲୋକରେ ନିକଟରେ ଅତି
ଅନୁଭବ କଲି ଅନ୍ୟ ଏକ ଜୀବର ଉପସ୍ଥିତି ।

ଆମ୍ବ ଗଛ ପଛ ପଟେ ଛପି କଲି ମୁଁ ପ୍ରତୀକ୍ଷା
କଣ କରିବାକୁ ଚାହୁଁଛି ସେ ଆଜି ନେବି ମୁଁ ପରୀକ୍ଷା ।

ମନ୍ଦାର ଲଗାଇଲା ବେଳେ ସେ ଦେଖୁଥିଲା କାଲି
ଆଜି ମାଟି ଖୋଳା ହେବ ଆସିଛି ଯେ ମାଳି ।

ପରେ ସାଥିଠୁ ଜାଣିଲି ତା ନାମ ଗୁଣ୍ଡୁଚି
ପରିବାର ସହ ଏ ଘରକୁ ନୂଆକରି ଆସିଛି ।

ବାଡ଼ି ବଗିଚା ନଷ୍ଟ କରିବ ନେଇଯିବ ପିସ୍ତା
ଆମ୍ବ ପଣସ ନେଇଯିବ ଭର୍ତ୍ତି କରି ବସ୍ତା ।

ଆସ୍ତେ ଆସ୍ତେ ଆସିଲା ସେ ଚିପି ଚିପି ପାଦ
ନ କରି ଡେରି ଗଛେ ଚଢ଼ିଲି ଭାଳି ମୁଁ ବିପଦ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଜି ତୁ ଆସିଛୁ ଏଠି ରହିବୁ ଦି ଚାରି ବରଷ
ଆମେ ଗଢିଛୁ ବଗିଚା ଦେଇ ପ୍ରକୃତିକୁ ହରଷ ।

ଖେଳେ ମୁଁ ଦିବାରାତ୍ର ସାଥେ ଥାଉ ସୁରୁଜ କି ଜହ୍ନ
ପିଠିରେ ଅଛି ମୋ ରାମଚନ୍ଦ୍ରଙ୍କ ଅଙ୍ଗୁଳିର ଚିହ୍ନ ।

ବଗିଚା ତୋର ହୋଇଯିବନି ନାମ ଥିଲେ ଗୁଣ୍ଡୁଚି
ଗୁଣ୍ଡୁଚି ମୂଷା ମୁଁ ବଂଶାନୁକ୍ରମିକ ଭାବେ ଏଇଠି ରହୁଛି ।

ଚାଟାର୍ଡ ଆକାଉଣ୍ଟାଣ୍ଟ
ୟୁନିଟ ୮, ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାଫିଆ ବାଘ

ଦଣ୍ଡାସି ପ୍ରଧାନ



ବାଘ ! ବାଘ ! ବାଘ ! !
ଜଙ୍ଗଲର ନୁହେଁ, କି ଚିଡିଆଖାନାର
ଅକ୍ଟୋପସ ପରି ନୂଆ ପ୍ରଜାତିର
ମଣିଷ ଭିତରେ ବାଘ;
ବାଘ ଭିତରେ ମଣିଷ ।
ଅନଵରତ ଚରମ ଚଳ ଚଞ୍ଚକତା ;
ଛକା ପଞ୍ଝା ଦୁର୍ଭେଦ୍ୟ ବିବିଧତା ।
ହିଂସ୍ରୁକ ବିଭତ୍ସ ଅସରଳ ଆବିଳତା
ବହୁରୂପୀ କାରନାମା
ଅଣ୍ଡିରା ନା ମାଇ ଜାଣି ହୁଏ ନାହିଁ ଜମା ।
ଆଜି ଶୁଭୁଛି ତ୍ରାଣ ତ୍ରାସିତ ଗର୍ଜନ
ପଞ୍ଜୁରୀ ଭିତରେ ଶୁଆ ପରି
ଏଠି ନିରୀହ ମଣିଷ ।
ଚୁଲିମୁଣ୍ଡରୁ  ଚନ୍ଦ୍ର ଲୋକ, ଅତଳ ଭୂତଳ
ଆତଙ୍କ ହିଁ ଆତଙ୍କ ।
ଗାଁ'ରେ, ସହରରେ
ଅଫିସରେ, ସଡକରୁ ସଂସଦ
ବାଘ ପାଇଁ ଲଢେଇ, କି ମନ୍ଦିର କି ମସଜିଦ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗୀର୍ଜା ନା ଗୁରୁଦ୍ୱାରା, ମାନେ ନା ଶାସ୍ତ୍ର ଅବା ଶସ୍ତ୍ର
ସବୁଠି ମାଫିଆ ବାଘ ଭୟ ।
ଟିଭି ପରଦାରୁ  ମୋବାଇଲ ରିଲ୍ ପର୍ଯ୍ୟନ୍ତ ।
ଛାପାଖାନାରେ ବି ପଶି ଗଲେଣି ।
ଖବରକାଗଜ ଖୋଲିଲେ
ଦଳଦଳ ବାଘ ଶିକାର ଫି ପୃଷ୍ଠରେ ।
ଲୁଟପାଟ,ଲୁଟେରାଙ୍କ କଳେଙ୍କାରୀ
ବନ -ଜନ ବିଭାଗ ରୁ ମନ ବିଭାଗ
ଚହଲାଇ ଦେଲେଣି ମରଣ ଆତଙ୍କ ।
ବାଘ ଆଉ ବନ୍ଧୁକ  ଏକା କଥା ।
ନା ମରୁଛି, ନା ମାରୁଛି ।
ଶବ୍ଦ ଶୁଣାଯାଏ ଦିନର ଫର୍ଚ୍ଚା ଆଲୁଅରେ
ଘନ ଅନ୍ଧକାର ନିଘଞ୍ଚ କୋଠରୀର
ନଭଶ୍ଚୁମ୍ବି ଅଟ୍ଟାଳିକାର ଉପର ମହଲାରେ ।
ବାଘ ମିଟିଙ୍ଗ୍, ବିଜୁଳି ବେଗରେ
ଖେଳିଯାଏ ପବନ ।
ଧାଇଁ ଯା'ନ୍ତି ମଣିଆ ପରି
ରାତି ଜଗୁଆଳୀ ମାନେ
ମହାବଳ ବାଘର ଡର ।
ଡର ଡରରେ ଧାଆଁନ୍ତି ସିନା
ମନରେ  ଭୟଙ୍କର ଅନିଶ୍ଚିତ ପ୍ରଶ୍ନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅବିଶ୍ୱାସର ଅନିଚ୍ଛାକୃତ ସାହସ ।

ମାରିଲେ ମଲା ନ ମାରିଲେ ମଲା ।

କାଳେ ବାଘ ମାଡି ବସିବ ଉପରକୁ ।

ମାସ-ଋତୁ-ବର୍ଷ କିଛି ମାନୁ ନାହାନ୍ତି ।

ଖଣି-ଖାଦାନ-ଖମାର ନିଅଣ୍ଟ

ବାଘ ଆହାର ପାଇଁ ।

ପାଚିଲା ପତର ଠୁ କଅଁଳିଆ ମାଉଁସ

କୂଳ ରୁ ମାଳ କାହାକୁ ନିସ୍ତାର ନାହିଁ ।

ଜିଅନ୍ତା ମୁର୍ଦ୍ଧାର ଦେଖିଲେ ସର୍ବୋତ୍ତମ ଖୁସି ।

ବାଘ କୁ ମାରିବେ କ'ଣ ?

ମୁର୍ଦ୍ଧାର ମୁର୍ଦ୍ଧାର ଭିତରେ ଲଢେଇ

ତମାମ ମୁହୂର୍ତ୍ତ ଖୁବ ମନୋରଞ୍ଜନ ।

ଯୁଗ ଯନ୍ତ୍ରଣାରେ ପେଷି ହେଲାଣି ସମୟ

ଅନୀତିର ନିକିତିରେ ତଉଲା ତଉଲି

ନିୟମ କାନୁନ୍ ;

ଘମାଘୋଟ ଲଢେଇ ଅବାଞ୍ଛିତ ଯୁକ୍ତି ଯୁଦ୍ଧ

ବାଘ ନିମିତ୍ତ ।

ଶେଷ ପରିଣତି

ଫାସର ଗଳା ବାଟରେ ଦରିଆ ପାର

ନାମ କୁ ମାତର ରାଜାର ହୁକୁମ ଧରଧର, ଧର୍ମକୁ ଆଖିଠାର।

ଗାନ୍ଧୀ, ଗୋପବନ୍ଧୁ ମାର୍ବଲ ପଥର ଭିତରେ

Listen to Odia Podcast Original at https://youtube.com/@drjyotiprasad

କେତେ ବା ସହିବେ ?

ଜାଗ୍ରତ ହେଲେଣି ଅପ୍ରମିତ

ଆଉ ଏକ ପ୍ରମତ୍ତ ସଂଗ୍ରାମ ସୁନିଶ୍ଚିତ

ବାଘ ଉପଦ୍ରବ ନିମିତ୍ତ ।

ଅସତ ର ଆୟୁଷ କେତେ ?

ରହିଛି ରହିବ ଧର୍ମ, ଉଡିବ ନେତ !! ।***

ସାହିତ୍ୟ ସମ୍ପାଦକ,

ସାହିତ୍ୟ ସାଂସ୍କୃତିକ ସେବା ସଂସଦ, ପାତ୍ରପୁର

ଗଞ୍ଜାମ ଭ୍ରାମ୍ୟଭାଷ : ୮୭୬୦୧୯୪୯୬୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନ ଆସୁ ଭଅଁର ଫୁଲକୁ କହିଛି

ବିଭୁତିଭୂଷଣ ସେନାପତି

ଚଗଲା ଭଅଁର ଉଡ଼ିବୁଲୁଥିଲା
ଫୁଲରୁ ଫୁଲକୁ ଡେଇଁ
କନିଆରୀ ଫୁଲ ନିଆଳି ମାଧବୀ
କନିଅର ମୁହଁ ଚାହିଁ । (୦)
ଜଳ ନୁହେଁ ସେତ ପଦମ ହସୁନି
ଆସୁନି କଳା ଭଅଁର
ଭଅଁର ନୁହେଁ ସେ ମନ ମୋହୁନାହିଁ
ଗୀତି ଗୁଂଜନର ସୁର
ମନକୁ ଛୁଇଁଲେ ସେ ସୁର ମୂର୍ଚ୍ଛନା ହସିବ ଜୁଆରୀ ନଇ । (୧)
ସାରା ରାତି ଶୋଇ ଫୁଲ ବିଛଣାରେ
ମୋ ପ୍ରିୟା ଦେଖେ  ସପନ
ଅରୁଣ କିରଣ କରି ଦେଲା ପର
ଭାଂଗିଲା  ପ୍ରୀତି ବନ୍ଧନ
ଭଅଁର ଗୁଂଜନ ମଳୟ ପବନ ପ୍ରେମରେ ଫୁଟିଲା ଯୂଇ  ।(୨)
କେତେବେଳେ ପ୍ରିୟା ଫୁଲ ପାଖୁଡ଼ାରେ
ସତେଜ ଗୋଲାପ କଢ଼ି
କେତେବେଳେ ପ୍ରିୟା ଭଅଁର ଗୁଂଜନେ
ଗୀତି କବିତାର ଧାଡ଼ି
ନ ଆସୁ ଭଅଁର ଫୁଲକୁ କହିବି
ନ କାନ୍ଦୁ ରାତି କୁଆଁରୀ । (୩)

ସଂପାଦକ, ନାରାୟଣ ସ୍ମୃତି ସାହିତ୍ୟ ସଂସଦ, କୋହ୍ଲ, ତିହିଡ଼ି, ଭଦ୍ରକ
ମୋ-୯୪୩୭୫୬୭୪୪୬୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସତୀ

କିରନ୍ ସ୍ୱାଇଁ



ପବିତ୍ରତାକୁ ମପାଯାଏ
ଶରୀରର ଦୁଇ/ତିନି ଇଞ୍ଚ ଭାଗରେ,
ସତ୍ୟତାକୁ ଖୋଜାଯାଏ
ସଭ୍ୟତାର ଦର୍ପଣରେ,
ଉତ୍କଟ ଅଗ୍ନିର ଦହନକୁ
ଆଲିଙ୍ଗନ କରି
ମଧ୍ୟ ମରେ ନାହିଁ ।

କେବଳ ତା' ପାଇଁ
ମାଟି ବି' ଫାଳ ହୁଏ
ଆକାଶ ଫାଟେ
ପୃଥିବୀ ଦୋହଲେ,
ଥରାଇ ସବୁ ଅଗ୍ନି, ଅନଳ
ସେ ସଂଘର୍ଷ କରେ
ଥର, ପ୍ରତିଥର ।
ମୃତ୍ୟୁର ତୀର୍ଯ୍ୟକ୍ ସୋପାନେ
ପହଞ୍ଚିବା ପରେ
ସେ ଅମୂଲ୍ୟ ପଦବୀ
ସତୀତ୍ୱର ଅସ୍ତିତ୍ୱ ମିଳେ ।

ବହିଆପଦର, ବରପାଲି, ବରଗଡ଼

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ରାକ୍ଷୀ ମମତାର ବନ୍ଧନ

ସାଗର ନାୟକ



ରାକ୍ଷୀ ମମତାର ବନ୍ଧନ

ରାକ୍ଷୀ ଫୁଲ ଆଉ ଚନ୍ଦନ,

ଫୁଲ ପରି ଫୁଟୁଥାଉ, ମହମହ ବାସୁଥାଉ

ଏଇ ରାକ୍ଷୀ ଆମ ସାକ୍ଷୀ ହେଉ..

ସେନେହରେ ଛନ୍ଦି ଦେଉ............ (୧)

ଆମ ସାରା ଜନମ,

ସେ କୁସୁମ, ମୁଁ ତାର ମହକ,

ସେ କସ୍ତୁରୀ, ମୁଁ ତା'ର ଚମକ,

ଏ ସରାଗର ବନ୍ଧନ, ସିନେହର ଅର୍ଚ୍ଚନ,

ବନ୍ଧନରେ ବନ୍ଦୀ ହେଉ, ଅର୍ଚ୍ଚନରେ ଛନ୍ଦି ଦେଉ,

ସାକ୍ଷୀ ଆମ ରାକ୍ଷୀ ହେଉ,

ଏ ଆଖି ଆମ ଦେଖୁ ଥାଉ........... (୨)

ଏ ଜନମରୁ ଜନମ,

ଏଇ ଖୁସି, ଖୁସିର ଏ ଫସଲ,

ଏଇ ହସ, ହସର ଏ ମୁଲକ.. !

ସେନେହର ଅଞ୍ଜନ, ଶରଧାର ଗୁଞ୍ଜନ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସ୍ନେହରେ ଭରିଯାଉ, ଶରଧା ବି ବୁଣିଦେଉ,

ଏ ରାକ୍ଷୀ ଆମ ସାକ୍ଷୀ ହେଉ,

ସରସତା ମାଖି ଦେଉ.......(୩)

ଜୀବନରୁ ଜୀବନ..

ତା'ସୁବାସ, ଅଗରୁ ଚନ୍ଦନ,

ତା' ସୁରଭି, ଜୀବନ ବନ୍ଧନ

ଭାଇ ଭଉଣୀର ସମ୍ପର୍କ, ମଧୁର ଏ ସମ୍ପର୍କ,

ଏଇ ଗରବର ଗଞ୍ଜନ, ଏ ଗଉରବ ମଞ୍ଜନ,

ରାକ୍ଷୀ ଆମ ସାହା ହେଉ,

ଜୀବନରେ ରାହା ହେଉ,

ପବିତ୍ର ଏ ବନ୍ଧନ..

ଏ ବିଶ୍ୱାସ,ଏଇ ସାରା ସଂସାର,

ଏ ଆଶ୍ୱାସ, ସୁନ୍ଦର ଏଇ ସୃଷ୍ଟିର...... (୪)

ପ୍ରଭୁ ମୋ ଭଉଣୀ କୁ ଖୁସିରେ ରଖିବୁ

ଜଗତସିଂହପୁର, ଓଡିଶା

୯୬୯୨୮୧୪୩୭୯, ୯୧୩୬୩୧୬୧୬୮

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଜୟ ଲଙ୍କେଶ୍ୱରୀ

କୁମାର ଲାଲ ରଣା



ଜୟ ଜୟ ଲଙ୍କେଶ୍ୱରୀ ମାହେଶ୍ୱରୀ ମାଗୋ

ଜୟ ଗଡ ଈଶ୍ୱରୀ ଭବାନୀ

ଦୟାକର ମୋତେ ମାଗୋ ଦନୁଜ ନାଶିନୀ.......।

ଜୟ ଜୟ....

ଗୋ ମା....

ଗିରିରୁ ହୋଇଲୁ ଜନମ ତୁଇ

ଗିରିଜା ନାମରେ ତୋ ନାମ ହୋଇ

ପରବତରୁ ନାମଟି  ପାର୍ବତୀ

ଗୋ ମା

ସଙ୍କଟ ତାରିଣୀ ତୁ  ହୈମବତୀ...

ଜୟ ଜୟ....

ଗିରିନନ୍ଦିନୀ ଗୁଣବତୀ ନାରୀ

ଗଳାରେ ଶୋଭିତ ମୁକୁତା ମାଳି

ପାଦରେ ଶୋଭିତ  ଅଳତା ବର୍ଣ୍ଣ

ଗୋ ମା

ବାଜେଣି ନୁପୁର ତହିଁ ଶୋଭନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜୟ ଜୟ.......

ଲଙ୍କାରେ ବହି ନାମ ଲଙ୍କେଶ୍ୱରୀ

ଲଙ୍କା ଚଉ ପାଶ ଥିଲୁ ଆବୋରି

ଶତ୍ରୁ ନାଶ କରୁ କରି ଭ୍ରମଣ

ଗୋମା.....

ତୋ ବିନୁ ଲଙ୍କା ହୁଏ ହୀନିମାନ...।

ଜୟ ଜୟ......

ଗୋ ମା....

ଭେଟିଲା ଲଙ୍କା ଦ୍ୱାରେ  ହନୁମାନ

ତାକୁ ବର ଦେଲୁ ହୋଇ ପ୍ରସନ

ତୋର  ଆଜ୍ଞାରେ ହନୁ ଲଙ୍କା ପଶି

ମାର ରାବଣ ଲଙ୍କା ଦିଅ  ଝାସି...

ଜୟ ଜୟ......

ସତ୍ୱରେ ପଶି ବୀର ହନୁମାନ

ଲାଙ୍ଗୁଡ଼େ କଲା ଲଙ୍କାକୁ ଦହନ

ଚହଳ ପଡିଲା ଲଙ୍କା ଭିତର

ଗୋ ମା

ସେ ଦିନୁ ଛାଡିଲୁ ସେ ଲଙ୍କାପୁର...।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ଜୟ ଜୟ.....।

ମାର  ବୋଲିଣ ଆଜ୍ଞା  ଦେଲୁ ଯହିଁ

ରାମ ହାତେ ନାଶିଲେ  ଲଙ୍କା ଭୂଇଁ...

ତୋ ପାଇଁ ରାମ ଲଙ୍କା ହେଲା ଜୟ

ଗୋମା

ସୀତା ଆଣି ପାରିଲେ ରାମ ରାୟ

.... ଜୟ ଜୟ...

ମହୁଆ ଭଟ୍ଟା

ନୂଆପଡା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୁରଦାର୍

ସୁନୀଲ କୁମାର ଅଗସ୍ତି



ସମିଆଁ ଘଡ଼ି ଦିନ୍ ମାସ୍
ବଛର୍ ଗୁଲା ମୁନୁଷର୍ ଦେନ୍
କୁଏର୍ ପନ୍ଦର ନୁ' ଦିନ୍ ଅଏଧକା,
ବଛରର୍ ହର୍ ଘଡି ଆର୍ ଦିନ୍
ମୁଁଇଁ ବଁଚି ଥିସିଁ ଭାଏଲ୍ ?
କେ' ଜାନେ ତମେ
ବଁଚି ଥି'ସ ଭାଏଲ୍ ?
କହି ନ' ହୁଏ କେନ୍ କିସମେ
ଖେପାବା ବିନ୍ ଆତାପାତାର୍ କାଲ୍,,

ମନ୍ ନିରମଲ୍ ଆତମାର୍ ଡାକରେ
ପରକୁତିକଁର୍ ଗାଗରେ
ମୋର୍ ମୁଲକି ହଁସି
କି' ତମର୍ ଆଏ ଯେ'
ବିନ୍ ସ୍ୱାର୍ଥର୍ ମୁନୁଷ୍ ପନେ
ବଛର୍ ଗୁଲା କେତେ ଘଡ଼ି
ଆର୍ କେତେ ଦିନର
ବଁଚି ଥି'ସ ଆର୍ ବଁଚି ଥିସିଁ ଯେ,
ମୁଁଇଁ ତ' ଅବଗା ବଛରର୍
ଅଗିଲଲା ଦିନ୍ ମାନକଁର୍
ଅବଗା "ମୁରଦାର୍' ଆଏ,,

ଟିଟିଲାଗଡ, ବଲାଙ୍ଗୀର
ମୋ/୭୬୮ ୪୮୬ ୯୬୩୬

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ପ୍ରବନ୍ଧ ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଓଡ଼ିଶାରେ ପ୍ରକୃତି ଶିବିର

ମଧୁସ୍ମିତା ସାହୁ



ଓଡ଼ିଶା ମାଟି ପ୍ରାକୃତିକ ଉପାଦାନର ଗନ୍ତାଘର ଅଟେ । ଚତୁଃପାର୍ଶ୍ୱରେ ପ୍ରକୃତି ରାଣୀର ଶୋଭାର ଭଣ୍ଡାର ପରିପୂର୍ଣ୍ଣ ରୂପେ ଗୁନ୍ଥି ହୋଇଛି । ଓଡ଼ିଶାରେ ପ୍ରାକୃତିକ ଭୂସ୍ୱର୍ଗର ଶୋଭା ଅବର୍ଣ୍ଣନୀୟ, ଅତୁଳନୀୟ ଅକ୍ଷୟ କୀର୍ତ୍ତି ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଛି । ଓଡ଼ିଶା ବର୍ଣ୍ଣାଳୀର ରଙ୍ଗଭୂମିରେ ଜୈବ ବିବିଧତା ପରିପୂର୍ଣ୍ଣ ସହ ପ୍ରାକୃତିକ ସୋନ୍ଦର୍ଯ୍ୟର ନିଖୁଣ ଚିତ୍ର ଆଙ୍କି ହୋଇଛି । ସବୁଜ ବନାନୀରେ ଗୁନ୍ଥି ହୋଇଛି ପେନ୍ଥା ପେନ୍ଥା ସବୁଜ ପାହାଡ ଜଙ୍ଗଲ, ନୀଳ ଆକାଶରେ ଢେଉର ତାଳେ ତାଳେ ଗୁନ୍ଥି ହୋଇଛି ଉଚ୍ଚନୀଚ ପାହାଡ ଶିଖରମାନ । କେଉଁ ପର୍ବତ ଶିଖରରୁ ବହିଯାଉଛି ସ୍ୱଚ୍ଛ ହୀରକ ଶୁଭ୍ରର କୂଳୁଁ କୁଳୁ ନାଦ ଝରଣା, ଚିରସ୍ରୋତା ରୂପେ ବହିଚାଲିଛି ନଦନଦୀ, ତତ୍ ସହିତ ବିଭିନ୍ନ ପ୍ରଜାତିର ବନ୍ୟଜନ୍ତୁ ଓ ବନ୍ୟସମ୍ପଦରେ ପରିପୂର୍ଣ୍ଣ, ସମତଳ ଓ ଅସମତୁଳ ଭୂଇଁର ଚଟାଣ । ଅପୂର୍ବ ଶୋଭାମଣ୍ଡନ କରି ଧରଣୀ ରାଣୀର କେତେବେଳେ ସୁନେଲି କ୍ଷେତର ଶାଢୀରେ ଝଲସୁଛି ପୁଣି କେତେବେଳେ କାଶତଣ୍ଡି ଫୁଲ ସହ ଉଙ୍କିମାରେ, ଆଉ କେତେବେଳେ ସୋରିଷ ଫୁଲର ଛିଟଛିଟିକା ଶାଢ଼ୀ ପରିଧାନ କରି ତୃପ୍ତିମୟ ହୋଇ ପଡୁଛି ।

ଅନେକ ଅଭୟାରଣ୍ୟ, ଘଞ୍ଚଜଙ୍ଗଲ, ମଧୁର ଓ ଲଗୁନ ହ୍ରଦ ସହ ଫୁଟି ଉଠୁଛି ମନୋହର ଉଦ୍ୟାନ ସାଙ୍ଗକୁ ଅହରହ ଗର୍ଜନ ମହୋଦଧିର ଲହରୀର ଅପୂର୍ବ ପ୍ରତୀତି ହୋଇ ଉଠିଛି ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

++ଜୈବ ବିବିଧତାର ସଂରକ୍ଷଣ

++ଜାତିଗତ ବିବିଧତା ଓ ସାଂସ୍କୃତିକ

++ସ୍ଥାୟୀ ଅଭ୍ୟାସ

++ପ୍ରାକୃତିକ ଐତିହ୍ୟ ସଂରକ୍ଷଣ

++ପବିତ୍ର ମନ୍ଦିର ଓ ତୀର୍ଥ ସ୍ଥାନ

++ସାଂସ୍କୃତିକ ଐକିକତା

++ସୂର୍ଯ୍ୟ ଛୁଆଁ ବେଳାଭୂମି

++ବନ୍ୟଜନ୍ତୁ ଓ ପ୍ରକୃତି ଅଭୟାରଣ୍ୟ

++ଆଦିବାସୀଙ୍କ ଐତିହ୍ୟ ଓ ଗ୍ରାମୀଣ ପର୍ଯ୍ୟଟନ

++ପର୍ଯ୍ୟଟନ କ୍ଷେତ୍ର ର ଅଭିବୃଦ୍ଧି ଓ ବିକାଶ

++ଭିତ୍ତିଭୂମି ଓ ବିକାଶ

++ଦକ୍ଷତା ବିକାଶ ଓ ତାଲିମ

++ପର୍ଯ୍ୟଟନ ଦ୍ରବ୍ୟର ବିବିଧିକରଣ

++ସୁରକ୍ଷା ଓ ନିରାପତ୍ତା

ପ୍ରକୃତି ଶିବିରର ଲାଭ

@ଜୈବ୍ୟ ବିବିଧତାର ସଂରକ୍ଷଣ

@ସ୍ଥାୟୀ ବିକାଶ

@ଅର୍ଥନୈତିକ ସଶକ୍ତିକରଣ

@ ସାଂସ୍କୃତିକ ସଂରକ୍ଷଣ

@ପରିବେଶ ଶିକ୍ଷା

@ବାସସ୍ଥାନ ସୁରକ୍ଷା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

@ସଂପ୍ରଦାୟର ଯୋଗଦାନ

@ଆୟର ବିବିଧ କରଣ

@ଭିତ୍ତିଭୂମି ବିକାଶ

@ଦାୟିତ୍ୱପୂର୍ଣ୍ଣ ଭ୍ରମଣର ପ୍ରୋତ୍ସାହନ

କ୍ଷତି---

@ବାହ୍ୟ ବଜାର ଉପରେ ନିର୍ଭରଶୀଳ

@ଭିତ୍ତିଭୂମି ଷ୍ଟ୍ରେନ

@ମୌସୁମୀ ନିଯୁକ୍ତି

@ପାରମ୍ପରିକ ଜୀବିକା ହରାଇବା

@ନାକାରତ୍ମକ ପରିବେଶ ପ୍ରଭାବ

@ଜେନ୍ରିଫିକେସନ

@ସାଂସ୍କୃତିକ ପଦାର୍ଥ

@ଉତ୍ସ ହ୍ରାସ

@ବାସସ୍ଥାନ ବିଭାଜନ

@ଅତ୍ୟଧିକ ଗହଳି

ଚିଲିକା ପ୍ରକୃତି ଶିବିର –

ପ୍ରାକୃତିକ ସୋନ୍ଦର୍ଯ୍ୟର ଉପାଦେୟତାର ଅବର୍ଣ୍ଣନୀୟ୍ୟ ତଥ୍ୟ, ଲଗୁନ ହ୍ରଦ ସାଥେ ବିରଳ ପ୍ରଜାତିର ଅସଂଖ୍ୟ ପକ୍ଷୀ ଓ ଜଳଚର ପ୍ରାଣୀ ଓ ଉଦ୍ଭିଦ ସହିତ ଜୀବଜନ୍ତୁ ଓ ମାଁ କାଳୀଜାଈଙ୍କ ମନ୍ଦିର ସାଥେ ନୌକା ଚାଳନା  ଓ ସାମୁଦ୍ରିକ ମତ୍ସ୍ୟ ସାଥେ କଙ୍କଡ଼ା ଚିଙ୍ଗୁଡ଼ିର ସ୍ୱାଦିଷ୍ଟ ଖାଦ୍ୟ ପ୍ରକୃତି ଶିବିରର ଏକ ସ୍ୱତନ୍ତ୍ର ସ୍ଥାନ ସଂରକ୍ଷିତ ହୋଇଛି ।

ଚିତ୍ରକୋଣ୍ଡା ---

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମାଲକାନଗିରି ଜିଲ୍ଲାରୁ ଚିତ୍ରକୋଣ୍ଡାର ବାଲିମେଳା ନିକଟସ୍ଥ ଜଳପ୍ରପାତ, ମାଛକୁଣ୍ଡ ଜଳପ୍ରପାତ ଏକତ୍ରିତ କରି ରଖିଛି ପ୍ରାକୃତିକ ସୋନ୍ଦର୍ଯ୍ୟର ନିଖୁଣ ବିଭୋରତାକୁ । ଚତୁଃପାର୍ଶ୍ୱରେ  ପ୍ରକୃତିର କୁଞ୍ଚକୁଞ୍ଚିଆ ପାହାଡ କଟା ସରୀସୃପ ସଦୃଶ୍ୟ ଅଙ୍କାବଙ୍କା ରାସ୍ତାର ଶୋଭା ମଣ୍ଡନ କରିଛି ।

ମଣ୍ଡାସରୁ ---

ମଣ୍ଡାସାରୁ ଭ୍ୟାଲି ପ୍ରକୃତି ଶିବିର ପାହାଡ ଉପରେ ଅବସ୍ଥିତ । ଷ୍ଟାଚ ଟାୱାର, ଶିଶୁ ଉଦ୍ୟାନ, ବୃକ୍ଷରୋପଣ ପାର୍କ, ମଣ୍ଡାସାର ଘାଟି ଇତ୍ୟାଦି ।

ଦାରିଙ୍ଗବାଡି ---

ସମୁଦ୍ର ପତନଠାରୁ ୩୦୦୦ ମିଟର ଉଚ୍ଚତାରେ ରହିଛି । ଏହା ଏକ ଆର୍ଦଶ ଗ୍ରୀଷ୍ମ କାଳୀନ ରିସର୍ଟ, ଦାରିଙ୍ଗବାଡି "ଓଡ଼ିଶାର କାଶ୍ମୀର" ଭାବେ ପରିଚିତ । ଏଠାକାର କଫିବୋର୍ଡ଼/ ହିଲଭ୍ୟୁ ପାର୍କ ଏବଂ ଅନେକ ପ୍ରକାର ପ୍ରାକୃତିକ ସୋନ୍ଦର୍ଯ୍ୟର ପରିଦର୍ଶନ ସ୍ଥାନ ରହିଛି । ବହୁତ ଦେଶବିଦେଶରୁ ଲକ୍ଷାଧିକ ପର୍ଯ୍ୟଟକ ଆସି ମନୋରମ ପରିଭ୍ରମଣ କରି ଫେରିଥାନ୍ତି ।

ପୁଟୁଡି --

ପୁଟୁଡି ଜଳପ୍ରପାତ ପରିବେଶ ଶୋଭା ମଣ୍ଡନ  କରିଅଛି । ୬୦ ଫୁଟ ଉଚ୍ଚରୁ ସାଲୁଙ୍କି ନଦୀ ପ୍ରବାହିତ ହୋଇ ଶୋଭା ମଣ୍ଡନ କରୁଛି ।

ବେଲଘର--

ବେଲଘର-- ସମୁଦ୍ର ପତ୍ତନଠାରୁ ୨୫୫୫ ଫୁଟ ଉଚ୍ଚରେ ଅବସ୍ଥିତ । ଏଠାକାର ବନ୍ୟଜନ୍ତୁ ଓ ବନ୍ୟସମ୍ପଦରେ ସଂରକ୍ଷଣ ସଂସ୍ଥା ରହିଅଛି । ଏହି ସ୍ଥାନ ଗୁଡିକରେ ପ୍ରକୃତି ଶିବିର ଅନୁଷ୍ଠିତ ହୋଇ ଥାଏ । ପ୍ରଚୁର ପରିମାଣର ହାତୀ ମାନ ଦେଖିବାକୁ ମିଳିଥାଏ । ବଲାଙ୍ଗୀର ଜିଲ୍ଲାର ଖପ୍ରାଖୋଲ ବ୍ଲକରେ ଫୁଲୁକିମୁଣ୍ଡା ଠାରେ ଆୟୋଜିତ ପ୍ରକୃତି ଶିବିର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଛାତ୍ରଛାତ୍ରୀମାନଙ୍କୁ ବହୁତ ସୁନ୍ଦର ଚିତ୍ତାକର୍ଷକ ଅନୁଭୂତି ହୋଇଛି । ହରିଶଙ୍କର ବନବିଭାଗ ଠାରେ ପ୍ରକୃତି ଶିବିର ଅନୁଷ୍ଠିତ ହୋଇଛି ।

କୋରାପୁଟ --

କୋରାପୁଟର ମନୋହର ଦୃଶ୍ୟ ମନ ପ୍ରଫୁଲ୍ଲିତ କରିଥାଏ । କୁଞ୍ଚକୁଞ୍ଚିଆ, ଜିକଜାକ ଓ ସର୍ପ ସଦୃଶ୍ୟ ପାହାଡ଼ରେ ରାସ୍ତା ନିର୍ମାଣ କରି ପ୍ରକୃତିର ଶୋଭା ମଣ୍ଡନ କରୁଛି । ସେଠାରେ ପାହାଡ ଉପରେ ତମ୍ବୁ ଟାଣି ପ୍ରକୃତି ଶିବିର ଅନୁଷ୍ଠିତ ହୋଇ ଥାଏ ।

କୋଲାବ ଜଳପ୍ରପାତ, ଶାବର ଶ୍ରୀକ୍ଷେତ୍ର, ଓ ଗୁପ୍ତେଶ୍ୱର ଶିବଲିଙ୍ଗ ପୀଠ ରୂପେ ବେଶ୍ ଆକୃଷ୍ଟ ଶୋଭା ମଣ୍ଡନ କରିଛି ।

ଚନ୍ଦକା ---

ଚନ୍ଦକା ପ୍ରକୃତି ଶିବିର ଓଡିଶାର ଚାରୁମୟ ଶୋଭା ମଣ୍ଡନ କରିଛି । ଭୁବନେଶ୍ୱର ଉପକଣ୍ଠରେ ଚନ୍ଦକା ହାତୀ ସଂରକ୍ଷଣର ସବୁଜ ପରିବେଶ ଜଙ୍ଗଲରେ ଅବସ୍ଥିତ । ୭.୫ ଏକର ଜମିରେ ସୁନ୍ଦର ମହଲ ଗୁଡିକ ଗଢାଯାଇ ପରିବେଶକୁ ମାଧୁର୍ଯ୍ୟପୂର୍ଣ୍ଣ କରିପାରିଛି ।

ଓଲାଶୁଣୀ ପ୍ରକୃତି ଶିବିର ---

ଚଣ୍ଡିଖୋଲ ଠାରୁ ୨୨ କି.ମି ଦୂରରେ ମହର୍ଷି ଅରକ୍ଷିତ ଦାସଙ୍କ ଆଶ୍ରମ ନିକଟ ପାହାଡ଼ରେ ବିଭିନ୍ନ ପ୍ରକାର ନୂତନ ଶୈଳୀର କୂଟୀର ନିର୍ମାଣ କରାଯାଇଛି । ବିଭିନ୍ନ ପ୍ରାନ୍ତରୁ ପର୍ଯ୍ୟଟକ ମାନଙ୍କ ଭିଡ଼ ଜମିଥାଏ ।

ଭିତର କନିକା ପ୍ରକୃତି ଶିବିର ----

ବଙ୍ଗୋପସାଗରର ପୂର୍ବ ଉପକୂଳରେ ଭିତରକନିକା ଅବସ୍ଥିତ । ଉଙ୍ଗାମାନ ହାବାଲି କାଟୀ, ଗୁପ୍ତି ରହିଛି । ଏହି ପ୍ରକୃତି ଶିବିର ପୃଥିବୀ ପୃଷ୍ଠର ଦ୍ୱିତୀୟ ବୃହତ୍ତମ mangrove ଜଙ୍ଗଲରେ ଅବସ୍ଥିତ ।

ଅଲିଭ କଇଁଚ, ଡଲଫିନ ଓ କୁମ୍ଭୀରମାନଙ୍କ ସାମ୍ରାଜ୍ୟ ସ୍ଥାପନ ହୋଇଛି । ଏହା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରକୃତିର ଜୈବିକ ଆକର୍ଷଣ । ଏହା ପୃଥିବୀର ସର୍ବୋତ୍ତମ ପ୍ରକୃତି ଶିବିର ଅଟେ ।

ଶିମିଳିପାଳ -

ଶିମିଳିପାଳ ଜାତୀୟ ଉଦ୍ୟାନରେ ଡ୍ରେସିଂ ପାନି, ଜାମୁନାଇ, ଗୁରୁଗୁରିୟମ, ରାମାର୍ଥଥା, କୁମାରୀ ନାମକ ଶିବିର ରହିଛି । ବନ୍ୟଜନ୍ତୁ ଓ ପ୍ରକୃତିର ଗହଳିଆ ଉପାଦାନର ଗନ୍ତାଘର ଅଟେ ଶିମିଳିପାଳ ।

ସାନଘାଗରା—

ଏହା ପ୍ରକୃତି ଶିବିର କେନ୍ଦୁଝର ଜିଲ୍ଲାରେ ଅବସ୍ଥିତ । ମମତାର ଅମୃତ ଧାରା ସହ ପ୍ରକୃତି ଶିବିରର ଗନ୍ତାଘର । ଘଞ୍ଚଜଙ୍ଗଲ ଓ ସାଥିରେ ସାନଘାଗରା ଜଳପ୍ରପାତର ସଂଯୋଗରେ ପ୍ରବାହିତ ମାଖାକନ୍ଦାନା ନଦୀର ସ୍ରୋତ କେନ୍ଦ୍ରବିନ୍ଦୁ ପାଲଟିଛି । ଜଳପ୍ରପାତ ସାଥେ ପୋଖରୀ ରହିଛି ଓ ତନ୍ମଧ୍ୟର ମଧ୍ୟଭାଗରେ ବିରାଟକାୟ ଈଶ୍ୱରଙ୍କ ପ୍ରତିମୂର୍ତ୍ତି ସ୍ଥାପନା ଦେଖି ମନଲୋଭା ଦୃଶ୍ୟ ଅବିସ୍ମରଣୀୟ ସ୍ମୃତି ହୋଇ ରହିଯାଏ ।

ଖଣ୍ଡାଧାର ଏକ ଜୈବ ବିବିଧତା ପରିପୂର୍ଣ୍ଣ ହଟସ୍ଥଳ ପ୍ରାୟତଃ ୬୦୦ପ୍ରଜାତିର ଔଷଧୀୟ ବୃକ୍ଷଲତା ଅନ୍ୟତ୍ର ବିରଳ ଅଟେ । ନିମ୍ନ ପ୍ରଜାତି ଉଦ୍ଭିଦମାନଙ୍କ ଘଞ୍ଚଜଙ୍ଗଲ ସାଥେ ବିଭିନ୍ନ ପ୍ରକାର ବନ୍ୟଜନ୍ତୁ ସଂରକ୍ଷଣ ହୋଇ ରହିଛି ।

ସମ୍ବର, ନୀଳଗାଇ, ଗୟଳ, ଗଣ୍ଡାହାତି, ବିଲୁଆ, ସିଂହ, ଭାଲୁ, ଗଧିଆ, ବଣମଇଁଷି, ବାଘ ଆଦି ଅନେକ ପ୍ରକାର ପଶୁମାନଙ୍କୁ ଦେଖିବାକୁ ମିଳିଥାଏ ।

ସାତ କୋଶିଆ ଜଙ୍ଗଲ --

ଏହା ପ୍ରକୃତିର ଅପରୂପ ସମାହାର । ଏଠାକାର ବନ୍ୟଜନ୍ତୁ ସଂରକ୍ଷଣ ଏକ ସୁଦୃଢ ବ୍ୟବସ୍ଥା ରହିଛି । ଦିନବେଳା ରାସ୍ତା କଡ଼ରେ ବାଘ ବୁଲୁଅଛି । ବ୍ୟାଘ୍ର ଆବାସସ୍ଥଳୀ ପ୍ରକଳ୍ପ ରହିଛି । ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷଙ୍କୁ ନିୟୋଜିତ କରାଯାଇଛି । ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ରହିଥାଏ, ଏଣୁ ନୂତନ ଶୈଳୀର କୁଟୀର ନିର୍ମାଣ କରି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପର୍ଯ୍ୟଟକଙ୍କ ପାଇଁ ସୁବିଧା ଯୋଗାଇ ଦିଆଯାଉଛି ।

ବୋନାଇ ଫରେଷ୍ଟ ପ୍ରକୃତି ଶିବିର

ବାଦମୂଲ ପ୍ରକୃତି ଶିବିର

ଦେବ୍ରିଗଡ ପ୍ରକୃତି ଶିବିର ଓଡ଼ିଶା ମାଟିରେ ପ୍ରକୃତିର ସମ୍ଭାର ଓ ଅପୂର୍ବ ଭଣ୍ଡାରରେ ପରିପୂର୍ଣ୍ଣ ରହିଅଛି । ଏହାକୁ ଆନ୍ତର୍ଜାତିକ ସ୍ତରରେ ମାନ୍ୟତା ପ୍ରଦାନ କରାଯାଇ ଏକ ପର୍ଯ୍ୟଟନସ୍ଥଳୀର ରାଜ୍ୟରୂପେ ବିବେଚିତ କରାଯାଇଛି ।

ପଞ୍ଚଲିଙ୍ଗେଶ୍ୱର ପ୍ରକୃତି ଶିବିର ---

ଯାଜପୁରରେ ପଞ୍ଚଲିଙ୍ଗେଶ୍ୱର ଠାରେ ପ୍ରକୃତି ଶିବିର ଅନୁଷ୍ଠିତ ହୋଇଥାଏ । ପ୍ରକୃତିର ଗହଳିଆ ଉପାଦାନ ଭରପୂର ତାରେ ଶିବିରର କୁଟିର ସ୍ଥାପନ କରି ପ୍ରାକୃତିକ ସୌନ୍ଦର୍ଯ୍ୟର ଉପଭୋଗ କରିହୁଏ ।

ବ୍ରହ୍ମା ନଗର ପ୍ରଥମ ଗଳି
ବ୍ରହ୍ମପୁର, ଜିଲ୍ଲା-ଗଞ୍ଜାମ
ଓଡ଼ିଶା
ମୋ–୯୩୪୮୨୮୫୪୧୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଝଡ଼ର ଇଗଲ୍ : ନବୀନ ବାବୁ

ସ୍ୱାଗତ ମିଶ୍ର



୧୯୯୮ରେ ମୋର ଜନ୍ମ । ତା' ପର ବର୍ଷ ଅର୍ଥାତ୍ ୧୯୯୯ରେ ଓଡ଼ିଶା ସାମ୍ନା କରିଥିଲା ମହାବାତ୍ୟାକୁ । ଓଡ଼ିଶାର ଧ୍ୱସ୍ତ ବିଧ୍ୱସ୍ତ ପରିବେଶକୁ ମୁଁ ପ୍ରତ୍ୟକ୍ଷରେ ନ ଦେଖିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଟେଲିଭିଜନ ମାଧ୍ୟମରେ ସେ ଦୃଶ୍ୟକୁ ଦେଖି ମୁଁ ବେଶ୍ ଅନୁଭବ କରି ପାରିଥିଲି ସେ ସମୟରେ ଘଟିଥିବା ହୃଦୟ ବିଦାରକ ଅଘଟଣକୁ । ସେଭଳି ଏକ ଘଡ଼ିସନ୍ଧି ମୂହୁର୍ତ୍ତରେ ଅସଜଡ଼ା ହୋଇ ପଡ଼ିଥିବା ଓଡ଼ିଶାକୁ ସଜାଡ଼ିବାର ଗୁରୁ ଦାୟିତ୍ୱ ମୁଣ୍ଡାଇଥିଲେ ଆମ ପ୍ରିୟ ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ । ମହାବାତ୍ୟାରେ ବିପର୍ଯ୍ୟସ୍ତ ହୋଇ ପଡ଼ିରହିଥିବା ଓଡ଼ିଶାକୁ ୨୦୦୦ ମସିହାରେ ନିଜ ହାତକୁ ନେଇ ୨୦୨୪ ମସିହା ଭିତରେ ଭାରତର ଏକ ନମ୍ବର ରାଜ୍ୟ ଭାବରେ ପ୍ରତିଷ୍ଠିତ କରାଇ ଆମ ହାତରେ ଦେଇଗଲେ ।

ପରିବର୍ତ୍ତନ ହେଉଛି ପ୍ରକୃତିର ନିୟମ, ତାକୁ କେହି ରୋକି ପାରିବେ ନାହିଁ । ନବୀନ ପଟ୍ଟନାୟକ କେବଳ ଗୋଟିଏ ନାଁ ନୁହନ୍ତି, ସେ ହେଉଛନ୍ତି ଓଡ଼ିଶା ଇତିହାସର ଏକ ସ୍ୱତନ୍ତ୍ର ଅଧ୍ୟାୟ । ପିଲାଟି ଦିନରୁ ଆଜି ପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଆମେ ତାଙ୍କୁ ଦେଖିଆସୁଥିଲୁ । ଏବେ ମୁଖ୍ୟମନ୍ତ୍ରୀ ସିଂହାସନରେ ଅନ୍ୟ କେହି ଜଣେ ବସିବେ ସତ, ହେଲେ ଆମ ହୃଦୟ ସିଂହାସନରେ ପ୍ରିୟ ମୁଖ୍ୟମନ୍ତ୍ରୀ ଭାବେ ଆପଣ ସଦା ସର୍ବଦା ରହିଥିବେ । ଗୋଟିଏ ନିର୍ବାଚନ କାହାର ଆସନ କିମ୍ବା ଉପାଧିକୁ ବଦଳେଇଲେ ମଧ୍ୟ ଆପଣ ଆମ ହୃଦୟର ଯେଉଁ ଉଚ୍ଚ ସ୍ଥାନରେ ଅଛନ୍ତି ତାକୁ କେହି ବଦଳେଇ ପାରିବେନି ।

ନବୀନ ବାବୁ, ଅନେକ ବ୍ୟକ୍ତି ଆପଣଙ୍କ ସ୍ୱର୍ଗତ ପିତା ବିଜୁବାବୁଙ୍କୁ ଝଡ଼ର ଇଗଲ୍

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବୋଲି କୁହନ୍ତି, କିନ୍ତୁ ମୁଁ କହିବି ବାସ୍ତବରେ ଆପଣ ହିଁ ହେଉଛନ୍ତି ଝଡ଼ର ଇଗଲ୍ । କାରଣ ୧୯୯୯ ମହାବାତ୍ୟା ପରେ ଓଡ଼ିଶାର ଯେଉଁଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା ସେଥିରୁ ମୁକୁଳିବା ଥିଲା ଅନେକଙ୍କ ପାଇଁ କାଠିକର ପାଠ । କେବଳ ସେତିକି ନୁହେଁ ୨୦୧୩ରେ ଫାଇଲିନ୍, ୨୦୧୪ରେ ହୁଡ୍ ହୁଡ୍, ୨୦୧୮ରେ ତିତଲି ଏବଂ ୨୦୧୯ରେ ଫନି ଭଳି ଅନେକ ଝଡ଼ ବାତ୍ୟାକୁ ଆପଣ ଦୃଢ଼ତାର ସହ ସାମ୍ନା କରିଛନ୍ତି । ତା' ସହିତ ୨୦୨୦ ଓ ୨୦୨୧ ହୋଇଥିବା କରୋନା ମହାମାରୀରୁ ଓଡ଼ିଶାବାସୀଙ୍କୁ ରକ୍ଷା କରିବା ପାଇଁ ଆପଣଙ୍କ ଆପ୍ରାଣ ଉଦ୍ୟମକୁ ସାରା ଭାରତ ଦେଖିଛି । ଆପଣ ଆମ ପାଇଁ ନିଃସ୍ୱାର୍ଥପର ଭାବରେ ଯାହା ସବୁ କରିଛନ୍ତି, ସେଥିପାଇଁ ଯେତେ ପ୍ରଶଂସା କଲେ କି କୃତଜ୍ଞତା ଜ୍ଞାପନ କଲେ ମଧ୍ୟ କମ୍ ହେବ ।

ନବୀନ ବାବୁ, କୌଣସି ପରିସ୍ଥିତିରେ ଆପଣ ଓଡ଼ିଶାବାସୀଙ୍କୁ ବିପଦରେ ଛାଡ଼ି ଯାଇନଥିଲେ କି ଆମେ ମଧ୍ୟ ଆପଣଙ୍କୁ ଯିବାର ସୁଯୋଗ ଦେଇନଥିଲୁ । ଆପଣଙ୍କ ସରଳ ଜୀବନ ଯାପନ, ସ୍ୱଚ୍ଛ ଚରିତ୍ର, ନିର୍ମଳ ଭାବମୂର୍ତ୍ତି ଓ ନିରାଡ଼ମ୍ବର ବ୍ୟକ୍ତିତ୍ୱ ଆମକୁ ବେଶ୍ ପ୍ରଭାବିତ କରି ରଖିଥିଲା, ଆଗକୁ ପ୍ରଭାବିତ କରିବ ମଧ୍ୟ । ଆମ ପାଇଁ ଆପଣ ଜଣେ ଦକ୍ଷ ଶାସକ, ଅଭିଜ୍ଞ ତଥା ଉତ୍ତମ ରାଜନେତା ଏବଂ ସୁସାଙ୍ଗଠନିକ ଭାବେ ଏକ ଜ୍ୱଳନ୍ତ ଉଦାହରଣ ହୋଇ ରହିବେ । ଦୀର୍ଘ ୨୪ ବର୍ଷର ଶାସନରେ ଆପଣ ଓଡ଼ିଶାର ମାନଚିତ୍ରକୁ ବଦଳେଇ ଦେଇଛନ୍ତି । ଓଡ଼ିଶାକୁ ତଥା ସାଢ଼େ ଚାରିକୋଟି ଓଡ଼ିଆଙ୍କୁ ବିଶ୍ୱ ସ୍ତରରେ ପରିଚିତ କରାଇବା ପଛରେ ଥିବା ଆପଣଙ୍କ ଅବଦାନ ଅତୁଳନୀୟ । ଏତେ ସବୁ କଲା ପରେ ଆପଣ ପାଇଲେ କ'ଣ ?

ନବୀନ ବାବୁ, ଅମୃତ ହାଣ୍ଡିରେ ଟୋପାଏ ବିଷ ସମଗ୍ର ହାଣ୍ଡିକୁ ବିଷାକ୍ତ କରିଦେବା ଭଳି, ଆପଣଙ୍କର ଗୋଟାଏ ଭୁଲ ନିଷ୍ପତ୍ତି ଆପଣଙ୍କ ଦଳକୁ ନିର୍ବାଚନରେ ହରେଇଦେଲା । ନିର୍ବାଚନ ଯଦି ମହାଭାରତ ଯୁଦ୍ଧ ହୁଏ, ଆପଣଙ୍କ ଦ୍ୱାରା ବଛା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୋଇଥିବା ୫ଟି ସଚିବ ବିଜେଡ଼ି ଦଳ ପାଇଁ କୃଷ୍ଣ ହେବା ପରିବର୍ତ୍ତେ ଶକୁନି ପାଲଟିଗଲେ । ଦଳ ବିରୋଧୀ ମନ୍ତବ୍ୟ ହେଉ ଅବା କାର୍ଯ୍ୟ ପାଇଁ ଆପଣ ପ୍ୟାରୀ ବାବୁ ଓ ଦାମ ବାବୁଙ୍କ ଭଳି ଅନେକ ବରିଷ୍ଠ ନେତାଙ୍କୁ ଦଳରୁ ବହିଷ୍କୃତ କରିଥିଲେ । ସେଥିପାଇଁ ତ ଓଡ଼ିଶାବାସୀ ଆପଣଙ୍କ କାର୍ଯ୍ୟ କଳାପକୁ ଭଲ ପାଉଥିଲେ ଆଉ ଆପଣଙ୍କୁ ଅନ୍ଧ ଭଳି ବିଶ୍ୱାସ କରୁଥିଲେ ମଧ୍ୟ । ମୁଁ ଜାଣିବାରେ ଧୃତରାଷ୍ଟ୍ରଙ୍କ ପରି ଆପଣଙ୍କର କେବେ ସନ୍ତାନ ମୋହ କି ଆସନ ଲୋଭ ନଥିଲା ? ତେବେ ଆପଣ ଅନ୍ଧ ପାଲଟିଯାଇଥିଲେ ନା ଆପଣଙ୍କ ଆଖିରେ କଳାପଟି ବାନ୍ଧି ଆପଣଙ୍କୁ ଅନ୍ଧ କରି ଦିଆଯାଇଥିଲା ? ବେବିନା, କୁନ୍ଦୁଲି, ମମିତା ଆଉ ପରୀ ଆଦି ନିରିହ ଝିଅମାନଙ୍କର ବଳାତ୍କାରୀ ଓ ହତ୍ୟାକାରୀ (ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ) ହେଉଛନ୍ତି ସବୁ ଆପଣଙ୍କ ଦଳର ଜଣେ ଜଣେ ଆଗଧାଡ଼ିର ନେତା । ଏସବୁ ଘଟଣା କ'ଣ ଆପଣଙ୍କୁ ଅଗୋଚର ଥିଲା ? ଯଦି ଅଗୋଚର ନଥିଲା, ତେବେ ଆପଣ ବିଜେଡ଼ି ଦଳର ସଭାପତି ହୋଇ ସେମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନେଲେନାହିଁ କାହିଁକି ? ଆପଣ ସେତେବେଳେ ମୌନ ରହିବାଟା ହୁଏତ ବୁମେରାଂ ହୋଇ ଏବେ ଫେରି ଆସିଲା ଆପଣଙ୍କ ପାଖକୁ ।

ନବୀନ ବାବୁ, ନିର୍ବାଚନରେ ଆପଣଙ୍କ ଦଳ ସିନା ହାରିଗଲା, କିନ୍ତୁ ଆପଣ ଆମ ହୃଦୟ ଜିତିଗଲେ । ୨୪ବର୍ଷ ଶାସନ ଭିତରେ ଆପଣଙ୍କ ପାଟିରୁ ବିରୋଧୀ ମାନଙ୍କ ବିପକ୍ଷରେ ପଦେ କଥା ଶୁଣିନାହୁଁ । ସେଥିପାଇଁ ତ ବିଜେପି ଦଳ ବିଜୟୀ ହେବାର ଚର୍ଚ୍ଚା ଅପେକ୍ଷା ଆପଣଙ୍କର ଚର୍ଚ୍ଚା ଅଧିକ ହେଉଛି । ଏଥିରୁ ପ୍ରମାଣିତ ହେଇଯାଉଛି ଯେ, ଆପଣଙ୍କର ଲୋକପ୍ରିୟତା ଗୋଟିଏ ଜାତୀୟ ଦଳ ଠାରୁ ଅନେକ ଆଗରେ । ଆପଣଙ୍କ ଆଖି ଆଗରେ ବିଜେଡ଼ି ଦଳର ପରାଜୟକୁ ଆପଣ କିପରି ଦେଖୁଥିବେ, ସେକଥା ମୁଁ ଜାଣି ନାହିଁ କିନ୍ତୁ ମୁଁ ଏବେ ବି ଏହା ସ୍ୱପ୍ନ କି ବାସ୍ତବର ଦ୍ୱନ୍ଦରେ ଛନ୍ଦି ହୋଇଯାଇଛି । କେବଳ ମୁଁ ନୁହେଁ, ସମଗ୍ର ଓଡ଼ିଶାବାସୀ ଆପଣଙ୍କ ପରାଜୟକୁ ସହଜରେ ସ୍ୱୀକାର କରି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାରୁନାହାଁନ୍ତି ।

ନବୀନ ବାବୁ, ଏତେ ସବୁ ଘଟଣା ଦୁର୍ଘଟଣା ପରେ ବି ଓଡ଼ିଶାବାସୀ ମୁକ୍ତ କଣ୍ଠରେ ଘୋଷଣା କରିବେ ଆପଣ ଥିଲେ ଓଡ଼ିଶା ବିକାଶର ବିଶ୍ୱକର୍ମା, ଆପଣ ଥିଲେ ଓଡ଼ିଶା ରୂପ ପରିବର୍ତ୍ତନର ଜଣେ ଧୂରୀଣ ଶିଳ୍ପୀ, ଆପଣ ଥିଲେ ଓଡ଼ିଶାକୁ ବିଶ୍ୱସ୍ତରରେ ପରିଚିତ କରାଇବାରେ ମୁଖ୍ୟ ବିନ୍ଧାଣି ଏବଂ ଆପଣ ହିଁ ଥିଲେ ଝଡ଼ ବାତ୍ୟାକୁ ହସି ହସି ସାମ୍ନା କରୁଥିବା ଝଡ଼ର ଇଗଲ୍ । ଜଗତର ନାଥ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପଦାରବିନ୍ଦରେ ଆପଣଙ୍କ ପାଇଁ ପ୍ରାର୍ଥନା କରିବି, ଆପଣଙ୍କ ଅବଶିଷ୍ଟ ଜୀବନ ନିରାମୟ ଓ ସୁଖମୟ ହେଉ ଏବଂ ଆପଣ ଦୀର୍ଘାୟୁ ହୁଅନ୍ତୁ ।

(ବି.ଦ୍ର :- ରାଜନୈତିକ ଓ ଦଳୀୟ ଭାବନା ଠାରୁ ଊର୍ଦ୍ଧ୍ୱରେ ରହି ନବୀନ ବାବୁଙ୍କୁ ଭଲପାଉ ଥିବା ଜଣେ ପ୍ରଶଂସକ । )

ପଦ୍ମାଦେଇପୁର, ନୟାଗଡ଼

୯୯୩୮୭୬୧୨୨୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମ୍ବଲପୁରୀ ଦିବସ

ଅନନ୍ୟା ପ୍ରଧାନ



ସୁବର୍ଣ୍ଣପୁରରେ ଜନ୍ମିତ ଗୁରୁ ସତ୍ୟନାରାୟଣ ବହିଦାରଙ୍କୁ ସମ୍ବଲପୁରୀ ଭାଷା ସାହିତ୍ୟର ଗୁରୁ ବୋଲି କୁହାଯାଏ । ତାଙ୍କରି ଜନ୍ମଦିନକୁ ପଶ୍ଚିମ ଓଡିଶାର ବିଭିନ୍ନ ପ୍ରାନ୍ତରେ ସମ୍ବଲପୁରୀ ଦିବସ ଭାବେ ପାଳନ କରାଯାଉଛି । ପ୍ରତିବର୍ଷ ଅଗଷ୍ଟ ୧ ତାରିଖକୁ ସମ୍ବଲପୁରୀ ଦିବସ ଭାବରେ ପାଳନ କରାଯାଏ । ସମ୍ବଲପୁରୀ ଭାଷା ସାହିତ୍ୟ, କଳା ସଂସ୍କୃତି ପାଇଁ ତାଙ୍କ ଅବଦାନକୁ ସମ୍ମାନ ଦେଇ ଆଜି ପଶ୍ଚିମ ଓଡିଶାରେ ବେଶ ଧୂମଧାମରେ ପାଳନ ହେଉଛି ସମ୍ବଲପୁରୀ ଦିବସ । ଗୁରୁ ଶ୍ରୀସତ୍ୟନାରାୟଣ ବହିଦାରଙ୍କର ସମ୍ବଲପୁରର ତଂଭେ ବାବୁ, ତଂଭର ସମ୍ବଲପୁର, ଅଦ୍ଭଲ ସମ୍ବଲପୁରୀ ଲେଖ୍, ସମ୍ବଲପୁରୀ ସୁର୍, ଇ ବୁଲିଲୁ ନାଇନ ବୁଲି, ଇ ଧୂଲିନୁ ନାଇନ ଧୁଲି, ଅଜବ୍ ରକମ୍ ଲାଗ୍‌ସି ଇନୁ, ଭାରତ୍ ମାଆର୍ ଲଲା ଆଦି ଗୀତ ହିଁ ବଦଳେଇ ଦେଇଥିଲା ସମ୍ବଲପୁରୀ ଭାଷା ଆଉ ସାହିତ୍ୟକୁ । ଏଇ ଗୀତ ପରେ ପରେ କେତେ କବି କେତେ ଲେଖକ ନିଜ କଥିତ ଭାଷାରେ ମନର ଭାବ ଆଉ ଆବେଗକୁ ଲେଖିବା ଆରମ୍ଭ କରିଥିଲେ, ଗଳ୍ପ ଓ କବିତା ଆକାରରେ । ସମ୍ବଲପୁରୀ ଯେ ଓଡ଼ିଆ ଭାଷା ଠାରୁ ଅଲଗା ଆଉ ତା'ର ଗୋଟେ ନିଜର ବ୍ୟାକରଣ ଅଛି ଏଇ କଥାଟା କହିଥିଲେ ସତ୍ୟନାରାୟଣ ବହିଦାର । ପ୍ରଥମ କରି ସେ ସମ୍ବଲପୁରୀ ଭାଷା ସାହିତ୍ୟକୁ ଗୋଟେ ନୂଆଁ ବାଟ ଦେଖାଇଥିଲେ । ସେଥିପାଇଁ ତାଙ୍କୁ ଏଇ ଭାଷା ଓ ସାହିତ୍ୟର ସ୍ରଷ୍ଟା ବୋଲି କୁହାଯାଏ । ୧୯୧୩ ମସିହା ଅଗଷ୍ଟ ୧ ତାରିଖରେ ସୋନପୁରରେ ଜନ୍ମଗ୍ରହଣ କରିଥିଲେ ଗୁରୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶ୍ରୀସତ୍ୟନାରାୟଣ ବହିଦାର । ବାପା ମିତ୍ରଭାନୁ ବହିଦାର ସରକାରୀ କ୍ଲାର୍କ ଥିଲେ । ବହିଦାର ଆଜ୍ଞାଙ୍କୁ ୬ ବର୍ଷ ହୋଇଥିଲା ବେଳେ ମାଆ ବିଳାସବତୀଙ୍କର ଦେହାନ୍ତ ହୋଇଥିଲା । ସୋନପୁରରେ ପ୍ରାଇମେରୀ ପାଠ ପଢ଼ିଲା ପରେ ସେ ଉଚ୍ଚଶିକ୍ଷା ପାଇଁ ସମ୍ବଲପୁର ଆସିଥିଲେ । ଏଇ ସମ୍ବଲପୁର ମାଟି ତାଙ୍କ ପାଇଁ କର୍ମଭୂମି ପାଲଟି ଯାଇଥିଲା । ସମ୍ବଲପୁର ଜିଲ୍ଲା ସ୍କୁଲରେ ପଢିଲା ପରେ ସେ ସମ୍ବଲପୁରୀ ଭାଷାରେ ସେ ବହୁତ୍ ସୁନ୍ଦର ଲେଖାମାନେ ଲେଖିବା ଆରମ୍ଭ କରିଥିଲେ । ଆଉ ସେ ସମୟରେ ତାଙ୍କ ଲେଖାଲେଖି ପାଇଁ ବେଶ୍ ସୁନାମ ଅର୍ଜନ କରିଥିଲେ । ଅନ୍ୟମାନଙ୍କୁ ବି ନିଜ ଭାଷାରେ ଲେଖିବା ପାଇଁ ପ୍ରୋତ୍ସାହିତ କରୁଥିଲେ । ସମ୍ବଲପୁରୀ ବ୍ୟାକରଣ ସହିତ ଫୁଲ୍ ଚାଙ୍ଗୀର୍, ଘାବଘାବୋ, ଠାକ୍ ଚହଁରା, ସମ୍ବଲପୁରୀ ଚଉକିଆ ଭଳି ଆହୁରି ଅନେକ ଲେଖା ଲେଖିଥିଲେ । ସମ୍ବଲପୁରୀ ଭାଷାର ପ୍ରଚାର୍ ପ୍ରସାର୍ ପାଇଁ ସେ ତାଙ୍କ ଜୀବନର ଅଧିକାଂଶ ସମୟ ଦେଇଥିଲେ ଏବଂ ତାଙ୍କର ଏହି ତ୍ୟାଗ ପାଇଁ ସେ ସାରା ପଶ୍ଚିମଓଡିଶା ଅଗଷ୍ଟ ୧କୁ ସମ୍ବଲପୁରୀ ଦିବସ ଭାବରେ ପାଳି ଆସୁଛି । ଭାଷା, ସାହିତ୍ୟ ଆଉ ସଂସ୍କୃତି ସଙ୍ଗେ ସମ୍ବଲପୁରୀ ପୋଷାକ ପ୍ରଚାର ପ୍ରସାର ଏଇ ଦିନର ମୁଖ୍ୟ ଉଦ୍ଦେଶ୍ୟ । ସମ୍ବଲପୁରର ଇଷ୍ଟଦେବୀ ମାଆ ସମଲେଇଶ୍ୱରୀ ମଧ୍ୟ ଏହିଦିନ ସମ୍ବଲପୁରୀ ବସ୍ତ୍ର ପରିଧାନ କରି ଭକ୍ତମାନଙ୍କୁ ଦର୍ଶନ ଦେଇଥାଆନ୍ତି । ପ୍ରତିବର୍ଷ ଏହି ଅବସରରେ ପୁରା ପଶ୍ଚିମାଞ୍ଚଳ ଉତ୍ସବ ମୁଖର ହୋଇପଡ଼େ । ସମ୍ବଲପୁରିଆ ଭାବେ ଗର୍ବ କରୁଥିବା ପ୍ରତ୍ୟେକ ଲୋକ ଏହିଦିନ ସମ୍ବଲପୁରୀ ବସ୍ତ୍ର ପରିଧାନ କରିବା ସହିତ ସମ୍ବଲପୁରୀ ଖାଦ୍ୟ ଗ୍ରହଣ କରି ଏହି ଦିବସକୁ ପାଳନ କରିଥାଆନ୍ତି । ଏହି ଦିନ ଜିଲ୍ଲାର ଜାଗା ଜାଗାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥାଏ । ସମ୍ବଲପୁରୀ ଭାଷା, ସଂସ୍କୃତି, କଳା ଏବଂ ଐତିହ୍ୟ ସ୍ୱତନ୍ତ୍ର ଜିଲ୍ଲା ଏହା । ଏହାକୁ ଆହୁରି ପ୍ରଚାର ପ୍ରସାର କରି ଆଗେଇନେବା ହେଉଛି ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ । ବିଶେଷ କରି ସମ୍ବଲପୁରୀ ନୃତ୍ୟର ଆଦର ଖୁବ୍

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବେଶି ରହିଛି ଜିଲ୍ଲାରେ, ରାଜ୍ୟରେ, ଦେଶରେ ଏବଂ ବିଦେଶରେ ମଧ୍ୟ । ଦେଶ ବିଦେଶରେ ଏହା ପରିଚିତ ଖୁବ୍ ଅଧିକ । ସମ୍ବଲପୁରୀ ଲୋକଗୀତ କାନରେ ପଡ଼ିଲା ମାତ୍ରେ ମତୁଆଲା ହୋଇଥାଆନ୍ତି ସମସ୍ତେ । ଏହି ସମ୍ବଲପୁରୀ ଗୀତର ତାଳେ ତାଳେ ନାଚି ଉଠେ ପାଦ । ଏହି ଦିବସରେ ଜିଲ୍ଲାର ସ୍ଥାନେ ସ୍ଥାନେ ଲୋକ ସମ୍ବଲପୁରୀ ନୃତ୍ୟ କରିଥାଆନ୍ତି ।

ଡାକ୍ତରୀ ଦ୍ୱିତୀୟ ବର୍ଷ ଛାତ୍ରୀ,

ଠିକଣା : କୁଚିଣ୍ଡା, ସମ୍ବଲପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆଦର୍ଶ ଗୁରୁଙ୍କ ଜୀବନରୁ ଶିକ୍ଷା

ଆଶୁତୋଷ ନାୟକ



ଇତିହାସର ପୃଷ୍ଠାକୁ ଆଲୋଚନା ପର୍ଯ୍ୟାଲୋଚନା କଲେ ଏହା ସ୍ୱଷ୍ଟ ଭାବେ ପ୍ରତୀୟମାନ ହୁଏ ଯେ ଆଦର୍ଶଗୁରୁଙ୍କ ଆଶୀର୍ବାଦ ବିନା ମନୁଷ୍ୟ ସଫଳତାର ଶୀର୍ଷରେ ପହଞ୍ଚିବା ଅସମ୍ଭବ । ମନୁଷ୍ୟର ଜୀବନକୁ ଶୃଙ୍ଖଳିତ ଓ ଶାନ୍ତିପୂର୍ଣ୍ଣ କରିବାରେ ଆଦର୍ଶଗୁରୁଙ୍କ ଭୂମିକା ଅବର୍ଣ୍ଣନୀୟ । ମହାନ ସ୍ୱାଧୀନତା ସଂଗ୍ରାମୀ ଜାତିର ପିତା ମହାତ୍ମାଗାନ୍ଧୀ, ମହାପୁରୁଷ ଦିବ୍ୟପୁରୁଷ ତଥା ବିଦ୍ୱାନୀ ସନ୍ଥ ସ୍ୱାମୀ ବିବେକାନନ୍ଦଙ୍କ ଠାରୁ ଆରମ୍ଭକରି କ୍ରିକେଟର ଭଗବାନ କୁହାଯାଉଥିବା ଭାରତରତ୍ନ ଉପାଧି ହାସଲ କରିଥିବା ମାଷ୍ଟରବ୍ଲାଷ୍ଟର ସଚିନ ତେନ୍ଦୁଲକର ପର୍ଯ୍ୟନ୍ତ ଏପରି ଅନେକ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ଏବଂ ସୁପ୍ରତିଷ୍ଠିତ ହୋଇପାରିଛନ୍ତି । ସେମାନଙ୍କ ସଫଳତା ପଛରେ ରହିଛି ତାଙ୍କ ଗୁରୁଙ୍କର ପ୍ରମୁଖ ଭୂମିକା । ଏହାକୁ କେହି କେବେ ଅସ୍ୱୀକାର କରିପାରିବେ ନାହିଁ ।

ଅର୍ଜୁନଙ୍କ ରଥର ସାରଥୀ ସାଜି ଭଗବାନ ଶ୍ରୀକୃଷ୍ଣ ସାରା ମାନବ ସମାଜକୁ ଏହି ବାର୍ତ୍ତା ଦେଇଛନ୍ତି ଯେ ଆଦର୍ଶଗୁରୁଙ୍କ ବିନା ଜୀବନରେ ସଫଳତା ପାଇବା ଅସମ୍ଭବ । ଗୁରୁଙ୍କ ଆଶୀର୍ବାଦ ରହିଲେ ସବୁ ଅସମ୍ଭବ କାର୍ଯ୍ୟ ସମ୍ଭବ ହୋଇପାରିବ ଏଥିରେ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ । ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ନିଜର ଶିଷ୍ୟ ଭାବରେ ବିବେଚନା କରିଥିବାରୁ ତାଙ୍କୁ ନିଜର ଦିବ୍ୟଦୃଷ୍ଟି ପ୍ରଦାନ କରିଥିଲେ ।

ଏହି ଦିବ୍ୟଦୃଷ୍ଟି ବଳରେ ଅର୍ଜୁନ ଭଗବାନଙ୍କ ବିରଳ ବିଶ୍ୱରୂପ ଦେଖିବାକୁ ସମର୍ଥ ହୋଇଥିଲେ । ଭଗବାନ ଶ୍ରୀକୃଷ୍ଣଙ୍କ ଅପାର କରୁଣା ଆଶୀର୍ବାଦ ବଳରେ ମହାଭାରତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯୁଦ୍ଧରେ ବିଜୟଲାଭ କରିବାକୁ ପଞ୍ଚୁପାଣ୍ଡବ ସମର୍ଥ ହୋଇଥିଲେ ଏବଂ ବିଧର୍ମୀ ମହା ପରାକ୍ରମଶାଳୀ କୌରବ ସେନାଙ୍କ ବଂଶ ନିପାତ କରିଥିଲେ ।

ଏକବିଂଶ ଶତାବ୍ଦୀର ମନୁଷ୍ୟ ଆଧୁନିକ ପଶ୍ଚାତ୍ୟ ସଭ୍ୟତାକୁ ଅନୁସରଣ କରି ନିଜ ଜୀବନକୁ ରଙ୍ଗୀନ କରିବା ଲକ୍ଷ୍ୟରେ ସମସ୍ତ ସୁଖସ୍ୱାଚ୍ଛନ୍ଦ୍ୟ ପାଇବା ଆଶାରେ ଆଧୁନିକତାର ମାୟା ଜାଲରେ ବୁଢ଼ୀଆଣୀ ବସା ପରି ଛନ୍ଦି ହୋଇପଡୁଛି । ଅଳ୍ପ ପରିଶ୍ରମରେ ପୁଳାପୁଳା ଟଙ୍କା ବାଟି ବାଟି ସମ୍ପତ୍ତି ଅର୍ଜନ କରିବା ଅଭିଳାଷାରେ ମନୁଷ୍ୟ ବିଭିନ୍ନ ଅସାମାଜିକ କାର୍ଯ୍ୟ ଯେପରି ହତ୍ୟା, ଲୁଣ୍ଠନ, ଚୋରି, ଡକାୟତି, ଅପହରଣ ପରି କୁକର୍ମ କରୁଛି । ପରିଶେଷରେ ସେ ନିଜେ ବିପଦରେ ପଡିବା ସହିତ ତାର ହସଖୁସିର ପରିବାରକୁ ନର୍କ କରିଦେଉଛି । ସେଥିପାଇଁ ପରମଶାସ୍ତ୍ର ଭାଗବତରେ କୁହାଯାଇଛି ।

"ଆପଣା ହସ୍ତେ ଜିହ୍ୱା ଛେଦି,
କେ ଅଛି ତାର ପ୍ରତିବାଦୀ "

ତେଣୁ ମନୁଷ୍ୟକୁ ଅଜ୍ଞାନ ରୂପକ ଅନ୍ଧକାରରୁ ଜ୍ଞାନ ରୂପକ ଆଲୋକରେ ପରିଚାଳିତ କରିବା ପାଇଁ ଆଦର୍ଶ ଗୁରୁଙ୍କ ସାନିଧ୍ୟ ପାଇବା ଅତ୍ୟନ୍ତ ଆବଶ୍ୟକ । ଆଦର୍ଶ ଗୁରୁ ହେଉଛନ୍ତି ଆମର ପଥ ପ୍ରଦର୍ଶକ, ମାର୍ଗଦର୍ଶକ, ବନ୍ଧୁ, ସଖା । ତାଙ୍କ ଉପଦେଶ, ନୀତି, ଆଦେଶ ମାନିବା ଆମର କର୍ତ୍ତବ୍ୟ, ଆମେ ତାଙ୍କର ଆଜ୍ଞାଧୀନ । ସେଥିପାଇଁ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ନିଜର ମୁଖ ନିଃସୃତ ବାଣୀ ଭଗବତ ଗୀତାରେ ଅର୍ଜୁନଙ୍କୁ କହିଛନ୍ତି;

"ଗୁରୁ ନଧରି ଅର୍ଜୁନ
କାହୁଁ ପାଇବୁ ସଦଜ୍ଞାନ " ।

ଏକବିଂଶ ଶତାବ୍ଦୀର ମନୁଷ୍ୟ ଆଦର୍ଶ ଗୁରୁଙ୍କ ଠାରୁ ଦୂରେଇ ଯାଇ ଅସତ୍ୟ, ଛଳନା, ହିଂସା, କପଟତା, ଅଧର୍ମର ସାହାରା ନେଉଛି ଏବଂ ଧୀରେ ଧୀରେ ତାମନରୁ ମାନବିକତା, ସ୍ନେହ, ପ୍ରେମ, ଦୟା, କ୍ଷମା, କରୁଣା ଲୋପ ପାଉଛି । ସେଥିପାଇଁ ନିଜର ରକ୍ତ ସମ୍ପର୍କୀୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜନ୍ମଦାତା ପିତା ଏବଂ ଜନ୍ମଦାତ୍ରୀ ମାତାଙ୍କୁ ମଧ୍ୟ ଆଜିର ସ୍ୱାର୍ଥପର ଅହଂକାରୀ ମନୁଷ୍ୟ ଅକଥନୀୟ ଅତ୍ୟାଚାର କରୁଛି । ଅନେକ ସମୟରେ ସେ ନିରୀହ ପିତାମାତାଙ୍କୁ ହତ୍ୟା କରୁଛି, ସାମାନ୍ୟ ଟଙ୍କା, ଜମିବାଡ଼ି ପାଇଁ ନିଜର ରକ୍ତ ସମ୍ପର୍କୀୟଙ୍କୁ ହତ୍ୟା କରିବାକୁ ପଛଘୁଞ୍ଚା ଦେଉନାହିଁ । ନୈତିକ ମୂଲ୍ୟବୋଧ ଅଭାବ, ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବ, ବିଶୃଙ୍ଖଳିତ ଅସାମାଜିକ ବ୍ୟକ୍ତିଙ୍କ ପ୍ରରୋଚନାରେ ପଡି ମନୁଷ୍ୟର ଜୀବନ କଳୁଷିତ ହେବାର ଲାଗିଛି । ସେଥିପାଇଁ ଅନେକାଂଶରେ ଆମ ଶିକ୍ଷା ବ୍ୟବସ୍ଥା ଦାୟୀ ।

ନୈତିକ ମୂଲ୍ୟବୋଧର ଶିକ୍ଷା ଏବେ ଅତ୍ୟନ୍ତ ଆବଶ୍ୟକ ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ । ଆଦର୍ଶ ଗୁରୁଙ୍କ ଜୀବନ ଆଦର୍ଶରେ ଅନୁପ୍ରାଣୀତ ହୋଇ ନିଜ ଜୀବନରେ ଏହାକୁ ଉପଯୋଗ କରିପାରିଲେ ଆମ ଜୀବନ ଶୃଙ୍ଖଳିତ, ସୁନ୍ଦର ଏବଂ ଶାନ୍ତିପୂର୍ଣ୍ଣ ହୋଇପାରିବ ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ ।

ସେଥିପାଇଁ କୁହାଯାଇଛି

"ଶାନ୍ତ ଓ ସରଳ ସ୍ୱଭାବ ଯାହାର,
ସୁମଧୁର ଯାର ଭାଷା,
ପଢ଼ାନ୍ତି ସେ ପାଠ ଦେଖାନ୍ତି
ସେ ବାଟ ଆଣନ୍ତି ନବୀନ ଆଶା ।
ସେନେହ ବରଷି ପ୍ରେମକୁ ପରସି,
କିଣନ୍ତି ଶିଶୁଙ୍କ ମନ ।
ଅଜ୍ଞାନ ବାଳୁତ ଚକ୍ଷୁ ଲାଭ କରେ,
ଦିବ୍ୟ ଜ୍ଞାନଜ୍ୟୋତି ପାଇ ।
ଗୁରୁଙ୍କ ପ୍ରୟାସେ ମୃଣୟ ପିଣ୍ଡୁଳା,
ସୁଗଠିତ ପାତ୍ର ହୋଇ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କେତେ ଦୁଷ୍ଟମନା ଶିଷ୍ଟ ହୋଇଯାନ୍ତି,
ଛାଟର ପ୍ରହାର ଖାଇ ।
ବିଜ୍ଞ ଗୁଣୀ ହୋଇ ପ୍ରତିଷ୍ଠା ପାଆନ୍ତି,
ତାଙ୍କର ଆଶିଷ ପାଇ ।

ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ଯେ ନିଜକୁ ସର୍ବଶେଷ୍ଠ ସର୍ବଶକ୍ତିମାନ ମନେକରୁଥିବା ଏକବିଂଶ ଶତାବ୍ଦୀର ମନୁଷ୍ୟ ପୁଳା ପୁଳା ଟଙ୍କା ବାଟି ବାଟି ସମ୍ପତ୍ତିର ଅଧିକାରୀ ହୋଇମଧ୍ୟ ଅନେକ ବ୍ୟକ୍ତି ଅଶାନ୍ତିରେ କାଳାତିପାତ କରୁଛନ୍ତି । ସବୁକିଛି ସୁଖ ସ୍ୱାଛନ୍ଦ୍ୟ, ଦାମୀ ଗାଡି, ସୁରମ୍ୟ ଅଟ୍ଟାଳିକା,ସୁନା,ରୁପା, ହୀରା ଅଳଙ୍କାର ଥିଲେ ମଧ୍ୟ ମାନସିକ ଆବସାଦ ଏବଂ ଅତ୍ୟଧିକ ଚାପଗ୍ରସ୍ତ ହୋଇ ସୁଶାନ୍ତ ସିଂ ରାଜପୁତଙ୍କ ଠାରୁ ଆରମ୍ଭ କରି ଅନେକ ହିନ୍ଦୀ, ତେଲୁଗୁ, କନ୍ନଡ଼ ସିନେମା ଅଭିନେତା, ଉଚ୍ଚପ୍ରଦସ୍ତ ଅଧିକାରୀ, ପୋଲିସ ଅଫିସର, ଆଇଏସ ଅଫିସର ଆତ୍ମହତ୍ୟାର ରାସ୍ତା ବାଛି ନେଉଛନ୍ତି । ଏହାର ଅନେକ ଦୃଷ୍ଟାନ୍ତ ରହିଛି ।

ବିଦ୍ୟା କେବେ ପୁଳା ପୁଳା ଟଙ୍କା ଏବଂ ବାଟି ବାଟି ସମ୍ପତ୍ତି ଅର୍ଜନ କରିବାକୁ ଶିକ୍ଷା ଦିଏ ନାହିଁ । ମନ ଭିତରେ ଅହଂଭାବନା ଆସିଲେ ଆମର ଶିକ୍ଷା ମୂଲ୍ୟହୀନ । ଉଦାରବାଦୀ, ନିର୍ଭିକ, ସରଳ, ନମ୍ର, ବ୍ୟକ୍ତି ହିଁ ପ୍ରକୃତ ଆଦର୍ଶ ଶିକ୍ଷକ ପଦବାଚ୍ୟ । ପ୍ରକୃତିର ଜୀବଜନ୍ତୁ, କୀଟପତଙ୍ଗ ଠାରୁ ଆରମ୍ଭ କରି ଉଦ୍ଭିଦ ପର୍ଯ୍ୟନ୍ତ ଆମକୁ ବହୁତ କିଛି ଶିକ୍ଷା ମିଳେ । ବିନମ୍ରତା ସହନଶୀଳତା ଆମକୁ ଉଦ୍ଭିଦ ଠାରୁ ଶିକ୍ଷା ମିଳିଥାଏ । ପରିଶ୍ରମ, ନିଷ୍ଠା, ଉଦ୍ୟମ ଆମକୁ ମହୁମାଛି ଶିକ୍ଷା ଦେଇଥାଏ । ଜନ୍ଦା, ପିମ୍ପୁଡିଙ୍କ ପରି ଛୋଟ କୀଟପତଙ୍ଗମାନଙ୍କ ଠାରୁ ଶୃଙ୍ଖଳିତ ଜୀବନ ଶୈଳୀର ଶିକ୍ଷା ମିଳିଥାଏ । ସବୁଠାରୁ ବିଶ୍ୱସ୍ତ ପ୍ରାଣୀ କୁକୁରଠାରୁ ଆମକୁ ବିଶ୍ୱସ୍ତତା ଶିକ୍ଷା ମିଳିଥାଏ । ଦୁବଘାସକୁ ଲୋକମାନେ ପାଦରେ ଦଳି ଦିଅନ୍ତି, କିନ୍ତୁ ଦୁବ ଘାସ ଛୋଟ ହେଲେ ବି ଈଶ୍ୱର କାର୍ଯ୍ୟରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲାଗିଥାଏ । ଦୁବ ଘାସ ଠାରୁ ଆମକୁ ସହନଶୀଳତାର ଶିକ୍ଷା ମିଳେ । ଉଚ୍ଚ ପର୍ବତମାଳା ଆମକୁ ବହୁତ କିଛି ଶିକ୍ଷା ଦିଏ । ମନୁଷ୍ୟ ଜୀବନରେ ଘଟୁଥିବା ଦୁଃଖ, କଷ୍ଟ, ବାଧା, ବିଘ୍ନ, ଘାତ ପ୍ରତିଘାତକୁ କିପରି ସାହସର ସହିତ ମୁକାବିଲା କରିବାକୁ ହୁଏ ତାହା ପର୍ବତଠାରୁ ଶିକ୍ଷା ମିଳେ । ବିଶାଳ ସାଗର ମନୁଷ୍ୟକୁ ସ୍ଥିତପ୍ରଜ୍ଞ ହେବା ପାଇଁ ଶିକ୍ଷା ଦିଏ । ଉଭୟ ସୁଖ ଓ ଦୁଃଖରେ ନିର୍ବିକାର ଅର୍ଥାତ ମନୁଷ୍ୟର ଆଚରଣ ଓ କାର୍ଯ୍ୟରେ କୌଣସି ପରିବର୍ତ୍ତନ ହେବା ଉଚିତ ନୁହଁ । ସେଥିପାଇଁ ଏ ବିଶ୍ୱବ୍ରହ୍ମାଣ୍ଡରେ ମନୁଷ୍ୟ ଈଶ୍ୱରଙ୍କର ସୁନ୍ଦର ସୃଷ୍ଟି ପ୍ରକୃତିରୁ ଶିକ୍ଷା ଗ୍ରହଣ କରି ନିଜର ଆଚରଣକୁ ପରିମାର୍ଜିତ କରିବା ଉଚିତ । ଏହି କାର୍ଯ୍ୟ କରିପାରିଲେ ମନୁଷ୍ୟ ସର୍ବଶେଷ୍ଠ ପ୍ରାଣୀ ଭାବେ ନିଜକୁ ପ୍ରତିପାଦିତ କରିପାରିବ । ଏଥିରେ ସଂନ୍ଦେହର କୌଣସି ଅବକାଶ ନାହିଁ ।

ସୁସ୍ଥ ସମାଜ ଗଠନ କରିବାରେ ତଥା ରାଷ୍ଟ୍ରକୁ ସର୍ବଶ୍ରେଷ୍ଠ ଗଢି ତୋଳିବାରେ ଆଦର୍ଶ ଶିକ୍ଷକଙ୍କର ଭୂମିକା ଅତୁଳନୀୟ । କଥାରେ ଅଛି ଏକ ମାଛଟିଏ ଦାନ କରି ଆପଣ କେବଳ ଗୋଟିଏ ଥର ପାଇଁ କିଛି ବ୍ୟକ୍ତିଙ୍କର କ୍ଷୁଧା ନିବାରଣ କରି ପାରନ୍ତି, କିନ୍ତୁ ମାଛ ଧରିବାର ଉପାୟ ଶିକ୍ଷା ଦେଇ ଆପଣ ସେମାନଙ୍କୁ ସବୁଦିନ ପାଇଁ ଆତ୍ମନିର୍ଭରଶୀଳ କରିପାରିବେ, ଯାହା ଫଳରେ ସେମାନେ ନିଜ ଖାଦ୍ୟର ବ୍ୟବସ୍ଥା ନିଜେ କରିବା ପାଇଁ ଯୋଗ୍ୟ ଏବଂ ସମର୍ଥ ହୋଇପାରିବେ । ସେହିପରି ଶିକ୍ଷକ ହେଉଛନ୍ତି ଭବିଷ୍ୟତର ନିର୍ମାତା, ଯିଏ ଏକ ପ୍ରଦୀପ ସଦୃଶ, ନିଜେ ଜଳି ଅନ୍ୟମାନଙ୍କ ପଥକୁ ଆଲୋକିତ କରିଥାନ୍ତି । ଜଣେ ମହାନ ଆଦର୍ଶ ଶିକ୍ଷକ କେବଳ କଥାରେ କୁହନ୍ତି ନାହିଁ, ନିଜ ଆଚରଣ ଓ କର୍ମରେ ତାହା ପ୍ରଦର୍ଶିତ କରିଥାନ୍ତି । ଶିକ୍ଷକଙ୍କର ଉଦ୍ଦେଶ୍ୟ ହେଉଛି ଛାତ୍ରଛାତ୍ରୀ ମାନଙ୍କୁ ନିଜ ଭାବମୂର୍ତ୍ତିରେ ଗଢି ତୋଳିବା ନୁହେଁ ବରଂ ନିଜର ଭାବମୂର୍ତ୍ତିରେ ସୃଷ୍ଟି କରିପାରିବା ନିମନ୍ତେ ସେମାନଙ୍କୁ ଯୋଗ୍ୟ ଏବଂ ସାମର୍ଥ୍ୟ କରିଦେବା ।

ଶିକ୍ଷକ ହେଉଛନ୍ତି ବଗିଚାର ସେହି ମାଳି ସଦୃଶ, ଯିଏ କି ବଗିଚାରେ ରଙ୍ଗ ବେରଙ୍ଗ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଫୁଲରେ ସୁସଜ୍ଜିତ କରିଥାନ୍ତି । ଅର୍ଥାତ ବିଦ୍ୟାଳୟ ଯଦି ବଗିଚା ହୁଏ ସେହି ବଗିଚାର ମାଳି ହେଉଛନ୍ତି ଶିକ୍ଷକ ଏବଂ ଶିଷ୍ୟ ହେଉଛନ୍ତି ସେହି ବଗିଚାର ଫୁଲ । ଫୁଲର ରଙ୍ଗ ହେଉଛି ସେହି ବିଦ୍ୟାର୍ଥୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ, ଅର୍ଥାତ କିଏ କଣ ହେବ । ଏ ବିଶ୍ୱବ୍ରହ୍ମାଣ୍ଡରେ ଯିଏ ଯେତେ ବଡ଼ ପଦବୀରେ ଅଧିଷ୍ଠିତ ହୋଇଥାଉ ନା କାହିଁକି ତାର ସଫଳତା ପଛରେ ଆଦର୍ଶ ଗୁରୁଙ୍କ ଭୂମିକା ନିଶ୍ଚିତ ଭାବରେ ରହିଥାଏ, ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ । କଥାରେ ଅଛି

"ସତ ଗୁରୁ ଯେବେ ମାରେ ଗୋଇଠା
ଅନ୍ଧାର ଘରେ ଜଳେ ବଇଠା"

କବିର ଦାଶ କହିଛନ୍ତି

ଗୁରୁ ଗୋବିନ୍ଦ ଦୋ ଖୋଡ଼ା, କାକେ ଲାଗୁ ପାଏଁ,
ବଲହାରୀ ଗୁରୁ ଆପେଁ ଗୋବିନ୍ଦ ଦିଏୟ ମିଳାଏ "

ଏହାର ଅର୍ଥ ଯେତେବେଳେ ଗୁରୁ ଏବଂ ସ୍ୱୟଂ ଭଗବାନ ଦୁଇ ଜଣ ଆପଣଙ୍କ ସମ୍ମୁଖରେ ଦଣ୍ଡାୟମାନ । ଆପଣ ସର୍ବ ପ୍ରଥମେ ଗୁରୁଙ୍କୁ ପ୍ରଣାମ କରିବେ । କାରଣ ଗୁରୁ ହିଁ ଆପଣଙ୍କର ପଥ ପ୍ରଦର୍ଶକ । ସେ ହିଁ କେବଳ ଗୋବିନ୍ଦ ଅର୍ଥାତ ଭଗବାନଙ୍କ ପାଖରେ ପହଁଚିବା ପାଇଁ ସଠିକ ମାର୍ଗ ଦର୍ଶାଇଥାନ୍ତି । ଶିକ୍ଷକଙ୍କୁ ସମ୍ମାନିତ କରିବା ପାଇଁ କୌଣସି ଦିନର ଆବଶ୍ୟକତା ନାହିଁ । କାରଣ ଶିକ୍ଷକ ସଦାସର୍ବଦା ଚିରନମସ୍ୟ, ଚିରପୂଜନୀୟ, ଚିରସମ୍ମାନିତ, ସର୍ବଶ୍ରେଷ୍ଠ । ତଥାପି ଅନେକ ଦେଶରେ ଶିକ୍ଷକଙ୍କୁ ସମ୍ମାନିତ କରିବା ପାଇଁ ଏକ ବିଶେଷ ଦିବସ ଘୋଷଣା କରାଯାଇଛି ।

ଆମ ଦେଶରେ ଏହା ସେପ୍ଟେମ୍ବର୫ ତାରିଖରେ ଅତି ଆଡମ୍ବର ସହକାରେ ପାଳନ କରାଯାଏ । ଡ଼କ୍ଟର ସର୍ବପଲ୍ଲି ରାଧାକୃଷ୍ଣନଙ୍କର ଶିକ୍ଷା ପ୍ରତି ଭାରି ରୁଚିଥିଲା । ସେ କୁହନ୍ତି ଶିକ୍ଷକ ବିନା ଜଣେ ବ୍ୟକ୍ତି ଲକ୍ଷ୍ୟ ସ୍ଥଳରେ ପହଁଚିବା ଅସମ୍ଭବ । ଜଣେ ଉତ୍ତମ ଆଦର୍ଶ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶିକ୍ଷକ ତାର ବିଦ୍ୟାର୍ଥୀକୁ ସମସ୍ତ ବାଧା ବିଘ୍ନ, ଘାତ, ପ୍ରତିଘାତକୁ ସାମନା କରିବା ପାଇଁ ପ୍ରସ୍ତୁତ କରିଥାଏ । ଯାହା ଫଳରେ ବିଦ୍ୟାର୍ଥୀ ଉଜ୍ୱଳ ଭବିଷ୍ୟତ ଗଢିବାକୁ ସମର୍ଥ ହୋଇଥାଏ । ଡ଼କ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନ ୪୦ବର୍ଷ ବୟସରେ ଶିକ୍ଷା କ୍ଷେତ୍ରରେ ତାଙ୍କର ଜୀବନ ଅତିବାହିତ କରିଥିଲେ । ସେ ସ୍ୱାଧୀନ ଭାରତର ପ୍ରଥମ ଉପରାଷ୍ଟ୍ରପତି ଓ ପରେ ରାଷ୍ଟ୍ରପତି ଥିଲେ । ଶିକ୍ଷା ପ୍ରତି ତାଙ୍କର ଅତୁଳନୀୟ ଅବଦାନ ରହିଛି ଯାହାକୁ କିଛି ଶବ୍ଦରେ ପ୍ରକାଶ କରିବା ଅସମ୍ଭବ । ତେଣୁ ତାଙ୍କ ଜନ୍ମତିଥିକୁ ଗୁରୁଦିବସ ରୂପେ ପାଳନ କରାଯାଏ । ଶିକ୍ଷକ ହେଉଛନ୍ତି ସୁସ୍ଥ ସମାଜ ନିର୍ମାଣକାରୀ । ଯିଏ ଆମକୁ ନୈତିକ ମୂଲ୍ୟବୋଧ ଓ ମାନବିକତା ଶିକ୍ଷା ଦେଇଥାନ୍ତି । ଯାହାଦ୍ୱାରା ଏକ ଉନ୍ନତ ରାଷ୍ଟ୍ର ନିର୍ମାଣରେ ଏହା ସହାୟକ ହୋଇଥାଏ । ଶିକ୍ଷକଙ୍କର ମହାନତାକୁ ବର୍ଣ୍ଣନା କରିବା ପାଇଁ ଦୁନିଆର ପ୍ରତେକ ଶବ୍ଦ ତାଙ୍କ ପାଇଁ ଛୋଟ ପଡ଼ିଯିବ ।

ଶିକ୍ଷକଙ୍କୁ ନା ପ୍ରଂଶସା ଲୋଡ଼ା, ନା ତାଙ୍କୁ ସୁନା ରୁପା ମୋତି ମାଣିକ ଭଳି ଦାମୀ ଉପହାର ଲୋଡ଼ା, ତାଙ୍କୁ ତ ବାସ ଆତ୍ମୀୟ ଶାନ୍ତି ଲୋଡ଼ା, ଆତ୍ମୀୟ ଶାନ୍ତି ଶିକ୍ଷକଙ୍କୁ ସେତେବେଳେ ମିଳେ ଯେତେବେଳେ ବିଦ୍ୟାର୍ଥୀର ଯଶଗାନ ସାରା ବିଶ୍ୱରେ ହୁଏ ।

ବିଂଶ ଶତାବ୍ଦୀର ଆଧୁନିକ ଭାରତରେ ଗୁରୁଶିଷ୍ୟର ପରମ୍ପରା ଧୀରେ ଧୀରେ କଳଙ୍କିତ ହେବାରେ ଲାଗିଛି । ତେଣୁ ବିଦ୍ୟାର୍ଥୀ ଓ ଶିକ୍ଷକ ଏହାର ମହତ୍ୱକୁ ବୁଝିବା ନିହାତି ଆବଶ୍ୟକ । ଏହା ଦ୍ୱାରା ଏକ ସୁସ୍ଥ ସମାଜ ଏବଂ ଉନ୍ନତ ରାଷ୍ଟ୍ର ନିର୍ମାଣ ହୋଇ ପାରିବ । ଗୁରୁଶିଷ୍ୟ ପରମ୍ପରାରେ ଯେପରି ପ୍ରଶ୍ନ ଚିହ୍ନ ନଲାଗେ ସେଥିପ୍ରତି ଯଥେଷ୍ଟ ସଚେତନ ହେବା ଆମର କର୍ତବ୍ୟ ।

ଗୋପାଳପୁର, ବାଲେଶ୍ୱର

ମୋବାଇଲ- ୭୦୨୦୬୧୧୩୦୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଗଡ଼ିଗଲେ ବଳଭଦ୍ର, ଆସିଗଲା ଆମ୍ବୁଲାନ୍ସ... !

ଶଙ୍କର ବିଶ୍ୱାଳ



ଶ୍ରୀମନ୍ଦିରରେ ନବକଳେବର ବ୍ରହ୍ମବିଭ୍ରାଟ ଠାରୁ ନାନା ଅଘଟଣ ଘଟି ଚାଲିଛି । ନିକଟରେ ମହାପ୍ରଭୁଙ୍କ ପବିତ୍ର ଭଉଁରୀରେ ନରେନ୍ଦ୍ର ପୁଷ୍କରିଣୀ ବିସ୍ଫୋରଣରେ ୧୮ଜଣ ପ୍ରାଣ ହରାଇବା ଘଟଣା ଲୋକଙ୍କ ମନରୁ ଲିଭି ନଥିବା ବେଳେ ଗତକାଲି ରଥ ଉପରେ ବଡ଼ଠାକୁର ପଡ଼ିଯିବା ଘଟଣା ଭକ୍ତ ମହଲଙ୍କୁ ଆନ୍ଦୋଳିତ କରିଛି ସତରେ କ'ଣ ଠାକୁର ଏତେ କୋପ କରିଛନ୍ତି କି ବୋଲି ଭକ୍ତ ଓ ସେବାୟତ ପ୍ରଶ୍ନ କଲେଣି । ଅପରପକ୍ଷେ ସେବାୟତଙ୍କ ଗର୍ବ, ଅହଂକାର ଏତେ ବଢ଼ିଯାଇଛି ଯେ ମହାପ୍ରଭୁ ଏମାନଙ୍କୁ ବୁଦ୍ଧି ଶିଖାଇବାକୁ ଏଭଳି କରୁଛନ୍ତି । ବ୍ରହ୍ମବିଭ୍ରାଟ ଠାରୁ ଶ୍ରୀମନ୍ଦିରରେ ଗୋଟିଏ ପରେ ଗୋଟିଏ ବଡ଼ ଅଘଟଣ ଘଟିଚାଲିଛି ।

ସାମାନ୍ୟ ବିବାଦ ପାଇଁ ୨୦୧୮ ମସିହାରେ ସେବକମାନେ ମହାପ୍ରଭୁଙ୍କ ନୀତିକାନ୍ତି ବନ୍ଦ କରିଦେଲେ । ମହାପ୍ରଭୁଙ୍କୁ ୧୫ ଘଣ୍ଟା ଅଖିଆ ଅପିଆ ରଖାଗଲା ଯାହାକୁ ନେଇ ସାରା ବିଶ୍ୱର ଭକ୍ତଙ୍କ ସମାଲୋଚନାର ଶିକାର ହୋଇଥିଲେ ସେବାୟତ । କିନ୍ତୁ କାହାରି ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଲାନି । ଶ୍ରୀମନ୍ଦିର ପ୍ରଶାସନ ଏ ଦିଗରେ ନିରବତା ଅବଲମ୍ବନ କଲା । ସେହି ବର୍ଷ ରତ୍ନଭଣ୍ଡାର ଚାବି ହଜିବାକୁ ନେଇ ରାଜ୍ୟ ସରକାର ବଦ୍‌ନାମ୍‌ର ବୋଝ ମୁଣ୍ଡାଇଲେ, ଯାହା ଏବେ ସୁଦ୍ଧା ଜାରି ରହିଛି । ୨୦୧୯ରେ ଫନି ଭଳି ପ୍ରଳୟଙ୍କରୀ ବାତ୍ୟା ଶ୍ରୀକ୍ଷେତ୍ରକୁ ଛାରଖାର କରିଦେଲା । ଶ୍ରୀକ୍ଷେତ୍ରକୁ ଧ୍ୱଂସସ୍ତୁପରେ ପରିଣତ କରିଦେଲା । ଶ୍ରୀମନ୍ଦିର ବି ଏଥିରେ ଆଘାତ ପାଇଲା । ଏହା ପୂର୍ବରୁ କେବେ ବି ଏଭଳି ଭୟଙ୍କର ବାତ୍ୟା ଦେଖିବାକୁ ମିଳି ନଥିଲା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିଲା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶ୍ରୀକ୍ଷେତ୍ର । ଏହା ପରେ ପରେ କୋଭିଡ୍ ମହାମାରୀ ସାରା ବିଶ୍ୱକୁ ଗ୍ରାସ କରିନେଲା । ପରେ ପରେ ଶ୍ରୀମନ୍ଦିରରେ ରୋଷଘର ଚୁଲି ଭଙ୍ଗା ଘଟଣା ନଜରକୁ ଆସିଲା । ରୋଷ ଘରେ ପଶି ଜନୈକ ଯୁବକ ୪୦ରୁ ଅଧିକ ରୋଷ ଚୁଲିକୁ ତାଡ଼ି ଦେଲେ । ପରେ ଜନୈକ କିନ୍ନର ଶ୍ରୀମନ୍ଦିର ଗୁମୁଟରୁ ଡେଇଁ ଆତ୍ମହତ୍ୟା କଲେ । ଗତବର୍ଷ ପହଣ୍ଡି ବେଳେ ମହାପ୍ରଭୁ ଶ୍ରୀଜଗନ୍ନାଥ ଚାରମାଳ ଉପରେ ଡାହାଣ ପାର୍ଶ୍ୱକୁ ମାଡ଼ି ହୋଇ ପଡ଼ିଯାଇଥିଲେ । ଏହା ସେ ସମୟରେ ସମାଲୋଚନାର ବିଷୟ ପାଲଟିଥିଲା । ନିକଟରେ ଭଉଁରୀ ବେଳେ ଯେଉଁ ଅଘଟଣ ଘଟିଲା, ତାହା ସମସ୍ତଙ୍କୁ ସ୍ତବ୍ଧ କରି ଦେଇଥିଲା । ୧୮ଜଣ ବିସ୍ଫୋରଣରେ ପୋଡ଼ି ହୋଇ ମୃତ୍ୟୁମୁଖରେ ପଡ଼ିଲେ । ଯେଉଁଥିରେ କୁନିକୁନି ପିଲାମାନ ବି ଥିଲେ । ଭଉଁରୀ ଭଳି ପବିତ୍ର ଦିନରେ ବାଣ ଫୁଟାଇବା ବେଳେ ଏମିତି ଭଉଁରୀରେ ବିସ୍ଫୋରଣରୁ କିଛି ଶିଖିଲେନି ଅଘଟଣ ଘଟିବ, କେହି ଜାଣିନଥିଲେ ଏହି ଅଘଟଣର କ୍ଷତ ଏବେ ବି ଶୁଖିନି । ଏଭଳି ସ୍ଥିତିରେ ରଥଯାତ୍ରା ଆରମ୍ଭ ଦିନଠାରୁ ବଡ଼ଠାକୁରଙ୍କ ରଥରେ ବିଭ୍ରାଟ ଦେଖା ଦେଇ ଆସୁଛି । ଶ୍ରୀଗୁଣ୍ଡିଚା ଯାତ୍ରାରେ ବାହାରିଥିବା ବଡ଼ଠାକୁରଙ୍କ ତାଳଧ୍ୱଜ ରଥ ଆରମ୍ଭରୁ ଆଗକୁ ଗଡ଼ିନଥିଲେ ଆରମ୍ଭରୁ ବାମ ଓ ଡାହାଣ କଡ଼ ମାଡ଼ି ଚାଲିଥିଲେ । ସ୍ଥିତି ଏପରି ହୋଇଥିଲା ଯେ ସିଂହଦ୍ୱାରଠାରୁ ମରିଚିକୋଟ ଛକ ମାତ୍ର ୪ ଶହ ମିଟର ପହଞ୍ଚିବାକୁ ତାଳଧ୍ୱଜ ରଥକୁ ୧ ଘଣ୍ଟାରୁ ଅଧିକ ସମୟ ଲାଗିଗଲା । ଆଉ ଗତକାଲି ରଥ ଉପରୁ ଚାରମାଳ ଉପରେ ଠାକୁର ପଡ଼ିଯାଇଛନ୍ତି । ଏ ସଂପର୍କରେ ଶ୍ରୀମନ୍ଦିର ଛାମୁ ଖୁଣ୍ଟିଆ ନିଯୋଗ ସଭାପତି କହିଛନ୍ତି, ଠାକୁର ଅନେକ ସତର୍କ ସୂଚନା ଦେଇଛନ୍ତି କିନ୍ତୁ ଏଠି ଅନ୍ୟାୟ ବଢ଼ିଚାଲିଛି । ରଥ ଉପରେ ଯେଉଁଭଳି ବିଶୃଙ୍ଖଳା କରାଯାଇଛି ଓ ଠାକୁରଙ୍କୁ ଭୋକଉପାସରେ ରଥଯାତ୍ରାରେ ନିଆଯାଇଛି । ପୁରୀ, ୯୭(ସମିସ): ଯାହା କେବେ ଘଟି ନ ଥିଲା, ତାହା ହିଁ ଘଟିଲା । ସମ୍ଭବତଃ ରଥଯାତ୍ରା ଇତିବାସରେ ପ୍ରଥମଥର ପାଇଁ ଏପରି ଅଭାବନୀୟ ଘଟଣା ଘଟିଛି । ଆଡ଼ପ ମଣ୍ଡପକୁ ଗୋଟି ପହଣ୍ଡି ବେଳେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚାରମାଳ ଉପରେ ମୁହଁମାଡ଼ି ପଡି ଯାଇଛନ୍ତି ବଡ଼ଠାକୁର ମହାପ୍ରଭୁ ବଳଭଦ୍ର ପହଣ୍ଡି ସମୟରେ ଦୁଇ ପାର୍ଶ୍ୱ, ସମ୍ମୁଖ ଓ ପଛ ପଟେ ଅନେକ ସେବାଗତ ପହଣ୍ଡିରେ ନିୟୋଜିତ ହୋଇଥିଲେ ହେଁ ମଧ୍ୟ ମହାପ୍ରଭୁ ନିପରି ସମ୍ମୁଖ ଦିଗକୁ କିପରି ଢଳି ପଡ଼ିଲେ ତାହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି । ରଥରେ ଘଟିଥିବା ଏହି ଅଘଟଣକୁ ପଣ୍ଡିତମାନେ ଅଶୁଭ ଘଟଣାର ସୂଚନା ବୋଲି ମନେ କରୁଛନ୍ତି । ପୁରାଣରେ ମଧ୍ୟ ଏହି ଘଟଣାକୁ ଅତ୍ୟନ୍ତ ଅଶୁଭ । ୯ ସେବାୟତ ଆହତ, ହସ୍ପିଟାଲରେ ଭର୍ତ୍ତି ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତାଙ୍କ ଦୁଃଖପ୍ରକାଶ ପୁରୀ ଗଲେ ଉପମୁଖ୍ୟମନ୍ତ୍ରୀ ଓ ଆଇନ ମନ୍ତ୍ରୀ ବୋଲି କୁହାଯାଇଛି । ଅସାବଧାନତା ଯୋଗୁ ଯଦି ଜଗନ୍ନାଥ, ବଳଭଦ୍ର କିମ୍ବା ସୁଭଦ୍ରା ତଳେ ପଡ଼ି ଯାଆନ୍ତି, ତେବେ ରାଜାଙ୍କର ଓ ରାଜ୍ୟର ମହା ଅନିଷ୍ଟ ହେବ । ଦୁର୍ଭିକ୍ଷ ପଡ଼ିବ, ମହାମାରୀ ବାରମ୍ବାର ହେବ ବୋଲି ପୁରାଣରେ ଉଲ୍ଲେଖ ରହିଛି । ଅନ୍ୟପକ୍ଷରେ ଏହି ଏହି ଘଟଣାରେ ୯ ଜଣ ସେବାୟତ ଆହତ ହୋଇଛନ୍ତି ଓ ସେମାନଙ୍କୁ ଚିକିତ୍ସା ପାଇଁ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଦୁଇଦିନ ରଥଯାତ୍ରା ପରେ ମଙ୍ଗଳବାର ମହାପ୍ରଭୁଙ୍କ ଆଡପମଣ୍ଡପ ବିଜେ ଥିଲା । ରଥରେ ସବୁ ନୀତିକାନ୍ତି ଶେଷ ପରେ ସନ୍ଧ୍ୟା ୭ଟା ୧୫ରେ ଆରମ୍ଭ ହୋଇଥିଲା ପହଣ୍ଡି । ପ୍ରଥମେ ମଦନମୋହନ, ରାମ ଓ କୃଷ୍ଣ ଆଡ଼ପ ମଣ୍ଡପକୁ ବିଜେ ହୋଇଥିଲେ । ଏହାପରେ ଚକ୍ରରାଜ ଶ୍ରୀସୁଦର୍ଶନଙ୍କୁ ଗୋଟିପହଣ୍ଡିରେ ଜନ୍ମବେଦୀକୁ ନିଆଯାଇଥିଲା । ଘଣ୍ଟ, ସଂକୀର୍ତ୍ତନ, ହରିବୋଲ, ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଶରଧାବାଲି । ସନ୍ଧ୍ୟା ୭ଟା୫୦ରେ ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ପହଣ୍ଡି ଆରମ୍ଭ ହୋଇଥିଲା । ଚାରମାଳ ଉପରେ ଶ୍ରୀବଳଭଦ୍ର ଥିବାବେଳେ ବନ୍ଦାପନା ହୋଇଥିଲା । ଠାକୁରଙ୍କୁ ଟାହିଆ ଲଗାଯାଇ ଚାରମାଳ ଉପରଙ୍କୁ ଓହ୍ଲା ଯାଇ ପୂଜା ସେବାୟତମାନେ ମହାପ୍ରଭୁଙ୍କ ପହଣ୍ଡି ପ୍ରସ୍ତୁତି ଆରମ୍ଭ କରିଥିଲେ । ଠିକ୍ ଏହି ସମୟରେ ଘଟିଥିଲା ଅଘଟଣ । ଚାରମାଳ ଉପରୁ ଆଗକୁ ହାମୁଡ଼େଇ ପଡ଼ିଥିଲେ ବଡ଼ଠାକୁର । ପାଟଡୋର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୁଗୁଳିଯିବା ବା ଖସିଯିବା ଫଳରେ ଚାରମାଳରେ କିଛିବାଟ ଖସିଆସିଥିଲା । ଆଡ଼ପ ମଣ୍ଡପରେ ପହଣ୍ଡି ଅନୁଷ୍ଠିତ ହେଉଛି ! ତେବେ ପହଣ୍ଡି ସମୟରେ ରଥ ଉପରେ ଅଣା ଯାଇଥିବା ବେଳେ ଚାରମାଳ ଉପରେ ସେବାୟତମାନେ ଚଢୁଥିଲେ ଯାହାର ପରିମାଣ ଅଧିକ ଥିଲା । କିଛି ସମୟ ପରେ ଠାକୁରଙ୍କୁ ଉଠାଯାନ ଧାଡି ପହଣ୍ଡି କରି ବଡ଼ଦେବୀ ବା ଆଡ଼ପମଣ୍ଡପକୁ ନିଆଯାଇଛି ! ସେମାନଙ୍କୁ ପ୍ରତି ରଥରେ ପ୍ରତ୍ୟାବର୍ତ୍ତନ କରିବା ପରେ ଆଡ଼ପ ଆଳତି ଆରମ୍ଭ ହେଇଥିଲା । ପ୍ରଥମେ ରାମକୃଷ୍ଣ ଓ ଶ୍ରୀ ମଦନମୋହନ ମହାଜନ ଲୋକଙ୍କ ଆଗରେ ଆଡ଼ପ ଆଳତୀ ପରେ ତିନି ଠାକୁରଙ୍କୁ କରାଯାଇଥିଲା । ଚକ୍ରରାଜ ସୁଦର୍ଶନଙ୍କ ପହଣ୍ଡି ଶେଷ ହେବା ପରେ ବଡ଼ଠାକୁର ବଳଭଦ୍ରଙ୍କ ସହ ଆରମ୍ଭ ହେଇଥିଲା । ବଡ଼ଠାକୁରଙ୍କୁ ଟାହିଆ ଲାଗିବା ପରେ ପତି ମହାପାତ୍ର ପଞ୍ଜି ଓ ମିଡ଼ିଆ ସହ ଆଳତି ବନ୍ଦାପନା ଆଦି ସମ୍ପାଦନ କରିଥିଲେ । ନୀତି ସମ୍ପନ୍ନ ସରିବା ପରେ ପହରି ଆରମ୍ଭ ପରେ ଚନ୍ଦ୍ର ହେଇଥଲା । ଏହି ସମୟରେ ଠାକୁର ଚାରମାଳ ତଳକୁ ମୁହଁ କରି ଢଳି ପଡ଼ିଥିଲେ । ସଙ୍ଗେ ସଙ୍ଗେ ଅନ୍ୟ ସେବକମାନେ ଠାକୁରଙ୍କୁ ଚାରମାଳ ଉପରେ ଠିଆ କରିଥିଲେ । କିଛି ସମୟ ପରେ ପୁନର୍ବାର ପହଣ୍ଡି ଆରମ୍ଭ ହୋଇଥିଲା । ତେବେ ଏହି ଆଘଟଣରେ କିଛି ସେବାୟତ ଅଣଆୟତ ହେଇଥିଲେ । ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ ପୁରୀର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା ।

ଭୋପାଳ , ମଧ୍ୟପ୍ରଦେଶ

shankarbiswal2319@gmail.com

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

**Search for Odia e-Patrika or e-Magazine and you will find Aahwaan e-Patrika at the top of the Search Page. We are indeed at Number 1 in Google Search because we deliver every month without fail. Join our Group and Publish your articles.**

Google

odia e patrika

All · Videos · Images · Shopping · News · ⋮ More · Tools

Aahwaan e-Patrika
https://www.aahwaan.com · Translate this page

Aahwaan e-Patrika : ଓଡ଼ିଆ ଇ-ପତ୍ରିକା, ଇ ...

Aahwaan **e-Patrika** : **e-Patrika**, **Patrika**, Magazine, Online Magazine in **Odia**, First | aahwaan.com.

ସଂଗ୍ରହାଳୟ
Aahwaan e-Patrika : e-Patrika, Patrika, Magazine, Online ...

Google

odia e magazine

All · Images · Videos · Shopping · News · ⋮ More · Tools

Aahwaan e-Patrika
https://www.aahwaan.com · Translate this page

Aahwaan e-Patrika : ଓଡ଼ିଆ ଇ-ପତ୍ରିକା, ଇ ...

Aahwaan **e**-Patrika : **e**-Patrika, Patrika, **Magazine**, Online **Magazine** in **Odia**, First | aahwaan.com.

ସଂଗ୍ରହାଳୟ · ମତାମତ · ଆହ୍ୱାନ ଇ-ପତ୍ରିକା ସହାୟତା ପୃଷ୍ଠା · ସମ୍ପାଦକ




PODCAST

## Bhagabata Geeta Katha

Available on Spotify and 4 other platforms >
8 episodes

Share · Profile page

**Podcast overview**

| Plays | Audience size | Spotify followers |
|---|---|---|
| 20,750 | 40 | 624 |
| All-time | Last 7 days | |

**Latest episode**

Plays
1,924
ଓଡ଼ିଆ ଭାଗବତ ଗୀତା ବ୍ୟାଖ୍ୟା :...



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଇଚ୍ଛୁକ ବନ୍ଧୁମାନେ, ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର (ଆକୃତି / ଶ୍ରୀଲିପି / ଆଇଲିପ୍ / ଅପ୍ରାନ୍ତ) କିମ୍ବା ମୋବାଇଲରେ ଟାଇପ୍ କରି ଆମ ଇମେଲ୍ ଠିକଣାରେ ପଠାଇ ପାରିବେ । ଛବି, ହାତଲେଖା କିମ୍ବା ଅତ୍ୟଧିକ ବ୍ୟାକରଣତ୍ରୁଟି ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ ।

**ମୋବାଇଲ୍ କିମ୍ବା ହ୍ୱାଟ୍ସଆପ୍ ଦ୍ୱାରା ଲେଖା ପଠାନ୍ତୁ ନାହିଁ ।**

ପ୍ରତ୍ୟେକ ମାସରେ କେବଳ ଗୋଟିଏ ହିଁ ଲେଖା ପଠାଇବେ । ଏକାଧିକ ଲେଖା ପଠାଇଲେ, ଶେଷରେ ପ୍ରାପ୍ତ ହୋଇଥିବା ଲେଖାକୁ ପ୍ରକାଶିତ ପାଇଁ ନିର୍ବାଚିତ କରାଯିବ । ଧାରାବାହିକ ଲେଖା ପ୍ରକାଶନ ହେତୁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲରେ ଟାଇପ୍ କରି ଏକାସଙ୍ଗେ ପଠାଇବେ । ହାତ ଲେଖା କିମ୍ବା ସ୍କାନ୍ ହୋଇଥିବା କିମ୍ବା ପିଡ଼ିଏଫ୍ ଫର୍ମାଟରେ ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ । ପ୍ରତ୍ୟେକ ସଂସ୍କରଣ ନିମନ୍ତେ ମାସର ତିନି ତାରିଖ ସୁଦ୍ଧା ଲେଖା ପଠାଇବେ ଏବଂ ପତ୍ରିକା ପ୍ରକାଶିତ ହେବାପରେ ଆମ ୱେବ୍ସାଇଟରୁ ସଂଗ୍ରହ କରି ପାରିବେ । ଲେଖା ସହ ନିଜର ଛବି ଏବଂ ଠିକଣା ଲେଖି ପଠାଇବେ । ପ୍ରତ୍ୟେକ ଥର ନୁଆ ଛବି ପଠାଇବା ଆବଶ୍ୟକ ନାହିଁ । ପତ୍ରିକା ପ୍ରକାଶିତ ହୋଇଥିବା ଖବର ତୁରନ୍ତ ପାଇବା ପାଇଁ ଆମର ହ୍ୱାଟସଆପ୍ ଗ୍ରୁପ୍ ଯୋଗ ଦିଅନ୍ତୁ । ସହାୟତା ପାଇଁ ଆମ ହ୍ୱାଟ୍ସଆପ୍ ନମ୍ବର ୯୦୪୦୯୮୫୪୬୩ରେ ଯୋଗାଯୋଗ କରି ପାରିବେ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

**aahwaan@gmail.com**

Listen to Odia Podcast Original at https://youtube.com/@drjyotiprasad